# ଉତ୍କଳ ଗୌରବ
# Utkal Gauraba

**2015**

*Language*

*Odia & English*

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃ ଭାଷା ।"
(ସ୍ୱଭାବ କବି ଗଙ୍ଗାଧର ମେହେର)

**Oriya Cultural and Welfare Association** (OCWA) is a voluntary organization incepted in the year 1992, formally incorporated on 31st October 2005 under the 'Societies Registration Act, 1860", dedicated to the pursuit of excellence in the promotion and propagation of Odia Culture & Language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

**Our Misson:**

To preserve, perpetuate and promote the odia culture and communities with a mission statement-

***"Eka mana, Eka Prana***
***Eka Pranta, Eka Chinha,***
***Which means getting Odiyas together"***

**Our Vision :**

To promote, team spirit, transparency and building trust among our fellow Odias.

With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

**Published by**
**ORIYA CULTURAL & WELFARE ASSOCIATION**
Registration No. : S-54118 of 2005 BD-11,
Janakpuri, New Delhi -110058
**e-mail** : info@ocwa.in, ocwa@rediffmail.com
**website** : www.ocwa.in

**Editorial Board**
Bijay Mohanty
Sandipta Rout
Prakash Prusty
Suchitra Mohanty
Rabindra Narayan Mishra
Sanjaya Bal
Sarmistha Prusty

## Activities Undertaken

The forum is very active throughout the year with various kind of activities which bring together Odias from all aspects of life. Some of the activities undertaken are:

- Celebrating Sri Ganesh Puja on Ganesh Chaturthi. We (OCWA) host a gathering of large number of people and serve ethnic odia culinary to all invitees, participants and members every year.
- Publishing "Utkal Gauraba", an odia magazine from New Delhi. What best could be to promote the Odia language other than to publish and distribute the magazine to all members and non-members.
- Blood Donation Camps are organized every year in association with Indian Red Cross Society.
- Health Camps are also organized time and again to spread the awareness amongst the people.
- OCWA does not lack behind in contributing towards the upliftment of the children of lower income group Odia people in Delhi. Time and again, we distribute study materials to needy children.
- OCWA organizes picnics and get-together on the occasion of Odia festivals to strengthen the bond amongst the associated family members.

## Forthcoming Objective :

The OCWA members realize the need to awaken the spirits of Odia people and simultaneously understand the utmost necessity to keep alive the odia lingo.

With this noble thought in mind and zeal at heart, the OCWA members aspire to establish a library and cultural center which will help in its own way to contribute towards the up-keep of Odia language, culture, heritage and literature.

The main purpose of setting up the library is to help the interested children to learn and grasp the culture and language of Odisha during their leisure and vacation period and to provide Odia literature, fiction, and Odia newspaper to all strata of the Odia fraternity.

***Please refer page no. 9 & 10 for certificate u/s 80G of I.T. Act.***

**Budget**

*We fit your Budget*

**Directly from Shanghai**



**Making China Closet....**

Introducing Direct delivers from Shanghai with the fastest Transit time into India. Now sourcing fabric, textile products or electronics, BUDGET MAKES IT SIMPLEST from China and from other important origins. Courier and Air freight forwarding services with direct flights to Delhi.

**For a sales visit please call 011-4035 3535 or sms "SHA" to +91 9711112555**
www.budgetlogistics.net • info@budgetlogistics.net

Courier * Logistics

# CONTENTS ସୂଚୀପତ୍ର


Activities Undertaken .......................................... 2
Messages ..............................................................4
ସଭାପତିଙ୍କ କଲମରୁ.............................................୬
Executive Body ......................................................7
Members ..................................................................8
Registration Order U/S 12A...................................9
80G Certificate........................................................10
Sponsors for Ganesh Puja.......................................28
Membership Form ..................................................81

❑ କବିତା ❑

.................................................................. ୧୪
କିଏ ବଡ଼ କିଏ ସାନ ଜାଣିଛି ସିଏ ........................ ୧୪
ପେଶାୱର୍ : ୧୬/୧୨ ................................ ୧୫
ସ୍ମୃତିର ପାଦଚିହ୍ନ ........................................ ୧୬
ସ୍ମୃତି ................................................ ୧୭
ଅସହାୟପଣ ............................................ ୧୭
ବାଟ ...................................................୧୮
ଚେତାବନୀ ..............................................୧୯
କଥା ତ ରହିଛି ..........................................୧୯
ତମେ ବୋଲି ଡ଼ାକିଦିଅ ଥରେ ..........................୨୦
ମୁଁ ତୃତୀୟ ପୁରୁଷ ........................................୨୦
ଇଶ୍ୱର ତୁମେ ମଣିଷ ଆଖିରେ କଣ୍ଢେଇ ହୋଇଯିବ ...୨୧
ଦୁଇଟି କବିତା ...........................................୨୨
ଦେବୀ ହେବାକୁ ଚାହେଁନା ..............................୨୨
ପ୍ରିୟତମା ...............................................୨୩
ନିଃଶବ୍ଦ ର ଭାଷା ........................................୨୪
ବଡ଼ଲୋକିଆ ପୁଅ .......................................୨୪

❑ ଗଳ୍ପ/ପ୍ରବନ୍ଧ ❑

କ୍ଲାସିକ ଓଡିଆ ଭାଷା ....................................୨୮
ଅଭିଶାପ ................................................୨୯
ଦୁଃଖ ଏକ ଭରା ନଦୀ ....................................୩୪
କଟଓ୍ୱାରିଆ ସରାଇ ......................................୩୮
ନକାରାତ୍ମକ ମନୋବୃତ୍ତିରୁ ମୁକ୍ତି ...........................୪୦
ସମୟର ଖେଳ .............................................୪୩
ଓଡ଼ିଶାର ପଲ୍ଲୀ ପରଂପରାରେ ଶିଶୁଖେଳ ଗୀତ ......... ୪୪
ସାଢ଼େ ତିନି ଘଣ୍ଟା ......................................... ୪୭
ସେଇ ବୋକୀ ଝିଅଟି ..................................... ୫୨
କଥାଟିଏକହୁଁ... ସିଧିରସ୍ତୁ... !!! ........................ ୫୭
ବିଶାଳ ହୃଦୟା ............................................ ୫୯
ଅନ୍ଧ ପୁଟୁଳୀ .............................................. ୬୧
ମାତୃ ହୃଦୟର ଅକୁହା କଥା :- ............................ ୬୩

❑ ରମ୍ୟରଚନା ❑

ଜଗନ୍ନାଥ ବ୍ରୟଲର ଫାର୍ମ୍ ................................ ୧୧
ରାମ୍‌ରାମ୍ ହରେହରେ !! ................................ ୧୩
ଏଳା କାମୁଡ଼ାରେ ଜବତ ................................ ୨୫

❑ Photographs ❑

Ganesh Puja 2014...............................................67
Family Get-Together...........................................73
Blood Donation Camp ........................................79

❑ English Articles ❑

Meaning Of Yoga ............................................... 77
Venice the Floating City ...................................... 79

❑ Advertisements ❑

Budget Courier.....................................................02
Sponsors for Ganesh Puja ...................................27
Lotus Trans Travel Pvt. Ltd. ................................33
Teestavalley Power Transmission Ltd. ...............42
Om Namah Shivay Service..................................51
Indo Rama ..........................................................58
Speed King Services............................................60
National Courier Services....................................62
NTPC-SAIL Power Co. Pvt. Ltd. ..........................66
AJ - Deep Services ..............................................78



सत्यमेव जयते

ORISSA ESTATE


**NAVEEN PATNAIK**

**CHIEF MINISTER, ODISHA**

Telephone (0674) : 2531100 (Off.)
(0674) : 2591099 (Res.)

Fax (0674) : 2535100 (Off.)
(0674) : 2590833 (Res.)

E-mail : cmo@nic.in


D.O. No. : 21
BHUBANESWAR
Date : 08-01-2015

## MESSAGE

I am glad to know that Oriya Cultural & Welfare Association, New Delhi is publishing its 9th edition of souvenir "Utkal Gauraba" both in Odia and English.

I wish the publication all success.

(NAVEEN PATNAIK)



**S.C. Jamir**
**GOVERNOR, ODISHA**

ORISSA ESTATE

Telephone (0674) : 2536111
(0674) : 2536222
Fax (0674) : 2536582

E-mail : govodisha@nic.in
Web : www.rajbhavanodisha.gov.in

BHUBANESWAR
Date : 07-01-2015

## MESSAGE

I am glad to know that Oriya Cultural & Welfare Association (OCWA), Janakpuri, New Delhi is bringing out the 9th edition of Souvenir "Utkal Gauraba" in Odia/English language shortly.

The name 'Utkal' speaks the pinnacle of glory art had achieved in this land. Whether it is Performing Art, Visual Art, temple architecture or any other facet of our artistic and cultural tradition they continue to spell magic on viewers. It is our bounden duty to preserve and promote this tradition for others to know and explore. It is heartening that Oriya Cultural & Welfare Association is dedicated to this cause.

I wish the publication all success.

(S.C. Jamir)

## ସଭାପତିଙ୍କ କଲମରୁ

ପ୍ରିୟ ବନ୍ଧୁଗଣ,



"ଉତ୍କଳ ଗୌରବ" ପୁଣି ଥରେ ଆମ୍ଭ ପ୍ରକାଶକରୁଛି । ନବମ ସଂସ୍କରଣ ପ୍ରକାଶନ ଅବସରରେ ମୁଁ ନିଜକୁ ଅତି ଗର୍ବିତ ମନେ କରୁଛି । ଏହି ଅବସରରେ "ଉତ୍କଳ ଗୌରବ" ର ବରେଣ୍ୟ ଲେଖକ-ଲେଖିକା, ପାଠକ-ପାଠିକା, ବିଜ୍ଞାପନଦାତା, ପୃଷ୍ଠପୋଷକ, ହିତାକାଂକ୍ଷୀ, ଦେଶ ବାହାରେ ରହୁଥିବା ଓଡ଼ିଆ ଭାଇ ଓ ଭଉଣୀ ଓ ଶୁଭେଚ୍ଛୁଙ୍କୁ ଆନ୍ତରିକ କୃତଜ୍ଞତା ସହ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଓଡ଼ିଶା ପ୍ରତି ଅନ୍ୟ ରାଜ୍ୟର ଲୋକମାନଙ୍କର ଚିନ୍ତାଧାରା ବଡ଼ ବିଚିତ୍ର, ଯେମିତିକି ଓଡ଼ିଶାରେ କେବଳ ଆଦିବାସୀ ରୁହନ୍ତି । ଏଥିରୁ ଜଣାପଡ଼େ ଓଡ଼ିଶାର ଭୌଗଳିକ ସ୍ଥିତି ବିଷୟରେ ବହୁତ କମ୍ ଲୋକଙ୍କର ସଠିକ୍ ଧାରଣା ଅଛି । ଏହିପରି ବହୁତ କଥା ଦିଲ୍ଲୀର ଅଣଓଡ଼ିଆ ବନ୍ଧୁମାନଙ୍କଠାରୁ ଶୁଣିଲେ ଅଷ୍ଟର୍ଯ୍ୟ ଲାଗେ ।

ଓଡ଼ିଶାର ଇତିହାସ, କଳା, ସ୍ଥାପତ୍ୟ ଓ ସଂସ୍କୃତି ବହୁତ ଉନ୍ନତ । ଓଡ଼ିଶା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ । ପ୍ରକୃତରେ କ'ଣ ପାଇଁ ଆମେ ଏତେ ପଛରେ ? ଓଡ଼ିଶାରେ ନେତୃତ୍ୱର ଅଭାବ ରହିଛି । ଓଡ଼ିଶାକୁ ସମୃଦ୍ଧ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ପ୍ରତ୍ୟେକ ଓଡ଼ିଶାବାସୀ ଅନୁଧ୍ୟାନ କରିବା ଉଚିତ୍ ଓ ନିଜ ନିଜ କ୍ଷମତା ଅନୁସାରେ ରାଜ୍ୟର ଅଭିବୃଦ୍ଧି ଓ ଜାତିସ୍ୱାର୍ଥ ପାଇଁ ଯୋଗଦାନ ଦେବା ଉଚିତ୍ ।

ଆମ ଅନୁଷ୍ଠାନ ସହ ଜଡ଼ିତ ସଦସ୍ୟମାନଙ୍କର ବିଚାର ଏବଂ ଓଡ଼ିଆଭାଷା ପ୍ରତି ସ୍ନେହ ଓ ସଦିଚ୍ଛାର ଅଭିବୃଦ୍ଧି ସହ ଓଡ଼ିଆଭାଷା ଏବଂ ସଂସ୍କୃତିକୁ ସମୃଦ୍ଧ କରିବା ନିମନ୍ତେ OCWA ଏକ ମାଧ୍ୟମ ହେବ,ଏହା ଆମର ବିଶ୍ୱାସ ଓ ଲକ୍ଷ୍ୟ । ସଭ୍ୟତାର ମାପକାଠି ଓ ରକ୍ଷାକବଚ, ମାତୃଭାଷାର ପ୍ରଚାର ଏବଂ ପ୍ରସାରର ଅଭିବୃଦ୍ଧି ନିମନ୍ତେ OCWA ବହୁ ବର୍ଷହେଲା ଦିଲ୍ଲୀରେ ପ୍ରୟାସରତ ଓ ଭବିଷ୍ୟତରେ ପ୍ରୟାସରତ ରହିବ, ଏଥିପାଇଁ ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟ ପ୍ରତିଜ୍ଞାବଦ୍ଧ ।

OCWA ଦିଲ୍ଲୀରେ ଏକ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ କରି ଆସୁଛି । ଏଥି ପାଇଁ ସମସ୍ତଙ୍କ ସହଯୋଗ ଓ ସହାୟତା କାମନା କରୁଛି । ଶେଷରେ ମୁଁ ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କର ନିସ୍ୱାର୍ଥପର ଉଦ୍ୟମ ଓ ସହଯୋଗ ପାଇଁ କୃତଜ୍ଞତା ସହ ଧନ୍ୟବାଦ ଜଣାଉଛି ।

ଜୟ ଜଗନ୍ନାଥ
ବିଜୟମହାନ୍ତି
ପ୍ରତିଷ୍ଠାତାସଭାପତି

# Executive Body

The Govering Body is an excellent blend of intellect, maturity, youth and vigour. The Body consists of people from all walks of life from professionals to self employed.

**President:** Mr. Bijay K Mohanty, is one of the founding members of OCWA, nurtured this forum with his sincere accumenship, guidance, advises. He is from Steel City Rourkela and a Master in Business Administration.

**Vice President:** Mr. Banoj Pradhan, a Company Secretary by Profession, looking after liasioning works and hails from Anugul.

**Secretary:** Mr. Sandipta Rout, a MTA from Aligarh Muslim University and is working as a Sr. Manager with a tourism company with specialisation in Tourism trade and looking after promotional activities. He is from Rourkela.

**Jt. Secretary:** Mr. Prakash Prusty, a Company Secretary by Profession, co-ordinates & arranges the organizational activities. He is from Keonjhar.

Treasurer: Mr. Prasanta Das, a Graduate from Ispat College, Rourkela and takes care of cash and funds management.

**Executive Members:**

Mr. Sanjay Bal from Baleswar is in charge of developmental & promotional activities. He is an ICWA by Profession & working with a Public Sector Undertaking.

Mr. Pradeepta Bhuyan – takes care of cultural activities of the forum and is a Graduate from Utkal University.

Mr. Ranjan Biswal from Dhenkanal, a self employed professional also takes care of developmental activities and is a Graduate from Utkal University.

**Convenors:**

Dr. Sananta Sahoo from Rourkela, a Laparoscopic Surgeon, is a great team builder and motivator.

Dr. Anil Goel, from Keshinga is a Pediatric Emergency Expert and an Associate Professor in a Govt Mediacal College, Sohna, Haryana.

Mr. Ajay Mohanty is an entrepreneur and a graduate from Ispat College, Rourkela. He is always present with his active participation for all programs and events of OCWA.

## LIFE MEMBERS

Ajay Mohanty (Mitu)
Bibekanand Pattanaik
Bijay Pradhan
Debashshis K. Mohanty (Bulu)
Devasis Mohanty
Jagdish Patra
Jyoti Sarangi (Bapi)
Ram Ranjan Mohapatra
Ravi Lal Thapa
Sanjay Mohanty
Sanjit Das
Saroj Das
Shibashis K. Mohanty
Sisir Rout
Subrat K. Das
Suvendu Das

## MEMBERS

Aman Jindal
Ajay Mohanty
Ajit Kumar Barek
Alok Das
Anam Sahoo
Animesh Roul
Arvind Sharma
Babuli Nayak
B.K.Rath
Banoj Pradhan
Baruna Kumar Sahoo
Bhabagrahi Pradhan
Bhaskar Chandra Behara
Bijay K.Mohanty
Bimal Prasad Samal
Bimalendu Sahu
Dr. A K Goel
D.K.Sahoo
Debashish Mohanty
Dinesh Kumar Bisoi
Dinesh Sahu
Dr.Sananat Sahoo
Gajendra Prasad Samant
Gopal Chandra Parmanik
Hemant Raut
Hruday Ranjan Bhuyan
Iswar Mohapatra
Jhansi Rani Durgabai
Jitendra Kumar Sahu
K B Mahanta
Kaushik Tripathy
Litton Mukherjee
Maheshwar Dash
Madhusudan Pothal
Mukti Kanta Nayak
Panchanan Bisoi
Parveen Panda
Prabhat Kishore Bhuyan
Prabhat Kumar Mohanty
Pradeep Raut
Pradeep Sahu
Pradip Parija
Pradipta Bhuyan
Prakash Ch. Prusty
Prasanta Das
Priya Sahoo
Puspita Jena
Pyush Mohapatra
Ravi Sharma
Ramnath Sahoo
Ranjan Sahu
Ranjan Biswal
Rabindra Narayan Mishra
Samish Kumar Mohanty
Sandipta Rout
Sanjay Bal
Sanjay Mohanty
Sanjit Mohanty
Santosh Panda
Santosh Sarangi
Sasmita Mohanty
Saumya Ranjan Paltasingh
Shantanu Khuntia
Shushant Kumar Das
Sitakanta Das
Smurti Ranjan Sahoo
Soubhagya Bhol
Srinibas Sahu
Subhasish Raut
Sukant Samal
Surajit Pattnaik
Suresh Swain
Suvendu Sahu
Sujata Das
Suresh Chandra Behera
Tank Dhar Das

Office of the
Director of Income Tax (E),
26th Floor, Tower-E2, Pratyaksha Kar Bhawan
Dr. S.P.Mukherjee Civic Centre, J.L.Nehru Marg,Delhi

NO.DIT (E) I 2013-14/ DEL - OR[illegible] - [illegible]2013/2120 Dated [illegible]/2013

NAME & ADDRESS: ORIYA CULTURAL & WELFARE ASSOCIATION
BD-41, JANAK PURI, NEW DELHI [illegible]

Legal Status : Society
PAN NO : AAATO[illegible]
GIR NO : O-[illegible]

Sub:-ORDER OF REGISTRATION U/S 12A, READ WITH SECTION 12AA OF THE INCOME TAX ACT, 1961

1. An application in Form No. 10A seeking Registration u/s 12A was filed on [illegible]/2013.
2. The Trust / Society / Non profit company was constituted by deed of trust, memorandum of association / instrument dated [illegible] indicating its object.
3. After considering the material available on record, the applicant trust / society / company is granted registration as Unregistered / Trust / society / company and the provisions of Sections 11 and 12 shall apply in the case from A. Y. [illegible]. The trust/society/NPO is registered at S. No. DEL - OR[illegible] - [illegible]2013 of the register maintained in this office. The registration is granted subject to the following conditions :

Conditions:

I. Order u/s 12A(1)(a) read with section 12AA(1) (b) does not conform any right of exemption upon the applicant u/s 11, 12 and 13 of the Income Tax Act, 1961. Such exemption from taxation will be available only after the Assessing Officer is satisfied about the genuineness of the activities promised or claimed to be carried on in each Financial Year relevant to the Assessment Year and all the provision of law acted upon. This will be further subject to provisions of section 2(15) of the Income Tax Act1961.

II. The Trust/Society/Non Profit Company shall maintain accounts regularly and shall get these audited in accordance with the provision of section 12A(1)(b) of the Income Tax Act, 1961. Separate accounts in respect of each activity as specified in Memorandum shall be maintained. A copy of such account shall be submitted to the Assessing Officer. A public notice of the activities carried on/to be carried on and the target group(s) (intended beneficiaries) shall be duly displayed at the Registered / Designated Office of the Organization.

III. Separate accounts in respect of profits and gains of business incidental to attainment of objects shall be maintained in compliance to section 11(4A) of the Income Tax Act 1961.

IV. The trust/institution shall furnish a return of income every year within the time limit prescribed under the act.

V. The trust/institution should quote the PAN in all its communications with the Department.

VI. The registration u/s. 12AA of the I.T. Act 1961 does not automatically confer any right on the donors to claim deduction/s 80G.

VII. This certificate cannot be used as a basis for claiming non-deduction of tax at source in respect of investments etc. relating to the Trust/Institution.

VIII. All the Public Money so received including for Corpus or any contribution shall be routed through a Bank Account and such Bank Account Number shall be communicated to this office.

IX. No change in the terms of Deed of the Trust shall be effected without due procedure of law i.e. by order of the jurisdictional High Court and its intimation shall be given immediately to this office.The registering authority reserves the right to consider whether any such alteration in objects would be consistent with the definition of "charitable purpose" under the Act and in conformity with the requirement of continuity of registration.

X. No asset shall be transferred without the knowledge of the undersigned to anyone, including to any Trust / Society / Non profit Company etc.

XI. The registered office or the principal place of activity of the applicant should not be transferred outside the national capital territory, Delhi except with the prior approval of the DIT(E), Delhi.

XII. If later on it is found that the registration has been obtained fraudulently by misrepresentation or suppression of any fact, the Registration so granted is liable to be cancelled as per provisions u/s section 12AA(3) of the Act.

XIII. The registration so granted is liable to be cancelled at any point of time, if the registering authority is satisfied that activities of the Trust/Institution are no genuine or are not being carried out in accordance with the objects of the Trust/Institution.

आयकर निदेशक (छूट)
कमरा नं. 2602, 26वीं तल,
ब्लाक ई-2, प्रत्यक्ष [illegible]
सिविक सेन्टर, डॉ. एस. पी. मुखर्जी मार्ग,
नई दिल्ली-2

Sd/-
(SUNITA PURI)
Director of Income Tax (Exemption)
DELHI

Copy to:
1. The applicant [illegible]
2. The Assessing Officer [illegible]

Nand Kishore Joshi
Income Tax Officer (Exemptions) (Hqrs.)
2620, 26th Floor
E2, Pratyaksh Kar Bhawan, Civic Centre
New Delhi-110002

(Nand Kishore Joshi)
Income Tax Officer(Exemp)(HQ)
For Director of Income Tax (Exemption) DELHI

**Office of the**
**Director of Income Tax (E),**
**26th Floor, Tower-E2, Pratyaksha Kar Bhawan**
**Dr. S.P.Mukherjee Civic Centre, J.L.Nehru Marg,Delhi**

NQ.DIT (E) I 2013-14/ DEL - OE24946 - 06092013/3657 Dated 06/09/2013

NAME & ADDRESS: ORIYA CULTURAL & WELFARE ASSOCIATION
BD-11, JANAK PURI, NEW DELHI 110058

Legal Status : Society
PAN NO : AAATO1376M
GIR NO : O-458

**Sub:-ORDER UNDER SECTION 80G (5)(vi) OF THE INCOME TAX ACT, 1961**

On verification of the facts stated before me/hearing before me, I have come to the conclusion that this organization satisfies the conditions u/s 80G of the Income Tax act, 1961. The institution/Fund is granted approval subject to the following conditions:-

(i) The Donee Institution shall forfeit this benefit provided under the law, if any of the conditions stated herein are not complied with/abused/whittled down or in any way violated.

(ii) This exemption is valid for the period from A.Y.2013-14 onwards till it is rescinded and subject to the following conditions

**Conditions:**

(i) You shall maintain your accounts regularly and also get them audited to comply with sec. 80G (5)(iv) read with section 12A(1)(b) and 12A(1)(c) and submit the same before the assessing officer by the due date as per section 139(1) of the Income tax Act 1961.

(ii) Every receipt issued to donor shall bear the number and date of this order and shall state the date up to which this certificate is valid. A.Y.2013-14 onwards till it is rescinded.

(iii) No change in the deed of the trust/association shall be affected without the due procedure of Law and its intimation shall be given immediately to this office.

(iv) The approval to the institution/fund shall apply to the donations received only if the fund/institution, established in India for charitable purpose, fulfils the conditions as laid down in section 80G5(i), (ii), (iii), (iv), (v) & (vi) of the Income Tax Act 1961.

(v) This office and the assessing officer shall also be informed about the managing trustees or Manager of your Trust/Society/Non Profit Company and the places where the activities of the Trust/Institution are undertaken/likely to be undertaken to satisfy the claimed objects.

(vi) You shall file the return of income of your fund/institution as per section 139(1)/(4A)/(4C) of the Income Tax Act, 1961.

(vii) No pass... fee or any other consideration shall be received in violation of section 2(15) of the Income Tax Act, 1961.

आयकर निदेशक (छूट) [illegible]

Sd/-
(SUNITA PURI)
Director of Income Tax (Exemption)
DELHI

Copy to:
1. The applicant as above
2. The Assessing Officer

(Nand Kishore Joshi)
Income Tax Officer(Exemp)(HQ)
For Director of Income Tax (Exemption) DELHI

Nand Kishore Joshi
Income Tax Officer (Exemption) (Hqrs.)
2620, 26th Floor
E2, Pratyaksh Kar Bhawan, Civic Centre
New Delhi-110002

# ଜଗନ୍ନାଥ ବ୍ରୟଲର ଫାର୍ମ୍

ଶ୍ରୀଯୁକ୍ତ ସତ୍ୟାନାଶ



ଏକଦିନ ନାରଦ ମହର୍ଷି
ବୁଲିବାକୁ ଆସିଥିଲେ ଶିରୀକ୍ଷେତ୍ର ଧାମ;
ଦେଖିଲେ ଗୋଟେ ଜାଗାରେ ବଡ଼ ବଡ଼ ଅକ୍ଷରରେ
ଲେଖାଅଛି - ଜଗନ୍ନାଥ ବ୍ରୟଲର ଫାର୍ମ।
ମନରେ ଭାବିଲେ - ବ୍ରୟଲର..
ଇଏ ପୁଣି କେମନ୍ତ ପଦାର୍ଥ;
ଫାର୍ମ୍ ଖୋଲିଛନ୍ତି ପୁଣି ସ୍ୱୟଂ ଜଗନ୍ନାଥ।

ଏତିକିବେଳକୁ କଲେଜ ଷ୍ଟୁଡେଣ୍ଟ ଗୋଟେ
ଯାଉଥିଲା ସାଇକଲ ଚଢ଼ି;
ଟିଉସନ ପଢ଼ି।

ନାରଦ ପୁଚ୍ଛିଲେ - ବତ୍ସ ବ୍ରୟଲର କଣ ?
ପିଲାଟି ହସି କହିଲା - ବ୍ରୟଲର...ଭାଡ଼କୁ ଡିଅଣ।

ନାରଦଙ୍କର ସନ୍ଦେହ ହେଇଗଲା ଦୂର
ପଚାରିଲେ - ଇଏ ବୋଧେ
ତି ନମ୍ବରୀ ଆନନ୍ଦବଜାର ?
ପିଲାଟି ଉତ୍ତର ଦେଲା -ହଁ ଆଜ୍ଞା ଜଗନ୍ନାଥଙ୍କର;
ଇଏ ହେଲା ଆନନ୍ଦବଜାର।
ସେ ଆନନ୍ଦ ବଜାରରେ ମିଳୁଚି ଅଭଡା;
ଆଉ, ଏ ଆନନ୍ଦ ବଜାରରେ ଜଗନ୍ନାଥ ବିକନ୍ତି କୁକୁଡ଼ା।

ଯାହାହଉ ଜଗନ୍ନାଥ ଦର୍ଶନ ପାଇବି ;
ଏକାସାଙ୍ଗେ ରାମପକ୍ଷୀ ବେପାର ଦେଖିବି।
ଏଇକଥା ଭାବି ...
ନାରଦ ମହର୍ଷି ଫାର୍ମଭିତରେ ପଶିଲେ ;
ବୀଣା ବଜେଇକି
ନାରାୟଣ ନାରାୟଣ ଉଚ୍ଚରେ ଘୋଷିଲେ।

ଭିତରକୁ ପଶୁପଶୁ
ମହମହ ସୁଗନ୍ଧରେ ନାକ ଗଲା ଫାଟି;
ଭାବିଲେ ଯେ ଜଗନ୍ନାଥେ ଲିଙ୍ଗରାଜଙ୍କଠୁ ଶିଖି
ମନମୋହକ ଅତର ଢାଳିଛନ୍ତି ଏଠି।

ଦଉଡ଼ିରେ କଂସପ୍ରାୟ ଫାର୍ମ୍‌ର ମାଲିକକୁ ଦେଖି
ନାରଦ ପୁଚ୍ଛିଲେ - ବତ୍ସ ତୁମେ ତ ଏଇଠି;
ଜଗନ୍ନାଥ ଅଛନ୍ତି କୋଉଠି ?
ମାଲିକ ପୁଚ୍ଛିଲା- ତୁମେ ଖୋଜୁଛ କିମ୍ପାଇଁ ?
ନାରଦ କହିଲେ - ବାବୁ
ଦର୍ଶନ କରିକି ଟିକେ ଯାଇଥାନ୍ତି ମୁହିଁ॥

ସେ ଘରକୁ ଯାଅ ବୋଲି ଶୁଣି
ନାରାୟଣ ନାରାୟଣ କହି
ନାରଦ ମହର୍ଷି ଘର ଭିତରେ ପଶିଲେ;
ଜଗନ୍ନାଥଙ୍କୁ ଦେଖିକି ଫେଁ କିନା ହସି ପକେଇଲେ।
ପଚାରିଲେ - ପ୍ରଭୁ , ଆରଥର ଆସିଥିଲି
ଆପଣତ ଦାରୁମୂର୍ତ୍ତି ଥିଲେ;
ଦାରୁରୁ ହଠାତ୍ କେବେ ଫଟୋ ହେଇଗଲେ ?
ଏତେ ଦୁର୍ଗନ୍ଧରେ ପୁଣି କେମିତି ଅଛନ୍ତି;
କଣ ଖାଉଛନ୍ତି ??
ଜଗନ୍ନାଥ ଉତ୍ତରିଲେ କାନ୍ଦ କାନ୍ଦ ହୋଇ;
ଭକତି ଡୋରରେ ବନ୍ଧା ମୁହିଁ ଜଗନ୍ନାଥ
ସେ ଡୋରକୁ ପାରେନି ଛିଣ୍ଡେଇ।
ପ୍ରତିଦିନ ସକାଳ ସଂଜରେ
ସିଏ ମତେ ପୂଜାକରେ
ଫୁଲ ଆଉ ଧୂପକାଠିଦେଇ॥
ବେଳେ ବେଳେ ସିଏ
ନୈବେଦ୍ୟ ଲଗାଏ ମୋଠି ଖଇ ଓ ଉଖୁଡା ;
ଉଖୁଡ଼ା ନଥିବ ଯଦି
ମୋ ଆଗରେ ଥୁଅଇ ସେ ଚିକନପକଡ଼ା।

ପ୍ରେମ ନୁହେଁ
ଫ୍ରେମ୍‌ରେ ବନ୍ଧା ହେଇ ଏଠି ମୁଁ ପଡ଼ିଚି;
ଭେଜିଟରିଆନ ଯେଣୁ ମାସ ମାସ ଉପାସରେ
ଧୂପକାଠି ଧୂଆଁ ଶୁଙ୍ଘି ପ୍ରାଣ ବଞ୍ଚେଇଚି।
ହେ ଦେବର୍ଷି ବ୍ରହ୍ମାଙ୍କ କୁମର ;
ଦୟାକରି ମାଲିକ ହାତରୁ
ରକ୍ଷାକର, ମତେ ରକ୍ଷାକର॥
ନାରଦ ଫେରିଆସିକି ଫାର୍ମ ମାଲିକକୁ
କହିଲେ- ହେ ଭାଇ ;
କୁକୁଡ଼ା ଫାର୍ମ ଭିତରେ ଶ୍ରୀଜଗନ୍ନାଥଙ୍କୁ ଆଣି

ରଖିଛ କିମ୍ପାଇଁ ?
ଆମିଷରେ ତ ତାଙ୍କର ଏଲର୍ଜି ;
ମୋ କଥାମାନି ତାଙ୍କୁ ଛାଡ଼ିଦେଇ ଆଜି ...
କୋଉ ଆମିଷରଙ୍କୁଣୀ ଚଣ୍ଡୀ ଅବା ଠାକୁରାଣୀ
ଆଣିକିରି ଏହିଠାରେ କର ପୂଜାପୂଜି ।
ମାଲିକ କହିଲା- ଆରେ ବାଆଜୀ ଦାଢ଼ିଆ ;
ଭଲ ବୁଦ୍ଧି ଶିଖଉଚୁ କଣ
କରିବାକୁ ମତେ କାଙ୍ଗାଳିଆ ?
ରାତିରେ ମୁଁ ଚଣ୍ଡୀଙ୍କ ପାଖରେ
କୁକୁଡ଼ାଙ୍କୁ ଯିବି ଯଦି ଛାଡ଼ି ;
ସକାଳେ ତ ଫେରିଲା ବେଳକୁ
ସବୁ କୁକୁଡ଼ାଙ୍କୁ ସିଏ ଖାଇଥିବେ ମୋଡ଼ି ।
ତୋ କଥାରେ ପଡ଼ିଲେ ତ ପୁରା ଭାସିଯିବି ;
ବ୍ରୟଲର ଫାର୍ମ ପାଇଁ ବ୍ୟାଙ୍କ୍‌ରୁ ଆଣିଥିବା
ଋଣ ଆଉ କେମିତି ସୁଝିବି ??

ଭଲଗତି ଥିଲେ ଶୀଘ୍ର ଜାଗା ଛାଡ଼ି ପଳା
ନହେଲେ ପିଠିରେ ତୋର
ପଡ଼ିବନି ଆସି କୋଉ ଶଳା ।

ନାରଦଙ୍କ ସାମନାରେ
ଫାର୍ମର ମାଲିକ ଗୋଟେ ବ୍ରୟଲର ଆଣି ;
କାଠ ଗଣ୍ଡିରେ ଥୋଇକି
କଟାକଟ୍ ଦେଲା ଯେବେ ହାଣି ।
ନାରଦଙ୍କ ପିଳେହୀରେ ପଶିଗଲା ପାଣି ।।

ପ୍ରାଣ ବିକଳେ ନାରଦ ଫେରି ଆସୁଥିଲେ ;
ହଠାତ୍ ପଛରୁ କିଏ
"ତ୍ରାହି ନାରଦ ତ୍ରାହି ନାରଦ"
ଡାକିବାର ଶୁଣିକିରି ଚମକି ପଡ଼ିଲେ ।
ଦେଖିଲେ ତାରଜାଲିରେ
ବନ୍ଦି ହେଇ ରହିଅଛି ବଡ଼ କୁକୁଡ଼ାଟେ ;
କୁକୁଡ଼ା କହିଲା- ଆହେ ନାରଦ ମହର୍ଷି
କଣ ଚିହ୍ନି ପାରୁନାହଁ ମତେ ?
ମୁଁ ପରା ଗରୁଡ଼ ସ୍ୱୟଂ ବିନତା ନନ୍ଦନ ;
ତୁମପରି ଆସିଥିଲି କରିବାକୁ ପ୍ରଭୁ ଦରଶନ ।
ବଡ଼ ଏକ କୁକୁଡ଼ା ବିଚାରି ;
ତାର ଜାଲିର ଭିତରେ ରଖିଛି ସେ ମତେ ବନ୍ଦିକରି ।

ତିଜଣ ସାଙ୍ଗଙ୍କୁ କାଲି କହୁଥିଲା ସିଏ
ଆସିଗଲେ ଏଇ ନୂଆବର୍ଷ ;
ବଡ଼ କୁକୁଡ଼ାକୁ ନିଶ୍ଚେ କରିବି ମାଉଁସ ।
ସାଙ୍ଗ ଦି'ଜଣ ମତେ ଦେଖି ;
କହିଲେ- କୁକୁଡ଼ା ପରି ବିଲ୍‌କୁଲ୍ ଦିଶୁନାହିଁ
ବୋଧେ ଇୟେ ଚିଲିକାକୁ ଆସୁଥିବା
ସାଇବେରିଆ ପକ୍ଷୀ ।
ମାଂସ ଯାର ଭାରି ସୁଆଦିଆ;
ଆସନ୍ତା ନୂଆବର୍ଷରେ ମାଂସ କଲେ ଯାକୁ
ତବ ଯାର ଦିଇଟା ଫଡ଼ିଆ ।।

ହେ ନାରଦ ମହର୍ଷି ପ୍ରବର ;
ନୂଆବର୍ଷ ଆସିବା ଆଗରୁ
ରକ୍ଷାକର .. ମତେ ରକ୍ଷା କର ।
ଗରୁଡ଼ଙ୍କ କଥା ଶୁଣି ନାରଦ ମହର୍ଷି
କରୁଣାରେ ଗଦ ଗଦ ହେଲେ ;
ନିଜ ଜୀବନକୁ ସିଏ ପାଣି ଛଡ଼େଇକି
ଫାର୍ମମାଲିକ ପାଖକୁ ପୁଣି ଥରେ ଗଲେ ।
ମାଲିକକୁ କହିଲେ - ହେ ବତ୍ସ
ପାଳିବା ପାଇଁକି ..ଏଇ ବଡ଼ କୁକୁଡ଼ାଟି ନେବି;
କହ ମତେ .. କେତେ ଟଙ୍କା ଦେବି ?

ନାରଦଙ୍କ କଥା ଶୁଣି ଫାର୍ମ୍‌ର ମାଲିକ
ହେଲା ହସହସ ;
ଯାହାହଉ ବାବାଜୀମାନଙ୍କର ବି
ଦରକାର ହେଲାଣି ମାଉଁସ ।

କହିଲା - ବାବାଜୀ
ଯାକୁ ତଉଲିବାକୁ ତ ନାହିଁ ମୋର ବଟକରା
ନାହିଁ ମୋର ଓଜନ ଯନ୍ତର ।
ଅଧିକା ହେଲଥାନ୍ତା ଯେ ..
ଛାଡ଼ ଛାଡ଼... ଦିଅ ଦି'ହଜାର ।।

.....................

ସଂପାଦକ, ବ୍ୟଙ୍ଗବାଣୀ
ଭୁବନେଶ୍ୱର
ମୋ.ନଂ- ୯୪୩୭୧୩୧୨୦୧

# ରାମ୍‌ରାମ୍ ହରେହରେ !!

ଡ଼ଃ. କୁଳାଙ୍ଗାର



କ୍ଷୀର ସର ଘିଅ ଲହୁଣି
ମହୁ ଓ ଭୋଗ ଥାଳି;
ସବୁ ନକଲି ଦୋନମ୍ବରି
ମିଳେନି ଆଗ ଭଳି ।
ଠାକୁର ତାକୁ ଖାଇ ଅସୁସ୍ଥ
ଆସନ୍ତିନି ସେ ଭକ୍ତ କ୍ଷେତ୍ରେ ଡ଼ାକିଲେ ବି ଆତୁରେ
ହରେ ରାମ ହରେ ରାମ ରାମରାମ ହରେହରେ ॥

ବାବାଙ୍କ ମଠ ବୃନ୍ଦାବନ
ଆହା କି ଉଚ୍ଚ ସିଂହାସନ;
ଏସି ଲାଗିଛି ଆଶ୍ରମରେ
ମନ୍ଦିର ଦିଶେ ଜୀର୍ଣ୍ଣ ଶୀର୍ଣ୍ଣ ।
ସଂକୋଚ କରି ମାହାପ୍ରଭୁ
ଆସନ୍ତିନି ବାହାରକୁ ଅଭିମାନ ଓ ଲାଜରେ
ହରେ ରାମ ହରେ ରାମ ରାମରାମ ହରେହରେ ॥
ବଦଳି ଯାଇଛି ପ୍ରସାଦ
ପାଦୁକ ପାନର ଧାରା;
ପେଡ଼ା କାଜୁ ଓ ବର୍ଫି
ସାଥୀରେ ଅମୃତ ସୁରା ।
ଅଣନିଃଶ୍ୱାସୀ  ହୋଇ ସେ
ଦୂରେଇ ରହୁଥିବେ ବିରକ୍ତରେ ସେ ଶବ୍ଦରେ
ହରେ ରାମ ହରେ ରାମ ରାମରାମ ହରେହରେ ॥

ନାହିଁ ତାଙ୍କ ଇନ୍‌ଭର୍ଟର
ନାହିଁ ତାଙ୍କ ଜେନେରେଟର;
ବିଲ ନଦେଲେ ବିଜୁଳି
କଟିଯାଏ ବାରମ୍ବାର
ଦିଶନ୍ତିନି ଭଗବାନ
ରାତ୍ର କି ଦିବସ ହେଉ ଗମ୍ଭୀରାର ଅନ୍ଧକାରେ
ହରେ ରାମ ହରେ ରାମ ରାମରାମ ହରେହରେ ॥

ଆଇଟମ୍ ଯୁକ୍ତ ଭଜନ
ଘୋଡ଼ୀ ସ୍ୱର ପୂର୍ଣ୍ଣ ଗାନ;
ଶୁଣି କାଠ ହୋଇଯାଏ
ତୁଚ୍ଛା ମଣିଷର ମନ ।
ଇଶ୍ୱର ସେ ସୁକୋମଳ
ବ୍ରହ୍ମଚର୍ଯ୍ୟା ରକ୍ଷାପାଇଁ ଲୁଚନ୍ତି ନିଶ୍ଚେ କାତରେ
ହରେ ରାମ ହରେ ରାମ ରାମରାମ ହରେହରେ ॥

ଅଧିକାଂଶ କୋଠାଘର
ରଖିତାକୁ ଶିଡ଼ିତଳେ;
ତାଲା ପକେଇଦିଅନ୍ତି
ବୁଲିବାକୁ ଗଲାବେଳେ ।
ମଣିଷ ଟି ମୁକ୍ତ ଏଠି
ଇଶ୍ୱର କିନ୍ତୁ ବନ୍ଦ ଅତି କ୍ଷୁଦ୍ର କୋଠରୀରେ
ହରେ ରାମ ହରେ ରାମ ରାମରାମ ହରେହରେ ॥

ଅଧିକାଂଶ ଧୂପକାଠି
ରସାୟନ ଗନ୍ଧଯୁକ୍ତ;
ବିଷାକ୍ତ ଅଟଇ ତାହୁଁ
ହୁଏ ଯେ ବାଷ୍ପ ନିର୍ଗତ
କେମିତି ରୁହନ୍ତି କୁହ
ବିଷଯୁକ୍ତ ଧୂଆଁ ଖାଇ ସକାଳେ ଆଉ ସଂଧ୍ୟାରେ
ହରେ ରାମ ହରେ ରାମ ରାମରାମ ହରେହରେ ॥

ମନ୍ଦିର ର କଥା ଛାଡ଼
କହିଲେ ମିଳିବ ମାଡ଼;
ପୂଜା ପଣ୍ଡାଙ୍କର ଭାଷା
ଦାନ୍ତକରି କଡ଼ମଡ଼ ।
ଅଭାଷା କୁ ଶୁଣି ଶୁଣି
ମାନସିକ ଦୁଃଶ୍ଚିନ୍ତାରେ ଇଶ୍ୱର ରୋକବାର୍ଯ୍ୟ
ହରେ ରାମ ହରେ ରାମ ରାମରାମ ହରେହରେ ॥


କଳାଘର-ଲେମ୍ବୋ, ଅଲରା, କଟକ

---****---

## ଜୀବନ - ସମୀକ୍ଷା

(ରାଗ-ଚୋଖି)

ବିନୟମୋହନ ଦାସ



ହରାଅନି କେବେ ଆଶା　　　ଜୀବନ ମାତ୍ରେ ସମସ୍ୟା
ଜନମ ନେଇଛୁ ମାନେ କଷ୍ଟ ଆସିବ
କଷ୍ଟକୁ ସହିବୁ ଯଦି　　　ସୁଖ ପ୍ରାପ୍ତି ହୁଏ ଶୁଦ୍ଧି
ବାସ୍ତବ ଜୀବନ ସଂଜ୍ଞା ମନେ ରହିବ
ଏହି ହେଲା ନିଛକ ସତ୍ୟ
ପ୍ରକୃତି ନିୟମ ଆଗେ ସମସ୍ତେ ଭୃତ୍ୟ ।

ସୁଖ ଦୁଃଖ ଅଙ୍ଗାଅଙ୍ଗୀ　　　ଅବିଚ୍ଛିନ୍ନ ଭାବଭଙ୍ଗୀ
ଜୀବନ ରୂପ-ବିନ୍ୟାସ ପିଚ୍ଛିଳ କରେ
ଜଣକ ବିନା ଅନ୍ୟଟି　　　ରଚଇ ଅନେକତ୍ରୁଟି
ସଂପୂର୍ଣ୍ଣତା ସତେ କ'ଣ ଆଣି ପାରେ
ଦୁହେଁ ପରା ପରିପୂରକ
ଆମ ପାଇଁ ହୋଇପାରେ ଜଟିଳ ଅଙ୍କ ।

ସୁଖର ଅବଗୁଣ୍ଠନ　　　କାହା ପାଇଁ ଆସ୍ତରଣ
ଦୁଃଖ-ସିକ୍ତଝଡ଼ଝଞ୍ଜା ଏ' ଜନ୍ମେ ସ୍ୱପ୍ନ
ଦୁଃଖୀ ଥିବ ପୂର୍ବଜନ୍ମେ　　　ସୁଖ ଅଛି ଏହି ଜନ୍ମେ
ସହିଥିବ ପୂର୍ବଜନ୍ମେ ଦୁଃଖ-ପ୍ଲାବନ
ପ୍ରକୃତିକୁ ଚିଅନି ତୋଷ
ତ୍ରୁଟି ରଖିକରେ ନାହିଁ, ସେ' ଅବଶୋଷ ।

ସ୍ମୃତିକୁ ମିଟାଇ ଦିଏ ନୂତନ ଜନମ ଦିଏ
ପ୍ରକୃତି କି ଭୁଲେ କେବେ ନିଜ ଦାୟୀତ୍ୱ
ଗଣିସବୁ ଫଳାଫଳ ଦାୟୀତ୍ୱ କରେ ସଫଳ
ଅକାରଣେ ହଜାଏନି କା'ର ଅସ୍ତିତ୍ୱ
କର୍ତ୍ତବ୍ୟରେ ଅତି ମହାନ
କୋଷ୍ଠୁତାକୁ, ନେଇ ଆମେ ଦୁଃଖରେ ଜନ୍ମ ।

## କିଏ ବଡ଼ କିଏ ସାନ ଜାଣିଛି ସିଏ

ପଦ୍ମଚରଣ ମଲ୍ଲିକ



କିଏ କାହାଠାରୁ ବଡ଼ ସେ ହିସାବ କାହା ପାଖେ ନାହିଁ ।
ହିସାବ ରଖୁଛି ଯିଏ ସାନ ବଡ଼ ସେ ପାରିବ କହି ॥
କିଏ ଆକାଶରେ ଉଡ଼େ କିଏ ନିଆଁ ପାଣିରେ ଚାଲଇ ।
କିଏ ଆକାଶରୁ ଫୁଲ ତୋଳି ଆଣେ ହାତ ପାତି ଦେଇ
॥
ଦୁଃଖି ଦୁଃଖ ଜାଣିପାରେ କିଏ ଥରେ ଆଖିବୁଜି ଦେଇ ।
ଅସମ୍ଭବକୁ ସମ୍ଭବ କରେ କିଏ ଅଲୌକିକ ହୋଇ ॥
କିଏ ଦିଏ ପ୍ରବଚନ କିଏ ଦିଏ ହିତଉପଦେଶ ।
କିଏ ଭଲ ହେବା ପାଇଁ ଦିଏ ବୁଦ୍ଧି ଶକତି ସାହାସ ॥
କିଏ ଶ୍ରମ କରେ ନିତି ଦେବା ପାଇଁ ଖାଦ୍ୟ ବସ୍ତ୍ର ବାସ ।
ବଂଚି ବଂଚାଇବା ପାଇଁ କେ ଫୁଟାଏ କାହା ମୁଖେ ହସ ॥
ରୋଗୀ ଶେଯ ପାଖେ ବସୀ କିଏ ଆଶ୍ୱାସନାରେ ଭିଜଇ ।
ସହଯୋଗ ଦେଇ କିଏ କାହାପାଇଁ ଜୀବନ ଖୋଜଇ ॥
କାଲ ପାଇଁ ଶୁଣେ କିଏ ଜଡ଼ା ପାଇଁ କିଏ କଥା କହେ ।
ଅନ୍ଧହାତଧରି କିଏ ଯିବାପାଇଁ ବାଟ କହିଦିଏ ॥
କିଏ ଗରିବକୁ ବୁଝେ କିଏ ପାଗଳର ସାଥିହୁଏ ।
ଦରଦୀ ହୋଇ କିଏ ସେ ସର୍ବହରା ଟିକୁ ଆଶ୍ରା ଦିଏ ॥
ଶ୍ରଦ୍ଧାରେ କିଏ କାହାର ଲୁହପୋଛି ଓଦାହୋଇ ଯାଏ ।
ଆଦରରେ କିଏ କାହାକୁ ତୋଳି ନେଇ କୋଳ କରିଥାଏ ॥
କିଏ ନିଜପାଇଁ କିଏ ପରପାଇଁ ସାଧନ ଗୋଟାଏ ।
କିଏ ଅଜାଡ଼ି ଦିଏ କିଏ ତୋଳି ନେଇ ଅଣ୍ଟିରେ ପୁରାଏ ॥
କିଏ କହେ କରିବାକୁ ନିଜେ ଯାହା କରିପାରେ ନାହିଁ ।
ଉଚ୍ଚାରଣେ ଯାହା ଯିଏ ଆଚରଣେ ଭିନ୍ନହୋଇ ଥାଇ ॥
ଧର୍ମ କର୍ମ ବୁଦ୍ଧି ବଳେ କିଏ ଦେଖେ ନିଜକୁ ଅନ୍ୟକୁ ।
କିଏ କେଉଁ ବାଟେ ଯାଏ କିଛି ପାଇବାକୁ ବା ଦେବାକୁ ॥
ଏ ସଂସାର ଲୀଳା ଖେଳା ନିତି ଦିନ ଯିଏ ଦେଖୁ ଥାଏ ।

ସିଏ କହିଦେବ ଏହି ଜଗତରେ ବଡ଼ସାନ କିଏ ॥

-------- ০ -------

କୈବଲ୍ୟ ମାଗୁଣି ତୀର୍ଥ, ବୈଦେହୀ ଭବନ, ଗ୍ରାମ- ଦୈତ୍ୟାରିପୁର,
ପୋ.ଅ.- ପଦନୀପାଳ, ଭାୟା- ଭୂଇଁପୁର, ଜିଲ୍ଲା- କେନ୍ଦ୍ରାପଡ଼ା (ଓଡ଼ିଶା),
ପିନ୍- ୭୫୪୨୩୯, ଚଳଭାଷ- ୯୪୩୭୨୨୧୧୭

---****---

## ପେଶାଓ୍ୱର୍ : ୧୬/୧୨

### ଗିରିଜାକୁମାର ବଳୀୟାରସିଂହ

। ୧ ।

ଏ ସହରେ ସଂଧ୍ୟା ହୁଏ ସକାଳର ସାଢ଼େ ଦଶଟାରେ
ତାଲାବଂଦୀ ତାଲୁକାଟେ ତୋବା ତୋବା ତୋପର ତରଫ
ଏଠାକାର ହିମପାତ ଏତେବେଶୀ ହିଂସ୍ର ହୋଇପାରେ
ହିଡ଼ ନୁହେଁ, ହାଡ଼ ଭାଂଗେ - ମାଂସ ହୁଏ ମେଂଚାଏ ବରଫ !

ଫଉଷର ପୋଡ଼ାଭୂଇଁ : ପାଉଁଶର ପଟାଳି ପଟାଳି
ଶିରାକୁ ଶିଆର କରେ ଶୀତରତୁ ଶସ୍ତ୍ରରେ ଶାଣିତ
କ୍ଷେତସାରା କୁଦାମାରେ କେତେ କଷି କଢ଼ିର କଟାଳି
କୁଂଚକୁଂଚ କୁହୁଡ଼ିରେ କଂଚାରକ୍ତ କାକରପାଣି ତ !

ଜିଲାଓ୍ୱାରି ଜାରି ହୁଏ ଜହ୍ଲାଦର ଜେହାଦ୍ ନା ଜିଦ୍ ?
କଫନ୍‌ର କପଡ଼ାରେ କୟାମତ୍ କାହା କାରନାମା ?
ଆଖି ଖୋଲ୍, ଇତିହାସ । ଏବେ ଏଠି ଆସିନାଇଁ ଇଦ୍
ଅଂଧପୁଟୁଳିରେ ଓଦା ଆଲ୍ଲାହର ଏ ଆକବରନାମା ?

ପଶ୍ଚିମର ପେଶାଓ୍ୱର୍ ପଢ଼ିନାଇଁ ପୂର୍ବ ପାଠ୍ୟସୂଚୀ
କୁନି କେତେ କୋରକର କୁର୍ବାନିରେ କୋରାନ୍ କାଂଦୁଚି ।

। ୨ ।

ପଥର ତୁ ପେଶାଓ୍ୱର୍, ପାହାଡ଼ର ପାହାଚ ପାଖରେ
ପବନରେ ପିଟିହୁଏ ପୋଷାପାରା ପଶାକାଠି ପରି
କୋଳରେ କୁମର କାହିଁ ? କୁଳକନ୍ୟା କାହିଁ ବା କାଖରେ ?
ଶୈଶବରୁ ଶବାଗାର - ସମୟର ସୀମା ଆସେ ସରି ।

ମିନିଟ୍ ମିନିଟ୍ ମୃତ୍ୟୁ ... ମୁହାଁମୁହିଁ ମିନି ମୁସାଫେର୍
ଯୂଥଭ୍ରଷ୍ଟ ଯୁଦ୍ଧଭୂମି - ଯାତ୍ରା ଯହିଁ ଯାବଂତ ଯାତନା
ଫଉଜିର ଫଦେଇରେ ଫରିଆଦୀ ଫୁଙ୍କାଗୁଡ଼ି ଫେର୍ :
ଦୁଃଖର ଦୈର୍ଘ୍ୟ ତୋ ମୋଟେ ଦିମିନିଟ୍ ନିରବ ପ୍ରାର୍ଥନା ।

କବରକୁ କଥା କହେ କାବୁଲ୍‌ର କେନାଲ୍ କେଇଟି
ବହନାରେ ବାରାନଈ, ଚାଲୁବର ବ୍ୟାରାକ୍ ବାହାରେ
ଉପଳର ଉପତ୍ୟକା । ଉତ୍ତର ଓ ପଶ୍ଚିମ ଏଇଠି
ଅଂଧମୁହାଣିଟା ଆଗେ - ଉପନଦୀ, ଅଟକିଯାଆରେ ।

ତୋ' ପାଇଁ ତ ପେଶାଓ୍ୱର୍, ପେଷିହୁଏ ଫଟାଭୂଇଁ ମୋର
କାଂଥରେ ମୋ କଳାରକ୍ତ ... କାଂଧରେ ତୋ କ୍ଷତାକ୍ତ କୈଶୋର ।

। ୩ ।

ସହର ନା ସିଲହଟ୍ ? ସକାଳଟା ସୂର୍ଯ୍ୟାସ୍ତରଂଗର
ଚାରିପଟେ ଚୋରାବାଲି - ଚିହ୍ନଟ ଏ ଚିକିଟାର ଚରା
କିନାରାରୁ କିନାରାକୁ କୋରୁଥାଏ କରୁଣା କଂକର
ଖାଉଥାଏ ଖଂଡଶିଳା ଖାଁ ଖାଁ ଖାଇବର୍ ଖରା !

ପରଖେ ପଶ୍ଚିମ ପ୍ରାଂତ ପଂକ ପୁଣି ପଟୁର ପରସ୍ତ
ଉଂଚ ଏକ ଇଲାକା ଏ । ଏଇଠାରୁ ଆହୁରି ଉଠାଣି
ତରଂଗ ତରଂଗ ତଟୁ ତରତର ତରସ୍ତ ତରସ୍ତ
ଆଣିଚି ତ ଆଖିପାଣି ଅଣାୟତ୍ତ ଆଜି ଏ ଉଜାଣି ।

ଆଜି କିଂତୁ ଆଖି ପୋଡ଼େ । ଜଳେ ଜିପ୍, ଜଳିଯାଏ ବସ୍
ତାହିରା କାଜିର ପୋଡ଼ା ପିଂଡ ପାଖେ ନାଚେ ନିଆଁଗିଳା
ଶୂନ୍‌ଶାନ୍ ସେନାସ୍କୁଲ୍ ।ଶେଷଘଂଟା : ସେଇ ସାଢ଼େ ଦଶ୍
କ୍ୟାଂପ୍‌ରୁ କ୍ୟାଂଟନ୍‌ମେଂଟ୍ - କ୍ୟାକ୍‌ଟସ୍ କଂଟାରେ ଇ କିଳା !

ନାବାଳକ ନୌଚାଳକ । ନାବ ନାଇଁ ନଗୁମାଁ ନଈରେ
ଲାସ୍ ତୁ ତଲାସ୍ କଲେ କଉଡ଼ି ମୁଁ ଖୋଜୁନି ଖଇରେ !

। ୪ ।

ଇରାନୀୟ ଅଧିତ୍ୟକା । ଆର୍ଯ ଆସେ ଅଜସ୍ର ଅଶ୍ୱରେ
ପାରଦର୍ଶୀ ପାରସିକ ଗାଂଧାରରେ ଗଢ଼େ ରାଜଧାନୀ
ଶିଖରେ ତୋ' ସିକଂଦର୍ ।ସେଲ୍ୟୁକସ୍ ସମୟ ବି ସରେ
ମୁହଁ ମାଜେ ମୁଲକଟା ମୌର୍ଯବଂଶୀ ମାଲିକାନା ମାନି !

ପୁଷ୍କଳବଦୀରୁ ପୁଣି ପଟୁଆର ପୁରୁଷପୁରକୁ
ନୀର ବର୍ଷେ ନିରବରେ । ତୀର ବର୍ଷେ ଉତ୍ତଂସ ଉପରୁ
ପାର୍ଥିଆର ପାଟେରିଠୁ ଡିଗ୍‌ବଳୟ ଦୂରକୁ ଦୂରକୁ
କରାଳ କୁଳିଶପାତ  କୁଶାଣର କନିଷ୍କସ୍ତୂପରୁ !

ପତା ଫିଟା, ପେଶାୱର୍ ! ପତାକାତୋ ପଣବଂତୀ ନୁହେଁ
ପାପୁଲି ତୁ ପାତିବୁ କି ପଦାତିର ପାଦଧୂଳି ପାଇଁ ?
ଆରବୀୟ ଅଂଧକାରୁ ତରା ତଳେ ଜହ୍ନ ତୋର ଉଏଁ
ଏ ଷୋଳ ତାରିଖ ସତ୍ତ୍ୱେ ସୌରମାସ ସରିଯାଇନାଇଁ !

ଧୂଳିରେ ତୋ' ଧରାସ୍ୱର୍ଗ, ବାଲିରେ ବି ବଂଜାରା ବଖରା
ନିଭାଇପାରେ କି ତୋର ନାଆଁ କେଉଁ ନବାବୀ ନଖରା ?

। ୫ ।

ଫେରିଯାଏ ଫାହିଆନ୍ । ଚୀନାଭିକ୍ଷୁ ଚାଲିଯାଏ ବାଟେ
ଗେରୁଆ ଗୋଧୂଳିଗୁଡ଼ା ଗଜନୀର ଗଜରା ଗଂଜଣା
ପ୍ରାଚୀନ ତୋ ପ୍ରାଚୀରରେ ପଲକରେ ପଲସ୍ତରା ଫାଟେ
ତୋ ଖଂଡମଂଡଳ ଖୋଜେ ଖ୍ରୀଷ୍ଟପୂର୍ବ ଖରାର ଖଜଣା !

ଏକଣା ମୋ ଏସିଆରେ - ତୁ ପାଳିଚୁ ପହିଲି ମସିହା
ସମାପନ୍ନ ସହସ୍ରାବ୍ଦ । ଶୀର୍ଷକ ତୁ ପ୍ରଥମ ଯୁଦ୍ଧର ...
ଫଗୁଣର ଫରିସ୍ତାକୁ ଫେରାଇଚୁ, ହେ ଫୁଲରସିଆ,
ମଇରାର ମଇଦାନ୍ ମାମୁଦ୍‌ର ମାରିଚି ମୋହର !

ବାବରର ଦୁର୍ଗ ଦିଶେ ବାଲୁକାର ତାଲୁକାରେ ତୋର
ମୋଗଲ୍‌ର ମୋଡ଼ରେ ତୁ ମୁବାରକ୍ ମଲ୍ଲିକାଶପୁରୀ
ନାଦିର୍  ଶାହର ନାଆଁ ଡେଉଁଚି ତୋ ଡେଉଁରିଆ ଡୋର
ତୀରତୂଣୀ ତରବାରି ... ଦୀରେତୀରେ ତୀବ୍ରତର ତୂରୀ !

କିଏ ଘେରେ ? କିଏ ଫେରେ ? ଖେଦିବୁଲେ ଖାକିପିଂଧା ଖୁଣୀ
ଗୁଳିର ଗୁଲାମ୍ ନୁହଁ - ପେଶାୱର୍, ରକ୍ତର ତୁ ରଣୀ !

। ୬ ।

ତୁରାନୀର ତିନସବୁ ଦୂରାଗତ ତୁରଂତ ତୁଷ୍ପର
ଆଜାନ୍‌ର ଆର୍ତି ଆସେ ଆଫଗାନ୍ ଆସମାନ୍‌ଆଡୁ
ସମତଳ ସୀମାଂତରେ ଶୀତର ତୁ ସଦରଦପ୍ତର
ସନାକ୍ତ ଖୁରାର ଚିହ୍ନ ସୁରୁ ହୁଏ ସଫେତ୍ ପାହାଡ଼ୁ !

ଭାଲ୍ଲୁରେ କି ଭୁଜାଲିରେ, ପେଶାୱର୍, ମରିନୁ ମରିନୁ
ବାହୁଡ଼ିଚି ବର୍ଗୀ, ଶିଖ - ବ୍ରିଟିଶ୍ ବି । ଚାହିଁଚି ଚାମେଲି
ତୋ କିଲ୍ଲାର କୋରଖିକୁ କଦାଚ ତୁ କବୁଲ୍ କରିନୁ
ଅପୋଡ଼ା ଇଟାର ଇଚ୍ଛା ହଜାଇଚି ହଜାରେ ହାୱେଲି !

ବାଂକରେ ବୁରୁଜ ବହୁ ... ବୁଲାଣିରେ ବହୁତ ବୁଲଂଦ୍
ରିଫ୍ୟୁଜିର ରାତି ଯାଏ ରାସ୍ତାରାସ୍ତା ରମ୍‌ଜାନ୍ ପାଳି
ଚିନିଚଂପା ପତା ତଳେ - ଚିନିଶହ ଆଖି ଆଜି ବଂଦ୍
ଦୁଇଟି ଦେଶକୁ ଦେଖୁ ଦୋସରା ତୁ ଦୁଃଖୀ ଦୋସମାଳି !


କୋଲ ମାରେ କଲିଜା କି କୋହଲା ଏ କଳାଦିନ ହେତୁ ?
ପଉଷର ପେଶାୱର୍ ! ନିଆଁପୁଳେ - ପାଉଁଶ ତଳେ ତୁ !!

କଲ୍ୟାଣୀନଗର, କଟକ-୭୫୩୦୧୩

---****---

# ସ୍ମୃତିର ପାଦଚିହ୍ନ

## ସୁଶାନ୍ତ କୁମାର ନାୟକ



ସ୍ୱପ୍ନବିଭୋର ସକାଳ
କଷିଛାଇ ମାନଙ୍କସହ
ବସେ ମିତ ।
ଶାଗୁଣାମାନଙ୍କ ଡ଼େଣାରେ
ମୁହଁ ଲୁଚାଏ
ଜୀବନର ଶେଷ ଦୁଃଖ,
ସାରା ଦେହଟାକୁ
ମାଡ଼ିବସେ ଖରା.
ବିଳାପ କରିଉଠେ ସମୟ,

ପାଦତଳୁ ଖସେ
ବିଶ୍ୱାସ ଘାତକତାର ମାଟି
ମଧ୍ୟାହ୍ନ ଆକାଶରୁ
ନିଗିଡ଼େ
ଟୋପା ଟୋପା ଈର୍ଷାର ଝାଳ,
ଶୃଙ୍ଖଳା ନଈର
ତରମଲା ପେଟ ଭଳି
ପଡ଼ିରହେ
ଅପରାହ୍ନର ଅଂକାବଂକା ଛାଇ,
ସ୍ପର୍ଶକାତର ପବନରେ
ଘରସାରା ଲୁଚକାଳି ଖେଳେ
ବିଶ୍ୱାସର ପ୍ରତିଧ୍ୱନି ।
ପାଦ ନ ଥିବା ମଣିଷ
ଚରଳି ଯାଉଥିବା
ମହମ ବତୀର ଆଲୁଅରେ
ଦେଖେ
ନିଜ ଭଗ୍ନ ଅବୟବକୁ
ଓ ଛାଡ଼ି ଯାଇଥିବା
ସ୍ମୃତିର ପାଦଚିହ୍ନକୁ ।

ସଂପାଦକ, ପଞ୍ଚବଟୀ
ପଞ୍ଚବଟୀ ନଗର, ରାୟଗଡ଼

---****---

## ସ୍ମୃତି

**କରୁଣାକର ପାଟ୍ଟଶାଣୀ**



ସ୍ମୃତି
ଅତୀତର ଗୋଲାପୀ ଗୋଲାପୀ ଗପ
ନିଃସଙ୍ଗରେ ଅନ୍ତରଂଗ ସ୍ପର୍ଶ
ବଉଳ ବତୁରା ବାସ
ବସନ୍ତ ରାସ
ଅନ୍ଧାରର ବଗିଚାରେ ଝୁଲୁଥିବା
ମନ ପ୍ରୀତିପୁଷ୍ପ ॥୧॥

ସ୍ମୃତି
ପ୍ରିୟାର ପିଆସୀ ଓଠ
ଚଗଲା ସୋରିଷ କ୍ଷେତ
ମଳୟ ମନ୍ଥୁରା ମାସ
ଚଇତି ଚୁମ୍ବନ
ତନୁ ମନେ ପୀରତିର ଲକ୍ଷେ ଶିହରଣ ॥୨॥

ସ୍ମୃତି
ପଢ଼ିଲି ଆଶ୍ଳେଷ ତାତି
ମଧୁମକ୍ଷି ଗୁଣୁଗୁଣୁ ଗୀତି
ରୋମାଂଚିତ ରାକାରାତି
ଚଇତାଳି ପ୍ରୀତି
ପୁଷ୍ପବତୀ ଫଗୁଣର ମଧୁମଧୁ ଉକ୍ତି ॥୩॥

ସ୍ମୃତି
ମୋ ଡାଳରେ ବସିଗାଏ
ଚହଲା ପାଣିର ଗୀତ
ମୋ ପାଇଁ ସେ ସ୍ମୃତି ନୁହେଁ
ମୋ ସ୍ୱପ୍ନର ହଳଦୀବସନ୍ତ ॥୪॥

---****---

## ଅସହାୟପଣ

**ବିଜୟ ପ୍ରଧାନ**



ତୁମକୁ ସାମ୍ନା କରିଛି ଯେତେଥର
ଲୁଚାଇଛି ତୁମଠାରୁ ଇଛା
ସଂଭ୍ରମତା ରେ ଅଭିଳାଷମାନ
ଆଶଂକାରେ ସଂବେଦନା ଯେତେ
ଦ୍ୱନ୍ଦରେ ମୋ ପ୍ରେମିକପଣ ।

ଯେତେଥର ମୁ ତୁମକୁ ସାମ୍ନା କରିଛି
ତୁମକୁ ଯାହା କହନ୍ତି
ତାହହିଁ ଝଲସୁଥାଏ ତୁମ ବାହାଣୀରେ
ତୁମ ସବୁ ବୁଝାପଣ ପାଖରେ ମୁଁ
ପ୍ରତିଥର ଅସହାୟ ହୁଏ

ଆଉ କିଛି କହିବାକୁ ଶବ୍ଦ କି ଥାଏ !

ତୁମେ କିଛି କୁହ ନାହିଁ ସତେବା ତୁମର
କହିବାର ଯାହା ଥିଲା ସବୁ କଥା କହି ସାରିଲଣି
ମୁଁ ଯଦି କହିବି କିଛି ତାକୁ ଟିକେ ସଜାସଜି କରି
ସଳଖାଇ ନେବ ଯାହା ମୁଁ କଦାପି କରି ପାରନ୍ତିନି ।

ମୁଁ ବୁଝି ପାରେନି କିଆଁ
ଏତେ ଅସହାୟ ଲାଗେ ତୁମରି ସାମ୍ନାରେ !
ପ୍ରତିଥର ପାଏ ତୁମ ଉଚ୍ଛ୍ୱସିତ ଭାବପ୍ରବଣତା
ମୁଁ ତୁମକୁ କହିପାରି ନଥିବା କଥା ଗହଣରେ ।

ତୁମେ ଠିକ୍ ବୁଝିପାର
ମୋ ପାରିଲାପଣଙ୍କର ଅସହାୟତାକୁ
ବୁଝିପାର ବୋଲି ଇ' ତ ସାଥେ ଥାଅ
ସାନ୍ତ୍ୱନାରେ ସାଉଁଳି ଦେବାକୁ ।

ମୁଁ କିନ୍ତୁ ସହି ପାରେନି
ମୋ ନିଜର ଅସହାୟପଣଙ୍କର ନୀରବ ସ୍ୱୀକୃତି
କ୍ରୁଦ୍ଧ ହୁଏ ବିଦ୍ରୋହରେ
କମ୍ପିଯାଏ ତାଳୁରୁ ତଳିପା
ପୁଣି ଶାନ୍ତ ହୁଏ କାଳେ
ନଷ୍ଟ ହେବ ତୁମରି ପ୍ରଶାନ୍ତି ।

ତେବେ କଣ ମୁଁ ଏମିତି ଚିରକାଳ
ଯୁଝୁଥିବି ନିଜକୁ ହିଁ ଅସହାୟତାରେ !
ବାରଂବାର ଝୁଣ୍ଟୁଥିବି ନିଜକୁ ତୁମର
ଇଚ୍ଛା ଅନିଚ୍ଛାର ସୀମା ପରିଧୀ ଭିତରେ !

ତେବେ କଣ ମୁଁ ଆଉ ପାଇବିନି କେବେ
ତୁମକୁ ମୋ ଇଚ୍ଛାଙ୍କର ରୂପାନ୍ତରଣରେ !
ତୁମଠାରେ ନିଜର ହିଁ ପ୍ରତିରୂପ ମାନ ଭେଟୁଥିବି
ଓ ତୁମକୁ କେବଳ ମୋ ଅନ୍ତଃକରଣରେ ... !

---****---

## ବାଟ

**ହରମୋହନ ମିଶ୍ର**



ବାଟ ଯାହା ଅବାଟ ସେ
ଅବାଟ ବି ବାଟ ହୋଇପାରେ,
ଅବାଟରେ ଯାଉଯାଉ
ଦିଗହରା ପାନ୍ଥ ପୁଣି କେବେ କେବେ
ଅଜାଣତେ ନିଜ ବାଟ ଧରେ ।

ବାଟ ଅବାଟର କଥା ଯିଏ ଯାହା କହୁପଛେ
ପରିଚୟ ଦେଇଥାଏ ସମୟ ତାହାର,
ସୁଯୋଗର ଅପେକ୍ଷାରେ
ଯିଏ ଧୈର୍ଯ୍ୟ ରଖିପାରେ
ସିଏ ଲଭିଥାଏ ସୁଖ ଆନନ୍ଦ ଅପାର ।

ଦେଖିବାକୁ ଶୁଣିବାକୁ, କରିବାକୁ ବହୁକିଛି
ସମ୍ମୁଖରେ ପଡ଼ିଅଛି ଏ ଧରା ଧାମରେ,
ଧନ ଜନ ଦଉଲତ, ସବୁ ମିଛ ହରକତ
ସେଇ ମୋହ ମାୟାଜାଲ ସଭିଙ୍କୁ ଓଟାରେ ।

ଆଉ କିଏ ଅନ୍ୟବାଟେ, ଆପଣା ସମୟ କାଟେ
ଶେଷରେ ପହଞ୍ଚିବାକୁ ନିର୍ବାଣର ଦ୍ୱାର,
ପ୍ରବେଶି ଜନମ ଦ୍ୱାରେ, କର୍ମ ସାରି ଏ ସଂସାରେ
କେବଳ ମୃତ୍ୟୁର ବାଟ ଆଦରିବା ସାର ।

କିବା ଧନୀ ରାଜାପ୍ରଜା, ବାକବକ୍ୟା ସାଜସଜ୍ଜା,
ସବୁରି ଗରବ ଧ୍ୱଜା ନତ କରେ ଶିର,
ମୃତ୍ୟୁଘଣ୍ଟି ଆବାହନ ସବୁଙ୍କରି ଶକ୍ତିହୀନ
ସର୍ବଶେଷେ ଘେନି ଆସେ ଅଦୃଷ୍ଟ ପ୍ରହାର ।

ସେଇତ ଗୋଟିଏ ବାଟ, ନାହିଁ ଯା' ତାଟିକବାଟ,
ଚିର ଶୁଦ୍ଧ ଉନ୍ମୁକ୍ତ ସେ, ଶାଶ୍ୱତ, ଭାସ୍ୱର,
ଧ୍ୱଂସ ପରେ ସୃଷ୍ଟିଯାର, ସୃଷ୍ଟିପରେ ଧ୍ୱଂସ ତା'ର
କହିବା ସମ୍ଭବ ନୁହେଁ, କିଏ ଆଗପର, କିଏ ଆଗପର ।

ସି-୩୬୦, କୋଏଲନଗର, ରାଉରକେଲା

## ଚେତାବନୀ

ସୁସ୍ମିତା ମହାପାତ୍ର



ପ୍ରତ୍ୟାଶା ଖାଲି ନିରାଶା ହତାଶା
ପ୍ରକୃତ ପ୍ରତାରଣା,
ପାପ ପୂଣ୍ୟର ଦୋଛକିରେ ଆଜି
ପ୍ରତ୍ୟେକ ବାଟବଣା (୧)

ଭଖା ହେଉ ବା ଭାତର ଲୋଭରେ
ଗରିବ ଗୋଲାମ୍ ସାଜେ,
ତା'ବାହୁ ବଳରେ ଧନୀ ବଳୀୟାନ୍
ଡ଼ିଣ୍ଡିମ ପୁଣି ବାଜେ (୨)

ପେଟ ପାଟଣାକୁ ଭରିବା ଆଶାରେ
ହାଟେ ଇଜ୍ଜତ ବିକେ,
ସବୁ ନାଟ ଏଠି, ନଟ ନିର୍ଦ୍ଦେଶେ
ନର୍ତ୍ତକୀ ଲହୁ ଶୁଖେ (୩)

ଧ୍ୱଂସ ଅନଳେ ଦଗ୍ଧ ସମାଜ
ସନ୍ତ୍ରାସେ ଆନମନା,
ଶତାବ୍ଦୀ ମୁଖ ଅଗ୍ନି ଜାଳିଛି
ମୁକ୍ତ ମଣିଷ ଡ଼େଣା (୪)

ରକ୍ଷକ ଆଜି ଭକ୍ଷକ ସାଜି
ବିକାସେ ମଗ୍ନ ଯହିଁ,
ଅପରାଧୀ ଅବା ଅପରାଧ ବିଠା
ରଖିବାକୁ ତର କାହିଁ ? (୫)

ଦୁର୍ନୀତି ଚେର ଲମ୍ବି ମାଡିଛି
ବିଦେଶ ବକ୍ଷ ପରେ,
ନିଃସ୍ୱ ନିରୀହ ନିଷ୍ପାପ ନର
ଗୁମୁରି ଗୁମୁରି ମରେ (୬)

ପାଉଁଶ ପେଟରୁ ଦୁକ୍ ଦୁକ୍ ହୋଇ
ଦିଶଇ ବହ୍ନି ଶିଖା,
ଏବେବି ରହିଛି ଉଦ୍‌ଜୀବିତ ସେ
ଆଙ୍କି ପ୍ରଳୟ ଟିକା (୭)

ଜଣ ଜଣ କରିକର୍ଷ ବଧରି
ଦୁର୍ଜନ ଦୁରାଚାରୀ,
କରାଳ କାଳର ପ୍ରଳୟ ଉର୍ମି
ମାରିବ ଅନ୍ତ ବିରି (୮)

ଏ/୩୧୭, କୋଏଲ ନଗର, ରାଉରକେଲା

---****---

## କଥା ତ ରହିଛି

ଇଂ ସତ୍ୟବ୍ରତ ରଥ



କଥା ତ ରହିଛି :
ଅବୁଝା ରଜାକୁ ଘୋଡ଼ାମୁହାଁ ମନ୍ତ୍ରୀ
ମେଣ୍ଢା ପଲକୁ ନିତି କଟୁଆଳ
ମୃଦଙ୍ଗ ବଜାଇ ଘଉଡ଼ି ଦେଉଛି,
ରଜାଙ୍କ ଅଜବ ବିଚାରକୁ
ସୁକୁଟୀ କୋଳିବାଲିବି ପିଠିରେ ବସାଇ
କୋଶେ ବୁଲାଇ ଆଣିଲା ପାଟ ହାତୀ ।

କଥା ତ ରହିଛି :
ଚକେ ଗଲେ ବାର ହାତ
ବାର ବାର ହାତ ହୋଇ ଗଡ଼ିଯିବ ବୟସ,
ବାରି ସହସ୍ର ଲମ୍ବା କେଶ ଥିଲେ ବି
ଦିନେ ଗଭାର ରଙ୍ଗ ଧଳା ପଡ଼ିଯିବ ।
ପ୍ରଜାପତି ଧରିବାକୁ ମନ ଧାଇଁଗଲେ
ମୁଣ୍ଡ ଟୁଙ୍ଗାରିବ ପୋହଳା ଏଣ୍ଡୁଅ,
କେବେ ବି କଜ୍ଜନାର ବାଲିଦୁମ
ଚକ ପଡ଼ି ମାଡ଼ରେ ଭୁଷୁଡ଼ି ପଡ଼ିବ ।

କଥା ତ ରହିଛି :
ହାଟ ମଝିରେ ଅଯଥା ବ୍ରହ୍ମଜ୍ଞାନ,
ବାଟଘାଟରେ କାହାକୁ
ଦୁଇପଦ ନୀତିବାଣୀ ଶୁଣାଇଲେ
ତା' ମୁହଁ ଆମ୍ବିଳା ପଡ଼ିବ,
କିଏ ଅବା ଖଣ୍ଡିକାଶ ମାରି ବାଲିଯିବ ।

ତେଣୁ ପାଟି ଚୁପ୍ ରଖିବା ଭଲ,
ବାଟେବାଟେ ମୁହଁପୋତି ଚାଲିଯିବା ଭଲ ।

କଥା ତ ରହିଛି ଅନେକ ଅନେକ,
ଅନୁଭୂତିରୁ ଯାହା କହିଛନ୍ତି କେତେ ଲୋକ
ଯାହାରି ରହିଛି ମହତ୍ତ୍ୱ ।
ଏ କଥା ସତ ଯେ ଜ୍ଞାନଦେଇ !
ମୁଁ ତୋତେ ମନଖୋଲି ଦି' ପଦ କହିଲେ
ମୋତେ ଚାହିଁ ତୁ ନିଶ୍ଚେ ହସିଦେବୁ
ବାଟେଘାଟେ କେବେ ଦେଖାହେଲେ ।

କଲେଜ ରୋଡ଼, ବାଙ୍କୀ, ପୋ.ଅ.: ବାଙ୍କୀ, କଟକ

---****---

# ତମେ ବୋଲି ଡ଼ାକିଦିଅ ଥରେ

ଯୁଧିଷ୍ଠିର ମହାନ୍ତି



ମୋର ତନ୍ତ୍ରୀରେ ତନ୍ତ୍ରୀରେ
କାୟା ବିସ୍ତାରି ସାରିଲାଣି ଏବେ
ମହାଦ୍ରୁମର ଚେର ଭଳି
ତମ ଆତ୍ମା-
ଦିବ୍ୟ ଚେତନାର ଝଲକରେ
ବାଟହୁଡ଼ି ବାହୁଡ଼ି ଗଲେଣି
ଅନ୍ଧକାର ଆଉ ଅନ୍ଧ ବୁଝାମଣା ।

ଲୋଡ଼ାନାହିଁ ମୋର
ଦୃଶ୍ୟମୟତାର ଦୁଃଖ
ଥରେ ଖାଲି 'ତମେ' ବୋଲି
ଡ଼ାକି ଦିଅନ୍ତ
ସୁନ୍ଦର ପଣର ଦେହଳୀର
ଆରପାଖେ ଆତ୍ମାର ଆତ୍ମିକ ପଣର
ମନ ବଗିଚାରେ ଖାଲିଅଛି
ଶୂନ୍ୟ କୋଠରୀଟେ
ଯୋଉଠି ଖାଲି
ଭଲପାଇବାକୁ ଫଲ୍‌ଗୁ ରେ
ଭରପୁର ଉପବନ-
ଫୁଲ ସବୁ ଫୁଟି ଉଠନ୍ତି
କଦମ୍ବର ରୋମାଂଚରେ-
ପ୍ରେମ ପୁରୁଷର ଯାବତ କଳାରେ
ଭରପୁର ଆକାଶର ଆତ୍ମା
ତୁମେ ଥରେ ଡ଼ାକିଦେଲେ
'ତମେ' ବୋଲି
ଶତଶତ କଦମ୍ବରୁ ରୋମାଂଚରେ
ନିର୍ବାପିତ ହୋଇଯିବ
ଯନ୍ତ୍ରଣାର ଜଉଗଡ଼
ବୁନାବୁନା ତାରାଫୁଲର ସପନରେ
ନୀଳ ନିର୍ବାଣର ଅମାରାତି
ହୋଇଯିବ ଅସ୍ତ ।

ଏ. ଜେ. ଓ. ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ

---****---

# ମୁଁ ତୃତୀୟ ପୁରୁଷ

ମଧୁମିତ୍ରା ଦାଶ, ସାମ୍ବାଦିକା



ମୁଁ 'ତୃତୀୟ ପୁରୁଷ'
ପ୍ରେମ ଆଉ ଘୃଣାର ପରିବାର ମଧ୍ୟେ-
ଆଜି ମୁଁ ଭାବୁଛି,
ଆକାଶର ନୀଳ ମନନେଇ
ମୁଁ ଯଦି ସମସ୍ତ ଅଶାନ୍ତ ଅସ୍ଥିରତାକୁ ଜାବୁଡ଼ି
ରହିଯାଇପାରନ୍ତି ...........
ମୋର ସବୁ ଶତଶତ ଆହତ ଆକାଂକ୍ଷାମାନେ
ଗୋଟି ଗୋଟି ଆତ୍ମହତ୍ୟା କରନ୍ତି କି ଆହା !
ତାହାହେଲେ ମୁଁ ହୁଏତ ବଞ୍ଚିଯାଇପାରନ୍ତି ।

ତୁମେ ବୋଧେ ଶୁଣିନାହଁ ପବନର ସୁଁ ସୁଁ କାନ୍ଦଣାକୁ
ତୁମେ କେବେ ଅନୁଭବ କରିନାହଁ
ଆକାଶର ଖାଁ ଖାଁ ଶୂନ୍ୟତାକୁ
ତେଣୁ ସମସ୍ତ ଲୋମଶ ପିପାସାମାନେ
ବିଷପିଇ ଜଳିବାର ଦେଖି ତୁମେ ବେଶ୍ ନିଶ୍ଚିନ୍ତ ରହିଛ
ଓ ବାଇଗଣୀ ଅନୁଭୂତିମାନଙ୍କର ଚୁପ୍‌ଚାପ୍
ଆହୁତି ନେବାରେ ତୁମର ଲେଶମାତ୍ର ଭାବାନ୍ତର ନାହିଁ ।
ଅତୀତର କାନ୍ଥପରୁ ଫଗୁରଙ୍ଗ ଫିକା ପଡ଼ିଲାଣି


ପୁଲାଏ ସ୍ମୃତି ବସି ମୋ ପାଖରେ ଗୁଣୁଗୁଣୁ ହେଉଛନ୍ତି ।
ବାରିଆଡ଼େ ନିଷ୍ଫଳ ସ୍ୱାର୍ଥତା - ଧୂ ଧୂ ଜ୍ୱଳନର ବହ୍ନି
କିନ୍ତୁ ତୁମେ ଯଦି ତୁମ ଛଳନାର ବୋରାବାଲିରେ
ମୁଁ କେବେ ବି ସହି ପାରିବିନି
କାରଣ ତା' ହେଉଛି ମୋ' ପାଇଁ ସବୁଠାରୁ ବେଶୀଦୁଃଖ ।
ଅନ୍ଧାରକୁ ପ୍ରାଣଭରି ଘ୍ରାଣ କରିବାରେ
ସମୟ ମୋ ବେଶୀ ସ୍ୱଛନ୍ଦରେ ବିତି ଯାଇପାରେ
ଗୋଟିଏ ଗ୍ଲାସ୍ ଗରଳପିଇ
ମୋର ସମସ୍ତ ସେଣ୍ଟିମେଣ୍ଟ ମାନ ନିସ୍ତେଜ ହୋଇଯିବେ
ଏବଂ ଗୋଟି ଗୋଟି କବର ନେଇଗଲା ପରେ
ମୋ' ମଶାରୀର ଘେର ମଧ୍ୟେ ଅନ୍ଧାରକୁ ବାନ୍ଧିରଖି ପଚାରିବି,
ଅନ୍ଧାର ମୋ ଜୀବନର ଚିରସାଥୀ ହେବନି କି ମୋର ?
ରାତିର ମହମ ଦେହକୁ ନିବିଡ଼ ଆଶ୍ଲେଷରେ ବନ୍ଦୀ କରି
ମୁଁ ପ୍ରଶ୍ନ କରିବି
ସତେ ରାତି ଭଲପାଅ ମୋତେ ? ?

ଗରଦ ବଜାର, କଟକ

---****---

## ଇଶ୍ୱର ତୁମେ ମଣିଷ ଆଖିରେ କଣେଇ ହୋଇଯିବ

ସନ୍ୟାସୀ ନାୟକ



ତୁମେ ଇଶ୍ୱର ବୋଲିତ
ତୁମ ନାମେ ବିଶ୍ୱାସ ରଖିଛି,
ତୁମେ ଆଲ୍ଲା ବୋଲିତ
ମନକୁ ତାଲା ପକାଇଛି,
ତୁମେ ଯୀଶୁ ବୋଲି ହିଁ
ତୁମ ନାମେ ବିଷ ପିଇଅଛି । (୧)

କେତେ ଦିନ ପହଁରିବି
ବିଶ୍ୱାସର ନଇରେ
କେତେ କାଳ ବୁଝାଇବି
ମୋ ଅବୁଝା ମନକୁ,
ଆଉ କେତେ ବାର ଜଳୁଥିବି
ବିଷର ଜ୍ୱାଳାରେ । (୨)

ତୁମେ....
ବାଇବେଲ୍‌ରେ କହିଗଲ ପ୍ରେମକର,
କୋରାନରେ ପାଇଗଲ ଭାତୃତ୍ୱ
ଗୀତା, ଉପନିଷଦରେ ଶିକ୍ଷା ଦେଲ
ସର୍ବେ ଭବନ୍ତୁ ସୁଖିନଃ ।
କିନ୍ତୁ ....
କିଏ କାହାକୁ ପ୍ରେମ କରୁଛି,
ଭାଇ ତ ଭାଇକୁ ହାଣୁଛି
ସାରା ଦୁନିଆଁଟା ଯା—
ଦୁଃଖରେ ସଢୁଛି । (୩)

ତୁମେ ଯତି ଏକ ଅଦ୍ୱିତୀୟ
କାହିଁକି ବହୁରୂପୀ ସାଜିଲ,
ନିରୀହ ମଣିଷ ଗୁଡାଙ୍କୁ
ପରିଚୟ ଭିନ୍ନ ଭିନ୍ନ ଦେଲ ।
ତୁମେ ଯତି ଇଶ୍ୱର ହେଲ---
ଆଲ୍ଲା ହେଲ କାହିଁକି ?
ତୁମେ ଯଦି ଯୀଶୁ ହେଲ—
ବୁଦ୍ଧ ହେଲ କାହିଁକି ?
ଏ କାହିଁର ଉତ୍ତର କିଏ ଦେବ ?
ଏ ସମ୍ପ୍ରଦାୟିକତାକୁ କିଏ ରୋକିବ ?
ମଣିଷ ମନରୁ ପାପପୋଛି,
କିଏ ପ୍ରେମ-ମନ୍ତ୍ରରେ ଦୀକ୍ଷିତ କରିବ ।(୪)

ହେ ଇଶ୍ୱର—
ଆଜିବି ସମୟ ଅଛି,
ମଣିଷର ଅଦାଲତରେ
ନିଜର ଆତ୍ମସମର୍ପଣ କର,
କହିଦିଅ ସମସ୍ତଙ୍କ ଆଗରେ
ମୁଁ ଯୀଶୁ, ମୁଁ ହି ଇଶ୍ୱର,
ବୁଦ୍ଧ, ଜୈନ, ଆଲ୍ଲା, ଗୋବର୍ଦ୍ଧନ । (୫)

ନଚେତ୍ -
ପରିଣତି ହେବ ଭୟାବହ,
ମଣିଷର ବିଶ୍ୱାସରେ ବିଷ ମିଶିଯିବ,

***

ତୁମ ନାମ ନେଇ ଦଙ୍ଗା ହୋଇଯିବ ଈଶ୍ୱର---
ତୁମେ ଯେ--
ମଣିଷ ଆଖିରେ କଣେଇ ହୋଇଯିବ । (୬)

ଚକ୍ଷୁ ଚିକିତ୍ସା ସହକାରୀ, ବୌଦ୍ଧ

---****---

## ଦୁଇଟି କବିତା

ଡ. ବୀଣାପାଣି ଦେବତା



୧

ମୁ କଳ୍ପନା କରିଛି ତିଳତିଳ
ଭାଗ୍ୟ ତୁମକୁ ଗଢ଼ିଛି ପଳପଳ
ଶୈଶବ ମୋର ଅନାଥ ସମୟ
ତୁମର ଶରୀର କୋଳମୟ ।

୨

ତୁମ ପାଇଁ କରୁଛି ମୁଁ ଫେରି
କଳ୍ପନା ଓ ସ୍ୱପ୍ନର ସବାରି ।
ଖରାଧାସରେ ଆଖି ପୋଡ଼ିଲେ
ଖୁବ ଜରୁରୀ ବୁଣିବା କଣ୍ଟି ହନ
ମାଟି ଧସିବା ବେଳେ ପାଦତଳେ
ଅବଶ୍ୟ ଦେଖିବା ଜରୁରୀ
ଆଖି ଖୋଲି ସ୍ୱପ୍ନ ।

ଖିଦିରପୁର ଓଡ଼ିଆ ହାଇସ୍କୁଲ
୧, ସତ୍ୟଡକ୍ଟର ରୋଡ଼, କୋଲକାତା, ୭୦୦୦୨୩

---****---

## ଦେବୀ ହେବାକୁ ଚାହେଁନା

କମଳା ଶତପଥୀ

କିଏ କହିଲା ମୁଁ ବାନ୍ଧୁଁବି ଦେବୀର ଖୋଳପା !
ଦରକାର କରୁଛି ମହା ମାନବୀର ଆଖ୍ୟା !
ମୁଁ ତ ଏକ ସାଧାରଣ ମଣିଷ ମାତ୍ର
ବଞ୍ଚିବାକୁ ଦିଅ ମୋତେ ନିଜ ହିସାବରେ
କରନାହିଁ ମତେ ଆଉ
ଦାଣ୍ଡେ ଲୋକହସା !!

ନ ବାନ୍ଧ ମୋ ପାଦରେ ଏ ମହାନତାର ବେଡ଼ି
ଅଣନିଶ୍ୱାସୀ ହେଇଗଲିଣି
ଶୁଣି ଶୁଣି ଏ ଭାଷଣ ବାଜି
ବଞ୍ଚିବାକୁ ଲୋଡ଼ା ଖାଲି
ସ୍ୱାଧିନତାର ଅଳ୍ପ ଅମ୍ଳଜାନ
ସମାଜର ଦୃହି ଦେଇ
ମଣିଷରୁ ମତେ ତୁମେ
କରନାହିଁ ଦେବୀ !

ଅବଳା ଦୁର୍ବଳା କହି ନ ବଢ଼ାଅ ହାତ
ଖସିଗଲେ ଖସିଯିବି,
ପଡ଼ିଗଲେ ପଡ଼ିଯିବି
ନିଜ ପାଦେ ଚାଲିବାକୁ
ମତେ ଥରେ ସୁଯୋଗ ତ ଦିଅ !

ଜହ୍ନକୁ ଦେଖି ବିଭୋର ହେବାର ଇଚ୍ଛା
ମୋ ଭିତରେ କେନ୍ଦ୍ରିଭୂତ ହୁଏ
ଫୁଲର ବାସ୍ନାରେ ମନଟା ବି ଉଚ୍ଛାଟିତ ହୁଏ
ଭଗବାନଙ୍କ ସୁନ୍ଦର ସଂସାରରେ
ନିଜ ପାଇଁ ସ୍ଥାନଟିଏ ସୁରକ୍ଷିତ ରଖିବାର ମୋହ
ମତେ ବି ପ୍ରଲୁବ୍ଧ କରେ ଆଗେଇ ଯିବାକୁ
ମତେ ଥରେ ଆଗେଇବାରେସୁଯୋଗ ତ ଦିଅ !

ଦେବୀ କହି ସଜାଅନି ଇଶାନ କୋଣରେ
ସଜାଅନି ନେଇ ତୁମ ଶୋଇବା ଖଟରେ
ରୋଷେଇ ଘରର ବାରିକାନ୍ଥ ମଧ୍ୟେ
ସୀମିତ ରଖିନି ମୋ ଜୀବନ କାଳ ।
ଭଗବାନଙ୍କ ସୃଷ୍ଟିର ମୁଁ ଏକ ଅବିଚ୍ଛିନ୍ନ ଅଙ୍ଗ
ମୋତେ ନେଇ ତାଙ୍କର ବି ଅଛି ଅନେକ ଆକାଂକ୍ଷା
ପୂରା କରିବାକୁ ମୋତେ ଲୋଡ଼ା ଖାଲି
ମାନବ ଉପାଧି
ଦେବୀ କହି କହି ମତେ
ଆଉ ସେଥୁ ନକରବିଚ୍ୟୁତ

୧୨, ଆଣ୍ଡଲାଣ୍ଡା ସି.ଏଚ୍.ଏସ୍. ପ୍ଲଟ ନମ୍ବର - ୨୯,
ସେକ୍ଟର - ୪୦, ନେରୁଲ, ନବି ମୁମ୍ବଇ - ୪୦୦୭୦୬
email:kamala.satpathy@gmail.com

---****---

## ପ୍ରିୟତମା

ପାର୍ବତୀ ନାୟକ

ଭଲପାଇବାକୁ କଥାଦେଇଥିଲ
ହେଲେ ପାଇଲନି ଭଲ
ଝରାଫୁଲପରି ଝରିଗଲ ସିନା
ସାତପର କରି ଦେଲ
ଚାଲିବାକୁ ସାଥେ କଥାଦେଇଥିଲ
ଚାଲୁଛି ଆଜି ମୁଁ ଏକା
ଇନ୍ଦ୍ରଧନୁ ପରି ବୁନେଲି ସପନେ
ରଙ୍ଗ ପଡ଼ିଗଲା ଫିକା
ମନମନ୍ଦିରର ପୂଜାରିଣୀ ସାଜି
ଆପଣାର କରି ନେଲ
ଦୁଇଦିନ ପାଇଁ କୁଣିଆ ସାଜିଲ
ଏକା ଛାଡ଼ି ଚାଲିଗଲ
ମନମଲାଟରେ ଅଲିଭା ସାକ୍ଷର
ଆଜି ବି ଲାଗଇ ନୂଆ
ଓପନ ଡୋଳିରେ ପ୍ରେମ ପରଶରେ
ତୁମ ସ୍ମୃତି ମିଠା ଛୁଆଁ
ନିଇତି ଦେଖଇ ଆଇନାରେ ଛବି
ଲାଗେ ଭାରି ନୂଆ ନୂଆ
ଶୀତଳ ଜୋଛନା କରେ ଆନମନା
ଗୀତରେ ଶୁଭେ ତ ନାଆଁ
ସ୍ମୃତି ଫଗୁଆର ସାଇତା ଘଟଣା
ପରାଣେ ପୁଲକ ଭରେ
ଦେହର ଉତ୍‌ତାପ ମାପେନାହିଁମନ
ପ୍ରେମ ଏକାସିନାଝୁରେ
ପବନ ଦୋଳିରେ ଦୋହଲେ ଜୀବନ
ସୁଖଦୁଃଖର ସଂସାର
ପ୍ରେମ ଅଭିମାନୀ ପ୍ରେମ ହିଁ ଜଳାଏ
ଆଖିରୁ ଲୁହର ଧାର
ଜୀବନଟା ନୁହେଁ ଆଶା ନିରାଶାର
ଝୁରି ମରିବାର ପାଇଁ
ଭଲପାଇବାର ମଧୁର ମୂର୍ଚ୍ଛନା
ହୃଦୟରୁ ଆସେ ବହି
ସହଜରେ ତୁମେ ଅଭିନୟକରି
ପ୍ରେମକୁ ଦେଲ ତ ଫାଙ୍କି
କେମିତି ଭୁଲିବି ଅତୀତ ସଂପର୍କ
ତୁମକୁ ମୋ ରାଣ ସଖି

ନସତିପୁର, କେନ୍ଦ୍ରାପଡା

---****---

# ନିଃଶବ୍ଦ ର ଭାଷା

ଚନ୍ଦନ କୁମାର ସିଂହ



ଇଚ୍ଛା ହୁଏ ବେଳେ ବେଳେ କେଉଁ ଏକାନ୍ତ
ନିଃଶବ୍ଦ,
ଦୁନିଆକୁ ଚାଲିଯିବା ପାଇଁ...
ଯେଉଁଠି କେବଳ ଥିବ ମୋର କାୟା ସାଥେ
ଆତ୍ମା,
ପାଶେ ନଥିବ ବି ମୋର ଛାଇ...
କଥା ହେବି ନିରୋଳାରେ ନିଜ ଅନ୍ତରାତ୍ମା ସାଥେ,
ଏକ ନିଃଶବ୍ଦ ଭାଷାରେ ମୁଁହି!!!!
ଆଉ କରିବି ଅନୁଶୀଳନ କୋମଳ ହୃଦୟେ,
ଅନ୍ତର୍ଦାହ ସୃଷ୍ଟି କାହିଁ!!!?
ହେଲେ ବି ଦାରୁଣ ଯେତେ ମରିମରି ବଞ୍ଚିବାରେ,
ଅସୀମ ସନ୍ତୁଷ୍ଟି ଥାଏ କାହିଁ!!!?
ଦୃଶ୍ୟ ହୁଏ ଶୁଷ୍କ ପ୍ରାୟ ହେଲେ ଚିରସ୍ରବା କାହିଁ,
ଜୀବନର ଏ ସରଜୁ ନଈ!!!?
ଗୋଟେ ଅଭାବି ମସ୍ତିଷ୍କ ସାଗରେ ନିତ୍ୟ ନୂତନ,
ଭାବାଉର୍ମି ସୀମା ଲଙ୍ଘେ କାହିଁ!!!?
କାକପୁଷ୍ଟ କୁହୁ ରବେ ମଜି ଯାଏ ମନ ହେଲେ,
କାକ ରବେ ମନ ହଜେ ନାହିଁ!!!?
ଶରୀର ତ ଭିଜିଯାଏ ଶୀତଳ ଶ୍ରାବଣେ କାହିଁ,
ମନ ଆଉ ଆତ୍ମା ଭିଜେ ନାହିଁ!!!?
ଏଙ୍ଗି ସର୍ବେ କଳଙ୍କିତ, ଯଦି ଚନ୍ଦ୍ର ଚକ୍ଷେ ଅଛି,
ତେବେ କାହିଁ ଭାନୁ ଦେହେ ନାହିଁ!!!?
ଏ ସବୁର ପ୍ରଶ୍ନୋତ୍ତର ଯାଆନ୍ତି ମୁଁ ପାଇ ମତେ,
ନିଃଶବ୍ଦ ସେ ସ୍ଥାନ ମିଳେ ନାହିଁ!!!?
ଅନ୍ତରାତ୍ମା ମୋ ହୃଦୟ କର୍ଣ୍ଣେ ନିଃଶବ୍ଦ ଭାଷାରେ,
ସବୁରି ଉତ୍ତର ଯାଏ କହି......
ଏଙ୍ଗି ସବୁ ଭେଲ ମଧ୍ୟେ ଭଲର ସ୍ୱରୂପ ସୁପ୍ତେ,
ସଦା ଅନ୍ତର୍ନିହିତ ଅଟଇ.....

---****---

# ବଡ଼ଲୋକିଆ ପୁଅ

ସୌଭାଗ୍ୟ କୁମାର ସାହୁ



ମୋ ବାବୁରେ ଯଦି ମନେ ପଡ଼ିଯିବ
ପିଲାଦିନ ଧୂଳିଖେଳ...
ଦେଖି ବାକୁ ଥରେ ଚାଲି ଆସିବୁରେ
ହେଲେ ଟିକେ ତୋତେ ବେଳ... (୧)

ଜାଣିଛି ତୋ' ପାଖେ ସମୟ ନଥିବ
ମୋ' କଥା ଭାବିବା ପାଇଁ...
ପ୍ରତିଟି ସମୟେ ତୋତେ ଖୋଜୁଛିରେ
ଏହି ମୋର ଆଖିଦୁଇ ... (୨)

ତୋତେ ଝୁରି ଝୁରି ମାଆ ପରା ତୋର
ଆର ପାରି ଚାଲିଗଲା...
ମୁହେଁ ନିଆଁ ଦେବୁ ମରିବା ପୂର୍ବରୁ
ମୋତେ ସିଏ କହିଥିଲା...(୩)

ଆଶା ତାର ପରା ପୂରଣ ହେଲାନି
ଆଶା ମୋର ରଖିବୁରେ...
ମୁହଁରେ ମୋଅର ଦବୁ ଟିକେ ନିଆଁ
ବାବୁ, ମରିଗଲା ପରେ... (୪)

ସୁଧ ଘର ପାଇଁ ଚିନ୍ତା କରିବୁନି
ଘରଡ଼ିହ ବିକିଦେବୁ...
ସେହି ପଇସାରେ ସାହି ପଡ଼ିଶାକୁ
ମିଠ ଭାତ ଦେଇଦେବୁ...(୫)

ପୁତ୍ ନରକରୁ ଉଦ୍ଧାରିବୁ ମୋତେ
ନହେଲେ ଲାଗିବ ପାପ...
ଏଇ ଶେଷ ଇଚ୍ଛା ରଖିବୁରେ ମୋର
କହୁଅଛି ବୁଢାବାପ...(୬)

---****---

***

(ବ୍ୟଙ୍ଗ ଗଳ୍ପ)

# ଏଳା କାମୁଡ଼ାରେ ଜବତ

ଭିକାରୀ ରଥ



ପାଠପଢ଼ା ବେଳକୁ ନମ୍ବର କମ୍। ଖଣ୍ଡେ ଗୁଟିକୁ ବାଇଶି ହଜାର କୁକୁର ଟଣା ଟଣି ହେବାଭଳି ଚାକିରୀ ଖଣ୍ଡିଏ ବାହାରିବା ବେଳକୁ ଖାଲି ଧାଡ଼ିରେ ଠିଆହୋଇ ପ୍ରାର୍ଥୀ ତାଲିକାରେ ନାଆଁ ଚଢ଼ାଇବାକୁ ବାଡ଼ିଆବାଡ଼ି। ପରିସଂଖ୍ୟାନ କହୁଛି, ଗତ ଦଶବର୍ଷ ମଧ୍ୟରେ ଚାକିରୀ ସୁଯୋଗ ମାତ୍ର ଦୁଇ ପ୍ରତିଶତ। ଏଥିରେ ଭଗବାନ (ଓରଫ ଭଗିଆ) ମଧ୍ୟ ବେକାର। ଜମି ଭାଗ ଦେଇ ଯୋଉ ଧାନ ଗଣ୍ଡାକ ମିଳେ, ସେଥିରେ ଚାରିମାସ ଯାହିତାହି ଭାତଗଣ୍ଡାକ ଚଳିଯାଏ। ବାକି ଆଠମାସ.... ? ବିପିଏଲ୍ ତାଲିକା ତିଆରି ହେଲା ବେଳେ ଯିଏ ମାଷ୍ଟ୍ରଙ୍କ ଧାର୍ଯ୍ୟ ପରିମାଣର ହାତଗୁଞ୍ଜା ସାଙ୍ଗରେ ସ୍ଥାନୀୟ ନେତାଙ୍କୁ ଖୁସୀ କରାଇ ପାରିଲା, ସିଏ ବିପିଏଲ୍ କାର୍ଡ଼ ପାଇଗଲା। ଭଗିଆ ପାଖରେ ଶାଗ ଖରଡ଼ା ପାଇଁ ଟୋପାଏ ତେଲ ନିଅଣ୍ଟ; ନିଜ ପକେଟ ଖାଲି, କାହା ପକେଟ ଗରମ କରିଥାନ୍ତା କିପରି ?

ଗାଆଁର ଦୋମହାଲା କୋଠା ମାଲିକମାନେ, ପେନ୍‌ସନ୍ ପାଉଥିବା ସରକାରୀ କର୍ମଚାରୀମାନେ, ଲକ୍ଷପତି ବ୍ୟବସାୟୀମାନେ ବିପିଏଲ୍ କାର୍ଡ଼ କରାଇ ନେଲେ। ଧାର ଉଧାର କରି ଭଗିଆ ଟଙ୍କା ପାଞ୍ଚଶହ ଯୋଗାଡ଼ କରିଥିଲା। କିନ୍ତୁ କୁଜିନେତା ବଡ଼ ଦୟାଳୁ। ଗରୀବ ଲୋକଟା ପାଖରୁ ପଇସାଟିଏ ନେବାକୁ ମନ କଲାନାହିଁ। ଯୋଉ ବାଟରେ ଗୋଟାଏ ପଇସା ଖର୍ଚ୍ଚ ହୋଇ ନ ଥିଲେ ମଧ୍ୟ ଖୁସି ହେବ, ସେଇ ଉପାୟ ଭଗିଆକୁ ବତାଇ ଦେଲା। ଭଗିଆ କୁନ୍ଥୁ କୁନ୍ଥୁ ହୋଇ ରାଜି ହେଲା ସିନା; ପ୍ରସ୍ତାବଟା ଶୁଣି ଗୋଖର ସାପ ଭଳି ସ୍ତ୍ରୀ ଫଁ ଫଁ ଗର୍ଜନ କଲା। ଭଗିଆ ଭାବିଥିଲା, ଏ ବାଟରେ ଏକା ବାଣରେ ଦୁଇଟା ଚଢ଼େଇ ମରିବ। ବିପିଏଲ୍ କାର୍ଡ଼ ମିଳିବା ସହିତ ସ୍ତ୍ରୀର ବାଂଝ ଅପବାଦ କଟିଯିବ। କିଏ ଜାଣେ, ତା' ନିଜଠେଇଁ ଖୁଣ ଥିବାରୁ ହୁଏତ ଛୁଆପିଲାହେଇ ନ ଥିବ। ତା'ସ୍ତ୍ରୀ କହିଲା, 'ପରଘର ଧାନ କୁଟିବ, ଗୋବର ଗୋଟେଇବ ନହେଲେ ପରଘରେ କାମପାଇଟି କରିବ, ମୂଲଲାଗିବ, ଭିକମାଗିବ ପଛକେ, ଏମିତି ଅସନା କଥା କହିଲେ ବେକରେ ଦଉଡ଼ି ଦେଇଦେବ।

ଅରକ୍ଷିତକୁ ଦଇବ ସାହା। ଗାଆଁର ସନା ପଣ୍ଡା ବହିନା ନେଇ ହନୁମାନ ପରାୟଣ କରେ। ଗୋଟାଏ ତିନ ଚାରିଘଣ୍ଟା ହାରମୋନିୟମ, ଗିନି, ଖୋଳ-କରତାଳ ଧରି ଉତଣ୍ଡିଆ ଡିଉଟିକଲେ ଅତିକମ୍‌ରେ ଦେଢ଼ହଜାର। ଦଳରେ ଚାରିଜଣ ସାମିଲ। ଆଜିକାଲି ହନୁମାନ ଚାଳିଶା ଚଇନା ବେଶୀ। ଏବେ ଦୁଇ ଠାକୁରଙ୍କର ପ୍ରଚାର ପ୍ରସାର ଆଶାତୀତ ଭାବେ ବଢ଼ିଛି। ଜଣେ ହନୁମାନ ଓ ଆଉ ଜଣକ ସାଇବାବା। ଜଣେ ବାବୁଙ୍କୁ ପଚାରିଲି – ହଇ ହୋ। ଆମରତ ଓଡ଼ିଶାରେ ସାତଦିନ ଧରି ରାମାୟଣ ପରାୟଣ ହେଉଥିଲା। ତା'ଭିତରେ ହନୁମାନ ମାହାପ୍ରୁ ତାଙ୍କ ଭାଗ ପାଇଯାଉଥିଲେ। ଏବେ ଏ ଚାଳିଶି ପଦିଆ ପରାୟଣ କାହିଁକି ?

ବଂଧୁ ମୋର ମୂଢ଼ତା ପ୍ରତି ଉପହାସ ପୂର୍ବକ ମୁରୁକି ହସି ଜବାବ ଦେଲେ – ଟି ଟ୍ୱେଣ୍ଟି ଯୁଗରେ ଟେଷ୍ଟକୁ ପଚାରୁଛି କିଏ ? ସେଥିରେ ନିଶ୍ଚିତ ଅଧିକ ଖର୍ଚ୍ଚ। ଏଣେ ହନୁମାନ ଓ ବାବାଙ୍କୁ ମିଶାଇ ଦେବତା ଥ୍ରୀ। କାରଣ, ହନୁମାନଙ୍କ ସହିତ ରାମଚନ୍ଦ୍ର ଫ୍ରି। ଏ ଫ୍ରି ଯୁଗରେ ଏ ସୁଯୋଗ ଛାଡ଼େ କିଏ ?

ସନା ପଣ୍ଡାକୁ କାକୁତି ମିନତି କରିବା ପରେ ବାଳିଶାରେ ପାଳିଆ ମୁକରିର ହେଲା। ମଜୁରୀ ହେଲା ଗୋଟାଏ ପାଳିରେ ଦେଢ଼ଶହ। ସନା ମଧ୍ୟ ଦେଢ଼ଶହ ଗାଣ୍ଠିଆରୁ ଛାଡ଼ିବା ପଛରେ ରହସ୍ୟ ଅଛି। ଭଗିଆ ଦେହଟା ବାଳ ସାଲୁବାଲୁ ପୁଚୁକା ଗାଲ ସାଙ୍ଗକୁ ଓଠ ଦୁଇପଟ ଟିକେ ଭିତରକୁ ପଶି ଯାଇଛି। ଲୋକଙ୍କର ନଡ଼ିଆ, ଗୁଆ, ଆମ୍ବ ତୋଳି ଦି'ପଇସା ପାରିଶ୍ରମିକ ପାଏ। କେଇ ଖେପାରେ ଗଛ ଆଗକୁ ଚଢ଼ିଯାଏ। ଲୋକେ ଥଟା କରନ୍ତି– ଆର ଜନ୍ମରେ ଏଇଟା ମାଙ୍କଡ଼ ଥିଲା।

ସନା ପଣ୍ଡା ସର୍ତ୍ତ ରଖିଲା ଭଗିଆ ପାଳି ଧରିଲା ବେଳେ ହନୁମାନଙ୍କ ପରି ଯଥାସମ୍ଭବ ଅଭିନୟ କରିବ। ଗିନି ଧରି କୁଦାମାରି ପାଳି ଧରିବ। ବାଳିଶା ଜମାଣିଆ ହେବ। ଅଧିକ ଓଜରା ମିଳିବ। ଦୃଶ୍ୟକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚିତ୍ରାଳୟରୁ ରଙ୍ଗୀନ୍ ଲାଙ୍ଗୁଡ଼ କିଣାହୋଇ ଆସିଲା।

ଲୋକେ ହନୁମାନ ବାଳିଶାର ଏ କାଣ୍ଡ କାରଖାନା ଦେଖି ଭାବିଲେ, ବାଳିଶାପାଠ ବେଳେ ଭଗିଆ ଦେହରେ ବୋଧହୁଏ ହନୁମାନ ସବାର ହୋଇ ଯାଇଛନ୍ତି।

ଥରେ ଭଗିଆ ଘରକୁ ତା ସାନଶଳା ବିକୁଆ ବୁଲି ଆସିଲା। କଥା ପଡୁ ପଡୁ କହିଲା ଭାଇନା ! ମଦାରୀ ଭଳିଆ ତୁମକୁ ମାଙ୍କଡ଼ ନାଚ ନଚାଇ ସନା ପଣ୍ଡା ଭଲ ରୋଜଗାର କରୁଛି। ତୁମକୁ ଦଉଛି ମାତ୍ର ଦେଢ଼ଶହ !

ଭଗିଆ ଦୀର୍ଘ ନିଶ୍ୱାସ ପକାଇ କହିଲା ସେତକ ପାଇଁ ମୋ ତେଲ ଲୁଣ ଚଳି ଯାଉଛି। ଆଉ କ'ଣ କରି ପାରିବି ?

ବିକୁଆ କହିଲା – " ଭଗବାନ ତୁମକୁ ଯୋଉ ରୂପ ଗୁଣ

ଦେଇଛନ୍ତି, ତାକୁ ଅବଳ ଟଙ୍କା ପରି ଠଣାରେ ଥୋଇ ବଣା ହେଉଛ । ବାଟ କଲେ ତୁମ ଘରେ ଟଙ୍କା ଗଦା ହେବ । ଏହାପରେ ଏକ ବିସ୍ତିର୍ଣ୍ଣ ଯୋଜନା ଭିଣୋଇ ଆଗରେ ପ୍ରସ୍ତୁତ କଲା ।

ଖଣ୍ଡେ କାର୍ଡ଼ ବୋର୍ଡ଼ ପଟିକୁ କାଟି ଅଠର ନମ୍ବର ଯୋତାମାପର ଦୁଇଟା ପାଦ ତଳିଆ ପଟି ତିଆରି ହେଲା । ବଜାରରୁ ବାରି ପୁଡ଼ିଆ ସିନ୍ଦୁର କିଣା ହେଲା । ଗୋଟାଏ ଜରିଲଗା ନାଲିଆ ସିଲ୍‌କ ହନୁମାନ କାଛିଆ କିଣାହୋଇ ଆସିଲା ।

ତା'ପରଦିନ ଭଗିଆ ବାଡ଼ିପଟ କଦଳୀ ଗଛ ମୂଳେ ଗାଆଁ ସାରା ଲୋକ ଥାଟପଟାଳି ଭାଙ୍ଗିଲେ । ଦେଖିଲେ, ଭଗିଆ କଦଳୀ ଗଛର ଦରପାଚିଲା କଦଳୀ କାନ୍ଧିରୁ ଦୁଇଟା କଦଳୀ ଗାଏବ୍ । ତଳେ କଦଳୀ ବୋପା ପଡ଼ିଛି । ବଡ଼ ବଡ଼ ପାଦଚିହ୍ନ ବାରିଟା ଗଛ ମୂଳରେ ଅଗ ପଛ ହୋଇ ପଡ଼ିଛି । ଏଠି ସେଠି ମାଟି ଉପରେ ମୋଥା ମେଥା ସିନ୍ଦୁର । ଗଛମୂଳରେ ନାଲି ରଙ୍ଗର କାଛିଆ ପଡ଼ିଛି ।

ଯେତେ ତୁଣ୍ଡ ସେତେ କଥା । ଶେଷକୁ ଲୋକେ ଏଇ ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ଭଗିଆର ଭକ୍ତିରେ ପ୍ରସନ୍ନ ହୋଇ ଖୋଦ ହନୁମାନ ମହାପ୍ରଭୁ ଭଗିଆ ବାଡ଼ିରେ ପହଞ୍ଚି ତା'ର କଦଳୀ କାନ୍ଧିରୁ ପ୍ରସାଦ ଗ୍ରହଣ କରିଛନ୍ତି । ଆଶିର୍ବାଦ ସ୍ୱରୂପ ତାଙ୍କର କୌପିନ ଦାନ କରିଯାଇଛନ୍ତି । ପ୍ରଭୁଙ୍କର ପାଦଚିହ୍ନ ମାଟିରେ ପଡ଼ିଛି । ନ ହେଲେ ଏତେବଡ଼ ପାଦଚିହ୍ନ କୋଉ ମଣିଷର ହୋଇପାରେ ?

ହନୁମାନଙ୍କ ଦେହରୁ ଖସିପଡ଼ିଥିବା ମାଟିମିଶା ସିନ୍ଦୁର ସଂଗୃହିତ ହୋଇ ଆସିଲା । ଭଗିଆର ଦାଣ୍ଡବାଳିରୁ ଢ଼ିଙ୍କି କେବେଠାରୁ ଉଠି ସାରିଥିଲା । ଅଭାବରୁ ଅଳ୍ପୁଆଣି ବାଳରେ ସହସ୍ର କଣା । ସେଇଠି ଲିପାପୋଛା ହୋଇ ଥାଳିରେ ମାଟିମିଶା ସିନ୍ଦୁର, କୌପିନ ଓ ହନୁମାନଙ୍କର ଗୋଟିଏ ଫୋଟ ରଖି ଦୀପଟିଏ ଜଳାଇ ଦିଆଗଲା ।

ଦେଖୁ ଦେଖୁ ଜନତାଙ୍କ ସୁଅ ଛୁଟିଲା । କେହି ଜଣେ କପିବର ଭକ୍ତ କଣା ବାଳ ଉପରେ ଜରିପାଲ ଘୋଡ଼ାଇ ଦେଲା । ଜଣେ ଭକ୍ତ ତଳ ଚଟାଣ ପକ୍‌କା କରିଦେଲା । ହନୁମାନଙ୍କର ଅଧିକ ନିକଟତର ହେବା ପାଇଁ ଭକ୍ତାନଙ୍କ ମଧ୍ୟରେ ରୀତିମତ ପ୍ରତିଯୋଗିତା ଆରମ୍ଭ ହୋଇଗଲା ।

ଏହାର ମୂଳରେ ଥିଲା, ଗାଆଁର କଂଟ୍ରୋଲ ଡିଲର ବିନା ପଧାନ । ବିଭିନ୍ନ କାରଣରୁ ତା'ର ଖାତାପତ୍ର ଜବତ ହୋଇ ତା ଡିଲରସିପ୍ ସସ୍‌ପେଣ୍ଡ ହୋଇଥିଲା । ନୂଆ ହନୁମାନଙ୍କର ପ୍ରସାଦ ପାଞ୍ଚକିଲୋ ଗୁଆ ଘିଅରେ ପ୍ରସ୍ତୁତ ଲଡୁ ନେଇ ବଡ଼ ଅଧିକାରୀଙ୍କୁ ଦେବା ପରେ ସିଏ ଅଭିଯୋଗ ମୁକ୍ତ ହୋଇଗଲା । ହନୁମାନଙ୍କ କୃପାରୁ ଲଡୁତଳେ ଦିଆଯାଇଥିବା ବାରିପ୍ରସ୍ଥ ଟିସୁ ପେପର ଭେଦକରି ଘିଅ ଦାଗ ସବା ତଳେ ଥିବା ନୋଟ ବଣ୍ଡଲକୁ ସ୍ପର୍ଶ କରିପାରି ନଥିଲା ।

ସକାଳ ସଞ୍ଜ ଭଗିଆ ଏବେ ହନୁମାନଙ୍କ ଫୋଟ ପାଖରେ । ଯୋଉ କାନ୍ଧିରୁ ହନୁମାନ ଦୁଇଟି କଦଳୀ ଖାଇ ଆପ୍ୟାୟିତ ହୋଇଥିଲେ, ସେ କାନ୍ଧିର କଦଳୀ ଗୋଟାକ ପଚାଶ ଟଙ୍କା ଲେଖାଏଁ ବିକ୍ରି ହୋଇଥିଲା । ଦକ୍ଷିଣା ମଧ ଟଣ ଟଣ ଫଡ଼ ଫଡ଼ ହୋଇ ଘନ ଘନ ଥାଳି ଉଛୁଳୁଛି ।

ଦେଖୁ ଦେଖୁ ପାଞ୍ଚମାସ ମଧ୍ୟରେ ସେଠି ଭଙ୍ଗା ବାଳିଆ ପରିବର୍ତ୍ତେ ଛୋଟ କାଟର ମନ୍ଦିର ଠିଆ ହୋଇଗଲା । ତା ସାଙ୍ଗକୁ ଭଗିଆ ଘର ମଧ ପକ୍‌କା ହୋଇଗଲା ।

ଏଥର ପ୍ରତି ମଙ୍ଗଳବାର ଭଗିଆ ମନ୍ଦିରରେ ହନୁମାନ ଚାଳିଶା ପାଠ କରାଗଲା । ଗାଆଁରେ ସନାପଣ୍ଡା ଥାଉଁ ଥାଉଁଯୋଉ ଭଗିଆ କାଲି ତା ପାଖରେ ହାତ ପତାଉ ଥିଲା ଆଜି ଦେହସାରା ସିନ୍ଦୁର ବୋଳିହୋଇ ତମ୍‌ସା କରି ତାକୁ ଆଖି ଦେଖାଉଛି । ମନେ ମନେ ଭଗିଆକୁ ପାନେ ଦେବାକୁ ସନା ମୌକା ଉଣ୍ଡୁଥାଏ ।

ଥରେ କଦଳୀ ଗୋଟାକ ପଚାଶ ଟଙ୍କାରେ ବିକ୍ରି ହେବା ପରେ ଭଗିଆ ମୁହଁରେ ଲାଗିଛି । ବାଡ଼ିପଟେ ତୁରନ୍ତ ପଚାଶ ସରିକି କଦଳୀ ପୁଆ ପୋତି ଦେଇଥିଲା । କିନ୍ତୁ ଏଥିପାଇଁ ଜଗିବା ବେଳ ଆସିଗଲା । ଚାରିଟା ଗଛରେ କାନ୍ଧି ପାକଳ ହୋଇ ଆସିଲାଣି । ବାଡ଼ିପଟେ ଘନ ଘନ ଠେଙ୍ଗା ଧରି ପହରା ଦେବାକୁ ପଡୁଥାଏ । କୁଆଡ଼ ତଳେ ଉତ୍ପାତିଆ ମାଙ୍କଡ଼ ପଲେ ଗାଆଁରେ ପଣି ପରିବା କଷିଟାଏ ରଖେଇ ଦେଉ ନାହାନ୍ତି ।

ସେଦିନ ଭଗିଆ ବାଡ଼ି ପଟକୁ ନିତ୍ୟକର୍ମ ସାରିବାକୁ ଯାଇଥିଲା । ଦେଖିଲା ଗୋଟିଏ କାନ୍ଧି ମୂଳରେ ମାଙ୍କଡ଼ଟାଏ ବସି କଦଳୀରେ ସକାଳ ଜଳଖିଆ ବ୍ୟବସ୍ଥା କରୁଛି । ରାଗରେ ଟେକାଟାଏ ଉଠାଇ ଛାଟିଦେଲା ଭଗିଆ । ଟେକାଟା ଜୋରରେ ବାଜିଲା ମାଙ୍କଡ଼ ଛାତିରେ । ମାଙ୍କଡ଼ଙ୍କର ତ ଲୁଗାପଟା, ତେଲ, ସାବୁନ, ପେଷ୍ଟର ଡିମାଣ୍ଡ ନାହିଁ ! ଖାଲି ଫଳ-ମୂଳ ଦିଇଟା ଦରକାର । ସେଥିରୁ କେହି ତାଙ୍କୁ ଆଘାତ ଦେଇ ବଞ୍ଚିତ କଲେ ହାତ, ଦାନ୍ତ କେମିତି ସହନ୍ତା ? ମାତ୍ର, ଦୁଇ ଖେପାରେ କୁଦି ଯାଇ ଭଗିଆ ହାତରେ ଦାନ୍ତ ଗଳାଇ ଦେଲା । ଭଗିଆର ବିଜ୍ଞାରରେ ଆଖପାଖ କଂପିଗଲା । ଲୋକ ରୁଣ୍ଡହୋଇ ଭଗିଆକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୋହିନେଲେ ।

ସନାକୁ ମଉକା ମିଳିଗଲା । କହିଲା ଭଗିଆ ଉପରେ ମୋଟେ

ହନୁମାନ ସବାର ହୋଇ ନାହାନ୍ତି । ତାହା ହୋଇଥିଲେ ତାକୁ ମାଙ୍କଡ଼ କାମୁଡ଼ି ନଥାନ୍ତା । କୋଉ ମାଙ୍କଡ଼ ବହପ ଅଛି ହନୁମାନଙ୍କୁ କାମୁଡ଼ିବାକୁ ?

କଥାଟା ଲୋକଙ୍କ ମନକୁ ପାଇଲା । ତେବେ ଖୋଦ କପିଶଙ୍କୁ ଅମାନ୍ୟ କରିବ କିଏ ? ଗାଆଁରେ ସଭାବସି ନିଷ୍ପତ୍ତି ହେଲା, ଗୋଟାଏ ହନୁମାନ ମନ୍ଦିର ପରିଚାଳନା କମିଟି ଗଢ଼ାଯିବ । ଏହି କମିଟି ମନ୍ଦିରର ଆୟ ବ୍ୟୟ ପରିଚାଳନା ଦାୟିତ୍ୱ ବୁଝିବ । ଭଗିଆ ଭକ୍ତ ହିସାବରେ ଅନ୍ୟମାନଙ୍କ ପରି ସେବା ପୂଜା କରିବ । ତାକୁ ସ୍ୱତନ୍ତ୍ର ଭାବରେ କେହି ଦାନ ଦକ୍ଷିଣା ଦେଲେ ସେତକ ତା'ର । ଯାହା ଭୋଗରାଗ ଆସିବ ସକାଳ ସନ୍ଧ୍ୟାରେ ତାକୁ ଦର୍ଶନାର୍ଥି ଓ ଛୋଟ ପିଲାଙ୍କ ମଧ୍ୟରେ ବାଣ୍ଟି ଦିଆଯିବ । ଛପା ରସିଦ୍ ଜରିଆରେ ଦାନ ଗ୍ରହଣ କରାଯିବ । ସେହି ଅର୍ଥରୁ ଜନ୍ତାଳ, ପଣାଯାତ୍ରା, ଚାଳିଶାପାଠ ସମ୍ପାଦିତ ହେବ ।

ସନା ପଣ୍ଡାକୁ ଏଥର ମଙ୍ଗଳବାର ଦିନ ପ୍ରାପ୍ୟ ମିଳିଯାଉଛି । ସିଏ କମିଟିକୁ ବୁଝାଇ ଦେଲା ସିଏ ସିନା ଗାଆଁ ଲୋକ ହିସାବରେ ଭୋକିଲା ପେଟରେ ଭଜନ କରିବ ତା ଦଳର ଅନ୍ୟମାନେ ତ ବାହାରର ଲୋକ । ସେମାନଙ୍କୁ କିଆଁ ବେଠି ଖଟାଇ ତାଙ୍କ ପିଲାଛୁଆଙ୍କୁ ଭୋକରେ ରଖିବା ?

ଏବେ ତିନେ ଭଗିଆ ସନାକୁ ଅନୁରୋଧ କଲା ଭାଇନା ।ମତେ ତୁମ ଚାଳିଶାକୁ କାଇ ଡାକୁନା ?

ସବୁଥର ସନାପଣ୍ଡା ମୁରୁକି ହସିଦିଏ ।

ତା ୧୦.୦୨.୨୦୧୪
ବାଙ୍ଗାଲୋର
ମୋ.: ୦୯୯୩୭୬୪୨୮୩୮

***



**Sponsors for Ganesh Puja**

| | | |
|---|---|---|
| Ajit Barek | Dinesh Goel | Narender Singh Bisht |
| Alok Das | Dinesh Sahu | Pritam Nayak |
| Animesh Roul | Dr. Anil Goel | Ramnath Sahoo |
| Arun Sharma | Dr. Sanant Sahoo | Ranjan Sahu |
| B.S. Rawat | Jeetender Sahu | Srinibas Sahu |
| Banoj Pradhan | M.S. Pothal | Sukant |
| | | Surajit Patnaik |

# କ୍ଲାସିକ ଓଡିଆ ଭାଷା

ଗୋବିନ୍ଦ ଲେଙ୍କା



ଗତବର୍ଷ ଓଡ଼ିଆ ଭାଷା କ୍ଲାସିକ୍ ଭାଷାର ମର୍ଯ୍ୟାଦା ପାଇଛି । ଏହା ଓଡ଼ିଆ ଭାଷାଭାଷୀଙ୍କ ନିମନ୍ତେ ଏକ ଗର୍ବ ଓ ଗୌରବର ବିଷୟ । ଭାଷା ଗଠନର ଦୀର୍ଘ ୨ ୦ ୦ ୦ବର୍ଷ ବ୍ୟାପୀ ବିକାଶର ପଥରେ ଆମ ଭାଷା ବହୁ ଶିଳା-ବନ୍ଧୁର କଣ୍ଟକିତ ପଥ ଦେଇ ଗତି କରିଥିବ । ଭାଷା ନଦୀର ଶଯ୍ୟା ପରି ପ୍ରତିଟି ବୁଲାଣିରେ ପରିବର୍ତ୍ତନ ହୋଇ ଆଜି ଏଇଠାରେ ପହଞ୍ଚିଛି । ପ୍ରତି ୧ ୦ ୦ ବର୍ଷରେ ଥରେ ମାନକ ଭାଷା (Standard Language) ର ପରିବର୍ତ୍ତନ ହୋଇ ଆସିବା, ଏକ ପ୍ରଗତିଶୀଳ ଭାଷା ପକ୍ଷରେ ସୁଲକ୍ଷଣ । ଓଡ଼ିଆ ଭାଷା ସେଇପରି ପରିବର୍ତ୍ତନ ମଧ ଦେଇ ଦ୍ରୁତ ପ୍ରଗତି ହାସଲ କରିଛି । ମାଗଧୀ ଅପଭ୍ରଂଶରୁ ୩ଟି ଭାଷା ନିଜକୁ ବିକାଶ କରାଇଛନ୍ତି । ସେଗୁଡ଼ିକ ହେଲେ ୧- ଓଡ଼ିଆ, ୨-ବଙ୍ଗାଳୀ ଓ ୩-ଆସାମୀ । କ୍ଲାସିକ୍ ଭାଷାର ମର୍ଯ୍ୟାଦା ପାଇବାର ସର୍ବନିମ୍ନ ପରିମାପକ ଯୋଗ୍ୟତା ଥିଲା, ଯେଉଁ ଭାଷା ୨ ୦ ୦ ୦ରୁ ଅଧିକ ବର୍ଷର ପୁରୁଣା ହୋଇଥିବ, ତାକୁ ସ୍ୱୀକୃତି ମିଳିବ । ସେଇ ମାନକରେ ସଂସ୍କୃତ ଓ ଦ୍ରାବିଡ଼ ଭାଷା ୪ଟି ପରେ ପ୍ରଥମ ଆର୍ଯ୍ୟ ଭାରତୀୟ ଆଞ୍ଚଳିକ ଭାଷା ଭାବେ 'ଓଡ଼ିଆ' ଭାଷା ପ୍ରାମାଣିକ ଭାବେ ଉତ୍ତୀର୍ଣ୍ଣ ହେବା କମ୍ ଗୌରବର କଥା ନୁହେଁ ।

ଆମେ ସେଇ ଭାଷାରେ କଥାବାର୍ତ୍ତା କରୁଛେ, ପଢୁଛେ, ଲେଖୁଛେ ଓ ବୁଝୁଛେ ଯାହା ୨ ୦ ୦ ୦ ବର୍ଷରୁ ବି ଅଧିକ ପୁରୁଣା, କ୍ଲାସିକ୍ । ସେଥିପାଇଁ ଆମେ ବହୁତ କିଛି ଭୁଲିଯିବା । ଆମେ ୧୮୭୦ର ବଙ୍ଗାଳୀମାନଙ୍କର "ଉଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏ"ର ବ୍ରକାନ୍ତକୁ ଭୁଲିଯିବା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ବେଳେ ଯେଉଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ରାଜନୈତିକ ଦୃଷ୍ଟିରୁ ଆମେ ହାସଲ କରିପାରି ନାହେଁ ସେ ସବୁ ଅଞ୍ଚଳର ଓଡ଼ିଆମାନଙ୍କୁ ଆମେ ଭାଷା, ଭାବ ଓ ସାଂସ୍କୃତିକ ଦୃଷ୍ଟିରୁ ଆହୁରି ନିକଟତର କରିବା ଶିଖିବା । ଆମେ ଆହୁରି ନିକଟତର କରି ଶିଖିବା ପଶ୍ଚିମରେ ରହିଥିବା , ଦକ୍ଷିଣରେ ରହୁଥିବା ବା ପୂର୍ବରେ ରହୁଥିବା ଆମର ଓଡ଼ିଆ ଭାଇଭଉଣୀ ମାନଙ୍କୁ । ସେମାନେ ବି ଆମ ଓଡ଼ିଶାରେ ବଢ଼ିବେ । ରାଜନୈତିକ ଓ ଭୌଗୋଳିକ ବାଧବାଧକତା ଆମକୁ ଦ୍ରୁତ ଭାବେ ମାଗଧୀ ଅପଭ୍ରଂଶରୁ ସ୍ୱତନ୍ତ୍ର କରିବାକୁ ଅନୁକୂଳ କରିଛି । ଆମ ଭୌଗୋଳିକ କାରଣ ଯୋଗୁଁ ଆମେ ଦ୍ରାବିଡ ଭାଷାର ଅଧିକ ନିକଟତର ହୋଇଛୁ, ସତ ମାତ୍ର ଆମର ନିଜସ୍ୱ ହରାଇ ନାହୁଁ। ଓଡିଆ ଭାଷାରେ ପ୍ରଚୁର ଦ୍ରାବିଡ ଶବ୍ଦ ବାହୁଲ୍ୟ ତାର ପ୍ରମାଣ। ସେଇପରି ଆମ ରାଜ୍ୟର ବହୁ ଅଂଚଳ ଜଙ୍ଗଲ ଥିବାରୁ , ଜାଙ୍ଗଳିକ ଆଦିବାସୀ ଭାଷା ମଧ୍ୟ ଆମ ଭାଷାକୁ ପ୍ରଭାବିତ କରିଛି। ଫଳରେ ଓଡିଆ ଭାଷା ପାଇଛି ବହୁ ଆଦିବାସୀ ଭାଷାର ଶବ୍ଦ ସମ୍ଭାର ।

ଆମଭାଷାର ପ୍ରାଚୀନତା ପ୍ରମାଣ ପାଇଁ ଖ୍ରୀ.ପୂ.୩୦୦ର ଅଶୋକଙ୍କ ଧଉଳୀ ଓ ଜଉଗଡ ଅନୁଶାସନ, ଖ୍ରୀ୧ ୦ ୦ର ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଠାରୁ ଆରମ୍ଭ କରି ଖ୍ରୀ୬୧ ୦ର ମାଧବରାଜ ତମ୍ବା ଫଳକର ଯେତିକି ଅବଦାନ ରହିଛି, ଗଙ୍ଗ ରାଜାମାନଙ୍କର ଦ୍ୱିଭାଷିକ ଶିଳାଲେଖ, ସୂର୍ଯ୍ୟବଂଶୀ ରାଜାମାନଙ୍କର ଶିଳାଲେଖ ଗୁଡିକର ମଧ୍ୟ ସେତିକି ଅବଦାନ ରହିଛି। କେବଳ ଶିଳାଲେଖ, ତାମ୍ରଫଳକ ବା ଅଭିଲେଖ ନୁହେଁ, ପ୍ରାଚୀନ ବୌଦ୍ଧଗାନ ଦୋହା ମଧ୍ୟ ଓଡିଆ ଭାଷାର ପ୍ରାଚୀନତା ସମ୍ବନ୍ଧରେ ବଳିଷ୍ଠ ପ୍ରମାଣ ଦିଏ। ତେଲୁଗୁ, ତାମିଲ ଶାସକଙ୍କ ସମୟରେ ଓଡିଆ ଭାଷା, ଏହି ଦ୍ରାବିଡ ଭାଷାମାନଙ୍କ ଦ୍ୱାରା ଯେତିକି ପ୍ରଭାବିତ ହୋଇଛି , ପାର୍ସୀ, ଆରବୀ ଶାସନ ସମୟରେ ପୁନଃ ସେହି ଭାଷାମାନଙ୍କର ଶବ୍ଦରେ ଓଡିଆ ଭାଷା ଧନୀ ହୋଇଛି।

ତକନିକ ଭାବେ ଦ୍ରାବିଡ ଭାଷାର ସିଧା ପ୍ରଭାବ ଯୋଗୁଁ ମୂର୍ଦ୍ଧନ୍ୟ ଧ୍ୱନୀଗୁଡିକ ଓଡିଆଭାଷାରେ ଯେତେ ସ୍ପଷ୍ଟ, ଅନ୍ୟ ଭାରତୀୟ ଆର୍ଯ୍ୟ ଭାଷାରେ ସେପରି ନୁହନ୍ତି। ବିଶେଷକରି 'ଣ'-ନାସିକ୍ୟ ଧ୍ୱନି, ଓଡିଆ ଭାଷାର ଭଉଣୀ ଆସାମୀ,ବଙ୍ଗଳା ଓ ବିହାରୀ ଭାଷାରେ ଦେଖାଯାଏ ନାହିଁ। ସେହିପରି ମୂର୍ଦ୍ଧନ୍ୟ - 'ଳ' ଧ୍ୱନୀ ମଧ୍ୟ ଓଡିଆ ଭାଷାର ସ୍ୱାତନ୍ତ୍ର୍ୟ।

ଏବେ କ୍ଲାସିକ୍ ଭାଷାର ମର୍ଯ୍ୟାଦା ଲାଭ କରିବା ହେତୁ ଆମେ ଆହୁରି ଅଧିକ ଶିଷ୍ଟ ହେବା, ଅଧିକ ନମନୀୟ ଓ ପରିବର୍ତ୍ତନର ଜଳବାୟୁକୁ ଆପଣେଇ ନେବା ।

ବନ୍ଦେ ଉତ୍କଳ ଜନନୀ।

# ଅଭିଶାପ

-ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର
ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ



ଗାଁରେ ଆଜି ଖୁସିର ଲହରୀ ଖେଳିଯାଇଛି । ଗାଁଟା ସାରା ଚଳଚଞ୍ଚଳ ହୋଇ ଉଠିଛନ୍ତି । ଗାଁର ପେଶୁଣି ଶୁକୁର ନାଇକ ଆଗାମୀ କେଡୁ ପୂଜା ପାଇଁ ଏକ ମେରିହା ସଂଗ୍ରହ କରି ଆଣିଛି । ଗାଁ ମୁଣ୍ଡରେ ସେ ଅପେକ୍ଷା କରିଛି ମେରିହାକୁ ହସ୍ତାନ୍ତର କରିବ ବୋଲି । ଗାଁର ପିଲା-ବୁଢ଼ା, ଧାଙ୍ଗଡ଼ା-ଧାଙ୍ଗିଡ଼ି, ଶାଶୁ-ବୁହାରୀ ସମସ୍ତେ ଉଲ୍ଲସିତ ଏବଂ ବ୍ୟଗ୍ର ମେରିହାକୁ ସ୍ୱାଗତ କରିବା ପାଇଁ । ମେରିହାଟିଏ ମିଳିବା ବହୁତ କଷ୍ଟ, ସେମାନଙ୍କର ଭାଗ୍ୟ ଯେ ସେମାନେ ମେରିହାଟାଏ ପାଇଛନ୍ତି । ଗାଁ ମାଇପେ ହଳଦି ବଟା, ଗରାତେଲ ଆଉ ପ୍ରାଙ୍ଗା (ଚାଉଳ) ମୁଠେ ମୁଠେ ଧରି ପ୍ରସ୍ତୁତ ହେଲେଣି, କେବଳ ଅପେକ୍ଷା ଢୋଲିଆ, ତାପ ଶିଙ୍ଗା ଏବଂ ମହୁରୀବାଲାକୁ । ଧାଙ୍ଗିଡିଏ ପାଦରେ ଘୁଙ୍ଗୁର, ମୁଣ୍ଡରେ ଟପେରି, ହାତରେ ଗୁବିଆ, କାନ ଫୁଟ୍‌କି, ନାକ ଫୁଟ୍‌କି, ଅଣ୍ଟା ପାଟିଆ ପିନ୍ଧି ନାଚିବା ପାଇଁ ପ୍ରସ୍ତୁତ । ଧାଙ୍ଗଡ଼ାମାନେ ଲେଙ୍ଗୁଟି ମାରି, ମୁଣ୍ଡରେ ମଇଁଷି ସିଙ୍ଘର ପାଗଭିଡ଼ି, ସରଗିଡାଳ ଖୁଞ୍ଚି, ହାତରେ କନ୍ଦର (ଖଞ୍ଜଣୀ) ପଟେ ପଟେ ଧରି ଖୁସିରେ ଏପଟ ସେପଟ ହେଉଛନ୍ତି । ଗାଁଟା ଯାକର ମିଣିପି ମାଇପେ ରନ୍ଧା ମହୁଲୀରୁ ପେଟେ ପେଟେ ମାରିଦେଇ ଟଳମଳ ଅବସ୍ଥାରେ ଝୁମୁଛନ୍ତି । ହଠାତ୍ ଶୁଭିଲା ଢୋଲିଆର ରଡ଼ି ସାଙ୍ଗକୁ ଢୋଲର ଢାଉଁ ଢାଉଁ ଶବ୍ଦ, ଚାଙ୍ଗୁବାଲାର ବେଡିକିବିନା, ଶିଙ୍ଗାର ଭେଁ ଭେଁ ଏବଂ ମହୁରୀର ଟିଟିଟି ଶବ୍ଦ । ଖୁସିରେ ଗାଁବାଲା ହେ କରି ଦଉଡ଼ି ଚାଲିଲେ ବାଜାବାଲାଙ୍କ ପାଖକୁ । ଢୋଲିଆଠୁଁ ମହୁରିଆ ଯାଏଁ ସମସ୍ତେ ମହୁଲି ନିଶାରେ ବାଦ୍ୟର ତାଳେ ତାଳେ ନାଚି ନାଚି ଚାଲିଲେ ଗାଁ ମୁଣ୍ଡକୁ ।

ଗାଁ ମୁଣ୍ଡରେ ପହଞ୍ଚି ପେଶୁଣି ଶୁକୁରୁ ନାଇକକୁ ଗାଁ ମୁଖିଆ ଧରେଇଦେଲେ ମହୁଲି କାଚେ ଏବଂ ଗାଁବାଲାଙ୍କ ତରଫରୁ ଧନ୍ୟବାଦଟିଏ ଦେଇ କହିଲେ ମେରିହା ମୂଲ ପରେ ନବୁ । ମେରିହାକୁ ପରୀକ୍ଷା ନିରୀକ୍ଷା କରିବାକୁ ବାହାରିଲେ ମୁଖିଆ । ପେଶୁଣି ପିଲାଟିର ପାଟିରୁ ଏବଂ ଆଖିରୁ ପଟି ଖୋଲିଦେଲା । ହାତ ଓ ଗୋଡରୁ ରଶି ଖୋଲି ଦେଇ କହିଲା "ଆଜ୍ଞା ଦେଖନ୍ତୁ, ପୁରା ନିଖୁଣ ପିଲାଟାଏ । ସମତଳ ଅଞ୍ଚଳରୁ ବହୁ ଖୋଜାଖୋଜି କରି ଆଣିଛି । ମେରିହା ଦେଖି ମୂଲ ଦେବେ ।" ଆଖି ଖୋଲିଲା ପରେ ପିଲାଟି ଦୁଇହାତରେ ଆଖି ଦୁଇଟିକୁ ଭଲକରି ମକବାମକବି କରି ଚତୁର୍ଦ୍ଦିଗକୁ ଚାହିଁଲା ଦେଖିଲା ସେ ଏକ ନୂଆ ଏବଂ ଅପରିଚିତ ଦୁନିଆରେ ଅଛି । ଚାରିଆଡ଼େ ଘଞ୍ଚ ଜଙ୍ଗଲ, ଦିନବେଳାଟାରେ ମଧ୍ୟ ଅନ୍ଧାରିଆ ଦିଶୁଛି ଚାରିପାଖ । ଠାଏ ଠାଏ ଗୋଟିଏ ଦିଇଟି ଘର । ବିଚିତ୍ର ବେଶଭୂଷାରେ ଅଛନ୍ତି ଏସବୁ ଲୋକ । ଅଜଣା ଭାଷାରେ କଥାବାର୍ତ୍ତା କରୁଛନ୍ତି । ତା'ର ମନେ ପଡ଼ିଲା ତାର ଜେଜେ ମା'ଙ୍କ କାହାଣୀ । ବୁଢ୍ରୀ ଅସୁରୁଣୀ ଗପ, ଶଙ୍ଖିଆକଟା ଗପ । ସବୁବେଳେ ଜେଜେମା' ମନା କରନ୍ତି ଖରାବେଳେ, ସନ୍ଧ୍ୟାବେଳେ କିମ୍ବା ବଡ଼ି ଭୋରରୁ ବିଲମାଳ, ଆମ୍ବତୋଟା ଏବଂ ନଦୀପଠାକୁ ଯିବାକୁ । ସେଇଠି କୁଆଡ଼େ ଶଙ୍ଖିଆକଟା ଲୁଚିଥାଏ । ଛୋଟ ପିଲାଙ୍କୁ ଦେଖିଲେ ଅଖାରେ ପୁରେଇ ନେଇଯାଏ ବଳିଦବା ପାଇଁ । ସେ ଯଦି ଜେଜେମା'ଙ୍କ କଥା ମାନି ଗାଁ ଆମ୍ବ ତୋଟାକୁ ଯାଇନଥାଆନ୍ତା ଆଜି ଏ ଅବସ୍ଥାରେ ପଡ଼ିନଥାନ୍ତା । ଏମାନେ ସବୁ ଶଙ୍ଖିଆ କଟାର ଲୋକ ନୁହଁନ୍ତି ତ ? ସେ କିଛି ବୁଝି ପାରୁନଥାଏ । ଭୟରେ ଥରୁଥାଏ କିନ୍ତୁ କାନ୍ଦି ପାରୁନଥାଏ ।

ସାତ ଆଠ ବର୍ଷର ଡଉଲଡାଉଲ, ଗୋରା ତକ୍‌ତକ୍ ନିଖୁଣ ପିଲାଟାଏ । କିଛିବର୍ଷ ପାଳି ପୋଷି ରଖିଦେଲେ ବଳି ପାଇଁ ଆଛା ମେରିହାଟାଏ ହେଇ ବାହାରିବ । ଯେବେ ଧରଣୀପେନୁ ସପନେଇବ ବଳି ଦେବାରେ ଆଉ ଅସୁବିଧା ନାହିଁ । ଏଥର ମନଖୁସିରେ ଗାଁମୁଖିଆ ଗାଁ ମାଇପେଙ୍କୁ ଆଦେଶ ଦେଲେ ସ୍ୱାଗତ ପର୍ବ ପାଇଁ । ଗାଁ ମାଇପେ ମେଞ୍ଚେ ମେଞ୍ଚେ ହଳଦି ବଟାକୁ ବୋଳିଦେଲେ ପିଲାଟାର ଦେହସାରା । ମୁଣ୍ଡରେ ପ୍ରାଙ୍ଗା ଟିକିଏ ଟିକିଏ ପକେଇଦେଇ ହୁଳହୁଳି ଭଳି ଏକ ବିଚିତ୍ର ସ୍ୱରରେ ଗଗନ ପବନ କମ୍ପେଇ ଦେଲେ । ଧାଙ୍ଗିଡ଼ିମାନେ ଡଉଲ ପିଲାଟାକୁ ଦେଖି ମଝିରେ ମଝିରେ ପିଲାଟାର ଗାଲକୁ ଗେଲରେ ଚିମୁଟି ଦିଅନ୍ତି । ପିଠିକୁ ଥାପୁଦେଇ ଦିଅନ୍ତି, କିଛି ବୁଢ଼ିମାନେ ଶରଧାରେ କାଖେଇ ପକାନ୍ତି ।

ଏଥର ଆରମ୍ଭ ହେଲା ତେଲ ମାଲିସ୍ ପର୍ବ । ଗରାତେଲରେ ପିଲାଟିର ଦେହରୁ ମୁଣ୍ଡ ଯାଏ ମାଲିସ୍ କରି ଗୋରାଦେହକୁ ପୁରା ହଳଦିଆ କରିଦେଲେ । ମାଟିଗୁରୁ କୁଇ ଭାଷାରେ କିଛି ମନ୍ତ୍ରପାଠ କରି ଧରଣୀପେନୁକୁ ଚାଉଳ ପୁଞ୍ଜି ବାଢ଼ି ଦେଲେ ଏବଂ ମଦ ଥିପେଇ ଦେଇ ଗୋଟିଏ ମନ୍ଦାର ଫୁଲମାଳ ପିଲା ବେକରେ ପକାଇଦେଇ ଆଦେଶ ଦେଲେ ଗାଁ ମଧକୁ ଶୁଭଯାତ୍ରା ଉଦ୍ଦେଶ୍ୟରେ । ଢୋଲ, ଢାପ୍, ଟମକ୍, ଶିଙ୍ଗା, ମହୁରୀ, ବାଦ୍ୟର ତାଳେ ତାଳେ ଗ୍ରାମବାସୀ ଝୁମିବାକୁ ଲାଗିଲେ । ଗାଁ ମୁଖିଆ ପିଲାଟିର ହାତ ଧରି ବାଟ କଢ଼େଇ ନେଇ ଚାଲିଲେ ଗାଁ ଭିତରକୁ । ଗ୍ରାମ ପରିକ୍ରମା ପରେ ଧରଣୀପେନୁ ପୀଠକୁ ପିଲାଟିକୁ ନେଇ ଛାଟଖଣ୍ଡ (ବଳିଖୁମ୍ବ)ରୁ ରକ୍ତମିଶା ମେଞ୍ଚେ ସିନ୍ଦୂର ଆଣି ବୋଳି ଦେଲେ ପିଲାଟିର ମଥାରେ ଏବଂ ଜବରଦସ୍ତି ମୁଣ୍ଡଟାକୁ ନୁଆଁଇ ମୁଣ୍ଡିଆଟାଏ ମରାଇ ଦେଇ ନେଇଗଲେ ଡିଣ୍ଡାଘର (ଧାଙ୍ଗଡ଼ା ଘର)କୁ । ସେଇଠି ତା ରହିବାର ସମସ୍ତ ବନ୍ଦୋବସ୍ତ କରିଦିଆଗଲା । ପାଳିକରି ପ୍ରତିଦିନ ଗାଁବାଲା ପିଲାଟିର

ଖାଇବା ଦାୟିତ୍ୱ ବହନ କଲେ । ଗାଁ ମୁଖିଆ ପିଲାଟିର ନୂତନ ନାମକରଣ କଲେ 'ଟିମ୍ପା' । ସେହିଦିନଠାରୁ ପିଲାଟି ଟିମ୍ପା ନାମରେ ନୂଆ ପରିଚୟ ପାଇ ରହିଲା ଗାଁରେ ।

ଟିମ୍ପା ଘରର ଗୋଟିଏ କଡ଼ରେ ବସି ମୁହଁ ପୋତି ବହୁତ କାନ୍ଦେ । ବାପା, ମାଆ, ଜେଜେମା, କୁନି ଭଉଣୀ ଓ ଗାଁ ସାଙ୍ଗସାଥୀଙ୍କୁ ମନେପକାଇ ଲୁହ ଗଡ଼ାଏ । ଖାଇବା ପିଇବା ତାକୁ ରୁଚେ ନାହିଁ । ଧାଙ୍ଗଡ଼ାଘର ଦାୟିତ୍ୱରେ ଥିବା ବୁଢ଼ୀମା ଖାଦ୍ୟ ଧରି ଆସି ଟିମ୍ପାକୁ ଖୋଇଦିଏ । ତା' ଆଖିରୁ ଲୁହ ପୋଛିଦେଇ କହେ "କାନ୍ଦନା ଧନ, ଦେବ୍‌ତା ତତେ ଆମର ଗାଁକେ ପଠେଇବି, ତୋର ବଡ଼ ଭାଗ୍ୟ, ଧରଣୀପେନୁ ପୂଜାରେ ଲାଗ୍‌ବୁ ।" ରାତିରେ ସେଇ ବୁଢ଼ୀମା କୋଳରେ ଶୋଇଯାଏ ଟିମ୍ପା । ଧିରେଧିରେ ସେ ଦୁଃଖ କରିବା ଭୁଲିଗଲା । ଆଜିକାଲି ଆଉ ସେ କାନ୍ଦୁନି । ତା' ବୟସର ଗାଁ ପିଲା ତାକୁ ଖେଳିବାକୁ ନେଇ ଯାଉଛନ୍ତି । ଗାଁରେ ତା'ର ପ୍ରଚୁର ସ୍ୱାଧୀନତା । ଯେତେବେଳେ ଯା' ଘରକୁ ଚାହେଁ ସେ ଯାଇପାରୁଛି । ସମସ୍ତେ ତାକୁ ଶ୍ରଦ୍ଧାରେ କିଛି ନା କିଛି ଖାଇବାକୁ ଦେଉଛନ୍ତି । କୌଣସି କାମରେ ତାକୁ କେହି ବାଧା ଦେଉନାହାନ୍ତି । ଗାଁ ପିଲାଙ୍କ ସାଙ୍ଗରେ ସେ ନାଳକୁ ଗାଧୋଇ ଯାଉଛି, ବଣ ଜଙ୍ଗଲକୁ ଯାଇ ବିଭିନ୍ନ ଫଳ ଖାଉଛି । ଶିକାର କରିବା କୌଶଳ ସବୁ ଦେଖୁଛି ଇତ୍ୟାଦି ଇତ୍ୟାଦି ।

ଏଣିକି ସିଏ ବଡ଼ ହୋଇଗଲାଣି । ରାତିରେ ଡିଣ୍ଡାଘର ଯାଇ ଧାଙ୍ଗିଡ଼ି ନାଚ ଦେଖୁଛି । ସାଙ୍ଗ ସାଥିଙ୍କ ସହ ଯାତରା ବୁଲି ଯାଉଛି । ଧାଙ୍ଗିଡ଼ିମାନଙ୍କ ସହ ହସଗମାତ ହେଉଛି । ଧାଙ୍ଗିଡ଼ିମାନଙ୍କ ସହ କଥା ହେଲାବେଳେ ତା' ଦେହରେ ବିଜୁଳି ଭଳି କ'ଣ ଗୋଟେ ଖେଳିଯିବାର ଅନୁଭବ ସେ କରୁଛି । କିନ୍ତୁ ଯେତେବେଳେ ସେ ଭାବିଦିଏ ଯେ ସେ ବଳିପଡ଼ିବା ପାଇଁ ବନ୍ଧା ରହିଛି ତା' ମନ ମରିଯାଏ । ବାହାହେବା, ସଂସାର କରିବା ଏସବୁ ତା' ପାଇଁ ସାତ ସପନ ପରି ଲାଗେ । ସେ ମନ ମାରି ବସେ । ଧାଙ୍ଗିଡ଼ିମାନେ ଥଟ୍ଟା କରନ୍ତି । "କୋଉ କନିଆ କଥା ଭାବୁଛୁ ? ଯାତରାରୁ ଟୁକ୍‌ଲିଟେ ଭିଡ଼ିନେଇ ଆସୁନୁ ।" ଇତ୍ୟାଦି ଇତ୍ୟାଦି । ସେ କୃତ୍ରିମ ହସଟିଏ ହସିଦେଇ ମୁହଁ ଫେରାଇନିଏ । ଆଜିକାଲି ଏକା ଏକା ବସିବାକୁ ଭାରି ଇଚ୍ଛା ହେଉଛି ତାର । ସେ କାହା ସହ ସାଙ୍ଗ ହେଉନି । ଏକାଏକା ନାଳକୁ ଗାଧୋଇଯାଏ, ଏକା ଏକା ବସି ଏଣୁ ତେଣୁ ଗୁଡ଼ାଏ ଭାବେ ଗୋଟିଏ କଣରେ । ଭାବନା ଭିତରେ ବୁଡ଼ିଯାଇ ସେ ଭୁଲିଯାଇଥିଲା ସମୟକୁ । ହଠାତ୍ ଭୋକ ଲାଗିବାରୁ ସେ ଅନୁଭବ କଲା ବେଳ ବହୁତ ହେଲାଣି । ଘର ବାହାରକୁ ଆସି ସେ ଦେଖିଲା ବେଲାପେନୁ (ସୂର୍ଯ୍ୟ ଦେବତା) ମୁଣ୍ଡ ଉପରୁ ଦୂରେଇ ଗଲେଣି । ସେ ଦୌଡ଼ିଲା ପାଖ ଝରଣାକୁ ଗାଧୋଇବା ପାଇଁ । ଝରଣାରେ ଗାଧୋଉ ଗାଧୋଉ ସେ ଦେଖିଲା ପାଖ ଗାଁର ଝରଣା ତୁଠରେ ଗୋଟିଏ ଟୁକ୍‌ଲି ଗାଧୋଉଛି । ନିରେଖି ନିରେଖି ଦେଖିଲା ଯା ଦେହରେ ତ ଚିତା ନାହିଁ, ତେବେ ଇଏ ଏ ଅଞ୍ଚଳର ଟୁକ୍‌ଲି ନୁହଁ । ଝରଣା ଜଳରୁ ଉଠି ଠିଆହେଇ ଭଲ କରି ବାହିଁଲା ଟୁକ୍‌ଲି ଆଡ଼େ । ଟୁକ୍‌ଲିଟା ଟିମ୍ପାର ଚାହାଣିରେ ସାମାନ୍ୟ ଇତସ୍ତତଃ ହେଇଉଠିଲା ଏବଂ ନିଜ ଲୁଗାପଟା ସଜାଡ଼ି ଝରଣା ପାଣିରୁ ଉଠି କ୍ଷିପ୍ରଗତିରେ ଚାଲିଯିବାକୁ ଲାଗିଲା । ପଛେପଛେ ଟିମ୍ପା ଅନୁଧାବନ କଲା ତାର ପରିଚୟ ଜାଣିବା ପାଇଁ । ଟୁକ୍‌ଲିଟା କିନ୍ତୁ ବାରମ୍ବାର ପଛକୁ ଚାହିଁ ବାହିଁ ଦଉଡ଼ି ପଳାଇଲା ଜଙ୍ଗଲ ଭିତରକୁ । ଟିମ୍ପା ଫେରିଆସିଲା ଗାଁକୁ । ସେଦିନ ରାତିରେ ସେ ଟୁକ୍‌ଲି କଥା ଭାବି ଭାବି ଶୋଇ ପାରିଲା ନାହିଁ । ପରଦିନ ବି ଠିକ୍ ସେଇ ସମୟରେ ସେ ବାହାରିଲା ଝରଣା କୂଳକୁ, ଟୁକ୍‌ଲିଟା ସେମିତି ଗାଧୋଉଛି । ଏଥର ସେ ସ୍ଥିର ଚିତ୍ତରେ ଠିଆ ହୋଇ ଅନେଇ ରହିଲା ତାକୁ ସେ ଗାଧୋଇ ସାରି ଫେରିବା ପର୍ଯ୍ୟନ୍ତ । ଏମିତି କିଛିଦିନ ପରେ ସେ ଲକ୍ଷ୍ୟ କଲା ଝିଅଟି ତା' ଆଡକୁ ବାହୁଁଛି । ଆଗଭଳି ଆଉ ଇତସ୍ତତଃ ହେଉନି । ଦାନ୍ତ ଦେଖେଇ ହସିଲା ଟିମ୍ପା । ଝିଅଟି ବି ସାମାନ୍ୟ ହସି ଦେଇ ଚାଲିଗଲା ।

ପରଦିନ ଠିକ୍ ସେଇ ସମୟରେ ଟିମ୍ପା ଝରଣା କୂଳରେ ଅପେକ୍ଷାକଲା ଟୁକ୍‌ଲିଟାକୁ । ଟୁକ୍‌ଲି ଆସିବା ପରେ ଧିରେ ଧିରେ ଅଗ୍ରସର ହେଲା ତାରି ଆଡକୁ । ଦୂରରେ ରହି ପଚାରିଲା 'ଏ ତୋର୍ ନାଁ କାଡ଼ା ?'

ଟୁକ୍‌ଲି କହିଲା 'ସମ୍ପାରି । ତୋର୍ ନାଁ ?'

'ମୁଇଁ ଟିମ୍ପା ।'

'କେନୁ ଆଇଚୁ ?'

'ଗଞ୍ଜାମରୁ ମତେ ଆଣିବନ୍ତି, ତୁଇ କେନୁ ଆଇଚୁ ?'

'ମୁଇଁ ବି ଗଞ୍ଜାମରୁ ।'

ପଛରୁ କିଏ ଗୋଟେ ଡାକ ପକେଇଲା 'ଟିମ୍ପା ଏ ଟିମ୍ପା, ଆ ଯାତରା ଦେଖିଯିବା ।'

ଟିମ୍ପା ଫେରୁ ଫେରୁ କାଲି କଥା ହେବା କହି ଚାଲିଗଲା ।

ପରଦିନ ଟିମ୍ପା ଆସିବା ଆଗରୁ ସମ୍ପାରି ଅପେକ୍ଷା କରି ଠିଆ ହୋଇଛି ଝରଣା କୂଳରେ ଯେଉଁଠି ଗତକାଲି ସେମାନେ କଥା ହେଉଥିଲେ । ଟିମ୍ପାକୁ ଦେଖି କଥା ଆରମ୍ଭ କଲା । ' ମତେ ପିଲାବେଳୁ ଧରି ନେଇ ଆସିଛନ୍ତି ବଳିଦେବା ପାଇଁ । ଗାଁରେ ସମସ୍ତେ ମତେ କେତି ଆଉ କେହି କେହି ମିର୍ମି ବୋଲି ମଧ୍ୟ ଡାକନ୍ତି । ଝିଅବଳିକୁ ସେମାନେ ଏହି ନାମରେ ଡାକନ୍ତି । କେତେବେଳେ ଯେ ଧରଣୀପେନୁ ସପନେଇ ଦବ, ମୁଁ ଏମାନଙ୍କ ହାତରେ ବଳିପଡ଼ିବି । ତୁଇ କାଇଲାଗି ଇନେ ଅଛୁ ?'

ଟିମ୍ପା ଦୀର୍ଘଶ୍ୱାସଟିଏ ପକାଇ ଉତ୍ତରଦେଲା, 'ମୁଇଁ ବି ସେଥିଲାଗି ଧରା ହେଇ ଆଇଚି । କେଜାଣି କେଉଁଦିନ ମୋ ପାଳିବି ପଡ଼ିଯିବ କିଏ କହିବ ? ହେଲେ...' ଏତିକି କହି ଟିମ୍ପା ନିଜ ହାତରେ ନଖ ଖୁଣ୍ଟି ଖୁଣ୍ଟି ତଳକୁ ଚାହିଁ ଚୁପ୍ ରହିଲା । ଟିମ୍ପାର ଚୁପ୍ ରହିବା ଦେଖି ସମ୍ପାରି ତାକୁ

ଝାଙ୍କିଦେଇ ପଚାରିଲା, 'ହେଲେ କାତା ? କାତା କହିବାକୁ ତୁଇ ବାହୁଁବୁ ?'

ଟିମ୍ପା- 'ତତେ ଦେଖିଲା ପରଠୁ ଜୀଇଁବାକୁ ଭାରି ଇଛା ହେଉଛି ଲୋ । ତୁଇ ମତେ ଭାରି ଭଲ ଲାଗୁଛୁ ।'

ସମ୍ପାରି ଲାଜେଇ ଯାଇ କହିଲା, 'ମତେ ବି ତୁଇ ଭଲ ଲାଗୁଚୁ, ହେଲେ ଆମେ କାଡା କରିବା ? ଜୀଇଁଥିବା ଯାଏ ଏମିତି ଲୁଚି ଲୁଚି ମିଶିବା ଛଡ଼ା ଆଉ କାଡ଼ା କରିପାରିବା । ବେଲ ହେଲାଣି ମୁଇଁ ଯାଉଛି କାଲି ପୁଣି ଦେଖାହେବ ।'

ପ୍ରତିଦିନ ଝରଣା କୂଳର ସେଇ ବୁଦା ମୂଳେ ଉଭୟେ ଗପ କରନ୍ତି ।

ବର୍ଷା ଋତୁ, ଝରଣା ପାଣି ଫୁଲି ଉଠିଛି । ଜଙ୍ଗଲର ଗଛ ବୁଦା ଅଧିକ ଘଞ୍ଚ ହେଇ ଅନ୍ଧାରୁଆ ଦେଖାଯାଉଛି । ସେଇ ବୁଦାମୂଳେ ଗପିବାଲିଛନ୍ତି ଟିମ୍ପା ଏବଂ ସମ୍ପାରୀ । ହଠାତ୍ ବକ୍‌ଚାକ୍ ଆଲୋକର ଝଲକ ଦେଖାଇ ବିଜୁଳି ସହ ଘଡ଼ଘଡ଼ି ଶବ୍ଦ ପ୍ରକମ୍ପିତ କରିଦେଲା ବନଭୂମୀ । ସମ୍ପାରୀ ଆଃ ଚିତ୍କାର କରି ଭୟରେ ଲୋଟିପଡ଼ିଲା ଟିମ୍ପା ଛାତିରେ । ଟିମ୍ପା ଦୁଇ ହାତରେ ଜାବୁଡ଼ି ଧରିଲା ସମ୍ପାରୀକୁ । ଦୁଇ ଚାରି ବୁନ୍ଦା ବର୍ଷା ଜଳ ଝରିପଡ଼ିଲା ଆକାଶ ଛାତିରୁ ଟିମ୍ପାର ଦେହ ଉପରେ । ତଳେ ଓଦା ମାଟିର ଗନ୍ଧ ଆଉ ମୁହଁ ପାଖରେ ଟିମ୍ପାର ଝାଳୁଆ ପୁରୁଷ ଗନ୍ଧ ବିମୋହିତ କରୁଥିଲା ସମ୍ପାରୀକୁ । ପୁରୁଷ ଅଙ୍ଗର ପ୍ରଥମ ସ୍ପର୍ଶରେ ତା' ଦେହରେ ବି ବିଜୁଳି ଖେଳିଯାଇଛି ଯେମିତି । ସେ ମାନସିକ ସ୍ତରରେ ଏବଂ ଶାରୀରିକ ସ୍ତରରେ ଦୁର୍ବଳ ଅନୁଭବ କରୁଛି । ସବୁ ଦମ୍ଭ ତୁଟିଯାଇଛି ତାର । ଟିମ୍ପା ଛାତିରୁ ନିଜକୁ ମୁକୁଳେଇବାର ଶକ୍ତି ବି ତାର ନାହିଁ । ଆଖିବୁଜି ଲତା ଭଳି ଜାବୁଡ଼ି ଧରିଛି ଟିମ୍ପାର ବଳିଷ୍ଠ ପୃଷ୍ଠକୁ । ଟିମ୍ପା ବି ନାରୀର ଏଇ ପ୍ରଥମ ତଥା ଗଭୀର ଆଶ୍ଳେଷରେ ବିଭୋର ହୋଇଯାଇଛି । ଅଜାଣତରେ ଉଭୟେ ଚାଲି ଯାଇଛନ୍ତି ବୁଦାଗହଳିକୁ ଆଉ ପ୍ରାଣ ଭରି ଉପଭୋଗ କରିଛନ୍ତି ଯୌବନର ନିବିଡ଼ ବିଭୋର ପଣକୁ । ଦେହର ତାତି ମରିବା ପରେ ଲାଜେଇ ଯାଏ ସମ୍ପାରୀ, ତା ଓଠ ଥରି ଉଠେ ଏବଂ ସେ ନିଜର ପିନ୍ଧାଲୁଗାକୁ ସଜାଡ଼ିଦେଇ କ୍ଷୀପ୍ର ଗତିରେ ଦଉଡ଼ି ଚାଲିଯାଏ ଗାଁ ଭିତରକୁ ।

ଏଇ ନିଛାଟିଆ ଝରଣାକୂଳର ବୁଦାଳିଆ ଜଙ୍ଗଲ ସେମାନଙ୍କୁ ଅନେକ ସୁଯୋଗ ଦେଇଛି ବହୁବାର ପରସ୍ପର ସହିତ ଘନିଷ୍ଠତର ହେବାକୁ । ସେମାନେ ମନଖୋଲି ହସିଛନ୍ତି, ଗପିଛନ୍ତି, ସୁଖ, ଦୁଃଖ, ମାନ, ଅଭିମାନର ଅନୁଭୂତି ସାଉଁଟିଛନ୍ତି ଏବଂ ପରସ୍ପରର ବାହୁ ବନ୍ଧନରେ ହଜେଇ ଦେଇଛନ୍ତି ନିଜକୁ ଏବଂ ନିଜର ଚିନ୍ତା ଚେତନାକୁ ।

ଶରତ ଋତୁର ନିର୍ମଳ ଆକାଶ ସବୁଦିନ ରହେନି । ସେଇ ଅକାଶରେ ବି ବେଳେବେଳେ ସୃଷ୍ଟି ହୁଏ ବୈଶାଖି ଝଡ଼ । ସେଇମିତି ଝଡ଼ର ଆଘାତରେ ଏକ ବାତ୍ୟାବାହିତ ପତ୍ରଟିଏ ପରି ଟିମ୍ପା ଟିମ୍ପା ଚିତ୍କାର କରି ସାମାନ୍ୟ ବିଳମ୍ବରେ ପହଞ୍ଚିଲା ସମ୍ପାରୀ ସେଇ ଝରଣା କୂଳରେ । ଟିମ୍ପା ଚକିତ ହେଇ ଚାହିଁ ରହିଲା ସମ୍ପାରୀ ମୁହଁକୁ । ଇତଃସ୍ତତଃ ହେଇ ଚତୁର୍ଦ୍ଦିଗକୁ ଅନେଇ ଟିମ୍ପା ଧିର ଗଳାରେ ପଚାରିଲା 'କାଡାହେଲା ? କାଇଲାଗି ପାଟି କରୁଚୁ ? ?'

'କାଲି ରାତିରେ ଗାଁରେ ସଭା ବସିଥିଲା । ଗରୁଗୁଣିଆ କହିଲା ତା'କୁ ଧରଣୀପେନୁ ସପନେଇଚି ରକତ ପିଇବାକୁ ଆଉ ନାଚିବାକୁ । ସେଇଥି ଲାଗି ବଇଶାଖମାସର ଶେଷ ରଇବାରେ ଧରଣୀପେନୁ ପୂଜା ହବ ଏବଂ ମିରମି ବଳି ଦେବେ । ମୋର ମରିବା ସମୟ ପାଖେଇଗଲା । ମୁଇଁ କିନ୍ତୁ ମରିବାକୁ ଚାହୁଁନି ଟିମ୍ପା । ତୋର ଛୁଆକୁ ମୁଇଁ ପେଟରେ ଧରିଚି । ତାକୁ ଜନମ ଦେବାକୁ ବାହୁଁଚି ମୁଁ । ତୋର ସାଙ୍ଗେ ମୁଇଁ ଘର କରିବି । ମତେ ଜୀଇଁବାକୁ ବହୁତ ଇଛା ଟିମ୍ପା । କାଡା ଗୋଟେ କର ଟିମ୍ପା କାଡା ଗୋଟେ କର ।'

ଟିମ୍ପା ଏକଥା ଶୁଣି ସ୍ଥାଣୁ ପାଲଟିଯାଇଥିଲା । ତାର ଆଖିର ପଲକ ପଡୁନଥିଲା । ସେ ଯେମିତି ନିର୍ଜିବ ପାଲଟି ଯାଇଥିଲା । ଟିମ୍ପାର ନିରବତା ଦେଖି ସମ୍ପାରୀ ତାର ଦୁଇ ବାହୁକୁ ଧରି ହଲେଇଦେଇ ପାଟିକଲା 'ଟିମ୍ପା ତତେ ଶୁଭୁଚି ନା ନାଇଁ ବୋ । ମୁଇଁ ଜୀଇଁବାକୁ ବାହେଁ । ମୁଇଁ ମୋର ଛୁଆକେ ଦେଖିବି । ତୋର ସାଙ୍ଗେ ଘରକରିବି ।'

ଟିମ୍ପା ଚେତା ଫେରି ପାଇଲା 'ଆଁ ହଁ ହଁ । ଆମେ ଘର କରିବା, ଆମର ଛୁଆକେ ଦେଖିବା । ଆମେ ଜୀଇଁବା । ଗୁଟେ କାମ କର । ତୋର ସାଙ୍ଗ କୁରେଇ । ତା ସାହାଯ୍ୟରେ ଆଜି ରାତିରେ ଡିଣ୍ଡାଘରେ ଧାଙ୍ଗଡ଼ା ଧାଙ୍ଗିଡ଼ି ନାଚୁଥିବା ବେଲେ ତୁଇ ପଳେଇ ଆ ଏଠିକି । ମୁଇଁ ବି ଆସିବି । ଆଜି ରାତିରେ ଆମେ ଏ ଗାଁ ଛାଡ଼ି ପଳେଇଯିବା ।'

ଆଖିରୁ ଲୁହ ପୋଛିଦେଇ ସମ୍ପାରୀ ଫେରିଗଲା ଗାଁକୁ । ତା' ସାଙ୍ଗ କୁରେଇ ସହ କଥାଭାଷା କରି ପ୍ରସ୍ତୁତ କଲା ଯୋଜନା । ରାତିର ଅନ୍ଧାରରେ ଡିଣ୍ଡାଘରକୁ ପହଞ୍ଚିଲେ ଧାଙ୍ଗଡ଼ାମାନେ । ଖଞ୍ଜଣୀ ବଜାଇ ଗୀତ ଗାଇଲେ । ଧାଙ୍ଗିଡ଼ିମାନେ ସ୍ୱର ମିଳାଇ ହାତ ଧରାଧରି ହେଇ ନାଚିବା ଆରମ୍ଭ କଲେ । ସମସ୍ତେ ଯେତେବେଳେ ନାଚରେ ମସ୍‌ଗୁଲ ହେଇଉଠିଲେ କୁରେଇ ଅନ୍ୟମାନଙ୍କ ହାତରୁ ନିଜ ହାତ ଖସେଇ ଯୋଡ଼ିଦେଲା ଅନ୍ୟ ଦୁଇଜଣ ଧାଙ୍ଗିଡ଼ିଙ୍କ ହାତ ଏବଂ ଚାଲିଲା ସମ୍ପାରି ନିକଟକୁ । ସମ୍ପାରି ଡିଣ୍ଡାଘର ପଛପଟେ ପ୍ରସ୍ତୁତ ହେଇ ଠିଆ ହେଇଛି । ରାତିର ଘନ ଘୋର ଅନ୍ଧାରକୁ ନମାନି ଦୁହେଁ ଅଗ୍ରସର ହେଲେ ଝରଣା କୂଳକୁ । ଅପେକ୍ଷା କରିଥିବା ଟିମ୍ପା କୁରେଇ ପ୍ରତି କୃତଜ୍ଞତାର ଚାହାଣୀଟିଏ ଢାଳିଦେଇ ଧରିଲା ସମ୍ପାରିର ହାତ ଏବଂ ଦୁହେଁ ହଜିଗଲେ ଜଙ୍ଗଲ ଭିତରେ ।

ଧାଙ୍ଗଡ଼ା, ଧାଙ୍ଗିଡ଼ି ନାଚ ଭିତରେ କୁରେଇର ଅନୁପସ୍ଥିତି ବ୍ୟସ୍ତ କରୁଥିଲା ତା ପ୍ରେମିକ ଗୋଚାଲାକୁ । ସେ କୁରେଇକୁ ଖୋଜି ଖୋଜି

ଦେଖିସାରିଥିଲା ସମାରି ସହ ଝରଣାକୂଳକୁ ଯିବାର । ଫେରିଲା ବେଳେ କୁରେଇକୁ ଏକା ଦେଖି ସେ ନାଲି ଆଖି ଦେଖାଇ ପଚାରିଲା, 'କେନେ ଯାଇଥିଲୁ ?' ଏପାଖ ସେପାଖ ଚାହିଁ ପୁଣି ପଚାରିଲା 'ସମାରି କାହିଁ ? ?'

କୁରେଇ ନିରବ ।

'କାହିଁ ସମାରି ?କେନେ ଗଲା ସେ ? ?'

'ମୁଇଁ ନାଇଁ ଜାଣେ' କୁରେଇ ଉତ୍ତର ଦେଲା ।

ରାଗି ଉଠିଲା ଗୋବାଲା । 'ତୁଇ ସବୁ ଜାଣିଛୁ ? କହ ! କାହିଁଗଲା ସମାରୀ ?'

'କହିଲି ପରା ମୁଇଁ ନାଇଁ ଜାଣେ ? ତୁଇ କାଇଲାଗି ତା'ର କଥା ପଚାରୁଚୁ ?'

'ମୁଇଁ ତୋର ମରଦ ହେମି । ତୋ ଉପରେ ମୋର ଅଧିକାର ଅଛି । କହ କେନେ ଗଲା ସେ ? ନାଇଁ ତ ମୁଇଁ ଗାଁ ବାଲାକେ ସାମନେ ତତେ ଦଣ୍ଡ ଦେବି ।'

କୁରେଇ ବିରକ୍ତ ହେଇ କହିଲା 'ସେ ଗାଁ ଛାଡ଼ି ପଳେଇଛି ।'

ଗୋବାଲା 'କାଡା ବୋଇଲୁ ତୁ ସେ ପଳେଇଛି । ଗାଁରେ ଲଙ୍ଗଳ ଗାର ମରା ସରିଲାଣି । ଆଉ ସାତଦିନ ପରେ ତାକୁ ବଳି ଦିଆଯିବ । ସେ ପଳେଇଗଲା ?'

ଦୌଡ଼ିଲା ଗୋବାଲା ଗାଁ ଭିତରକୁ । ଚିତ୍କାର କରି ଡାକିଲା ଗାଁ ଲୋକଙ୍କୁ 'ଶୁଣୁଛ ଭାଇମାନେ ମିମି ସମାରି ଆଉ ନାହିଁ । ସେ ଗାଁ ଛାଡ଼ି ପଳେଇଲା ।'

ସମସ୍ତେ ଆଶ୍ଚର୍ଯ୍ୟ ହେଇ ଉଠିଲେ ଏବଂ ସମସ୍ତଙ୍କ ମୁହଁରୁ ଗୋଟିଏ ସ୍ୱରରେ ବାହାରିଲା 'ଚାଲ ଜଙ୍ଗଲ ସାରା ଖେଦିଯିବା । ସେ ବେଶୀ ବାଟ ଯାଇନଥିବ ।'

ଯେ ଯାହାର ଅସ୍ତ୍ରଶସ୍ତ୍ର ଧରି ବାହାରିଗଲେ ଜଙ୍ଗଲକୁ। ଗାଁ ଶେଷ ପାହାଡ଼ ବଢ଼ି ଟିମା ଓ ସମାରି ଯାଉଥିବା ସମୟରେ ଧରି ନେଲେ ଉଭୟଙ୍କୁ । ସମାରୀକୁ କଡ଼ା ନଜର ଭିତରେ ରଖାଗଲା ଡିଣ୍ଡା ଘରେ ଏବଂ ଟିମାକୁ ଅନ୍ୟ ଗାଁ ମୁଖିଆକୁ ହସ୍ତାନ୍ତର କରାଗଲା । ତାର ହାତ ଏବଂ ଗୋଡ଼ରେ ଶିକୁଳି ପକେଇ ରଖିଲେ ସେଇ ଗାଁ ଲୋକେ ।

ସମାରୀ ନିଜର ମୃତ୍ୟୁର ଦିନ ଗଣୁଥାଏ ବସିବସି । ରଇବାର ଦିନ ସେ ବଳି ପଡ଼ିବ । ନିଜ ଜୀବନ ପ୍ରତି ତା'ର ଯେତିକି ଲୋଭ ନାହିଁ ତା'ପେଟରେ ଥିବା ଛୁଆଟା ପ୍ରତି ତା'ର ଯଥେଷ୍ଟ ମମତା । ବୃଦ୍ଧୀ ମାଉସୀକୁ ସେ ଅନେକ ଥର ଅନୁରୋଧ କରିଛି ଅନ୍ତତଃ ଛୁଆଟି ଜନ୍ମ ହେବା ଯାଏଁ ତାକୁ ବଞ୍ଚିବାକୁ ଦେବାକୁ। ତା'କଥା କେହି ଶୁଣିନାହାନ୍ତି ।

ସମାରୀର ମୃତ୍ୟୁ ନିଶ୍ଚିତ ଜାଣି ଟିମା ଆଧାର ଛାଡ଼ି ଦେଲାଣି । ମରଦଟାଏ ହେଇବି ରକ୍ଷା କରିପାରୁନି ତା ତିରିଲାକୁ । ନିଜକୁ ଧିକ୍କାର କରୁଛି ସେ ବନ୍ଦ କୋଠରୀରେ ।

ଗାଁରେ ଉତ୍ସବର ମାହୋଲ । ପାଖ ପଡ଼ୋଶୀ ଗାଁରୁ କୁଣିଆମାନଙ୍କୁ ନିମନ୍ତ୍ରଣ କରାଗଲାଣି ଧରଣୀପେନୁ ପୂଜା ଦେଖିବା ପାଇଁ । ବାଦ୍ୟ ବାଜଣା କରି ବିଭିନ୍ନ ଗାଁର ଲୋକମାନେ ଚାଉଳ, ପନିପରିବା, କୁକୁଡ଼ା, ଛେଳି, ଘୁଷୁରି ଏବଂ କାନ୍ଦୁଲ ଡାଲି ଆଣି ଦେଇ ଯାଉଛନ୍ତି ଭୋଜି ପାଇଁ। ମହୁଲୀ, ସଲପ ରସର ନିଶାରେ ଗାଁ ସାରା ଉବୁଟୁବୁ ।

ଗାଁରେ ଶୁଭ ଖୁଣ୍ଟି ପୋତାଗଲା । ଶୁଭ ଖୁଣ୍ଟି ଅଗ୍ରରେ ବନ୍ଧା ଯାଇଥିଲା ନାଲିକପଡ଼ା, ବଳି ଦିଆଯାଇଥିବା କୁକୁଡ଼ାର ଡେଣା ଏବଂ ସମାରୀ ମୁଣ୍ଡର କିଛି ଚୁଟି । ପବନ ଧକ୍କାରେ ସେ ଫରଫର ହେଇ ଉଡୁଛି । ତାକୁ ଦେଖି ଖୁସିରେ ନାଚୁଛନ୍ତି ଗାଁ ଲୋକେ । ନୂଆ ଛାଟ ଖମ୍ବ (ବଳିଖମ୍ବ) ପାଇଁ ମାଟିଗୁରୁ, ଦେହେରି, ବାହୁକ ଯାଇ ନେଇଆସିଲେ ଏକ ନିଖୁଣ ଶାଳ ଖମ୍ବ । ତା'ର ଅଗ୍ରଭାଗକୁ ମଣିଷ ବେକ ଓ ମୁଣ୍ଡ ଭଳି ଟାଙ୍ଗିଆ ସାହାଯ୍ୟରେ ଗଢ଼ିଦେଇ ପୋତାଗଲା ଧରଣୀପେନୁ ପିଠରେ । ପରଦିନ ବଳିପଡ଼ିବ ।

ରାତିସାରା ନିଦ ନାହିଁ ସମାରୀକୁ । ମୃତ୍ୟୁକୁ ସେ ନିଜ ଛାଇପରି ଦେଖୁଛି ପାଖରେ, ଅତି ପାଖରେ । ଝରକା ଦେଇ କୁରେଇ ସହ କେବେ କେମିତି ପଦେ ଦିପଦ କଥା ହେଇ ଆଖିରୁ ଲୁହ କେବଳ ଗଡ଼େଇ ଚାଲିଛି ସେ ।

ରାତି ପାହିଲା । ଗାଁର କିଛି ବୟସ୍କ ମହିଳା ସମାରିକୁ ହଳଦୀ ଲଗାଇ ଦେଲେ, ତକିଟା ମାଟିରେ ମୁଣ୍ଡ ସଫା କରି ଗାଧୋଇ ଦେଲେ ଝରଣାରେ । ତାପରେ ତାକୁ ଘରଘର ବୁଲାଗଲା ବାଦ୍ୟ ବାଜଣା ଓ ନୃତ୍ୟଗୀତ ସହ । ପ୍ରତିଘରର ମହିଳାମାନେ ତା ଉପରେ ବଟା ହଳଦୀ ବୋଳି ଦିଅନ୍ତି, ତେଲ ଘଷି ଦିଅନ୍ତି ଏବଂ ଚାଉଳ ଦିଟା ମୁଣ୍ଡରେ ପକାଇ କିଛି ଖାଇବାକୁ ଦିଅନ୍ତି । ସମାରୀ କିଂକର୍ତ୍ତବ୍ୟବିମୂଢ଼ ଭାବେ କେବଳ ନିରବ ଥାଏ । ଖାଦ୍ୟ ତାକୁ ରୁଚୁ ନଥାଏ ତଥାପି ଜବରଦସ୍ତ ତା' ପାଟିରେ ଭରି ଦିଆଯାଏ କିଛି ଖାଦ୍ୟ । ତାପରେ ଡିଙ୍ଗାଘରେ ତାକୁ ପିଇବାକୁ ଦିଆଗଲା ମହୁଲିମଦ । ସେ ବାରଣ କରିବା ସତ୍ତ୍ୱେ ବଳପୂର୍ବକ ପିଆଇ ଦିଆଗଲା ମଦ ପରେ ମଦ । ମଥାରେ ବୋଳି ଦେଲେ ମେଞ୍ଚେ ସିନ୍ଦୂର ଏବଂ ବେକରେ ଝୁଲେଇ ଦେଲେ ମନ୍ଦାର ଫୁଲର ମାଳ । ଏଥର ଯାତ୍ରାପଦାକୁ ନେବାକୁ ପ୍ରସ୍ତୁତ ହେଲେ ଗାଁବାଲା । ମହୁରୀ, ଶିଙ୍ଗା, ଢୋଲ, ଟାଙ୍ଗୁ ଗର୍ଜି ଉଠିଲା । ସମାରିକୁ ଦୁଇପଟୁ ଧରିଲେ ଦୁଇଜଣ ମହିଳା ଆଗକୁ ଆଗକୁ ଘୋଷାରୀ ନେଇଚାଲିଲେ । ହାତଯୋଡ଼ି ସମାରି ନେହୁରା ହେଉଥାଏ 'ଦେଖ, ମୁଇଁ ମାଆ ହେବାକୁ ଯାଉଛି ମତେ ଛାଡ଼ିଦିଅ । ମୋର ପିଲାଟା ଜନମ ହେଇସାରୁ ତମେ ମତେ ମାରିବ ।' କେହି ଶୁଣିବା ଅବସ୍ଥାରେ ନଥିଲେ ତା' କଥା । ତାକୁ ନେଇ ବାନ୍ଧି ଦିଆଗଲା ବଳିଖୁଣ୍ଟରେ । ବିଚିତ୍ର ଭାଷାରେ ମନ୍ତ୍ର ପଢ଼ି ଚାଲିଲା ପାଗଳ ପରି ଦେଖାଯାଉଥିବା ମାଟିଗୁରୁ । ଧୂପ, ଦୀପ,

ମନ୍ଦାର ଫୁଲ, ଅରୁଆ ବାଉଳ, ହଳଦୀ ସମର୍ପଣ କରି ମୁଠାଏ ଫିଙ୍ଗିଲେ ସେ ସମ୍ଵାରୀ ଉପରକୁ ।

ସମ୍ଵାରୀ ଚିତ୍କାରକରି ପୁଣି ଥରେ ପ୍ରତିବାଦ କଲା 'ମତେ ଛାଡ଼ିଦିଅ, ମୋ ପିଲା ପାଇଁ ମତେ ଛାଡ଼ିଦିଅ ।' ହସୁଥାଏ ମାଟିଗୁରୁ । ସେ ଆଦେଶ ଦେଲା ଏଥର ସମସ୍ତେ ପ୍ରସ୍ତୁତ ହେଇଯାଅ । ମିର୍ମିର ମାଂସ ସଂଗ୍ରହ କରିନେବାକୁ ଗାଁ ଜମିରେ ଏବଂ ତୁର୍କିପେନୁକୁ (ଖେତ ଦେବତାରେ) ସମର୍ପଣ କଲେ ପ୍ରଚୁର ଫସଲ ହେବ । ଏତକ ଶୁଣିବା କ୍ଷଣି ଚକ୍‌ଚକ୍ ଛୁରି ସବୁ ବାହାର କରି ସମସ୍ତେ ନାଚିବାକୁ ଲାଗିଲେ ଏବଂ ଅଗ୍ରସର ହେଲେ ସମ୍ଵାରୀ ଆଡକୁ । ମାଟିଗୁରୁର ପ୍ରଥମ ଅଧିକାର ଖଣ୍ଡେ ମାଂସ ନେବାର । ସେ ଯେମିତି ଛୁରି ଉଦ୍ୟତ କରିଛି ସମ୍ଵାରୀ କ୍ରୋଧାନ୍ୱିତ ହୋଇ ଚିତ୍କାର କରିଛି 'ଦେଖ । ମୁଁ ଏକ ଗର୍ଭବତୀ ମହିଳା । ମୋ ପେଟରେ ବଢୁଛି ଗୋଟେ କଅଁଳା ଛୁଆ । ଯଦି ତମେ ମାନେ ମତେ ବଳିଦିଅ ତେବେ ଘୋର ଅପରାଧ ହେବ ।' ତଥାପି ମାଟିଗୁରୁ ଆଗକୁ ବଢୁଥାଏ । ସମ୍ଵାରୀ ପୁଣି ପାଟିକଲା 'ମୁଁ ତମମାନଙ୍କୁ ଅଭିଶାପ ଦଉଛି । ଯେଉଁ ମାଟିମା'କୁ ସନ୍ତୁଷ୍ଟ କରିବା ପାଇଁ ତମେମାନେ ଆଉ ଗୋଟିଏ ମା'କୁ ବଳିଦେବାକୁ ବାହୁଁଛ, ସେଇ ମା କେବେ ସନ୍ତୁଷ୍ଟ ହେବନି । ଏଇ ପଡ଼ାରେ ବାସ କରୁଥିବା ଲୋକ କେବେ ଉନ୍ନତି କରିପାରିବ ନାହିଁ । ଏଠି କେବେ ଭଲ ଫସଲ ଫଳିବନି ।'

ଏତିକି କହିଲା ବେଳକୁ ସମସ୍ତେ ଶାଗୁଣାଙ୍କ ପରି ଝାମ୍ପିପଡ଼ିଲେ ସମ୍ଵାରୀ ଉପରକୁ ଏବଂ ନିମିଷକ ମଧ୍ୟରେ ସାରା ଦେହଟା କଙ୍କାଳରେ ପରିଣତ ହୋଇଗଲା । ଯିଏ ମାଂସ ଟିକେ ପାଇଲା ସେ ଆନନ୍ଦରେ ଦୌଡ଼ିଲା ତା' ଗାଁକୁ ନିଜ ଜମିରେ ପୋତିବା ପାଇଁ । ସମ୍ଵାରୀ ଦେହରେ ପଡୁଥିବା ପ୍ରତ୍ୟେକ ଛୁରୀକା ଆଘାତ ରକ୍ତାକ୍ତ କରି ଚାଲିଥିଲା ଟିମ୍ଵାକୁ । ସେ ରୁଦ୍ଧ କୋଠରୀ ଭିତରେ ଛଟପଟ ହେଉଥିଲା । ତା' ଦେହରୁ ଯେମିତି ବୋହି ଯାଉଥିଲା ଧାର ଧାର ରକ୍ତ । ତାକୁ ଦେଖାଯାଉଥିଲା ତା କଅଁଳ ଛୁଆଟା ଯେମିତି ଚିତ୍କାର କରି ତାକୁ ଡାକୁଛି ରକ୍ଷା କରିବା ପାଇଁ । ହଠାତ୍ ଟିମ୍ଵାର ଗାଁର ଯୁବକଟିଏ ପହଞ୍ଚି ଖୁସିରେ ପାଟିକରି କହିଲା, ମୁଁ ମିର୍ମି ମାଂସ ଆଣିଛି, ଗାଁ ମାଟିରେ ପୋତିବା ଆସ । ଏତକ କାନରେ ବାଜିଛି କି ନାହିଁ, ଆଧାର ଛାଡ଼ି ଦେଇଥିବା ଟିମ୍ଵା ହଠାତ୍ ଗଡ଼ି ପଡ଼ିଲା ଭୂଇଁରେ, ଉର୍ଦ୍ଧ୍ୱଗାମୀ ହେଇଗଲା ତାର ନିଃଶ୍ୱାସ ଏବଂ ଧିରେଧିରେ ନିଃସ୍ପନ୍ଦ ହେଇଗଲା ତା'ର ଶରୀର । ସେ ମଧ୍ୟ ସମ୍ଵାରୀ ପାଖକୁ ଚାଲି ଯାଇଥିଲା ତା' ଅଜାଣତରେ ତା ସହ ସଂସାର କରିବା ପାଇଁ ।

-ସମ୍ପାଦକ, ସବୁଜଶ୍ରୀ ସାହିତ୍ୟ ସଂସଦ,
ଫିରିଙ୍ଗିଆ, କନ୍ଧମାଳ, ୭୬୨୦୧୧
ଦୂରଭାଷ: ୯୪୩୭୭୭୦୪୭୦

*With Best Compliments from :*

IATO

RECOGNISED BY GOVERNMENT OF INDIA

ASTA

LOTUS TRANS TRAVEL PVT. LTD.

INDIA HEAD OFFICE : 6 A & B, Gopala Tower, 25, Rajendra Place, New Delhi-10008 (India)
Tel. : 91-11-25735073, 25718125, 25766559 • Fax : 91-11-25751960, 25763281
E-mail : lotus@del3.vsnl.net.in • Website : www.lotustranstravels.com

TOKYO OFFICE : 1206, Daichi Katsuragi Building, 2-Chome, 5-23 Takadanobaba
Shinjuku-ku, Tokyo, T169 Japan
Tel. : 03-3207-7042 Fax : 03-3207-7043

# ଦୁଃଖ ଏକ ଭରା ନଦୀ

ମହାନ୍ତି ଗୋପୀନାଥ

ଏତେ ଶୀଘ୍ର ଜୀବନରେ ଯେ ସାୟାହ୍ନ ଆସିଯିବ ତା' କଳ୍ପନା କରିନଥିଲେ ଅନୀମା । ଜୀବନରେ ଖାଲି ଦୁଃଖ ଆଉ ଦୁଃଖ । ଜୀବନଟା ଖାଲି ହା ହୁତାଶ; ସମଗ୍ର ସତ୍ତାକୁ ସତେକି ଯନ୍ତ୍ରଣା ଆବୋରି ବସିଛି । ଜୀବନର ସଂଜ୍ଞା ଏଠି ଅତି ଦୁର୍ବୋଧ ।

ଅନୀମା ଥିଲେ ଅନିନ୍ଦ୍ୟ ସୁନ୍ଦରୀ, ଗୌର ବର୍ଣ୍ଣା, ସୁଠାମ ଶରୀର । ସୌନ୍ଦର୍ଯ୍ୟ ତ ଈଶ୍ୱରଙ୍କର ଦାନ । ତାଙ୍କର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ମୁଗ୍ଧ କରୁଥିଲା । ବାପା ମା'ଙ୍କର ସେ ଥିଲେ ଅତି ଅଲିଅଳି କନ୍ୟା । ବାପାଙ୍କର ବ୍ୟବସାୟ, ଧନର ପ୍ରାଚୁର୍ଯ୍ୟ ତାଙ୍କର । ଏକମାତ୍ର ଭାଇ ସୁକାନ୍ତ । ଭାଇ, ଭଉଣୀଙ୍କ ମଧ୍ୟରେ ସ୍ନେହ ଅତୁଟ ।

ସ୍ୱପ୍ନର ଦୁନିଆରେ ଘୁରିବୁଲୁଥିଲେ ଅନୀମା । ବୁକୁତଳେ ଅମାପ ସ୍ୱପ୍ନ, ଶୟନେ, ସ୍ୱପନେ, ଜାଗରଣେ ଖାଲି ସ୍ୱପ୍ନ ଆଉ ସ୍ୱପ୍ନ । ଅସରନ୍ତି ସ୍ୱପ୍ନିଳ ରଜନୀଗନ୍ଧାର ମଧୁର ବାସ୍ନାରେ ସେ ହଜାଇ ଦେଉଥିଲେ ନିଜକୁ । ଝରାଫୁଲର ପାଖୁଡ଼ାରେ ଶୋଇ ଶୋଇ ମଧୁଋତୁରେ ସ୍ୱପ୍ନ ଦେଖୁଥିଲେ ।

ଭିଜା ଭିଜା ସ୍ୱପ୍ନରେ ଥିଲା ଛୋଟ ଘରର ଏକ ଅଗଣା, ଜ୍ୟୋତ୍ସ୍ନାଭିଜା ଜହ୍ନରାତି ଆଉ ତାରକାର ଅଭିସାର । ତଟନୀ କନ୍ୟା ସେ । ସ୍ୱପ୍ନିଳ ସାଗରର ଉର୍ମିଳ ଢେଉରାଜିରେ ସେ ଆଜି ସଦ୍ୟସ୍ନାତା । ଦେହ ଆଉ ମନ ପୁଲକିତ ନିଳସାଗରର ଅନନ୍ତ ବୁକୁରେ ସେ ସତେକି ଉର୍ମିଳ ଫେନିଳ ଲହରୀ । ଜୀବନ ଜୁଆରରେ ସେ ଆଜି ପୁଲକିତା ।

କିଶୋରୀ ଅନୀମା ସ୍ୱପ୍ନିଳ ଦୁନିଆରେ ସନ୍ତରଣ କରୁ କରୁ ହଠାତ୍ ତା ଜୀବନରେ ବିବାହର ସାହାନାଇ ବାଜିଉଠିଲା । ବାପା ମା'ର ଅଲିଅଳି କନ୍ୟା ଅନୀମା ନିଜକୁ ଆବିଷ୍କାର କଲା ବଧୂ ରୂପରେ । ଗୋଡ଼ରେ ରୁପାର ପାଉଁଜି, ହାତରେ ସୁନାର ଚୁଡ଼ି, ବଳା, ବେକରେ ଭଳି କି ଭଳି ସୁନା ହାର, କାନରେ କାନ ଫୁଲ, ମଥାରେ ସିନ୍ଥିର ପିନ୍ଧି ଆଜି ସେ ଅନିନ୍ଦ୍ୟା । ସତେକି ସ୍ୱର୍ଗର ପରିଟିଏ । ସିମନ୍ତରେ ସିନ୍ଦୁର ଆଜି ଦାଉ ଦାଉ ହୋଇ ଜଳୁଛି ।

ବାପା ମା' ଠିକ୍ କରିଥିଲେ ବର । ବଧୂବେଶରେ ଅନୀମା ଆପଣେଇ ନେଇଥିଲା ତା'ର ସ୍ୱପ୍ନର ବର ଆଉ ଘରକୁ ।

ବିବାହ ପରେ ମନ ଝରଣାର କୁଳୁ କୁଳୁ ତାନରେ ଆନନ୍ଦ ସତେଅବା ଝରୁଥିଲା ଫୁଲ ଝରି ହୋଇ । ସେ ସ୍ୱପ୍ନିଳ ଦୁନିଆରେ ଘୁରି ବୁଲୁଥିଲା । ସ୍ୱପ୍ନମାନେ ଉପବନରେ ଫୁଲ ହୋଇ ଫୁଟିଥିଲେ । ପକ୍ଷୀର କାକଳି, ଗଗନକୁ ମୁଖରିତ କରି ତୋଳୁଥିଲା । ଜୀବନ ଯାତ୍ରାରେ ପ୍ରଥମ ବସନ୍ତ ମଧୁମେୟ ହୋଇଉଠୁଥିଲା ।



ସୁଖରେ ସମୁଦ୍ର ସ୍ନାନ କରୁ କରୁ ସମୟ ଯେ କେବେ ଚାଲିଗଲା ସେ ଜାଣିପାରିଲେନି । ଅଦିନିଆ ଝଡ଼ର ତାଣ୍ଡବ ଲିଳା ବିଜୁଳିର ଘନ ଘନ କମ୍ପନ ତାଙ୍କ ଜୀବନକୁ ଯେ ଏମିତି ଆହତ ସ୍ୱପ୍ନରେ ଭରିଦେବ ଆଉ ତାର ସ୍ୱପ୍ନ ସଜଳ ଆକାଶକୁ ଯେ ଧୂମିଳ କରିଦେବ- ସେକଥା ସେ ଭାବିପାରୁ ନଥିଲେ ।

ସେଦିନ ଥିଲା ଶନିବାର ଏକ ଅଳସ ଅପରାହ୍ନ । ଅନୀମା ବିଛଣାରେ ଶୋଇ ଶୋଇ ସ୍ୱାମୀଙ୍କ ଫେରନ୍ତା ବାଟକୁ ଚାହିଁଥିଲା । ମନେପଡୁଥିଲା ସ୍ୱାମୀଙ୍କ ହସ ହସ ମୁହଁ ଓ ଅତୁଟ ପ୍ରେମର କଥା । ସେ ଜମା ଶୋଇପାରୁ ନଥିଲେ । ସ୍ୱାମୀଙ୍କ ଅଫିସକୁ ଟେଲିଫୋନ କଲେ । ସନ୍ଧ୍ୟା ସମୟରେ ସିନେମା ଯିବାପାଇଁ କହିଲେ । ହସି ହସି ଏଥିରେ ସମ୍ମତି ପ୍ରକାଶ କଲେ ଦେବଦତ୍ତ । ଅନୀମା ଭଳି ଅନିନ୍ଦ୍ୟା ସ୍ତ୍ରୀର ପ୍ରସ୍ତାବକୁ କେଉଁ ସ୍ୱାମୀ ବା ଏଡ଼ିଦେଇପାରନ୍ତା ? ପୁଣି ଆଜି ବି ତ ଶନିବାର । କାଲି ରବିବାର ଛୁଟି । ଶନିବାର ସନ୍ଧ୍ୟାରେ ସିନେମା ଦେଖା, ତା' ପରେ ପରେ ଚାଇନିଜ୍ ରେଷ୍ଟୁରେଣ୍ଟରେ ରାତ୍ରୀ ଭୋଜନ ।

ସନ୍ଧ୍ୟା ଆସନ୍ନ ପ୍ରାୟ । ଅନୀମା ଦର୍ପଣ ଆଗରେ ଠିଆ ହୋଇ ନିଜକୁ ସଜାଉଥିଲେ । ଗୋଲାପୀ ରଙ୍ଗର ଶାଢ଼ୀ ଦେବଦତ୍ତଙ୍କର ଖୁବ୍ ପସନ୍ଦ । ବାସର ରାତିରେ ସେ ଏହି ରଙ୍ଗର ଶାଢ଼ୀ ପିନ୍ଧିଥିଲେ । ଆଲମିରାରୁ ଗୋଲାପୀ ଶାଢ଼ୀଟିଏ କାଢ଼ିଲେ । ସେଥିରେ ପ୍ଲିଟ୍ ପକାଇ ସଯତ୍ନ କରି ପିନ୍ଧିଲେ, ମୁଣ୍ଡର ଖୋସାଟିକୁ ସୁନ୍ଦର କରି ବାନ୍ଧିଲେ । ରୁପା ତାରକସି କାମର ସିନ୍ଦୁର ଫରୁଆରେ ରୂପାକାଠିରେ ସିନ୍ଦୁର ନେଇ ସଧବା ନାରୀର ଚିହ୍ନକୁ ସିନ୍ଥାରେ ଆଙ୍କିବାକୁ ଯାଉଥିଲେ ସେ । କିନ୍ତୁ ବାହାରେ ଆର୍ତ୍ତଚିତ୍କାର ଶୁଣି ସେ ବ୍ୟସ୍ତବିବ୍ରତ ହୋଇପଡ଼ିଲେ । ଅଶୁଭ ଆଶଙ୍କାରେ ରୂପାକାଠିଟି ହାତରୁ ତଳେ ପଡ଼ିଗଲା । ହଠାତ ଯେସବୁ କ'ଣ ସବୁ ଘଟିଗଲା, ସେ ଜାଣିପାରିଲେ ନି । ବ୍ୟସ୍ତ ହୃଦୟକୁ ନେଇ ବାହାରକୁ ଦୌଡ଼ି ଆସିଲେ । କିନ୍ତୁ ସେ ଯାହା ଦେଖିଲେ, ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେନି । ରକ୍ତ ଜୁବୁଜୁବୁ ସ୍ୱାମୀଙ୍କ ଶରୀର ତଳେ ପଡ଼ିଛି । ସମସ୍ତେ ନୀରବ, ବାକ୍‌ଶକ୍ତିହୀନ. କିନ୍ତୁ ସମସ୍ତଙ୍କ ଦୃଷ୍ଟି ତାଙ୍କ ଉପରେ ନିବଦ୍ଧ । କ'ଣ ହେଲା କିଛି ସେ ବୁଝିପାରିଲେନି । ଦୌଡ଼ିଯାଇ ତଳେ ପଡ଼ି ରହିଥିବା ଦେବଦତ୍ତଙ୍କ ଶରୀରକୁ ସେ କୋଳକୁ ଆଉଜାଇ ଆଣିଲେ । ନିଷ୍ପଳ ଶରୀର ସ୍ଥିର ହୋଇ

ତାଙ୍କ କୋଳରୁ ତଳକୁ ଢଳି ପଡୁଥାଏ । ମୁଣ୍ଡଟି ତଳକୁ ଝୁଲି ଯାଉଥାଏ । ସମଗ୍ର ଶରୀର ଥଣ୍ଡା । ସେ ବୁଝିପାରିଲେ ସ୍ୱାମୀ ଆଉ ଇହଧାମରେ ନାହାନ୍ତି । ତଳେ ମୁଣ୍ଡପିଟି ସେ କାନ୍ଦିବାକୁ ଲାଗିଲେ । ତାଙ୍କର କରୁଣ କ୍ରନ୍ଦନରେ ଗଗନ ପବନ କମ୍ପି ଉଠିଲା । ସମସ୍ତଙ୍କର ମୁହଁରେ ସମବେଦନାର ସ୍ୱର ।

ସଙ୍ଖା ସିନ୍ଦୁର ପିନ୍ଧି ସଧବା ରୂପରେ ସଂସାରକୁ ବିଦାୟ ନେବାର ସ୍ୱପ୍ନ ସବୁ ଭାରତୀୟ ନାରୀଙ୍କର । ଅନୀମା ମଧ ତାହାହିଁ ବାହିଁଥିଲେ । ହାତରେ ନାଲି ଚୁଡ଼ି, ସିନ୍ଥାରେ ନାଲି ସିନ୍ଦୁର ଟୋପା ତାଙ୍କୁ ବେଶ୍ ମାନୁଥିଲା । ଦୁଇହାତରେ ବାହିଏ ବାହିଏ ନାଲି ଶଙ୍ଖା ପିନ୍ଧୁଥିଲେ । କିନ୍ତୁ ହାୟ; ହାଏ ଆଜି ନିଷ୍ଠୁର ନିୟତି ସେ ନାଲି ଶଙ୍ଖାକୁ ନିର୍ଦ୍ଦୟ ଭାବରେ ତାଙ୍କଠାରୁ କାଢ଼ିନେଲା । ମଥାରେ ଦାଉ ଦାଉ ହୋଇ ଜଳୁଥିବା ସିନ୍ଦୁର ଟୋପାଟି ପୋଛି ହୋଇଗଲା । ନାଲି, ନେଳି, ଗୋଲାପୀ ରଙ୍ଗ ବେରଙ୍ଗର ଶାଢ଼ୀ ପିନ୍ଧିବା ମନା ହୋଇଗଲା । ଜୀବନର ସବୁ ରଙ୍ଗ ଏ ସମାଜ ତାଙ୍କଠାରୁ ଛଡ଼ାଇ ନେଇଗଲା । ଧଳା ରଙ୍ଗର ଲୁଗାରେ ସେ ସ୍ୱାମୀହୀନା ବିଧବା ଭାବରେ ଛାଡ଼ି ହେଲେ । ସବୁ ରଙ୍ଗ ହଜିଗଲା । ରଙ୍ଗୀନ୍ ଦୁନିଆ କାହିଁ କେତେ ଦୂରରେ ପଡ଼ିରହିଲା; କେବଳ ନିରାଶାର ମରୁବାଲି, ଧୂ ଧୂ ମରୁପଥର ସେ ଏକାକିନୀ ଯାତ୍ରୀ ।

ଅଠର ବର୍ଷୀୟା ଅନୀମା ସ୍ୱପ୍ନ ଦେଖୁଥିଲେ । ଦୁଇବର୍ଷର ବିବାହିତ ଜୀବନ ପଲକମାତ୍ରେ କେଉଁ ଆଡ଼େ ହଜିଗଲା । କୋଡ଼ିଏ ବର୍ଷ ବୟସରେ ତା'ର ବିଧବାର ଜୀବନ । ଜୀବନ ଯୁଦ୍ଧରେ ସେକଣେ ପରାସ୍ତ ସୈନିକ, ଦେବଦତ୍ତ ତାଙ୍କ ପାଇଁ କେବଳ ସ୍ୱପ୍ନ ମାତ୍ର ।

ଅନୀମା ଆଜି ଶୁଭ୍ରବସନରେ ଆବୃତ୍ତା । କିନ୍ତୁ ଯୌବନର ଅପରୂପ ସୌନ୍ଦର୍ଯ୍ୟ ବାଧା ନମାନି ଫୁଟିଉଠୁଛି । ଆଜି ତା' ଦୁଃଖରେ ସମସ୍ତେ ମର୍ମାହତ । କିନ୍ତୁ ବିଧିର ବିଧାନକୁ କିଏ ବା ଅନ୍ୟଥା କରିବ ?

ଦୁଃଖ ମଣିଷର ଏକାନ୍ତ ନିଜସ୍ୱ, ବ୍ୟକ୍ତିଗତ । ସେଠି ଆଉ କାହାର ସ୍ଥାନ ନାହିଁ । ଅନୀମା ଆଜି ଅତିଶୟ ଦୁଃଖରେ ମର୍ମାହତ । ମନ ବିବଶ, ବିଷାଦିତ । ରାତ୍ରୀର ଘନ ଅନ୍ଧକାରରେ, ନିଝୁମ ଦ୍ୱିପ୍ରହରରେ ସେ ଜୀବନର ସତ୍ୟକୁ ଖୋଜୁଛନ୍ତି । ଦୁଃଖରେ ପାହାଡ଼କୁ ଅତିକ୍ରମ କରିବାକୁ ପ୍ରୟାସ କରୁଛନ୍ତି ।

ମନକୁ ବୁଝେଇ ସୁଝେଇ ସଂସାରରେ ଚାଲିବାକୁ ପଡ଼େ, ଉପଦେଶ ଦିଅନ୍ତି ମା' । ମା' ଙ୍କ ମୁହଁକୁ ଜଳ ଜଳ କରି ଅନାଇଥାନ୍ତି ଅନୀମା, ଆଖୀ ଲୁହ ପଣତକାନିକୁ ଭିଜାଏ । ଛାତିରେ ଛାତିଏ କୋହ । ଆହତ ହରିଣୀପରି ସେ କାନ୍ଦନ୍ତି ଦୁଃଖର ନଇ ବୋହୁଥାଏ । ସେ ବୋହିଜିବାରେ ବାଧା ନ ଥାଏ କି ବନ୍ଧନ ନଥାଏ ।

ସମୟକେବେ ଲେଉଟାଣି ଫେରେନା । ଯେତେ ଆତୁର ହେଲେବି ହଜିଯାଇଥିବା ମଣିଷ କେବେ ଲେଉଟି ଆସେନି । ବୋହିଯାଉଥିବା ପାଣିକୁ ମାଟି ଯେମିତି ଶୋଷିନିଏ, ପବନ ସେମିତି ତାକୁ ଉଡ଼ାଇନିଏ । ପାଣି ଆଉ ପଛକୁ ଫେରିପାରେନି । ଆଖିରୁ ଝରିପଡୁଥିବା ଲୁହଧାର ଛାତିରେ ଜମାଟ ହୋଇ ବାନ୍ଧିଯାଏ ।

ସୁଧୀର ଜଣେ ଭଲ ମଣିଷ । ସାଙ୍ଗମାନେ କହନ୍ତି ସେ ସୁନାମୁଣ୍ଡା । ଦେଖିବାକୁ ଯେମିତି, ବ୍ୟବହାର ମଧ ସେମିତି ସୁନ୍ଦର । ଉଚ୍ଚ ଶିକ୍ଷିତ ମାର୍ଜିତ ସେ । ଭାରତ ସରକାରଙ୍କର ସେ ଜଣେ ପଦସ୍ଥ ପଦାଧିକାରୀ । ସୁକାନ୍ତଙ୍କ ସାଙ୍ଗର ସାଙ୍ଗ । ସେଦିନ ଦୁଇ ବନ୍ଧୁ ସୁକାନ୍ତର ଘରକୁ ବୁଲିବାପାଇଁ ଯାଇଥିଲେ । ସୁଧୀର ଅନୀମାକୁ ଦେଖିଲେ, ତା'ର ରୂପରେ ମୁଗ୍ଧ ହେଲେ, କିନ୍ତୁ ତା'ର ବେଶ, ପରିପାଟି ଦେଖି ଆଶ୍ଚର୍ଯ୍ୟ ହେଲେ । ଫେରନ୍ତା ବାଟର ଅନୀମା ଦୁଃଖର ଇତିହାସ ଜାଣିବାକୁ ପାଇଲେ, ଅତ୍ୟନ୍ତ ଦୁଃଖିତ ହେଲେ ।

କିଛିଦିନ ପରେ ଦୁଇ ବନ୍ଧୁ ପୁଣି ସୁକାନ୍ତ ଘରକୁ ବୁଲିଆସିଲେ । କଥା ହେଉ ହେଉ ବହୁ ସମୟ ବିତିଗଲା । ସେ ଦୁହେଁ ସେଦିନ ସେଠି ରାତିରେ ରହିଲେ । ରାତିର ଗଭିରତା ବଢ଼ିଯାଉଥିଲା । ସେତେ ବାହାରେ ନିଶା ସାଇଁ ସାଇଁ ଗର୍ଜୁଥିଲା ଅନୀମାର ବାପା ମା' ସେତେବେଳେ ସୁଧୀରକୁ କହିବାଲିଥିଲେ ନିଜର ଦୁଃଖର କାହାଣୀ । ଦୁଃଖକୁ ବାଣ୍ଟିଲେ ମନଟା ହାଲୁକା ଲାଗେ । ଦରଦୀ ମଣିଷ ପାଖରେ ଦୁଃଖ କହିଦେଲେ ଦୁଃଖର ଭାରକମିଯାଏ ।

ସୁଧୀର ଅନୀମାଙ୍କ ସହିତ କଥା ବାର୍ତ୍ତା ହେବାପାଇଁ ସୁଯୋଗ ଖୋଜୁଥିଲେ । ବନ୍ଧୁଙ୍କ ସଙ୍ଗେ ରାତ୍ରୀ ଯାପନ ଏଇ ସୁଯୋଗଟା ଆଣିଦେଲା । କଥାବାର୍ତ୍ତାରୁ ଜାଣିଲେ, ଅନୀମା କେବଳ ରୂପସୀ ନୁହନ୍ତି । ସେ ମଧ ଉଚ୍ଚ ଶିକ୍ଷିତା । ତାଙ୍କ ଦେହର ରଙ୍ଗ କେବଳ ଦୁଧ ଅଳତାର ରଙ୍ଗ ନୁହେଁ । କଣ୍ଠସ୍ୱର ମଧ ଅତି ମଧୁର ।

ସୁଧୀର ଅନୁଭବ କଲେ, ଅନୀମା ତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନକୁ ଆବୋରି ନେଇଛନ୍ତି । କଥା ପ୍ରସଙ୍ଗରେ ସେ ବନ୍ଧୁଙ୍କ ଆଗରେ ନିଜ ମନ କଥା ବ୍ୟକ୍ତ କଲେ, ଅନୀମାଙ୍କୁ ବିବାହ କରିବାପାଇଁ ସେ ପ୍ରସ୍ତାବ ଦେଲେ ।

ସୁଧୀରଙ୍କ ପ୍ରସ୍ତାବରେ ସୁକାନ୍ତଙ୍କ ପରିବାରେ ଆଶାର ସଂଚାର ହେଲା । କିନ୍ତୁ ଅନୀମା, ଏ ପ୍ରସ୍ତାବରେ ପ୍ରଥମତଃ ରାଜି ନଥିଲେ ।

ଦେବଦତ୍ତଙ୍କ ସ୍ମୃତିରେ ଅବଗାହନ କରି ବଂଚିବାକୁ ଚାହିଥିଲେ ।

ଆଜି ଅନୀମାଙ୍କର ମନ ଦୋଛକିରେ । ପୁଣି ଥରେ ସେ ଆଶାର ବେଗବତୀ ନଦୀରେ ଭାସିବାକୁ ଚାହୁଁନାହାନ୍ତି । ଆଉ ମଧ୍ୟ ନିଷ୍ଠୁର ସତ୍ୟକୁ ସାମ୍ନା କରିବାକୁ ସେ ଚାହୁଁନାହାନ୍ତି । ଦେବଦତ୍ତଙ୍କ ସ୍ମୃତିରେ ହିଁ ସେ ବଞ୍ଚିରହି, ତାଙ୍କ ପ୍ରେମକୁ ପାଥେୟ କରି ସେ ଏ ଜୀବନ ନୌକା ପାରିହେବାକୁ ଚାହାଁନ୍ତି । ପୁଣି ଥରେ ସେ ନୂଆ ସଂସାର ଗଢ଼ି କ୍ଷତବିକ୍ଷତ ହୋଇ ଜିଇଁବାର ଯନ୍ତ୍ରଣାକୁ ଆବୋରି ନେବାକୁ ଚାହୁଁନାହାଁନ୍ତି ।

ସେଦିନ ସଂନ୍ଧ୍ୟା ସମୟରେ ସୁଧୀରଙ୍କ ସହ ଅନୀମାଙ୍କର ଏକାନ୍ତରେ ଦେଖାହେଲା । ସୁଧୀର କହିଲେ, "ଅନୀମା । ନଈ ହେଉ କି ସମୁଦ୍ର ହେଉ, ପବନ ହେଉ କି ନିଆଁ ହେଉ, ସବୁଜ କ୍ଷେତ ହେଉ କି ମରୁଭୂମି ହେଉ, ମୁଁ ହୁଏ ବା ତମେ ହୁଅ, କେହି ସୃଷ୍ଟିର ନିୟମ ଆଉ ବିଧିର ବିଧାନକୁ କେହି ଏଡ଼ି ପାରିବା ନାହିଁ । ରାତି ପାହିଲେ ସୂର୍ଯ୍ୟ ଉଏଁ, ତମସା ଅପସରିଯାଏ ଆଲୋକ ଆସେ, ଦିନର ଉଜ୍ଜ୍ୱଳ ଆଲୋକରେ ସବୁ ସୁନ୍ଦର, ସ୍ୱଚ୍ଛ ଆଉ ନିର୍ମଳ । ପୁଣି ସୂର୍ଯ୍ୟ ଅସ୍ତ ଯାଏ, ଅନ୍ଧାର ମାଡ଼ିଆସେ । ନିଦୁଆ ଅନ୍ଧାରରେ ଆସେ ମିଠା ମିଠା ସ୍ୱପ୍ନ । ତା'ର ଅନୁଭବରେ ସବୁଜିମା ଭରିଯାଏ, ମନ ପ୍ରେମାପ୍ଲୁତ ହୋଇଉଠେ । ତ' ପରେ ଆସେ ରାତ୍ରିର ଘନ ଅନ୍ଧାକାର ଓ ମଣିଷ ମନ ଗହିରରେ ସୃଷ୍ଟି ହୁଏ ଅସୀମ ଶୂନ୍ୟତା । ତାକୁ କେହି କେବେ ମାପି ପାରେନି । ଅନାହତ ନାଦ ଭଳି ତା' ଅଥଳ ଶୂନ୍ୟତାରେ ଭରିଯାଏ ।

ଅନୀମା ତନ୍ମୟ ହୋଇ ତାଙ୍କ କଥା ଶୁଣୁଥିଲେ । ଅନାଇଥିଲେ ତାଙ୍କ ମୁଖମଣ୍ଡଳକୁ । ଦେଖିପାରୁଥିଲେ ତାଙ୍କ ମୁଖର ଦୃଢ଼ତା । ଆଉ ଭାବର ପ୍ରାସଙ୍ଗିକତା ଓ ଗମ୍ଭୀରତା ।

ହଠାତ ସୁଧୀର ପଚାରିଲେ, "ତୁମେ ଏଥିରେ ଏକମତ ତ ?"

ଏ ଥାରେ 'ହଁ' ଭରିଥିଲେ ଅନୀମା । ଏହା ତ ସୃଷ୍ଟିର ନିୟମ । ଦୁଃଖପରେ ସୁଖ ଏବଂ ସୁଖ ପରେ ଦୁଃଖ---- ଚକ୍ରବତ ଘୁରୁଥାଏ । ଏ ସତ୍ୟକୁ ସେ ଅସ୍ୱୀକାର କରିବେ କିପରି ?

ସୁଧୀର ପୁଣି କହିଲେ, "ବିଧିର ବିଧାନକୁ କିଏ ଏଡିଦେଇ ପାରିବ ? ତୁମଭଳି ସୁନ୍ଦରି ଝିଅ ଭାଗ୍ୟରେ ଏପରି ବିଡ଼ମ୍ବନା ଘଟିବ ବୋଲି ଆମ ସମସ୍ତଙ୍କ ଚିନ୍ତାର ବାହାରେ ଥିଲା, ତଥାପି ଧୈର୍ଯ୍ୟର ସହ ତୁମେ ଏପରି କଷ୍ଟକୁ ସହିନେଇଛ । ସେଥିପାଇଁ ତୁମେ ଧନ୍ୟବାଦାର୍ହ ।"

ଅନୀମା ଏକଲୟରେ ସୁଧୀରଙ୍କୁ ଚାହିଁ ରହିଥିଲେ । ସେ ଦେଖିପାରୁଥିଲେ ଏ କ୍ଷଣଭଙ୍ଗୁର ଦୁନିଆରେ ସୁଧୀର ତାଙ୍କ ପାଇଁ ଏକମାତ୍ର ଆଶ୍ରୟସ୍ଥଳୀ, ବକ୍ଷରେ ତାଙ୍କର ବିଶ୍ୱସନୀୟତାର ଗଭୀର ସଙ୍କେତ ।

ସୁଧୀର ଆରମ୍ଭ କଲେ, "ତୁମର ଯଦି କିଛି ଆପତ୍ତି ନଥାଏ, ମୁଁ ତୁମକୁ ଗ୍ରହଣ କରିବାକୁ ଚାହେଁ----ପତ୍ନୀ ଭାବରେ, କିନ୍ତୁ ଏକ ସର୍ତ୍ତରେ ।"

ଆଶ୍ଚର୍ଯ୍ୟ ହୋଇଗଲା ଅନୀମା, ଅବିଶ୍ୱାସରେ ତା' ବକ୍ଷୁଦ୍ୱୟ ବିସ୍ଫୋରିତ ହୋଇଗଲା । ତଥାପି 'ସର୍ତ୍ତ' ଟି କ'ଣ ତା' ଜାଣିବା ପାଇଁ ମନରେ ପ୍ରବଳ ଆଗ୍ରହ ।

ଧୀର ତଥା ଦୃଢ଼ ସ୍ୱରରେ ସୁଧୀର କହିଲେ, 'ଦେଖ ଅନୀମା ! ମୁଁ ତୁମର ସମସ୍ତ ଗାଥା ସୁକାନ୍ତଠାରୁ ଶୁଣିଛି । କିନ୍ତୁ ଚାହେଁ, ତା' ଏବେଠାରୁ ତା' ଲୁଚିଯାଉ । କାରଣ ତମେ ମୋର ସ୍ତ୍ରୀ ହେବ, ତୁମର ସବୁ କଥା ଜାଣିବା ଦରକାର । ଅନ୍ୟମାନଙ୍କ ପାଇଁ ଏହାର କୌଣସି ମୂଲ୍ୟ ନାହିଁ ।

ଅନୀମା ଦେଖୁଥିଲେ ସୁଧୀରଙ୍କ ମୁଖରେ ସ୍ମିତ ହାସ୍ୟ । ତାହା ନିଶ୍ଚିତ ଆତ୍ମ ପ୍ରତ୍ୟୟର । ସେ ଅନୁଭବ କଲେ ଯେ ତାଙ୍କର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବା କ୍ଷଣିକ ଉତ୍ତେଜନାର ବଶୀବର୍ତ୍ତୀ ହୋଇ ସୁଧୀର ଏକ କଥା କହୁ ନାହାନ୍ତି ଏବଂ ଏ ପ୍ରସ୍ତାବ ମଧ୍ୟ ସେ ବହୁ ଭାବିଚିନ୍ତି ଦେଇଛନ୍ତି । କିନ୍ତୁ ଏ ପ୍ରସ୍ତାବକୁ ସେ ସହଜରେ ଗ୍ରହଣ କରିପାରିଲେନି । ଅପରପକ୍ଷରେ ସୁଧୀରଙ୍କ ସ୍ପଷ୍ଟବାଦିତା ଏବଂ ପ୍ରସ୍ତାବ ଦେବାର ଶାଳୀନତାକୁ ସେ ପ୍ରଶଂସା ନ କରି ରହିପାରିଲେନି ।

ସୁଧୀର ପୁଣି ଆରମ୍ଭ କଲେ, "ଜୀବନ ତ ଏକ ଶରଶର୍ଯ୍ୟା । ଏଠି ଝଡ଼ ଆସେ, ବତାସ ବହିଯାଏ । ଝଡ଼ ବତାସ ତ ମଣିଷ ଜୀବନର ଏକ ଅଂଶ ବିଶେଷ । ଶରଶର୍ଯ୍ୟାରେ ଶୋଇ ଝଡ଼ ବଦାସକୁ ସାମ୍ନା କରି ମଣିଷ ମଧ୍ୟ ଆନନ୍ଦ ପାଇବାକୁ ଚାହେଁ । ତେଣୁ ପଳାୟପନ୍ଥୀ ହୋଇ ଜୀବନକୁ ତିଳ ତିଳ କରି ନଷ୍ଟ କରିଦେବା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟନୁହେଁ ।

"ହଁ ଅନୀମା ! ଆଜି ମୁ ଚାଲିଯାଉଛି । ତୁମ ଭାଇ ସୁକାନ୍ତ ବାବୁଙ୍କୁ ମୁଁ ମୋର ପ୍ରସ୍ତାବ ଦେଇଯାଉଛି । ଆଶାକରେ ତମେ ଏଥିରେ ରାଜି ହେବ ।"

ଏହି ପ୍ରସ୍ତାବ ଶୁଣିଲା ପରେ ଅନୀମାଙ୍କ ପରିବାରରେ ଆଶାର ଝଲକ ସୃଷ୍ଟି ହେଲା । ସୁଧୀର ଜଣେ ସୌମ୍ୟଦର୍ଶୀ ଯୁବକ, ଭାରତ ସରକାରଙ୍କ ଜଣେ ପଦସ୍ଥ ପଦାଧିକାରୀ ମଧ୍ୟ ।

ସେ ମଧ୍ୟ ଜଣେ ଆର୍ଦଶବାଦୀ ଯୁବକ । ଅନୀମାଙ୍କ ସହ ନୂତନ ଜୀବନ ଗଢ଼ିବା ପାଇଁ ସେ ସଂକଳ୍ପବଦ୍ଧ । ତେଣୁ ଏ ପ୍ରସ୍ତାବରେ ସମସ୍ତେ ରାଜି ହୋଇଗଲେ ।

ଅନୀମା ସମସ୍ତଙ୍କ କଥାକୁ ଏଡ଼ିପାରିବେ କେମିତି ?

ପୁଣି ହେଲା ନୂତନ ଭାବର ସାମାଜିକ ପ୍ରଥାର ପୁନରାବୃତ୍ତି । ଝିଅ ଦେଖା, ନିର୍ବନ୍ଧ ଏବଂ ଶେଷରେ ବିଭାଘର, ବଡ଼ ଧୁମ୍‌ଧାମ୍‌ରେ ବାହାଘର ହେଲା । ଅନୀମା ଓ ସୁଧୀର ନୂତନ ଜୀବନ ଆରମ୍ଭ କଲେ । ଅନୀମା ଅନୁଭବ କଲେ, ଦୁଃଖ ପରେ ଭଗବାନ ତାଙ୍କ ଜୀବନରେ ପୁଣି ଥରେ ସୁଖର ସମ୍ଭାର ଭରିଦେଲେ । ସୁଧୀର ଅପେକ୍ଷାକୃତ ଆଦର୍ଶବାଦୀ । କେବଳ ଉଚ୍ଚ ମିଞ୍ଜାସର ମଣିଷ ନୁହନ୍ତି, ତାଙ୍କର ବ୍ୟକ୍ତିତ୍ୱ ମଧ୍ୟ ବଳିଷ୍ଠ । ସୁଧୀରଙ୍କ କୋଳରେ ଶୋଇ ଶୋଇ ସୁଖର ସପ୍ନ ଦେଖନ୍ତି । ହଜିଯାଇଥିବା ସପ୍ନର ତାଜମହଲକୁ ପୁଣି ଥରେ ଗଢ଼ିବାକୁ ଚେଷ୍ଟା କରନ୍ତି ।

ବାହାଘର ବର୍ଷେ ନ ପୁରୁଣୁ ଘରେ ନବଜାତର କୁଆଁ କୁଆଁ ରାବ । ଦୁଇ ପରିବାର ଆନନ୍ଦରେ ଲହରୀ ଖେଳିଗଲା । ଡ଼ଉଲଡ଼ାଉଲ ପୁଅଟିଏ, ଅବିକଳ ସୁଧୀରଙ୍କ ପରି । ଖୁସିରେ ଅତିଶଯ୍ୟରେ ଅନୀମା ସୁଧୀରଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦେଇଥିଲା । ତାଙ୍କର ବିର୍ଷର୍ଣ୍ଣ ଜୀବନରେ ସରସତା ଭରିଦେଇଥିବାରୁ ସେ ସୁଧୀରଙ୍କୁ ସେ କୃତଜ୍ଞତା ଜଣେଇଥଲା । ଟିକି, ବାପା, ମା' ଙ୍କ ସ୍ନେହ ପାଇ ବଢ଼ିଲା । ସୁଧୀରଙ୍କ ପରି ମଧ୍ୟ ଖୁବ୍ ଭଲ ପଢ଼ିଲା । ଉଭୟେ ପୁଅ ପାଇଁ ଡ଼ାକ୍ତରୀ ପଢ଼ାଇବା ପାଇଁ ମନସ୍ଥ କରି ମଣିପାଲ ମେଡ଼ିକାଲ କଲେଜରେ ସତେଇଶ ଲକ୍ଷ ଟଙ୍କା ଚାନ୍ଦାଦେଇ ସିଟ୍‌ଟିଏ ଯୋଗାଡ଼ କଲେ ସୁଧୀର । ଟିକି ଡାକ୍ତର ହେବ, ସେମାନଙ୍କ ସପ୍ନକୁ ସାକାର କରିବ——ଏହାହିଁ ଥିଲା ଦୁହିଁଙ୍କର ଆଶା ।

କିନ୍ତୁ ହାୟ ।ବିଧିର ବିଧାନ ବିଚିତ୍ର । ମଣିଷର ଭାଗ୍ୟ ହାତରେ ମଣିଷ କ୍ରିଡ଼ନକ ବିଜ୍ଞାନର ଶତ ଶତ ଆବିଷ୍କାର ଆଉ ଉଦ୍‌ଭାବନ ପରେ ମଧ୍ୟ ଭାଗ୍ୟଚକ୍ରକୁ କେହି ଏଡ଼ିଦେଇ ପାରି ନାହାନ୍ତି ।

ଟିକି ଖରାଛୁଟିରେ ଘରକୁ ଫେରିଥାଏ । ବାପା, ମା' ଦୁହେଁ ଖୁବ ଖୁସି । ସମସ୍ତେ ଗାଁକୁ ଆସିଥାନ୍ତି । ସବୁଦିନେ ସନ୍ଧ୍ୟା ସମୟରେ ଗରମରୁ ରକ୍ଷା ପାଇବା ପାଇଁ ସେ ସାଙ୍ଗମାନଙ୍କ ସାଙ୍ଗରେ ଗାଧୋଇବାକୁ ଯାଏ । ଗାଁ ପାଖରେ ନଈ, ପିଲାଟି ଦିନରୁ ଏଥିରେ ସେ ବୁଡ଼ି, ଉଠି ପହଁରି ଗାଧୋଇବାରେ ଅଭ୍ୟସ୍ତ, ସେଥିପାଇଁ ନଦୀକି ତା'ର ଡ଼ର ନଥାଏ । ଆଜି ସେ କୋଡ଼ିଏ ବର୍ଷର ସୌମ୍ୟ ଯୁବକ, ମେଡ଼ିକାଲ କଲେଜର ତୃତିୟ ବର୍ଷର ଛାତ୍ର ।

କିନ୍ତୁ ବିଧିର ବିଧାନ ବିଚିତ୍ର । ହୀରାକୁଦରୁ ପାଣି ଡ଼ାଳୁଅ ଚାଷପାଇଁ ହଠାତ୍ ବ୍ୟାରେଜ୍ ଭିତରକୁ ଛାଡ଼ି ଦିଆଗଲା । ଗାଧୋଇବାକୁ ଯାଇ ଟିକି ସ୍ରୋତ ଆଗରେ ପଡ଼ି ଭାସିଗଲା । ପ୍ରାୟ ଚବିଶ ଘଣ୍ଟାପରେ ତା'ର ମୃତଦେହଟି କେବଳ ମିଳିଗଲା ।

ଅନୀମାଙ୍କ ଦେହରେ ପୁଣି ଅମାନିଆ ଝଡ଼, ଅମାଅନ୍ଧକାର ରାତି । ଅନୀମା ଓ ସୁଧୀର ଜୀବନ ଯୁଦ୍ଧରେ ହାରିଗଲେ । ଅନୀମାଙ୍କ ବୁକୁଫଟା କ୍ରନ୍ଦନ ଗଗନପବନ ଥରେଇଦେଲା । ସୁଧୀରଙ୍କ ଦୁଇ ଆଖିରୁ ନୀରବରେ ଝରିପଡ଼ିଥିବା ଲୁହର ଧାର ବହିଯାଉଥିଲା ବାଧା ନ ମାନି । ସେ ଲୁହ ଶୁଖିବାର ଲୁହ ନୁହେଁ, ସେ କ୍ରନ୍ଦନ ଶେଷ ହେବାର ନୁହେଁ ।

ଆଶା ନିରାଶାର ଉଠାପଡ଼ା ଖେଳ ଭିତରେ ଏ ଜୀବନର ନୀରବ ଗତି । ଜୀବନ ବହିଚାଲେ ନଦୀ ପରି ସମୁଦ୍ରକୁ । ହୃଦୟ ବିଦୀର୍ଣ୍ଣ ହେଲେ ବି ଜୀବନର ସ୍ରୋତ ବହିବାଲିଥାଏ ତା' ନିଜ ବାଟରେ । ଆଜି ଅନିମା ଓ ସୁଧୀର ମୃତ୍‌ବତ, ଏକାକୀ । ଅସୀମ ଶୂନ୍ୟତା ଭିରିଯାଇଛି । ମହାଶୂନ୍ୟରେ ମିଳେଇ ଯାଉଛି ସେ କ୍ରନ୍ଦନର ରୋଳ । ଅସହାୟ ବିକଳ ମାତୃତ୍ୱ, ହତଭାଗ୍ୟ ପିତାର ନିରବ ପ୍ରତିକ୍ଷା ପୁତ୍ରପାଇଁ ଆଜି ବି ଲୁହର ନଦୀ ସୃଷ୍ଟି କରୁଛି ।

ସତ୍ୟ ଭିଲ୍ଲୀ
୧୮, ଭି.ଆଇ.ପି. କଲୋନି
ନୟାପଲ୍ଲୀ, ଭୁବନେଶ୍ୱର-୧୫

# କଟଓ୍ୱାରିଆ ସରାଇ

ଡ଼ଃ. କୃଷ୍ଣଚନ୍ଦ୍ର ଭୂୟାଁ

କଟଓ୍ୱାରିଆ ସରାଇ ଦିଲ୍ଲୀର ଦକ୍ଷିଣାଞ୍ଚଳରେ ଏକସ୍ଥାନ । ଭାରତର ବିଭିନ୍ନ ରାଜ୍ୟର ଲୋକ ଏହି ଅଞ୍ଚଳରେ ବାସ କରନ୍ତି । ସେମାନଙ୍କ ଜୀବନ ଧାରଣର ମାଧ୍ୟମ ଭିନ୍ନ । ଭିନ୍ନ ସେମାନଙ୍କର ଭାଷା, ଧର୍ମ, ସଂସ୍କୃତି । ତଥାପି ସେମାନଙ୍କ ମଧ୍ୟରେ ଶାନ୍ତି, ସଂହତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବିଘ୍ନିତ ହୋଇନାହିଁ ।

କଟଓ୍ୱାରିଆ ସରାଇ ନାନା ଦୃଷ୍ଟିରୁ ବୈଚିତ୍ର୍ୟମୟ , ଏହାର ସଂଲଗ୍ନ ଅଞ୍ଚଳରେ ନାନା ଧରଣର ଶିକ୍ଷାନୁଷ୍ଠାନ, ଧର୍ମୀୟ ଓ ସାଂସ୍କୃତିକ ଅନୁଷ୍ଠାନ, ଚିକିତ୍ସାଳୟ, ଗବେଷଣା କେନ୍ଦ୍ର ବ୍ୟବସାୟ ସଂସ୍ଥା ଓ ଶିଳ୍ପ ସଂସ୍ଥା ପ୍ରତିଷ୍ଠିତ । ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚିଉଟ, ଲାଲବାହାଦୁର ଶାସ୍ତ୍ରୀ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସଂସ୍ଥାନ, ଏନ୍ ସି ଇ ଆର ଟି, ଅରବିନ୍ଦ ଆଶ୍ରମ, ଗୁରୁ ନାନକ ଭବନ ଇତ୍ୟାଦି ଏହି ଅଞ୍ଚଳରେ ଅବସ୍ଥିତ । ଅନତି ଦୂରରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ଆଇ.ଆଇ.ଟି, ସତସଂଘ ବିହାର, କାମାକ୍ଷା ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର ଓ ବିଭିନ୍ନ ମନ୍ଦିର ତଥା ସଂଜୟବନ ଅବସ୍ଥିତ । ଚନ୍ଦ୍ରସ୍ୱାମୀଙ୍କ ଆଶ୍ରମ ମଧ୍ୟ ଏଠୁ ବେଶୀ ଦୂରନୁହେଁ । ଏହି ଅଞ୍ଚଳରେ କୁତବ୍ ହୋଟେଲଟି ଖୁବ୍ ପ୍ରସିଦ୍ଧ । ଏଠାରୁ କୁତବ ମିନାର ଯିବାକୁ ବେଶୀ ସମୟ ଲାଗେ ନାହିଁ ।

କଟଓ୍ୱାରିଆ ସରାଇକୁ ସହରୀ ସଭ୍ୟତା ଯେତେ ସ୍ପର୍ଶ କରିନାହିଁ , ତାଠାରୁ ବେଶୀ ସ୍ପର୍ଶ କରିଛି ଗ୍ରାମ୍ୟ ସଭ୍ୟତା । ଆନ୍ଧ୍ର, ଓଡ଼ିଶା, ମାନ୍ଦ୍ରାଜ, ପଶ୍ଚିମ ବଙ୍ଗ, ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ଓ ପଞ୍ଜାବ ପ୍ରଭୃତି ରାଜ୍ୟରୁ ଗ୍ରାମାଞ୍ଚଳର ଲୋକମାନେ ଆସି ଏଠାରେ ବାସ କରନ୍ତି । ସେମାନେ ବିଭିନ୍ନ କାର୍ଯ୍ୟ ଧନ୍ଦାରେ ବ୍ୟସ୍ତ ଥିଲେ ହେଁ ଅବସର ସମୟରେ ସାମାଜିକ, ସାଂସ୍କୃତିକ ଓ ଧର୍ମୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି । ବିଭିନ୍ନ କଳକାରଖାନା, ପାଣି, ବିଦ୍ୟୁତ ସରବରାହ, ହୋଟେଲ, ଜଳଖିଆ ଦୋକାନ, ଲୁଗାଦୋକାନ ଓ ବିଭିନ୍ନ ପ୍ରକାର ବ୍ୟବସାୟ ସଂସ୍ଥା ରହିଛି । ଏଠି ବିଭିନ୍ନ ରାଜ୍ୟର ଖାଦ୍ୟ ପ୍ରସ୍ତୁତ ହୁଏ । ବ୍ୟବସାୟ ସଂସ୍ଥାଗୁଡ଼ିକ ଶ୍ରମିକ ଶ୍ରେଣୀ ଉପରେ ବେଶୀ ନିର୍ଭର ଶୀଳ ହୋଇଥିବାରୁ ଜିନିଷ ପତ୍ରର ମୂଲ୍ୟ ବେଶି ନୁହେଁ । ଏଠି ଲୋକେ କୁହନ୍ତି କଟଓ୍ୱାରିଆ ସରାଇରେ ଯାହା ଖୋଜିବ ତାହା ମିଳିବ । ଏଠାରେ ଲୋକମାନେ ସରଳ, ଶାନ୍ତିପ୍ରିୟ । ସେମାନଙ୍କ ବ୍ୟବହାର, ଆଚାର ଆଚରଣ ମଧୁର ।

କଟଓ୍ୱାରିଆ ସରାଇକୁ ଏକ କ୍ଷୁଦ୍ର ଭାରତବର୍ଷ କହିଲେ ଭୁଲ ହେବ ନାହିଁ । ଏଠି କେବଳ ବିଭିନ୍ନ ରାଜ୍ୟର ଲୋକ ବାସ କରନ୍ତି ନାହିଁ । ସେମାନେ ବିଭିନ୍ନ ଭାଷାରେ କଥା ବାର୍ତ୍ତା କରନ୍ତି । ବିଭିନ୍ନ ରକମର ଖାଦ୍ୟ ଖାଆନ୍ତି, ପୋଷାକ ପିନ୍ଧନ୍ତି, ଆଚାର ଅନୁଷ୍ଠାନ ପାଳନ କରନ୍ତି । ବିଭିନ୍ନ ଭାଷାଭାଷୀ ଲୋକ ଥିଲେ ହେଁ ଏଠି ସାଧାରଣ ଭାଷା ହେଉଛି ହିନ୍ଦୀ, କଟଓ୍ୱାରିଆ ସରାଇରେ ବେଶୀଭାଗ ସ୍କୁଲରେ ହିନ୍ଦୀ ମାଧ୍ୟମରେ ଶିକ୍ଷାଦିଆଯାଏ । ଦିଲ୍ଲୀର କଲେଜ ଓ ବିଶ୍ୱ ବିଦ୍ୟାଳୟରେ ପଢୁଥିବା ଛାତ୍ର ଛାତ୍ରୀ, ଶିଳ୍ପ ସଂସ୍ଥାରେ ତାଲିମ ପାଉଥିବା ଶିକ୍ଷିତ ଯୁବକ ଯୁବତୀ ମାନେ ଲଜିଂ ବା ମେସ୍‌ରେ ରହନ୍ତି । କଟଓ୍ୱାରିଆରେ ଏହି ଉଦ୍ଦେଶ୍ୟରେ କେତୋଟି ଲଜିଂ ଓ ମେସ୍ ରହିଛି ।

କଟଓ୍ୱାରିଆ ସରାଇରେ ହିନ୍ଦୀ ଭାଷୀଙ୍କ ପରେ ଓଡ଼ିଆ ଭାଷୀ ବୋଲି ମନେ ହୁଏ । ଓଡ଼ିଶାର ସବୁଅଞ୍ଚଳର ଲୋକ ଏଠି ରହୁଥିଲେ ହେଁ ଉପକୂଳ ବର୍ତ୍ତୀ ଅଞ୍ଚଳର ଲୋକଙ୍କ ସଂଖ୍ୟା ବେଶି, କେନ୍ଦ୍ରାପଡ଼ା, ଜଗତସିଂହପୁର, ରାଜନଗର, ପଟ୍ଟାମୁଣ୍ଡାଇ, ବିଂଝାରପୁର, ବରୀ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା ଓ ପୁରୀ ଅଞ୍ଚଳର ଲୋକ ସଂଖ୍ୟା ଏଠାରେ ବେଶି । ଏମାନଙ୍କ ମଧ୍ୟରୁ ଅଧିକାଂଶ ହୋଟେଲ, ଜଳଖିଆ ଦୋକାନ, ଜଳ ସରବରାହ ବିଦ୍ୟୁତ ସରବରାହ, ବ୍ୟବସାୟ ସଂସ୍ଥା ସରକାରୀ ଅଫିସ ଓ କ୍ଷୁଦ୍ର ବୃହତ ଶିଳ୍ପ ସଂସ୍ଥାରେ କାମ କରନ୍ତି । ଆଠଟି ଭଳି ଓଡ଼ିଆ ହୋଟେଲ ଏଠି ଅଛି । ଛୋଟ ବଡ଼ ଜଳଖିଆ ଦୋକାନର ସଂଖ୍ୟା ଏଠି କୋଡ଼ିଏରୁ ବେଶିହେବ । ପାନ ଦୋକାନ ଓ ଚା ଦୋକାନର ସଂଖ୍ୟା ବି କମ ନୁହେଁ । ବେଶ୍ କିଛି ଓଡ଼ିଆ ଭାଷୀ ଲୋକ ଏଠି ସପରିବାର ରହନ୍ତି । ଓଡ଼ିଆ ଭାଷୀଙ୍କ ସଂଖ୍ୟା ପ୍ରାୟ ଛଅହଜାର ହେବ । ଏତେ ସଂଖ୍ୟାରେ ଓଡ଼ିଆ ଲୋକ ଦିଲ୍ଲୀର ଅନ୍ୟ କୌଣସି ଅଞ୍ଚଳରେ ବାସ କରନ୍ତି ନାହିଁ ।

ଓଡ଼ିଆ ଲୋକମାନଙ୍କ ମଧ୍ୟରେ ଏଠି ଗୋଷ୍ଠିବିବାଦ ନାହିଁ କହିଲେ ଚଳେ । ପାରସ୍ପରିକ ମୈତ୍ରୀ ବନ୍ଧନରେ ସେମାନେ ଆବଦ୍ଧ ସାମାଜିକ, ସାଂସ୍କୃତିକ ଓ ଧର୍ମୀୟଅନୁଷ୍ଠାନ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଜୀବନଧାରା ବିକଶିତ । ଏହା ସତ୍ତ୍ୱେ ଏଠାରେ ଏକ ସୁପରିଚାଳିତ ଓ ସୁସଗଂଠିତ ଓଡ଼ିଆ ଅନୁଷ୍ଠାନଙ୍କ ଅଭାବ ଅନୁଭୂତ ହୁଏ । ପତିତପାବନ ସଂଘ ଏକଦା ସୁସଗଂଠିତ ଥିଲା । ଏବଂ ଏହା ଓଡ଼ିଆ ସଂସ୍କୃତିର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି ଅନୁଷ୍ଠାନଟିକୁ ସୁସଗଂଠିତ ଓ ସକ୍ରିୟ କଲେ ଓଡ଼ିଆଭାଷୀ ଲୋକଙ୍କ ମଧ୍ୟରେ ମୈତ୍ରୀବନ୍ଧନ ଦୃଢ଼ହୁଅନ୍ତା ଓ ଓଡ଼ିଆ ସଂସ୍କୃତିର ଅଧିକ ପ୍ରସାର ହୁଅନ୍ତା । କଟଓ୍ୱାରିଆ ସରାଇର ବେଶୀଭାଗର ଲୋକ ଅନତିଦୂରରେ ହାଉଜଖାସ୍ ଅଞ୍ଚଳରେ ପ୍ରତିଷ୍ଠିତ ଜଗନ୍ନାଥମନ୍ଦିର କାର୍ଯ୍ୟକ୍ରମ ସହିତ ସଂଯୁକ୍ତ । ଜଗନ୍ନାଥ ମନ୍ଦିରଟି ପାଇଁ ଦିଲ୍ଲୀର ଓଡ଼ିଆ ଅଧିବାସୀମାନେ ଗର୍ବ କରିବାର କଥା । ଜଗନ୍ନାଥ କେବଳ ଏଠି ଓଡ଼ିଆମାନଙ୍କର ନୁହନ୍ତି, ବିଭିନ୍ନ ଭାଷାଭାଷୀ ଲୋକମାନଙ୍କର ଆରାଧ୍ୟ ଦେବତା । କାମରୁ ଫେରିବା ପରେ ସନ୍ଧ୍ୟା ସମୟରେ କଟଓ୍ୱାରିଆ ବଜାରରେ ଓଡ଼ିଆ ମାନଙ୍କର ଭିଡ଼ ହୁଏ । ସେମାନଙ୍କୁ ଦେଖିଲେ ଓଡ଼ିଶାର ଗାଆଁଗହଳିର ଚିତ୍ରମନରେ ଭାସିଉଠେ । ଗଳିକନ୍ଦିରେ ଏଠି ଓଡ଼ିଆମାନେ ଘରଭଡ଼ା ନେଇ ରହନ୍ତି । ଗୋଟିଏ ଗୋଟିଏ କୋଠାଘରେ ଶତାଧିକ ଓଡ଼ିଆଲୋକ ବାସକରୁଥିବା ନଜରରେ ପଡ଼େ । ସେମାନଙ୍କ ମଧ୍ୟରୁ କେହି ଜଗନ୍ନାଥଙ୍କ ଛବି ବା ମୂର୍ତ୍ତି ପୂଜାକରନ୍ତି ତ କେହି ଆଖଣ୍ଡଳମଣୀଙ୍କର ବା ଅନ୍ୟ କୌଣସି ଦେବଦେବୀଙ୍କ ପୂଜା କରନ୍ତି । ଦୂରରେ ରହିଲେ ମଧ୍ୟ ଓଡ଼ିଆ ସଂସ୍କୃତିକୁ ସେମାନେ ଭୁଲିଯାଇ ନାହାନ୍ତି । ସେମାନଙ୍କ ଜୀବନଧାରା ଓ ଓଡ଼ିଆତ୍ୱ ଦେଖିଲେ ମନ ଆନନ୍ଦରେ ଭରିଉଠେ ।

କଟଓ୍ୱାରିଆ ସରାଇ ଓଡ଼ିଆ ଶ୍ରମିକବହୁଳ ଅଞ୍ଚଳ ହେଲେ ହେଁ ଡ଼ାକ୍ତରଖାନା, ବ୍ୟବସାୟସଂସ୍ଥା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଉଚ୍ଚପଦରେ ଅଧିଷ୍ଠିତ ଓଡ଼ିଆମାନେ ମଧ୍ୟ ଏଠି ବାସ କାରନ୍ତି । ଏହି ଅଞ୍ଚଳରେ ଯେଉଁ ଲାଲ ବାହାଦୁର ଶାସ୍ତ୍ରୀ ସଂସ୍କୃତ ବିଶ୍ୱ ବିଦ୍ୟାଳୟଟି ରହିଛି ସେଠି ରେଜିଷ୍ଟ୍ରାର ହେଉଛନ୍ତି ଜଣେ ଓଡ଼ିଆ । ଅଳ୍ପ ଦୂରରେ ଜବାହରଲାଲ ନେହୁରୁ ବିଶ୍ୱ ବିଦ୍ୟାଳୟ ଅବସ୍ଥିତ । ସେଠି ଓଡ଼ିଆ ଛାତ୍ର ଅଧ୍ୟୟନ କରନ୍ତି । ଅନ୍ୟ କେତୋଟି କାରିଗରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ଓଡ଼ିଆ ଛାତ୍ରମାନେ ପଢନ୍ତି ଓ ତାଲିମ ନିଅନ୍ତି । ବିଶ୍ୱ ବିଦ୍ୟାଳୟର ସାମନାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ସ୍ମୃତି ବହନ କରେ ସତ୍‌ସଙ୍ଗ ବିହାର । ସେଠି ଠାକୁର ଅନୁକୂଳଚନ୍ଦ୍ରଙ୍କର ବେଶୀ ସଂଖ୍ୟାର ଅନୁଗାମୀ ହେଉଛନ୍ତି ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷୀ ଲୋକ । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଡାକ୍ତର, ଇଂଜିନିୟର, ଉଚ୍ଚ ପଦରେ ଅଧିଷ୍ଠିତ ସରକାରୀ ଅଫିସର ମଧ୍ୟ ଏକ ସଂସ୍ଥା ସହିତ ଜଡ଼ିତ । ସତସଙ୍ଗ ବିହାରର ମୁଖ୍ୟ କର୍ମକର୍ତ୍ତା ଓ ବହୁ ପରିଚିତ ପ୍ରବଚକ ହେଉଛନ୍ତି, ଯତୀନ୍ଦ୍ର ନାଥ ମହାନ୍ତି । ସେ, କବି ନୃସିଂହ ଚରଣ ତ୍ରିପାଠୀ, ଶରତ କୁମାର ତ୍ରିପାଠି, ମହେଶ୍ୱର ଦାସ ଓ ଆହୁରି ଅନେକ ସତସଙ୍ଗ ବିହାରର ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ଏକ ସାତ୍ତ୍ୱିକ ଓ ଆଧ୍ୟାତ୍ମିକ ପରିବେଶ ବିରାଜିତ ସତ୍‌ସଙ୍ଗବିହାରରେ ଅତି ସକାଳୁ ଜାଗିଉଠେ କଟଓ୍ୱାରିଆ ସରାଇ । ଅବସରପ୍ରାପ୍ତ ବୃଦ୍ଧ ବୃଦ୍ଧା ମଧ୍ୟବୟସ୍କ ଲୋକମାନେ ବାହାରି ପଡ଼ନ୍ତି ପ୍ରାତଃଭ୍ରମଣରେ, ଛାତ୍ର ଛାତ୍ରୀ ମାନେ ୟୁନିଫର୍ମ ପୋଷାକ ପିନ୍ଧି କାନ୍ଧରେ ବହିବ୍ୟାଗ ଝୁଲାଇ ଠିଆ ହୁଅନ୍ତି ବସଷ୍ଟାଣ୍ଡରେ, ସକାଳୁ ସକାଳୁ ଅଟୋ, ରିକ୍ସା, ଟାକ୍ସି, ବସର ଭିଡ଼ଜମିଯାଏ । ରାସ୍ତାରେ ଚା ଜଳଖିଆ ଦୋକାନ ବଜାର ଖୋଲିଯାଏ । ଜନଗହଳି ଆରମ୍ଭ ହୋଇଯାଏ । ସୂର୍ଯ୍ୟଙ୍କ ଉଦୟହେଲେ କଟଓ୍ୱାରିଆ ସରାଇର ଜୀବନଯାତ୍ରା ଆରମ୍ଭ ହୁଏ ଏବଂ ଶେଷହୁଏ ପ୍ରାୟ ରାତି ଏଗାରଟାରେ । ଚନ୍ଦ୍ର ସ୍ୱାମୀ ଶିଷ୍ୟ ମାନଙ୍କୁ ନେଇ ପ୍ରାତ ଭ୍ରମଣରେ ବାହାରିବା ବେଳେ କଟଓ୍ୱାରିଆ ସରାଇ ଚେଇଁ ଉଠେ, ଏହା ଶୋଇପଡ଼େ ଭିକାରି ଓ ବାସହୀନ ଲୋକମାନେ ଫୁଟପାଥରେ ଓ ଗଛ ମୂଳରେ ଆଖିବୁଜିବା ପରେ ।

ଓ /୧୨, କ୍ଲଷ୍ଟର -୩, ପୂର୍ବାଚଳ, ସଲ୍ଟଲେକ କଲକାତା

୭୦୦୦୯୭

ପ୍ରବନ୍ଧରରଚନା ସମୟ ୨୦୦୫

ଫୋନ :୯୪୩୩୧୪୧୭୨୪

# ନକାରାତ୍ମକ ମନୋବୃତ୍ତିରୁ ମୁକ୍ତି

ମହାମେଘବାହନ ଐର ଖାରବେଳ ସ୍ୱାଇଁ

ବିକାଶ ଆଉ ଅଭିବୃଦ୍ଧିର ପ୍ରତିବନ୍ଧକ ହୋଇ ଦୁର୍ନୀତି,ଭ୍ରଷ୍ଟାଚାର ତଥା ଅଯୋଗ୍ୟତା ଠିଆ ହୋଇଛି ବୋଲି ଅବଶ୍ୟ ଆମେ ସଦାବେଳେ କହିଥାଉଁ । କିନ୍ତୁ ଏକ୍ଷେତ୍ରରେ ଅନ୍ୟ ଯେଉଁ ପ୍ରତିବନ୍ଧକଟି ସାମନାରେ ଏକ ପ୍ରାଚୀର ପରି ଠିଆ ହୋଇଥାଏ,ତାହା ହେଉଛି ନକାରାତ୍ମକ ମନୋବୃତ୍ତି । ଏହି ମନୋବୃତ୍ତିଟି କେବଳ ଶାସକ ଅବା ଉଚ୍ଚ ବର୍ଗର ମାନସିକତାରେ କେବଳ ଯେ ଚସାବାନ୍ଧି ଥାଏ ସେମିତି ନୁହେଁ । ନିମ୍ନ ବର୍ଗ ମଧ୍ୟ ସେହି ନକାରାତ୍ମକ ମନୋଭାବରୁ ଅଲଗା ହୋଇ ରହିନାହିଁ । ଏବଂ ଏହି ମନୋଭାବ ହିଁ ଏକ ସାମୁହିକ ବିକାଶକୁ ପ୍ରତିବନ୍ଧିତ କରେ ।

ଦୁର୍ନୀତି ଦୁଇ ପ୍ରକାରର । ଗୋଟିଏ ହେଲା ଭୌତିକ ଆଉ ଅନ୍ୟଟି ହେଲା ବୌଦ୍ଧିକ । ଭୌତିକ ଦୁର୍ନୀତି ମଧ୍ୟରେ ଅସିଥାଏ ଅର୍ଥ ତୋଷରପାତ ଆଉ ନିଜ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପକ୍ଷପାତିତା । କିନ୍ତୁ ବୌଦ୍ଧିକ ଦୁର୍ନୀତିରେ ଲିପ୍ତ ବ୍ୟକ୍ତିମାନେ ଅର୍ଥ ତୋଷରପାତ ଅବା ଭେଦଭାବରେ ସଂପୃକ୍ତ ନୁହନ୍ତି । ସେମାନେ ବିଚାରନ୍ତି, ବିଶ୍ୱରେ ସେମାନେ ହେଉଛନ୍ତି ଏକମାତ୍ର ସାଧୁ, ସଚ୍ଚୋଟ ଓ ନ୍ୟାୟବାନ ବ୍ୟକ୍ତି । ଅନ୍ୟ ସମସ୍ତେ ହେଉଛନ୍ତି ଭ୍ରଷ୍ଟ । ଜଣେ ମଧ୍ୟ ସଂସାରରେ ତାଲି ତାଙ୍କ ତୁଲ୍ୟ ନୁହନ୍ତି । ତେଣୁ ସେମାନଙ୍କର କୌଣସି କାର୍ଯ୍ୟ କରାଇ ଦିଆଯିବା ଉଚିତ୍ ନୁହେଁ । ଏହି ମନୋବୃତ୍ତି ହେତୁ ସେମାନେ କୌଣସି କାର୍ଯ୍ୟକୁ ସଫଳ ହେବାକୁ ଦିଅନ୍ତି ନାହିଁ । ତା'ର ପ୍ରତିବନ୍ଧକ ହୋଇ ଠିଆ ହୁଅନ୍ତି । ବାସ୍ତବରେ ଦେଖିବାକୁ ଗଲେ ଭୌତିକ ଦୁର୍ନୀତି ଅପେକ୍ଷା ବୌଦ୍ଧିକ ଦୁର୍ନୀତି ବହୁ ଅଧିକ ମାରାତ୍ମକ । ଅନ୍ତତଃ ଭୌତିକ ଦୁର୍ନୀତିର ପ୍ରଭାବ ସୀମିତ । କିନ୍ତୁ ବୌଦ୍ଧିକ ଦୁର୍ନୀତିର ଆୟତନ ସୀମାହୀନ ।

ନକାରାତ୍ମକ ମନୋବୃତ୍ତିର ଏକ ପ୍ରଧାନ ଉପଜୀବ୍ୟ ହେଲା ଈର୍ଷା । ହୃଦୟର କେଉଁ ଏକ ଗୋପନ ସନ୍ଧି ମଧ୍ୟରେ ଏକ ଉଗ୍ର ଅଭିଳାଷା ଆଉ ଲାଳସା ଅନ୍ଧାର ମଧ୍ୟରେ ଛପିକରି ବସିଥାଏ । ତାହା ଯଦି ଅନ୍ୟ କୌଣସି ବ୍ୟକ୍ତି ନିକଟରେ ପୂରଣ ହେବାର ସଙ୍କେତ ମିଳେ, ସେଇଠୁ ସୃଷ୍ଟି ହୁଏ ଈର୍ଷା । କାହିଁକି ଅନ୍ୟ ଜଣେ ସେହି ସଫଳତା ପାଇଲା, ଆଉ ମୁଁ କାହିଁକି ନପାଇଲି । ଅପ୍ରାପ୍ତିର ବିଫଳତା ସୃଷ୍ଟି କରେ ଅନ୍ୟ ଉପରେ ସବୁ ପ୍ରକାର ଦୋଷ ତ୍ରୁଟିର ପ୍ରତ୍ୟାରୋପଣ । ମଣିଷର ମନ ସାଧାରଣତଃ ଯାହା ସତ୍ୟ ତାହାକୁ ଗ୍ରହଣ ନକରି ଯାହା ଶୁଣିବାକୁ ଭଲ ଲାଗେ ତାହାକୁ ଗ୍ରହଣ କରିବାକୁ ଚାହିଁଥାଏ । ତେଣୁ ଜଣେ ନେତାର କ୍ଷମତା, ଅର୍ଥ, ପ୍ରତିପତ୍ତି ଇତ୍ୟାଦିକୁ ସେ ଯେତେବେଳେ କାମନା କରୁଥାଏ କିନ୍ତୁ ତାହା ତା'କୁ ଅପ୍ରାପ୍ୟ ହୁଏ, ସେତେବେଳେ 'ଶୃଗାଳ ପାଇଁ ଅଙ୍ଗୁର କୋଳି ଖଟା ହେବା' ପରି ସବୁ ନେତା ହୋଇଯାନ୍ତି ଭ୍ରଷ୍ଟାଚାରୀ, ଚୋର, ଲମ୍ପଟ ଓ ହିଂସ୍ରକ । ଲେନିନ୍, ମାଓ ସେ ତୁଙ୍ଗ୍, ନେଲସନ୍ ମାଣ୍ଡେଲା, ବିସମାର୍କ, ମସ୍ୟାଜିନି, ଗ୍ୟାରିବାଲଡି, ଜର୍ଜ ୱାସିଂଟନ, ମହାତ୍ମା ଗାନ୍ଧୀଙ୍କ ପରି ରାଜନେତାମାନେ ଯେ ଇତିହାସର ମୋଡ଼କୁ ପରିବର୍ତ୍ତନ କରିଦେଇଛନ୍ତି, ତାହା ଜାଣି ମଧ୍ୟ ସେ ଅଜଣା ହୁଏ । ରାଜନୀତି ଏକ କଳୁଷିତ ପୁଷ୍କରିଣୀ, ତନ୍ମଧ୍ୟରେ ପ୍ରବେଶ ଅନାବଶ୍ୟକ ଇତ୍ୟାଦି ଧାରଣାର ସେ ବିଶ୍ୱାସୀ ହୋଇଯାଏ । ସେ ଚାହେଁ ରାଜନୈତିକ ପଙ୍କିଳ ପୁଷ୍କରିଣୀ ମଧ୍ୟରୁ ପ୍ରାପ୍ତ ଶ୍ରେଷ୍ଠ ମତ୍ସ୍ୟମାନ ଭୋଜନ କରିବ କିନ୍ତୁ ମତ୍ସ୍ୟକୁ ହସ୍ତଗତ କରିବା ପାଇଁ ପଙ୍କ ମଧ୍ୟରେ ପ୍ରବେଶ କରିବ ନାହିଁ । ଏହି କାର୍ଯ୍ୟ ଅନ୍ୟ କିଏ କରିବ ।



ଯେତେବେଳେ ରାଜନୈତିକ ବ୍ୟକ୍ତିମାନେ ବିଭିନ୍ନ ସଭା ସମିତିମାନ ମଣ୍ଡନ କରିଥାନ୍ତି, ସେତେବେଳେ ସେମାନଙ୍କ ଉଦ୍ଦେଶ୍ୟରେ ଯେଉଁ ମାନପତ୍ରମାନ ପାଠ କରାଯାଏ, ସେଥିରୁ ମନେହୁଏ, ଯୀଶୁଖ୍ରୀଷ୍ଟ ଅବା ବୁଦ୍ଧଙ୍କ ପରେ ଜଣେ ଯଦି କେହି ମହାପୁରୁଷ ଏହି ପୃଥିବୀ ବକ୍ଷରେ ଅବତରଣ କରିଥାନ୍ତି, ତାହା ହେଉଛନ୍ତି ସେହି ମୁଖ୍ୟ ଅତିଥି ଆସନ ଅଳଙ୍କୃତ କରିଥିବା ଲୋକ ପ୍ରତିନିଧି ଜଣକ । କିନ୍ତୁ ସଭା ସମାପ୍ତ ଓ ଅତିଥିଙ୍କ ଗମନ ପରେ ଯେଉଁ ଅଶାଳୀନ ଭାଷା ପ୍ରୟୋଗ କରି ମାନପତ୍ର ରଚନା କରିଥିବା ଶିକ୍ଷକ ବା ଅଧ୍ୟାପକ ଜଣକ ଅତିଥିଙ୍କ ସମ୍ପର୍କରେ ଅକଥ୍ୟ ଗାଳି ବର୍ଷଣ କରିଥାନ୍ତି ତାହା ସମସ୍ତଙ୍କୁ ଚକିତ କରିଥାଏ । ଯାହାକୁ ଆମେ ନିର୍ବାଚିତ କରୁ ଆମର ସୁରକ୍ଷା ଓ ସଂବୃଦ୍ଧି ପାଇଁ ତା'କୁ ହିଁ ବିଶ୍ୱାସ ନକରିବାର ଅଭ୍ୟାସ ଏକ ବିରାଟ ନେତିବାଚକ ପ୍ରତିବନ୍ଧକ ହୋଇ ଠିଆ ହୋଇଥାଏ ।

ଠିକ୍ ସେଇଥିପାଇଁ କୁହାଯାଇଥାଏ, 'ଈଶ୍ୱର ଆସିଲେ ମଧ୍ୟ ଦୁର୍ନୀତିକୁ ହଟାଇ ପାରିବେ ନାହିଁ' । ମୁଖ୍ୟତଃ ଦୁର୍ନୀତି, ଭ୍ରଷ୍ଟାଚାରର କର୍ତ୍ତା ସେହିମାନେ ହିଁ ଏଧରଣର ବାର୍ତ୍ତାକୁ ଅଧିକରୁ ଅଧିକ ପ୍ରଚାରିତ ଓ

ପ୍ରସାରିତ କରିଥାନ୍ତି ଯେମିତିକି ସେମାନଙ୍କର ଦୋଷ,ତ୍ରୁଟିକୁ ଏହି ଉକ୍ତି ଅନେକ ପରିମାଣରେ ଘୋଡ଼ାଇ ପକାଇବ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ମତଲବୀମାନେ ଏହି ଉକ୍ତି ପ୍ରଚାରିତ କରୁଥିଲାବେଳେ ବେମତଲବୀମାନେ ମଧ୍ୟ ଏହାକୁ ବିଶ୍ୱାସ କରିଥାନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ ଦୁର୍ନୀତି କରିବାକୁ କେହି ଆଗ୍ରହ ପ୍ରକାଶ ନକରନ୍ତି ଅବା ପ୍ରଶାସନିକ ବ୍ୟବସ୍ଥା ଦୁର୍ନୀତି ହେବାକୁ ସୁଯୋଗ ନଦିଏ ତେବେ ଦୁର୍ନୀତି ହେବ କେମିତି ? ଅର୍ଥାତ୍, ଭଗବାନ ଦୁର୍ନୀତିକୁ ନହଟାଇ ପାରିଲେ ବି ମଣିଷ ଚାହିଁଲେ ଏହାକୁ ହଟାଇ ପାରିବ। ଆବଶ୍ୟକ କେବଳ ପ୍ରଚେଷ୍ଟା। ଆବଶ୍ୟକ ବ୍ୟବସ୍ଥାରେ ପରିବର୍ତ୍ତନ।

ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପର୍କରେ ଗୋଟିଏ ଉଦାହରଣ ଦିଆଯାଇପାରେ। ଅଶୀ ଦଶକ ପୂର୍ବରୁ ଟ୍ରେନରେ ଯାତ୍ରୀ ଆରକ୍ଷଣ ବ୍ୟବସ୍ଥା କର୍ମଚାରୀମାନଙ୍କ ଦ୍ୱାରା କରାଯାଉଥିଲା। ସେତେବେଳେ ଏହି ଆରକ୍ଷଣ ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ହେଉଥିଲା। କିନ୍ତୁ ଯେବେଠାରୁ କମ୍ପ୍ୟୁଟର ଆରକ୍ଷଣ ବ୍ୟବସ୍ଥା ଲାଗୁ ହେଲାଣି, ରେଳ କର୍ମଚାରୀ ସ୍ତରୀୟ ଦୁର୍ନୀତି ବନ୍ଦ ହୋଇଯାଇଛି। ଯାହା ଦୁର୍ନୀତି ହେଉଛି ତାହା ବାହାରେ। ଏଣୁ ଦୁର୍ନୀତି ସମ୍ପର୍କରେ ନକାରାତ୍ମକ ମନୋଭାବ ପୋଷଣ ନକରି ସକାରାତ୍ମକ ଭାବ ପୋଷଣ କଲେ ଦୁର୍ନୀତି ଦୂର ହୋଇପାରିବ।

ରାଜ୍ୟମାନଙ୍କରେ ନକାରାତ୍ମକ ଭାବନାର ପ୍ରତିଫଳନ ହେଲା, ସଦା ସର୍ବଦା କେନ୍ଦ୍ରକୁ ନିଜର ଦାରିଦ୍ର୍ୟ ଓ ଅସହାୟତା ପାଇଁ ଦୋଷ ଦେବା। ଏକ୍ଷେତ୍ରରେ ସ୍ୱପ୍ରଚେଷ୍ଟା ଓ ଦକ୍ଷତା ବୃଦ୍ଧି ପାଇଁ ଯେତେଟା ପ୍ରଚେଷ୍ଟା କରାନଯାଏ, ତାହା ଅପେକ୍ଷା ଅନେକ ଗୁଣ ଦୋଷାରୋପ କରାଯାଏ ଅନ୍ୟ ଉପରେ। ସତ୍ ଉଦ୍ୟମ ଓ ସୁଶାସନ ଉପରେ ଗୁରୁତ୍ୱ ଦିଆଯାଏ ନାହିଁ। ଭିକ୍ଷା ମାଗି କେହି କେବେହେଲେ ସଂବୃଦ୍ଧ ହୋଇନାହିଁ।

ଭାରତ ଏକ ଆଇନ ମାନ୍ୟକାରୀ ରାଷ୍ଟ୍ର ନୁହେଁ। ଏ ରାଷ୍ଟ୍ରରେ ଆଇନ ଭଙ୍ଗକାରୀ ପ୍ରଶଂସାର ପାତ୍ର ହୁଏ। ନ୍ୟାୟକର ସମ୍ମାନ ମଧ୍ୟ ପାଇଥାଏ। ନିୟମ ଅନୁମତେ ଯଥା ପଥରେ ନଆସି ପଥର ବିପରିତ ଦିଗରେ ଆସିବା, ଧାଡ଼ି ଭାଙ୍ଗି ନିଜର ସୁବିଧା ହାସଲ କରିନେବା, ଶକ୍ତି ପ୍ରୟୋଗ କରି ନିଜ ପାଇଁ ଯାହା ପ୍ରାପ୍ୟ ନୁହେଁ ତାହାକୁ ହାସଲ କରିନେବା ଆଦି କାର୍ଯ୍ୟକୁ ଅନ୍ୟମାନେ କେବଳ ଅସହାୟ ଦୃଷ୍ଟିରେ ଦେଖୁନଥାନ୍ତି ସେତକ ନୁହେଁ, ଈର୍ଷାପୂର୍ଣ୍ଣ ଚକ୍ଷୁରେ ମଧ୍ୟ ଅବଲୋକନ କରିଥାନ୍ତି ଏବଂ ଆପଣାକୁ ଅଭିଶାପ ଦେଉଥାନ୍ତି, କାହିଁକି ସେମାନେ ନିଜେ ଏହି ବେଆଇନ କାର୍ଯ୍ୟ କରିପାରୁ ନାହାନ୍ତି। ସେମାନେ ନିଜେ ଯେ ଉଚିତ୍ କାର୍ଯ୍ୟ କରୁଛନ୍ତି, ସେଥିପାଇଁ ସେମାନଙ୍କର ଆନନ୍ଦ ଅବା ଗର୍ବ ନଥାଏ। ନକାରବାଦ ସେମାନଙ୍କ ପାଇଁ ଆଦର୍ଶର ମୂଳ ହୋଇଥାଏ।

ଦାରିଦ୍ର୍ୟକୁ ଏ ଦେଶରେ ଏକ ପୁଣ୍ୟ ବୋଲି ପରିଗଣିତ କରାଯାଏ। ସମ୍ପନ୍ନତା ଏଦେଶ ପାଇଁ ପାପ। କାହିଁକି ଜଣେ ସମ୍ପନ୍ନ ହେଲା, କାହିଁକି ଅଧିକ ଅର୍ଜନ କଲା, ତାହା ଏଦେଶରେ ବକ୍ଷଶୂଳତାର କାରଣ ହୋଇଥାଏ। ସାଧାରଣ ମାନସିକତାରେ ଗରିବ ଯେଉଁ ଅନ୍ୟାୟ କରୁଛି ତାହାକୁ ନ୍ୟାୟ ବୋଲି ପରିଗଣନା କରାଯାଏ। ଏହାର ପରିଣତି ହୁଏ, ଦେଶରେ ଗୋଟିଏ ପ୍ରକାର ଆଇନର ଅନୁପସ୍ଥିତି। ଗରିବ ନାଁରେ ଏକ କଳ୍ପିତ ଆଇନର ପ୍ରଣୟନ ହେତୁ ପ୍ରଭାବଶାଳୀ, ସୁବିଧାବାଦୀ ଓ ମତଲବୀ ବ୍ୟକ୍ତିମାନେ ତା'ର ସୁଯୋଗ ନେଇଥାନ୍ତି। ଦାରିଦ୍ର୍ୟ ଦୂରୀକରଣ ନୁହେଁ, ବରଂ ଦାରିଦ୍ର୍ୟ ସ୍ଥାୟୀକରଣ ହେଉଛି ଏକ ନେତିବାଦୀ ମାନସିକତାର ପରିପ୍ରକାଶ। ଦାରିଦ୍ର୍ୟକୁ ଏକ ଗୁଣ ରୂପେ ପରିଗଣନା କରିବା ସେହି ନେତିବାଦୀ ବିଚାରର ମୂଳ ପିଣ୍ଡ।

ସାମୂହିକ ଅତ୍ୟାଚାରର ଏକ ନେତିବାଦୀ ରାଷ୍ଟ୍ର ଚରିତ୍ରର ଦୃଷ୍ଟାନ୍ତ। ଏକ ଗୋଷ୍ଠୀର ସ୍ୱାର୍ଥ ପାଇଁ ସାରା ସମାଜ ଓ ରାଷ୍ଟ୍ରକୁ ଅଡୁଆରେ ପକାଇବା ଲାଗି ଆଦୌ କୁଣ୍ଠା ପ୍ରକଟ ନକରିବା ଓ ସେଥିପାଇଁ ରାସ୍ତାରୋକୋ, ରେଲରୋକୋ କରି ନିଜ ଲୋକଙ୍କ ନିକଟରେ ବାହବା ନେବା ଏକ ଚରମ ସୁବିଧାବାଦୀ ଓ ନେତିବାଦୀ ମାନସିକତାର ପରିଚାୟକ। ବ୍ୟକ୍ତି ଅତ୍ୟାଚାର ଅପେକ୍ଷା ଏହି ସାମୂହିକ ଅତ୍ୟାଚାର ଅତି ବେଦନାଦାୟକ, କାରଣ ଏହା ସମାଧାନ ତାତ୍କ୍ଷଣିକ ନୁହେଁ। ରାସ୍ତାରୋକୋ କରିଥିବା ଶହ ଶହ ବା ହଜାର ହଜାର ଲୋକମାନଙ୍କର ଅବରୋଧ ହଟାଇବା ପୋଲିସ, ଓ ପ୍ରଶାସନ ପକ୍ଷରେ ମଧ୍ୟ ସହଜ ନୁହେଁ।

ଅନ୍ୟର ଭାବନା ପ୍ରତି ସମ୍ବେଦନଶୀଳ ନହେବା ଏକ ନେତିବାଦୀ ସମାଜର ଲକ୍ଷଣ। ଝିଅ-ପୁଅ ବାହାଘର, ବ୍ରତଘର, ମନ୍ଦିରରେ ପୂଜା, ମେଢ଼ ଭସାଣି, ମସଜିଦ୍‌ରେ ଆଜାନ୍ ଓ ନମାଜ ପାଠ ଇତ୍ୟାଦିରେ ମାଇକ୍‌ର ବ୍ୟବହାର କାହିଁକି କରାଯିବ ? ଯେତେବେଳେ ମାଇକ୍‌ର ଉଦ୍ଭାବନ ହୋଇନଥିଲା ସେତେବେଳେ କ'ଣ ପୂର୍ବବର୍ଣ୍ଣିତ କାର୍ଯ୍ୟମାନ ସମ୍ପାଦିତ ହେଉନଥିଲା ? ସ୍ୱଇଚ୍ଛାର ପ୍ରତିପୂରଣ ବେଳେ ଅନ୍ୟର କ୍ଷତି ପ୍ରତି ଧ୍ୟାନ ନଦେବା ଏକ ଭୟଙ୍କର ଅପରାଧ ଯାହା ବିଶ୍ୱର


ସଭ୍ୟ ଓ ସମ୍ପନ୍ନ ରାଷ୍ଟ୍ରମାନଙ୍କରେ ପରିଲିକ୍ଷିତ ହୁଏ ନାହିଁ। ଅନ୍ୟର ଭାବନା ପ୍ରତି ସମ୍ବେଦନଶୀଳ ହୋଇ ନିଜର କାର୍ଯ୍ୟ ନିର୍ଦ୍ଧାରଣ କରିବା ଏକ ସଭ୍ୟତମ ସମାଜ ଓ ରାଷ୍ଟ୍ରର ଲକ୍ଷଣ। ଭାରତ ନିଜକୁ ଯେତେ ସଭ୍ୟତାର ପ୍ରତୀକ ବୋଲି ଘୋଷଣା କଲେ ମଧ୍ୟ ବାସ୍ତବରେ ଅସଭ୍ୟତା ଏଦେଶର ଭୂଷଣ ହୋଇଛି। ଏବଂ ଏହା ହୋଇଛି ନେତିବାଚକ।

ନକାରାତ୍ମକ ମନୋବୃତ୍ତି ହିଁ ଏକ ସଫଳ ରାଷ୍ଟ୍ରର ପଥରେ ପ୍ରମୁଖ ଅନ୍ତରାୟ ହୋଇଥିଲାବେଳେ ବାସ୍ତବରେ ଏହା ଥାଏ ସାହସ, ଅଧିକାର, ମାନବିକତାର ଉଜ୍ଜ୍ୱଳ ଘୋଡ଼ଣୀ ମଧ୍ୟରେ। ପରସ୍ତ ପରସ୍ତ ସେହି ଆବରଣକୁ ବାହାର କରି ତା'ର ଅସଲ ଗନ୍ଧକୁ ବାରିବାକୁ ପଡ଼େ, ଅସଲ ରୂପକୁ ଚିହ୍ନିବାକୁ ପଡ଼େ। ଚିହ୍ନିଲେ ଯାଇ ସତ୍ୟର ସ୍ୱରୂପ ପ୍ରକଟିତ ହୁଏ ଓ ମଣିଷର ଆତ୍ମାର ବିକାଶ ହୁଏ ଯାହାର ପ୍ରତିଫଳନ ହୁଏ ରାଷ୍ଟ୍ର ସଂବୃଦ୍ଧି ଉପରେ।

ସଂସାର ମାୟାଛନ୍ନ ନୁହେଁ, ଏହା ହେଉଛି ସତ୍ୟ। ଏ ସତ୍ୟକୁ ସାମନା କରିବା ହେଉଛି କର୍ତ୍ତବ୍ୟ, ତାହାକୁ ନିନ୍ଦିତ କରି କରି ଆଡ଼େଇ ଦେବା ବିବେକର ଲକ୍ଷଣ ନୁହେଁ।

ମୋବାଇଲ୍ ନଂ-୯୪୩୭୦୨୦୨୯୦
email: kharabelaswain@gmail.com

*With best compliments from*



Teestavalley Power Transmission Ltd.
(A IV Company of Teesta Urja Ltd. and Power Grid)

1st Floor, NBCC Tower, Bhikaji Cama Place
New Delhi - 110 066

Tel : +91-11-46598800
Fax : +91-1146529744

# ସମୟର ଖେଳ

ସୁଶ୍ରୀ ପ୍ରତିମା ଓଝା



ଅସିମା ରାୟ, ଗୋଟେ ମଧ୍ୟବିତ୍ତ ପରିବାରର ଝିଅ । ଦେଖିବାକୁ ଗୋଟିଏ ଚାଉଳରେ ଗଢ଼ା । ତାର ରୂପ ଯେମିତି ଗୁଣ ମଧ୍ୟ ସେମିତି । ସେ ଆସ୍ତେ ଆସ୍ତେ କୈଶୋରରୁ ଯୌବନରେ ପାଦଦେଲା। ସେ ମାଟ୍ରିକ୍ ଫାଷ୍ଟ କ୍ଲାସ୍‌ରେ ପାସ୍ କଲା । କିନ୍ତୁ ତାର ବାପା ମା ତାକୁ କଲେଜରେ ପଢ଼ାଇବାକୁ ଇଚ୍ଛୁକ ନଥିଲେ ଅର୍ଥ ଅଭାବରୁ। ବାପା ମାଙ୍କର ଅନିଚ୍ଛା ସତ୍ୱେ ଅସୀମା ନାମ ଲେଖାଏ +୨ ରେ । ବିଶେଷ ତାର କେହି ସାଙ୍ଗ ନଥାନ୍ତି । ସେ ମାର୍ଜିତ ପିଲାଙ୍କ ସାଙ୍ଗରେ ସାଙ୍ଗ ହୁଏ । କଲେଜ ଡ୍ରାମାରେ ସେ ଅଜୟ ସାଙ୍ଗରେ ରୋଲ୍ କରିଥିଲା । ତା ପରେ ଅଜୟଙ୍କ ମନରେ ଅସୀମା ଏକ ପ୍ରତିଛବି ହେଇ ରହିଗଲା । ସେ କଥା ସେ ଅସୀମାକୁ କହିବ କହିବ ବୋଲି କହିପାରି ନଥିଲା ।

ଅସୀମା ମଧ ସେହିଦିନଠାରୁ ଯେମିତି କିଛି ଜିନିଷ ହ୍ରେଇବାର ଅନୁଭବ କଲା । ପାଠରେ ମନ ଲାଗୁନାହିଁ । ତାର କିଛି ବି କରିବାକୁ ଇଚ୍ଛା ନାହିଁ । ଏ ସବୁ ଢଙ୍ଗରଂଗ ଦେଖି ବାପା ମା ତାର ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ। ତାର ବାପା ତାକୁ ଡାକ୍ତରଙ୍କ ପାଖକୁ ନେଇଗଲେ । ଡାକ୍ତର କହିଲା ଅସୀମାର ରୋଗ କିଛି ନାହିଁ । ତା ପରେ ତାର ପରୀକ୍ଷା ଆସିଲା। ସବୁଥରେ ଫାଷ୍ଟକ୍ଲାସ ପାଉଥିବା ଝିଅଟା +୨ ରେ ସେକେଣ୍ଡ କ୍ଲାସ ପାଇଲା । ଘରକୁ ଫେରୁଫେରୁ ତାର ଅଜୟଙ୍କ ସାଙ୍ଗରେ ଦେଖା ହୋଇଗଲା । ଦୁହେଁ ବସି ଗୋଟେ ପଥର ଉପରେ ଗପିଲେ । ଅଜୟ ଏହି ମଉକାରେ ତାର ମନକଥା କହି ଦେଇଥିଲା । ଅସୀମାଙ୍କ ଆଗରେ ଆଉ ତାର ମନକଥା ଜାଣିବାକୁ ଚାହିଁଥିଲା । ଅସୀମା କହିଲା, ତୁମେ ଗୋଟେ କୋଟିପତି ଘରର ପୁଅ ଆଉ ମୁଁ ଗୋଟେ ମଧ୍ୟବିତ୍ତ ପରିବାରର ଝିଅ । ଦେଖ ଅସୀମା, ମୋ ଉପରେ ଭରସା ରଖ। ମୁଁ ବାପା ମାଆଙ୍କର ସୁଖ ଦୁଃଖ ସବୁକିଛି । ମୋ ଛଡ଼ା ମା'ବାପାଙ୍କ ର କେହିବି ନାହିଁ । ମୋ ଖୁସିରେ ସେମାନେ ଖୁସି । ଆଜି ପର୍ଯ୍ୟନ୍ତ ମୁଁ ଯାହା ଚାହିଁଛି ମୋ ବାପା ମା ମୋର ସବୁ ଅଳି ଅରଦଳି ପୂରଣ କରିଛନ୍ତି । ମୁଁ ତୁମକୁ କଥା ଦେଉଛି ମୁଁ ନିଶ୍ଚୟ ତୁମକୁ ବାହାହେବି । ଏହାରି ଭିତରେ ପାଞ୍ଚବର୍ଷ ଗଡ଼ିଯାଇଛି । ଅସୀମା ବି.ଏ ପାସ କରି ଘରେ ରହିଛି । ତାର ବାହାଘର ପାଇଁ ତାର ବାପା ମା ବ୍ୟସ୍ତ । ଅଜୟ ସାଥିରେ ତାର ବାପା ମା ତାର ବାହା ଦେବା ପାଇଁ ରାଜି ନୁହନ୍ତି। ଶେଷରେ ଅସୀମା ଅଜୟ ପାଇଁ ନିଜ ଘର ଛାଡ଼ି ଚାଲିଯାଏ । ଅଜୟଙ୍କ ଘରେ ବେଶ୍ କିଛିଦିନ କଟିଯାଏ । ଶାଶୁ ଶ୍ୱଶୁରଙ୍କୁ ପାଖରେ ପାଇ ଏହାରି ଭିତରେ ଅସୀମାର ପ୍ରଥମ ସନ୍ତାନ ଜନ୍ମହେଲା । ସେ ପୁଣି ଝିଅଟେ । ଶାଶୁ ଏଥିରେ ଆଦୌ ଖୁସି ନୁହଁନ୍ତି। ଏଇଠୁ ଅତ୍ୟାଚାର ଆରମ୍ଭ ହୁଏ ଅସୀମା ଉପରେ। ଘରର ସବୁକାମ କରିନିଏ ଅସୀମା ଆଖିର ଲୁହକୁ ଆଖିରେ ମାରି । ତା ମଧ୍ୟରେ ଅଜୟ ବି ବଦଳି ଯାଆନ୍ତି । ଅସୀମାର ପଦେକଥାରେ ସେ ଭାରି ବିରକ୍ତ ହେଉଛନ୍ତି ତା ଉପରେ, ସତେ ଯେମିତି ଅସୀମା ମାଟି କଣ୍ଢେଇଟା । ସବୁ ସହିଯାଉଛି ଅସୀମା ।

ଶାଶୁ ପୁଣି ତାର ଦେଖେଇ ଦେଖେଇ କୁହନ୍ତି ପଡ଼ିଶାମାନଙ୍କ ଆଗରେ । ତୁମ ପୁଅମାନେ କେତେ ଯାନିଯୌତୁକ ଆଣୁଛନ୍ତି ଆଉ ମୋ ବୋହୁ ଗଦାଏ ସାର୍ଟିଫିକେଟ ଯେମିତି ଆମେ ସେ ସାର୍ଟିଫିକେଟକୁ ଚାଟିବୁ । ମୁଁ ମୋ ପୁଅଟାକୁ ଆଉ ଥରେ ବାହା ଦେବି, ଭଲ ଯାନିଯୌତୁକ ଆଣିବି । ଏସବୁ କଥା ଅସୀମା ଶୁଣେ । ଜାଣେନାହିଁ ଏହା ଯେ ଦିନେ ବାସ୍ତବରେ ପରିଣତ ହୋଇଯିବ । ଅଜୟଙ୍କର ନିତିଦିନ ମଦପିଇ ଘରକୁ ଫେରିବା ଅଭ୍ୟାସରେ ପଡ଼ିଗଲାଣି । ସେହିଦିନ ଖସିପଡ଼ିଥିଲା ଆକାଶ ଅସୀମା ମୁଣ୍ଡ ଉପରେ, ଯୋଉଦିନ ନୂଆ କରି ଅଜୟ ଆଣିଥିଲା ଅଳକାକୁ ଘରକୁ କୂଳବଧୂର ସମ୍ମାନ ଦେଇ। ଯାନିଯଉତୁକରେ ଘର ପୁରିଉଠୁଥାଏ । କିନ୍ତୁ ଅଳକା ଥିଲା ଭିନ୍ନ ଧରଣର ଝିଅ । ବଡ଼ଘର ଝିଅ ହେଲେ ମଧ ଆତ୍ମଗର୍ବି ନୁହଁ । ଅସୀମାକୁ ସେ ତାର ବଡ଼ ଭଉଣୀ ଭଳି ସମ୍ମାନ ଜରେ। ଏହା ତା ଶାଶୁଙ୍କ ଦେହରେ ଯାଏ ନାହିଁ। ଅସୀମାକୁ ଘରର ସବୁ କାମ କରିବାକୁ ପଡ଼େ । କିନ୍ତୁ ଅଳକା ଆସିବା ଦିନରୁ ସେ ତା ହାତରୁ କାମ ଛଡ଼େଇ ଜରେ। ଅଳକା ଅଜୟଙ୍କର ସବୁ ବିଷୟରେ ଜାଣି ମଧ ତାଙ୍କୁ ବାହାହୋଇଛି । କେବଳ ସେମାନଙ୍କୁ ଶାସନ କରିବାକୁ । ଅସୀମା ଉପରେ ସବୁବେଳେ ତାର ଶାଶୁଘର ଲୋକେ ବିରକ୍ତ ହୁଅନ୍ତି । କିନ୍ତୁ ଅଳକା ପାଇଁ ବଂଚିଯାଏ ଅସୀମା ।

ଥରେ ପେପର ପଢୁ ପଢୁ ଅଳକା ଦେଖିଲା ବିଜ୍ଞାପନ ବାହାରିଛି ମାଷ୍ଟର ଚାକିରି ପାଇଁ। ଅଳକା ମାଟ୍ରିକ୍ ଫେଲ କିନ୍ତୁ ବହୁତ ବୁଦ୍ଧିମତୀ । ସେ ଅସୀମାକୁ ସବୁ କହିଲା। ଅସୀମା ମଧ ଫାଷ୍ଟକ୍ଲାସ ପାଇଥାଏ। ଚାକିରିଟି ହୋଇଗଲା। ତାକୁ ସମ୍ବଲପୁରରେ ରହିବାକୁ ପଡ଼ିଲା । ସେଠି ସେ ତାର ଝିଅର ଠିକ୍ ଯତ୍ନ ନେଇପାରିଲା ନାହିଁ। ତେଣୁ ଉଷାକୁ ଅଳକା ପାଖରେ ଛାଡ଼ିବାକୁ ପଡ଼ିଲା । ଏଥର ଘରର ସବୁ କାମ ଶାଶୁ ମାଙ୍କୁ କରିବାକୁ ପଡ଼ିଲା । ନ କଲେ ଅଳକା କଥା କଥାକେ ଧର୍ମ କଥା ଆରମ୍ଭ କରିଦେଲା । ବୁଢ଼ୀ ତାର ଭୁଲ ବୁଝିପାରିଲା। ଏଥରକ ସେ ଅସୀମା କଥା ଭାବିଲା । ହେଲେ ଅସୀମା ତ ଚାକିରିରେ କୋଉଠି କେମିତି ବୁଲିବାକୁ ଆସେ । ଥରେ ଅଧେ ଘରକୁ ଆସିଥିଲା। ଏଥରକୁ ତାକୁ ଆଉ ଶାଶୁ ଛାଡ଼ିଲେ ନାହିଁ । କହିଲେ ତୁ ଯଦି ଯାଉଛୁ ମୋତେ ସାଙ୍ଗରେ ନେଇଯା । ଅଳକା କହିଲା ସେ କଥା ହୋଇପାରିବନି । ତୁମେ ଚାଲିଗଲେ ମୋତେ ରୋଷେଇ କରି ଖାଇବାକୁ ଦେବ କିଏ ? ବୁଢ଼ୀ ଆଉ ଗଲାନି ।

ଉଷା ବି ବଡ଼ହୋଇ ପୋଲିସି ଅଫିସର ହେଲା। ସେ ଅସୀମା ଅପେକ୍ଷା ଅଳକା ପାଖରେ ତାର ଅଳି ଅରଦଳି । ଅଳକା ତାକୁ ସବୁବେଳେ ଶିଖାଏ. ମା'ରେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବୁ, ହାରିଯିବୁ ନାହିଁ ।

ଅଜୟ ଦିନକୁ ଦିନ ଦେବାଳିଆ ହୋଇଗଲେ। ସେ ଲାଞ୍ଚନେଇ କାମ କଲା। ଏ ସବୁ ଉଷା ଜାଣିପାରି ଅଜୟକୁ ଆରେଷ୍ଟ କଲା। ସେହିଁଦିନ ବେଶୀ ଖୁସି ହୋଇଥିଲେ ଅଳକା ।

# ଓଡ଼ିଶାର ପଲ୍ଲୀ ପରଂପରାରେ ଶିଶୁଖେଳ ଗୀତ

ଇଂ ସତ୍ୟବ୍ରତ ରଥ

ଭାରତ ବର୍ଷର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଓଡ଼ିଶା ଏକ ଐତିହ୍ୟମଣ୍ଡିତ ରାଜ୍ୟ । ବହୁ ପୂର୍ବରୁ ଏହା କଳିଙ୍ଗ ନାମରେ ଖ୍ୟାତି ଅର୍ଜନ କରିଥିଲା । ଇଂରେଜ ଶାସନ ସମୟରେ ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ପରିଚୟ ପାଇଲା । ବହୁ ଘାତ ପ୍ରତିଘାତ ମଧ୍ୟ ଦେଇ ଗଠିତ ହୋଇଥିବା ଆଜିର ଓଡ଼ିଶା ଆମ ମାନଙ୍କର ଜନ୍ମଭୂମି । ଏହି ରାଜ୍ୟର ପୂର୍ବ ଭାଗରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ଼, ଉତ୍ତରରେ ଝାଡ଼ଖଣ୍ଡ ଏବଂ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଅବସ୍ଥିତ । ଓଡ଼ିଶା ରାଜ୍ୟର ଭାଷା ଓଡ଼ିଆ, ଯାହା କି ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି ।

ଓଡ଼ିଶା ରାଜ୍ୟର ସଂସ୍କୃତି ଓ ପରଂପରା ମହାନ । ଓଡ଼ିଆମାନେ କଳାରେ ନିପୁଣ ବୋଲି ଏହି ରାଜ୍ୟର ଅନ୍ୟ ଏକ ନାମ ଉତ୍କଳ । ଓଡ଼ିଆ ଭାଷାରେ ଅସଂଖ୍ୟ କାବ୍ୟ କବିତା ରଚିତ ହୋଇ ଆମ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଓଡ଼ିଆ ଛାନ୍ଦ, ଚଉପଦୀ, ଚଉତିଶା, କେନ୍ଦେରା ଗୀତ, ଘୋଡ଼ାନାଚ, ନାନାବାୟା ଗୀତ ଓ ଶିଶୁଖେଳ ଗୀତର ସ୍ୱତନ୍ତ୍ରତା ରହିଛି ।

ଆମ ପୁରପଲ୍ଲୀରେ ଶିଶୁଖେଳ ଗୀତର ପ୍ରଚଳନ ବହୁ ପୂର୍ବରୁ ରହିଆସିଛି । ସଂଗୃହୀତ ତଥ୍ୟ ଅନୁସାରେ ବୃଦ୍ଧୀ ସାଧବାଣୀ ମାନେ ନାତି ନାତୁଣୀଙ୍କୁ ବିଭିନ୍ନ ଢ଼ଙ୍ଗରେ ଖେଳାଇବା ପାଇଁ କୌତୁକିଆ ଗୀତ ବୋଲୁଥିଲେ । ଜଣେ ଆଲୋଚକ କହିଛନ୍ତି - ପ୍ରାୟ ଷଷ୍ଠ ଶତାବ୍ଦୀ ବେଳଠୁ ଓଡ଼ିଶାରେ ଶିଶୁଖେଳ ଗୀତ ପ୍ରଚଳିତ ହୋଇଛି । ଯେଉଁ କ୍ଷେତ୍ରରେ ଜେଜେମା ନ ଥାଆନ୍ତି, ମାଆମାନେ ଏହି ଗୀତ ବୋଲି ଅଝଟ ଶିଶୁମାନଙ୍କୁ ଶାନ୍ତ କରାଇଥାନ୍ତି ।

ଓଡ଼ିଶାର ପୁରପଲ୍ଲୀମାନଙ୍କରେ ଯେତେ ଯେତେ ଶିଶୁଖେଳ ବା ଶିଶୁବୋଧ ଗୀତ ରହିଛି, ତାହା ସଂଗ୍ରହ କରିବା ସମ୍ଭବ ନୁହେଁ । ଏହି ଗୀତଗୁଡ଼ିକ ସାଧାରଣତଃ ପାଞ୍ଚମାସରୁ ପାଞ୍ଚ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ପ୍ରସଙ୍ଗ କ୍ରମେ ସଂଗୃହୀତ କେତୋଟି ଗୀତ ଉପସ୍ଥାପନ କରାଗଲା ।

୧ – ଟୁଉକୁ ମୁଷୀ ଗୀତ :

ଟୁଉକୁ ମୁଷୀ, ଟୁକେଇ ମୁଷୀ
ଧାନ ଭରଣକ ଖାଉଥା ବସି ।
ତୁ ଥା ମୁଁ ଯାଉଛି ରଷି
ହୁଡ଼ିଲେ କୂଅରେ ପଡ଼ିବୁ ଖସି ।
ଏଇଟି ବୋଇଲା – କିସ କରିବା
ଏଇଟି ବୋଇଲା – କାହୁଁ ଆଣିବା
ଏଇଟି ବୋଇଲା – ରଣ କରିବା
ଏଇଟି ବୋଇଲା – କାହୁଁ ଶୁଝିବା
ବୁଢ଼ା ବଗୁଲିଆ ଥାଇ କହିଲା, କହିଲା, କହିଲା –
ଲୁଚି ଲୁଚିକା ଧାଇଁ ପଳେଇବା ।



ଖେଳ : ଜେଜେମା କିମ୍ବା ମାଆ ଶିଶୁକୁ କୋଳରେ ବସାଇ ତା ଡାହାଣ ହାତ ପାପୁଲିକୁ ଧରି ନିଜ ବିଶି ଆଙ୍ଗୁଠି ଶିଶୁକୁ ଦେଖାଇ ଟୁଉକୁ ମୁଷୀଠାରୁ --------- ପଡ଼ିବୁ ଖସି ପର୍ଯ୍ୟନ୍ତ ସ୍ୱର ଦେଇ ବୋଲିବେ । ତା'ପରେ ଶିଶୁର କାଣି ଆଙ୍ଗୁଠିକୁ ଧରି କହିବେ – ଏଇଟି ବୋଇଲା କିସ କରିବା ? ଅନାମିକା (ମୁଦି) ଆଙ୍ଗୁଠିକୁ ଧରି କହିବେ – ଏଇଟି ବୋଇଲା କାହୁଁ ଆଣିବା ? ମଝି ଆଙ୍ଗୁଠିକୁ ଧରି କହିବେ – ଏଇଟି ବୋଇଲା ରଣ କରିବା । ବିଶି ଆଙ୍ଗୁଠିକୁ ଧରି କହିବେ – ଏଇଟି ବୋଇଲା କାହୁଁ ଶୁଝିବା । ତା'ପରେ ବୁଢ଼ା ଆଙ୍ଗୁଠିକୁ ଧରି କହିବେ – ବୁଢ଼ା ବଗୁଲିଆ ଥାଇ କହିଲା, କହିଲା, କହିଲା – ଲୁଚି ଲୁଚିକା ଧାଇଁ ପଳେଇବା । ଧାଇଁ ପଳେଇଲା --- ଧାଇଁ ପଳେଇଲା ।

ଗୀତଟି ଅର୍ଥ ବୋଧକ ନ ହୋଇପାରେ, କିନ୍ତୁ ଶିଶୁର ମନକୁ ଆମୋଦିତ କରିଥାଏ । କେହେ ଶିଶୁ ଖନେଇ ଖନେଇ ଜେଜେମାଙ୍କୁ କିଛି ପଚାରିଥାନ୍ତି ।

୨ – ଖଜା ପାଗୁଁ ଗୀତ :

ଖଜ୍ଜା ପାଗୁଁ
ମୁଆ ପାଗୁଁ
ମିଠେଇ ପାଗୁଁ
ମନୋହର ପାଗୁଁ
ପାଗୁଁ ପାଗୁଁ ଆମ ଅମକ ମୁଣ୍ଡରେ ଗୁଣ୍ଡୁଚି ପାଡୁ ।

ଖେଳ: ଶିଶୁର ପାପୁଲିକୁ ନିଜ ଆଙ୍ଗୁଠି ଗୁଡ଼ିକରେ ଆଉଁସି ଜେଜେମା କିମ୍ବା ମାଆ ଏହି ଗୀତଟି ବୋଲି ପିଲାର ମନକୁ ଖୁସି କରାଇ ଥାଆନ୍ତି । ଗୀତଟି ସାଧାରଣତଃ ଏକ ବର୍ଷ ବୟସର ଶିଶୁମାନଙ୍କ ପାଇଁ ପ୍ରଯୁଜ୍ୟ ।

୩ – ତାଲି ତାଲି ଗୀତ :

ତାଲି ତାଲି —

ବନମାଳି —
ଦୁଧ ଭାତ ଖାଇ ଥାଳି ଥାଳି
ନଙ୍ଗଲୁ ବାବାଜୀ ଯିବ ବୁଲି
ମାମୁଁ ଘର ଗାଆଁ ନଈବାଲି ।
ତାଳି ତାଳି, ତାଳି ତାଳି ।

ଖେଳ: ଶିଶୁର ଦୁଇ ପାପୁଲିକୁ ଦୁଇ ହାତରେ ଧରି ତାଳି ମରାଇ ଜେଜେମା ମାନେ ଏହି ଗୀତଟି ବୋଲିଥାଆନ୍ତି । କିଛି ଦିନ ଏହି ଗୀତ ଶୁଣି ଶିଶୁ ନିଜେ କୁନି କୁନି ପାପୁଲିରେ ତାଳି ମାରିଥାଏ । ପିଲାଙ୍କର ଅଙ୍ଗ ପ୍ରତ୍ୟଙ୍ଗ ଚାଳନା ପାଇଁ ଏହି ଗୀତଟି ପ୍ରେରଣା ଦେଇଥାଏ ।

୪ – ଠିଆ ଠିଆ, ପାଣି ମାଠିଆ ଗୀତ :
ଠିଆ ଠିଆ
ପାଣି ମାଠିଆ
ଗୋବରା ଚଢ଼େଇ ଭାରି ମଠୁଆ
ପାଚିଲା କଦଳୀ ନେଲା ଘାଟିଆ
ଆମେ ଅମକର ବଡ ବେଠିଆ ।

ଖେଳ: ଶିଶୁମାନେ ଠିଆ ଠିଆ ହେବା ପାଇଁ ଏହି ଗୀତଟି ବୋଲାଯାଏ । ତାଳିମାରି ଶିଶୁକୁ ଠିଆ ହେବା ପାଇଁ ଉତ୍ସାହିତ କରାଯାଏ ।

୫ – ଛଇଲୀ ପୁଷି ବିଲେଇ ଗୀତ :
ଛବଲୀ ପୁଷି ବିଲେଇ
ସେଇଟା ଭାରୀ ଓଲେଇ
ତା'ର ଗୋଟାଏ ନାକ
ଆମ ଅମକ ବଡ଼ ଦୁଷ୍ଟ
ଗୋଇଠା ମାରୁଛି ଦେଖ ।
ଗହୀର ବିଲରେ ମକା
ଆମ ଅମକକୁ କିଏ ମାଇଲା
ଉହୁଁ ପଡ଼ିଅଛି ଫିକା ।

ଖେଳ: ପିଲା ଟିକିଏ ବଡ ହୋଇଗଲେ ତାକୁ ପାଖରେ ବସାଇ ପୁଷି ମାଉସୀକୁ ଦେଖାଇ ଜେଜେମାମାନେ ଏହି ଗୀତଟି ବୋଲି ଥାଆନ୍ତି ।

୬ - ନିଦ ମାଉସୀ ଗୀତ :
ନିଦ ମାଉସୀ ଲୋ ନିଦ ମାଉସୀ,
ବାଡିବରଣ୍ଡାରେ ଥାଆ ତୁ ବସି ।
ଆମ ଅମକଟା ବଡ ଚଞ୍ଚଳା
ଗାଲକୁ ମୋହର ରାମ୍ପୁଡି ଦେଲା ।
ଟାଙ୍ଗୁଡ଼ିରେ ଥିଲା ଭଇଁଚ କୋଳି
ଗୋଡ଼ ମାରି ତାକୁ ଦେଲା ଅଜାଡି ।
କୋଳି ସାତ ଜାତି ଭଇଁଚ ରାଜା
ପଖାଳ ଭାତକୁ ଇଲିସି ଭଜା ।
ଦାନ୍ତ ନାହିଁ କୋଳି ଖାଇବି କାହୁଁ
ପାକୁଆ ପାଟିକୁ ମାଣ୍ଡିଆ ଜାଉ
ନିଦ ମାଉସୀ ଲୋ ନିଦ ମାଉସୀ
ବାଡ଼ି ବରଣ୍ଡାରେ ଥାଆ ତୁ ବସି ।
ଡାକିଲେ ଝଅଟ ତୁହି ଆସିବୁ
ଆମ ଅମକକୁ ଶୁଆଇ ଦେବୁ
ଟାଙ୍ଗୁଡ଼ିଏ କୋଳି ଦେବି ଖାଇବୁ ।

ଖେଳ: ଶିଶୁ ଅଝଟ ହୋଇ ଶୋଉ ନ ଥିଲେ, ତାକୁ ଥାପୁଡାଇ ଜେଜେମାମାନେ ନିଦ ମାଉସୀ ଗୀତ ବୋଲିଥାଆନ୍ତି । ଏହି ଗୀତଟି ଭାବ ପ୍ରାଂଜଳ ଓ ସରଳ ।

ଶିଶୁମାନେ ସାଧାରଣତଃ ଚଗଲା ହୁଅନ୍ତି; ଅଳି, ଅଝଟ କରିଥାଆନ୍ତି, ବେଳେବେଳେ ସହଜରେ ଖାଦ୍ୟ ଖାଇ ନଥାଆନ୍ତି । ବାଳାନାଂ ରୋଦନଂ ବଳମ୍ – ଶିଶୁମାନଙ୍କର ବଳ ହେଉଛି କାନ୍ଦିବା । କାନ୍ଦ ମାଧ୍ୟମରେ ସେମାନେ ଆପତ୍ତି, ଅଭିଯୋଗ ଜଣାଇଥାଆନ୍ତି । ଶିଶୁ ମନସ୍ତତ୍ତ୍ୱକୁ ଅନୁଭବ କରି ବୟୋଜ୍ୟେଷ୍ଠ ଜେଜୀମାମାନେ ଅନେକ ଶିଶୁବୋଧ ଗୀତ ବୋଲିଥାଆନ୍ତି । ସ୍ଥଳ ବିଶେଷରେ ଏହି ଗୀତ ଗୁଡ଼ିକରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଶିଶୁ ତିନି ଚାରି ବର୍ଷର ହୋଇଗଲେ ସେ କିଛି କିଛି ବୁଝିପାରେ ଓ କହିପାରେ । ଏହି ବୟସର ଶିଶୁମାନଙ୍କୁ ଶାନ୍ତ କରାଇବା ପାଇଁ କେତେଗୁଡ଼ିଏ ଗୀତ ରହିଛି । ଗୋଟିଏ ଗୀତର ଉଦାହରଣ ଦିଆଗଲା ।

୭ – ମୁଁ ତ ବଗ ଗୀତ :
ମୁଁ ତ ବଗ
ମୁଁ ଚାଲୁଥାଏ ଡଗଡଗ
ମୋ ଚାଲି କିଏ ଦେଖିବ ରେ
ରଜା ଗଲେ ପରବାସ

କିଙ୍କିଣି କିଙ୍କିଣି କିଙ୍କିଣି ।
ମୁଁ ତ ପାରା
ଘୁମୁରୁଥାଏ ମୁଁ ପହର ସାରା
ମୋ ଘୁମୁରା କିଏ ଶୁଣିବରେ
ରଜା ଗଲେ ପରବାସ
କିଙ୍କିଣି କିଙ୍କିଣି କିଙ୍କିଣି ।
ମୁଁ ତ କୁଆ
ଥଣ୍ଟରେ ଭାଙ୍ଗେ ମୁଁ ଦେଉଳି ଗୁଆ
ମୋ ଥଣ୍ଟ କିଏ ଦେଖିବରେ
ରଜା ଗଲେ ପରବାସ
କିଙ୍କିଣି କିଙ୍କିଣି କିଙ୍କିଣି ।

ଓଡିଆରେ ପ୍ରଚଳିତ ଶିଶୁଖେଳ ବା ଶିଶୁବୋଧ ଗୀତଗୁଡିକ ଦୁଇପ୍ରକାର – ଜେଜୀମାମାନେ ବୋଲୁଥିବା ଗୀତ, କେତେ ଜଣ ଶିଶୁ ଏକାଠି ହୋଇ ଗୀତ ବୋଲି ଖେଳୁଥିବା ଗୀତ। ଚକାଚକା ଭଉଁରୀ, ଇଚିକିଲି ମିଚିକିଲି, ଉଦୁ ଉଦୁମା, ରଜା, ମନ୍ତ୍ରୀ ଇତ୍ୟାଦି ଗୀତଗୁଡ଼ିକର ବହୁଳ ପ୍ରଚଳନ ରହିଛି ।

ଚକାଚକା ଭଉଁରୀ
ମାମୁ ଘର ଚମଁରୀ
ଗୁହାଳରେ ତିିନି ଗାଈ
ହୀରା, ମୋତି, ଗଉରୀ ।
ମାମୁ ମତେ ମାଇଲେ
କେତେ କଥା କହିଲେ
ମାଇଁ ମୋତେ ଗେଲ କରି
ଦୁଧ ଭାତ ଖୋଇଲେ ।
ଚନ୍ଦା ମୁଣ୍ଡିଆ ଅଜା
ମୋ ପାଇଁ ଆଣିଦେଲେ
ଗୁଡିଆ ଘରୁ ଖଜା ।
ଖଜା ଯୋତେ ଦେଇ
ଚିପାଚିପି ଗପ ମୋତେ
ଶୁଣେଇଲା ଆଈ ।

ଏହି ସବୁ ଗୀତର ପ୍ରଚଳନ କ୍ରମଶଃ ଲୋପ ପାଇବାକୁ ବସିଲାଣି । ଏହି ଗୀତଗୁଡିକ ଆମ ଭାଷା ସାହିତ୍ୟର ଅଳଙ୍କାର ସଦୃଶ । ଆଜିକାଲି ଲୋକମାନେ ଅଧିକ ମାତ୍ରାରେ ସହରାଭିମୁଖୀ ହୋଇ ପଡିଛନ୍ତି । ପଲ୍ଲୀ ଜୀବନର ମାଧୁର୍ଯ୍ୟ, ସାମାଜିକ ଏକତା, ସ୍ନେହ, ଶ୍ରଦ୍ଧା ଓ ଆତ୍ମୀୟତା ଏବେ ଆଉ ନାହିଁ । ଆମ ସଂସ୍କୃତିର ମୁଖଶାଳା ଉପରେ ସତେ ଯେପରି ଉଭଟ ଆଧୁନିକତାର ଶିଉଳି ମାଡିଗଲାଣି । ତଥାପି ଅତୀତର ସେହି ଶିଶୁଖେଳ ଓ ଶିଶୁବୋଧ ଗୀତଗୁଡିକ କେଉଁଠି କେଉଁଠି ବଂଚି ରହିଛନ୍ତି । ଓଡିଆ ଭାଷା ଓ ସଂସ୍କୃତି ଉପରେ ଗବେଷଣା ଚଳାଇଥିବା ଭାଷାବିତ୍ ମାନେ ଓଡ଼ିଆ ଶିଶୁଖେଳ ଗୀତଗୁଡିକର ପୁନରୁଦ୍ଧାର ଓ ସଂରକ୍ଷଣ ଦିଗରେ ମନବଳାଇଲେ ତାହା ଏକ ମହନୀୟ ଓ ପ୍ରଶଂସନୀୟ ପଦକ୍ଷେପ ହେବ ।

କଲେଜ ରୋଡ, ବାଙ୍କୀ
ପୋ: ବାଙ୍କୀ, କଟକ (ଓଡ଼ିଶା)
ମୋ: ୯୯୩୭୩୨୭୬୪୭
e-mail: satyabratarath@gmail.com

# ସାଢ଼େ ତିନି ଘଣ୍ଟା

ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବିବାହର ସାତ ମାସ ବିତିଗଲାପରେ ହଠାତ୍ ଦିନେ ରେଖାକୁ ଜଣାପଡ଼ିଲା ଯେ ତା ସ୍ୱାମୀ ତାକୁ ନେଇ ବାହାରକୁ ଯାଉଛନ୍ତି । ଅବଶ୍ୟ ତା'ର ସବୁ ସାଙ୍ଗମାନେ ବିବାହ ପରେ ପରେ ହନିମୁନ୍ କରିବାପାଇଁ ଯାଇଥିଲେ, ହେଲେ ରେଖା ଭାଗ୍ୟରେ ସେ ସୁଯୋଗ ଜୁଟି ନଥିଲା । ସବୁବେଳେ କର୍ମବ୍ୟସ୍ତ ରହୁଥିବା ରମେଶ ଘରେ ରହିବା ପାଇଁ ବି ସମୟ ପାଉନଥିଲା ଆଉ ହନିମୁନ୍ କରିବା ପାଇଁ ଯିବାପାଇଁ ସେ ରାଜି ହୁଅନ୍ତା କିପରି ? ବିବାହର ସାତମାସ ବିତିଯାଇଥିଲେ ସୁଦ୍ଧା ରେଖା ରମେଶ ସମ୍ମୁଖରେ ଠିଆହୋଇ କିଛି ଗୋଟେ କହିବା ଭଳି ଶକ୍ତି ବା ସାହାସ ସଂଚୟ କରି ପାରିନଥିଲା । ରମେଶ ଥିଲା ପରିବାରର ସବୁଠୁ ବଡ଼ ପୁଅ ଆଉ ପରିବାରର ସବୁଠୁ ଅଧିକ ଆୟ କରୁଥିବା ପୁରୁଷ ତେଣୁ ତା'ର କୌଣସି କଥାକୁ କେହି ମନା କରିବା ଭଳି ସାହାସ କରୁନଥିଲେ । ସକାଳ ସାଢ଼େ ସାତରୁ ସେ ବାହାରି ଯାଏ ଯେ ଫେରିବା ବେଳକୁ ଦିନେ ଦିନେ ରାତି ଅଧାପର ହୋଇଯାଏ । ନୂଆ ନୂଆ ବାହାହେବା ପରେ ରମେଶର ଫେରିବା ବାଟକୁ ଚାହିଁ ରେଖା ଅନିଦ୍ରା ରହୁଥିଲା ହେଲେ ଦିନେ ରମେଶ ନିଜେ କହିଦେଲା ଯେ 'ମୋ' ପାଇଁ ଅପେକ୍ଷା କରିବା ଛାଡ଼ିଦିଅ ।' ବାସ ତା'ପରଠୁ ରମେଶ କେତେବେଳେ ଘରକୁ ଆସେ କେତେବେଳେ ଯାଏ ସେ ସବୁର ହିସାବ ରେଖା ପାଖରେ ନାହିଁ ।

ସବୁବେଳେ ବ୍ୟସ୍ତ ରହୁଥିବା ଜ୍ୱାଇଁଙ୍କ ଦେଖା ମିଳିବା କଷ୍ଟ, ତେଣୁ ଆଜି ପର୍ଯ୍ୟନ୍ତ ତା'ର କୋଠାମଡ଼ାଣୀ ବା ବିବାହ ପରବର୍ତ୍ତି ସମୟରେ ଝିଅଘର ତରଫରୁ ଜ୍ୱାଇଁଙ୍କୁ ଦିଆଯାଉଥିବା ସମ୍ମାନ, ଭାର ବେଭାର ଆଦି ପରମ୍ପରାଗତ କାର୍ଯ୍ୟକ୍ରମ ହୋଇ ପାରିଲା ନାହିଁ । ଅଗତ୍ୟା ରେଖାର ବାପା ଭାର, ଟଙ୍କା ଆଉ ଯାହା ସବୁ ଦରକାର ରମେଶ ଘରକୁ ପଠାଇଦେଲେ ।

ରମେଶଙ୍କ ମା' ଭାରୀ କଡ଼ା ମିଜାଜ୍‌ର ଲୋକ । ଘରେ ସାମାନ୍ୟ କୋଳାହଳ ହେଲେ ସେ ଚିଲ୍ଲେଇ ଉଠନ୍ତି । ଘରଟା ଘର କମ କୌଣସି ହୋଟେଲ କିମ୍ବା ଲାଇବ୍ରେରୀ ପରି ଲାଗେ । ଦାଣ୍ଡଘରେ ଧାଡ଼ି ଧାଡ଼ି କରି ସଂଖ୍ୟାଧିକ ବହିର ସମ୍ଭାର । କେହି କେବେ ପଢ଼ିବାର ରେଖା ଦେଖିନି ଅବଶ୍ୟ । ଶୁଣିଥିଲା ଶଶୁର କାଳେ ପଢ଼ା ପଢ଼ି କରନ୍ତି ହେଲେ ଆଜିକାଲି ଶଶୁର ବି ବ୍ୟସ୍ତ । ସେ ବି ପୁଅ ସାଥିରେ ଦିନରାତି ରହୁଛନ୍ତି । ଶେୟାର ମାର୍କେଟରେ ଉଚ୍ଚନୀଚ କିଛି ହେଲା ବାପା ପୁଅ ସାରାରାତି ଅନିଦ୍ରା ରହନ୍ତି । ଘରେ ଚାରିଜଣ ଚାକର ଚାକରାଣୀ ତେଣୁ ରେଖାକୁ କୌଣସି କାମ କରିବାକୁ ପଡ଼େନି । ସୂର୍ଯ୍ୟ ଉଇଁଲା ପରେ ସେ ଖଟରୁ ଓହ୍ଲାଏ । ଘରେ କଣ ରୋଷେଇ ହେବ କଣ ନାହିଁ ସେ ସବୁ କଥା ଶାଶୁ ବୁଝନ୍ତି । ତେଣୁ ସେ ଦିନସାରା ନିଜ ରୁମରେ ବସି ଟିଭି ଦେଖେ । ଆଜି କିନ୍ତୁ ରମେଶ ଖୁବ୍ ଶୀଘ୍ର ଅଫିସରୁ ଫେରି ଆସିଥିଲେ । ସନ୍ଧ୍ୟା ସାତଟାରେ ବୈଠକ ଘରେ ସବୁ ବସି କଣ କଥାବାର୍ତ୍ତା ହେଉଥିଲେ । ରେଖା ସେଥିରେ ମୁଣ୍ଡ ଖେଳାଏନି । ସେ ନିଜ ରୁମରେ ହିଁ ଥିଲା । ରମେଶ ରୁମକୁ ଆସୁ ଆସୁ କହିଲେ, 'କାଲି ସୁଟକେଶ୍ ମୋର ରେଡ଼ି କରିଦେବ, ଦିଲ୍ଲୀ ଯିବି । ତୁମେ ଯଦି ଚାହୁଁଛ ନିଜ ଲୁଗାପଟା ବି ପ୍ୟାକ୍ କରିଦିଅ । ସାଥିରେ ଯାଇ ଆସିବ ।'

'କଥାଟା ଆହୁରି ସୁନ୍ଦର ଭାବରେ କୁହାଯାଇ ପାରିଥାନ୍ତା । ଏମିତି ବି କହି ଦେଇପାରନ୍ତ ଯେ ଚାଲ ମୁଁ ତୁମକୁ ଦିଲ୍ଲୀ ବୁଲେଇ ଆଣିବି । କିମ୍ବା ମୋତେ ଦିଲ୍ଲୀରେ ଏକା ଏକା ବିରକ୍ତ ଲାଗିବ, ତୁମେ ସାଥିରେ ଥିଲେ ବହୁତ ଭଲ ଲାଗିବ । କିମ୍ବା...' ରେଖାର ନିରବତାକୁ ଭଙ୍ଗକରି ରମେଶ କହିଲେ, 'ଯଦି ଭଲ ଲାଗୁନି ତେବେ ଥାଉ ।' ରେଖା ମନେ ମନେ ଯାହା ସବୁ କହିବ ବୋଲି ଭାବୁଥିଲା ସେଥିରେ ପୂର୍ଣ୍ଣଛେଦ ଦେଇ କହିଲା, 'ନା ମୁଁ ଠିକ୍ ଅଛି । କେତେ ଦିନ ପାଇଁ ଯିବା ? ସେଇ ହିସାବରେ ବ୍ୟାଗ୍ ପ୍ୟାକ୍ କରିବି ।' ରମେଶ ଗୁଣୁ ଗୁଣୁ ହେଇ କହୁଥିଲେ, 'ମିଟିଂ ଟା ଗୁରୁବାର ଆଉ ଶୁକ୍ରବାରରେ ଅଛି । ଶନିବାରଟା ରେଷ୍ଟ୍ କରିଦେଲେ ଚଳିବ । ରବିବାର ଦିନ ଫେରିଆସିଲେ ମଙ୍ଗଳବାରକୁ ଭୁବନେଶ୍ୱରରେ ପହଂଚିହେବ । ନାଇଁ ନାଇଁ ଡ଼େରୀ ହେଇଯିବ । ରେଷ୍ଟ୍ କଲେ ହେବନି । ଶନିବାର ହିଁ ବାହାରିବାକୁ ପଡ଼ିବ ।' ରମେଶର ଗୁଣୁଗୁଣୁ ଶୁଣି ରେଖାର ମନ ଫିକା ପଡ଼ିଗଲା । ମାନେ ଗୁରୁବାର ଶୁକ୍ରବାର ବାବୁ ମିଟିଂରେ ରହିବେ ଆଉ ଶନିବାର ଫେରିଆସିବେ । ମୁଁ କଣ କରିବି ? ସାଥିରେ ଯାଇ କି ?

ରମେଶ ଗଣନା ସରୁନଥିଲା, ତଳେ ରୁମରେ ରହୁଥିବା ବାପାଙ୍କ ପାଖକୁ ଇଣ୍ଟରକମ୍ ରେ ଫୋନ କରି କହିବା ପରେ ମୁହଁଟା ସାମାନ୍ୟ ଉଜ୍ଜ୍ୱଳ ଦିଶିଲା । କହିଲେ, 'ଶୁଣ ଆମେ ଏଠୁ ବୁଧବାର ଯିବା । ରବିବାର ଫେରିବା ।' ଓଃ ରେଖାର ମନ ବି ଟିକେ ପ୍ରଫୁଲ୍ଲିତ ହୋଇଗଲା । ହେଲେ ଦୁଷ୍ଟ ଜିଭଟା ଲେଉଟି ପଡ଼ିଲା । କହିଲା, 'ରବିବାର୍ ଫେରିଲେ ଭୁବନେଶ୍ୱରରେ ପହଂଚିବା ବେଳକୁ ମଙ୍ଗଳବାର ହେଇଯିବ, ତୁମକୁ କିଛି ଅସୁବିଧା ହେବନି ତ ?' ରମେଶ କହିଲେ, 'ନାଁ ଆମେ ଫ୍ଲାଇଟ୍‌ରେ ଆସିବା, ରବିବାର୍ ସନ୍ଧ୍ୟାରେ ଘରେ ପହଂଚିଯିବା ।'

ରେଖା ବହୁତ୍ ଖୁସି ହେଇଯାଇଥିଲା । ତାର କୌଣସି ସାଙ୍ଗ ହନିମୁନ୍ କରିବାପାଇଁ ଫ୍ଲାଇଟ୍‌ରେ ଯାଇନଥିଲେ । ଢ଼େରୀରେ ହେଲେ କଣ ହେଲା ସେ ଯେ ଫ୍ଲାଇଟ୍‌ରେ ଯିବ । ଏଇ ଖୁସି ଖବରଟା ସାଙ୍ଗେ ସାଙ୍ଗେ ଫୋନ୍ କରି ଘରେ ଜଣାଇଦେଲା ।

ବୁଧବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ପାଇଁ ସେ ଆଉ ରମେଶ ବିମାନରେ ଚଢ଼ିଥିଲେ । ସେ କାଳେ ଡ଼ରିବ ବୋଲି ରମେଶ ତା ହାତକୁ ଭିଡ଼ି ଧରିଥିଲେ । ରେଖାକୁ ବହୁତ୍ ଭଲ ଲାଗୁଥିଲା । ବିବାହର ଏତେ ମାସପରେ ରମେଶ ସମ୍ପୂର୍ଣ୍ଣଭାବରେ ତା' ପାଖରେ ଥିଲେ । ସେ ରମେଶଙ୍କ ହାତକୁ ଜାବୁଡ଼ି ଧରିଥିଲା । କେତେବେଳେ ସେମାନେ ଦିଲ୍ଲୀରେ ପହଂଚିଗଲେ ସେ ଜାଣିପାରିଲା ନାହିଁ । ପ୍ଲେନ୍ ଉପରକୁ ଉଠିଲାବେଳକୁ ସେ ଅଣନିଃଶ୍ୱାସୀ ହୋଇ ଶୋଇପଡ଼ିଥିଲା । ରମେଶ ହାତ ହଲାଇ ଉଠାଇବା ପରେ ସେ ଜାଣିଲା ଯେ ସେମାନେ ଦିଲ୍ଲୀରେ ପହଂଚିଗଲେ । ଯା'ହେଉ ତା ଜୀବନର ପ୍ରଥମ ବିମାନଯାତ୍ରା ବହୁତ୍ ଆମୋଦକର ଥିଲା । ଦିଲ୍ଲୀ ଏୟାରପୋର୍ଟରୁ ସେମାନେ ଟାକ୍ସିରେ ବସି ଯାଇଥିଲେ ଏକ ସୁଉଚ୍ଚ ଷ୍ଟାର୍ ହୋଟେଲକୁ । ଗାଧୋଇସାରି ରମେଶ କହିଲେ, 'ତୁମେ ରୁମରେ ଥାଅ ମୁଁ ବାହାରକୁ ଯାଇ ଆସେ ।' ରେଖା କହିଲା, 'ମୋତେ ଏଠି ଏକା ଡ଼ର ଲାଗିବ । ମୁଁ ବି ତୁମ ସାଥିରେ ଯିବି ।'

ସେଦିନ ସନ୍ଧ୍ୟାରେ ସେମାନେ ଦିଲ୍ଲୀରେ ବୁଲି ବୁଲି ସମୟ ବିତାଇଥିଲେ । ରେଖା ବହୁତ୍ ଖୁସିଥିଲା । ପ୍ରଥମଥର ପାଇଁ ତାକୁ ଲାଗୁଥିଲା ସତେ ଯେମିତି ସେ ପଞ୍ଜୁରୀରୁ ବାହାରି ଆସିଛି । ଆଜି ସେ ରମେଶର ହାତକୁ ଜମା ଛାଡ଼ୁନି । ତା ସାଥିରେ ସାଥିରେ ଚାଲି ଚାଲି ଦିଲ୍ଲୀର ଚଉଡ଼ା ରାଜରାସ୍ତା ପାର୍ଶ୍ୱରେ ଥିବା ଭିନ୍ନ ଭିନ୍ନ ଦୋକାନ ବଜାର୍ ଦେଖୁଛି । ରମେଶ ତା'ପାଇଁ ନୂଆ ଡ୍ରେସ୍ ଆଉ ଜ୍ୱେଲେରୀ ସବୁ କିଣି ଦେଇଛନ୍ତି । ରେଖାକୁ ନିଜ ଜୀବନ ସାର୍ଥକ ହେଲାପରି ଲାଗୁଛି । ବିବାହ ବେଳେ ସେ ନେଇଥିବା ନିଜ ନିଷ୍ପତି ଉପରେ ଆଜି ନିଜକୁ ସେ ଗର୍ବିତ ମନେ କରୁଛି । ରୁମକୁ ଫେରିବାପରେ ତା'ପାଇଁ କିଣିଥିବା ସବୁ ଜିନିଷ ଉପରେ ଦୃଷ୍ଟି ଫେରେଇ ଆଣୁ ଆଣୁ ରମେଶ କେତେବେଳେ ଶୋଇଗଲେଣି ସେ ଜାଣି ପାରୁନି । ଗୋଟିଏ ପରେ ଗୋଟିଏ ଡ୍ରେସ୍ ପିନ୍ଧି ଦର୍ପଣ ସାମନାରେ ଠିଆ ହୋଇ ନିଜକୁ ନିଜେ ସେ ଦେଖି ପ୍ରଶଂସା କରୁଛି । କାନ୍ଥଘଣ୍ଟାରେ ସମୟ ରାତି ସାଢ଼େ ଦଶ ହେଲାଣି । ସେ ଟିଭି ସ୍ୱିଚ୍ ଅନ କରି ଦେଖୁ ଦେଖୁ କେତେବେଳେ ନିଜ ଅତୀତକୁ ଫେରିଯାଇଛି ସେ ଜାଣି ପାରୁନି ।

ରୁନି ଏ ରୁନି.... ମା ଡ଼ାକ ପକାଉଛନ୍ତି । ରେଖାକୁ ଘରେ ରୁନି ବୋଲି ଡାକନ୍ତି ସମସ୍ତେ । କଲେଜ୍ ଯିବାପାଇଁ ରେଖା ସାଇକେଲ୍ ନେଇ ବାହାରିବାକୁ ଉଦ୍ୟତ ହେଉଥିବା ସମୟରେ ମା ଆସି ଧରି ପକାନ୍ତି । କହନ୍ତି ଆଜି ପରା ତତେ ଦେଖିବାପାଇଁ ପୁଅଘର ଲୋକ ଆସିବେ, ତୁ କାହିଁକି କଲେଜ୍ ଯାଉଛୁ ? ମା' ମୋର କଲେଜ୍‌ରେ କ୍ଲାସ ଅଛି କହି ରେଖା ଚାଲିଯାଉଥିଲା, ହେଲେ ସେତିକି ବେଳକୁ ମା ସାଇକେଲର ଚାବିଟା ଅକ୍ତିଆର କରିସାରିଥିଲେ । ଅଗତ୍ୟା ଅବାଧ୍ୟ ଶିଶୁଟିଏ ପରି ଘରେ ବସି ରହିବାକୁ ବାଧ୍ୟ ହୋଇଥିଲା । ସନ୍ଧ୍ୟାରେ ନିତିଦିନିଆ ଅଭ୍ୟାସ ପରି ପୁଣିଥରେ ସୁନାଝିଅ ବେଶରେ ପଡ଼ି ରହିବାକୁ ହେଲା । ଏମିତି ହଜାରେ ଥର ହେଲାଣି । କିଏ ନା କିଏ ଆସୁଛନ୍ତି । ମାମୁଁ ଘର, ମଉସା ଘର, ପିଉସା ଘର ଯିଏ ଯୋଉଠି ପ୍ରସ୍ତାବ ଦେଖୁଥିଲା ତା'କୁ ଆଣି ରେଖା ଘରେ ହାଜର ।

ରେଖା କିନ୍ତୁ ମନ ଦେଇ ବସିଥିଲା କୁମାରକୁ । କଲେଜରେ ସହପାଠୀ କୁମାର ସହ ରେଖାର ସମ୍ପର୍କ ଦୀର୍ଘ ଦୁଇବର୍ଷର । ଯୁକ୍ତ ଦୁଇ ପଢ଼ିବା ପରଠାରୁ କୁମାରକୁ ଭଲ ପାଇ ବସିଛି ସେ । ଘରେ କାହାକୁ କହିବାର ସତ୍‌ସାହସ ତାର ନାହିଁ । ଏଣେ ଘରେ ବାରମ୍ବାର ବାହାଘର ପାଇଁ ଜିଦ୍ କରୁଛନ୍ତି ।

ସେଦିନ କ୍ୟାଣ୍ଟିନ୍ ଭିତରେ ରେଖା କୁମାର ସହିତ ବସିଥିବାବେଳେ ତା ପିଉସୀ ପୁଅ ଭାଇ ସବୁ ଦେଖି ଯାଇ ଘରେ କହିଦେଇଥିଲା, ଘରେ ବାପାମା'ଙ୍କୁ ଅବଶ୍ୟ ସେ ମୋର କ୍ଲାସମେଟ୍ ଆଉ କିଛି ନାହିଁ କହି କଥାଟାକୁ ଆଡ଼େଇ ଦେଇଥିଲା, ହେଲେ ସେହିଦିନଠାରୁ ପୁଅ ଦେଖା ଜୋରସୋରରେ ଚାଲିଥିଲା । କୁମାରକୁ ରେଖା କହୁଥିଲା, ଆମ ଘରେ ମୋ ବିବାହକୁ ନେଇ ଭାରି ଜିଦ୍ କରୁଛନ୍ତି । କୁମାର କହୁଥିଲା, ଗ୍ରାଜୁଏସନଟା ସରିଗଲେ, ମୁଁ କିଛି ଚାକିରୀ କରିବି ତା'ପରେ ତୁମକୁ ଉଠେଇ ନେବି । କୁମାର ହସିଦେଉଥିଲା ହେଲେ ରେଖା ଚିନ୍ତିତ ରହୁଥିଲା । ଏମିତି ଦିନେ ରମେଶଙ୍କ ପ୍ରସ୍ତାବ ଆସିଥିଲା । ବାପା ନିଷ୍ପତ୍ତି କରିଦେଲେ ଯେ ରେଖା ବାହାଘର ସେଇଠି ହିଁ ହେବ । ରେଖା କଣ କରିବ କିଛି ବୁଝିପାରୁନଥିଲା । ଭାଉଜ କହିଲେ, ବଡ଼ ଭାଗ୍ୟ ଆମ ରୁନିର । ସାମନ୍ତରାୟ ଘରର ରାଣୀ ହୋଇ ରହିବ । ଚାରି ଚାରିଟା କାର୍, ବଡ଼ ଘର, କାରଖାନା ଆଉ କଣ ନାହିଁ ତାଙ୍କର । ରେଖାକୁ ଦିଶୁଥିଲା କୁମାରର ନିରୀହ ଆଖି ଦୁଇଟା । କୁମାର ଗରୀବ ହେଲେ ଭାରି ଉଦାରମନା । ସେ ଏତେ ସବୁ ଦେଇ ପାରିବନି ସତ ହେଲେ ରେଖାକୁ ମନଦେଇ ଭଲ ପାଇ ପାରିବ । କଲେଜରେ ଯାଇ ସେ କୁମାରକୁ କହିଥିଲା ଘର କଥା । କୁମାର ହସିଦେଇ କହିଲା, 'ଦେଖ, ତୁମ ମନକୁ ଯାହା ଭଲ ଲାଗୁଛି କର ।' କୁମାର ଆଖିରେ ଭରି ଆସୁଥିବା ଲୁହ ଦୁଇଧାର ହୋଇ ବହିଯିବାପୂର୍ବରୁ ସେ ଉଠି ଚାଲିଯାଇଥିଲା । ତା'ପର ଦିନଠାରୁ ସେ ଆଉ କୁମାରକୁ ଦେଖିନି ।

କେହିଜଣେ ସାଙ୍ଗ କହିଥିଲା ଯେ ସେ କାଳେ ଘରକୁ ଯାଇଛି । କୁମାରର ଗାଁ ବେଶୀଦୂର ନୁହେଁ, ହେଲେ ରେଖା ଯାଇ ପାରିଲା ନାହିଁ ।

ଫେବୃଆରୀ ମାସରେ ରେଖାର ବାହାଘର ସମାପନ କରିଦେଇଥିଲେ ବାପା । ବାହାଘର ପରେ ସେ କଲେଜରୁ ବି ବିଦାୟ ନେଇଥିଲା । ରମେଶ ଚାହୁଁନଥିଲେ ରେଖା ଆଉ ଆଗକୁ କିଛି ପଢୁ । ପଢ଼ିକି ବା କରିବ କଣ ? ରେଖା ବି ଚାହୁଁନଥିଲା ଆଉ କଲେଜ ଯିବାପାଇଁ କିମ୍ବା କୁମାରକୁ ସମ୍ମୁଖୀନ ହେବାପାଇଁ । ଗ୍ରାଜୁଏସନ ସରିଯାଇଥିଲା ତା'ର । କେମିତି କେମିତି କରି ପରିକ୍ଷା ସବୁ ଦେଇଥିଲା ସେ । ବିବାହ ହେବାର ସାତମାସ ଭିତରେ ସେ ଥରେ ବି ଆଉ କୁମାର୍ କଥା ମନେ ପକାଇନାହିଁ । ବୋଉ କହୁଥିଲେ ଅଗ୍ନି ଆଗରେ ବସି ବିବାହ ହେଉଛି ସେଇ ଅଗ୍ନିରେ ପୁରୁଣା ସବୁ କଥାକୁ ଜାଳିଦେଇ ନୂଆ ଘରକୁ ଯା । ବାହାଘର ପରେ ରେଖାର ଦୁନିଆ ବଦଳିଯାଇଛି । ସବୁ କିଛି ସେ ପାଇଛି । ଘର, ଗାଡ଼ି, ଚାକରବାକର, ସମ୍ପତ୍ତି ହେଲେ ରମେଶ ?

ରମେଶଙ୍କ ଘୁଙ୍ଗୁଡ଼ି ଶବଦରେ ରେଖା ତା ଅତୀତରୁ ଫେରି ଆସିଲା । ରେଖା ଘଣ୍ଟା ଦେଖିଲା ରାତି ସାଢ଼େ ଗୋଟାଏ ହେଲାଣି । ସେ ବି ଶୋଇବାକୁ ଚେଷ୍ଟା କଲା । ହୋଟେଲ୍ ରୁମ୍‌ର ଏସି ର ଶୀତୁଆ ପରିବେଶରେ ସେ ଆଜି ରମେଶ ପାଖରେ ଶୋଇଥିବା ବେଳେ କିନ୍ତୁ ମନରେ କାହିଁକି କେଜାଣି କୁମାରର ଭାବନା ମନକୁ ଆସୁଥିଲା । ଅବିବାହିତା ଥିବା ବେଳେ ସେ କୁମାରକୁ ସ୍ୱାମୀ ବୋଲି ଭାବିନେଇଥିଲା ସତ, ଆଉ ବେଳେ ବେଳେ ସ୍ୱେଚ୍ଛାରେ ଆଉ ବେଳେ ବେଳେ ଅନିଚ୍ଛା ସତ୍ୱେ ସେ କୁମାର ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଥିଲା । ବିବାହ ପରେ ରମେଶ ସହ ସେମିତି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇନାହିଁ । ଏମିତି ଭାବନା ରାଇଜରେ ବୁଲୁ ବୁଲୁ ସେ କେବେବେଳେ ଶୋଇପଡ଼ିଥିଲା ଜାଣେନି । ସକାଳ କେତେବେଳୁ ହେଲାଣି ହୋଟେଲ ରୁମର କବାଟରେ କାହାର କରାଘାତରେ ତା ନିଦ ଭାଙ୍ଗିଲା । ସେ ଦେଖିଲା ଶେଯରେ ରମେଶ ନାହାନ୍ତି, ବୋଧହୁଏ ସେ ବାଥରୁମରେ । ସେ ଉଠିଯାଇ କବାଟ ଖୋଲିଦେଲା । ହୋଟେଲର ବୟ ସକାଳର ଜଳଖିଆ ନେଇ ଆସିଥିଲା । ଶେଯରୁ ଉଠିବାକୁ ଇଚ୍ଛା ନଥାଇ ସୁଦ୍ଧା ସେ ଉଠିବାକୁ ବାଧ୍ୟହେଲା । କିଛି ସମୟପରେ ରମେଶ ବାଥରୁମରୁ ବାହାରି ଆସିଲେ । ତରବର ହୋଇ ପୋଷାକ ପିନ୍ଧୁ ପିନ୍ଧୁ କହିଲେ, ଆଜି ମୋର ମିଟିଂ ଅଛି, ରେଖା କଣ କରିବ ବୁଝିପାରୁ ନଥିଲା, ମନ ହେଉଥିଲା ଦିନସାରା ଏମିତି ଶେଯରେ ପଡ଼ିରହିବ । ହେଲେ ପୁଣି ଭାବୁଥିଲା, ଦିଲ୍ଲୀ ଆସି ରୁମରେ ରହିବା ଠିକ୍ ହେବନି ।

ରମେଶ ପୋଷାକ ପିନ୍ଧୁ ପିନ୍ଧୁ କହିଲେ, ଏଇ ହୋଟେଲ ପାଖରେ ଗୋଟିଏ ସପିଂ ମଲ୍ ଅଛି, ତୁମେ ଚାହିଁଲେ ଦିନବେଳେ ସେଇଠିକୁ ଯାଇ ପାରିବ । ମୁଁ ଅପରାହ୍ନରେ ଆସିବି । ମୁଁ ତୁମକୁ କଲ୍ କରିଦେବି । ତୁମେ ଯେଉଁଠି ବି ଥିବ କହିଲେ ମୁଁ ସେଠି ପହଂଚିଯିବି ।

ରମେଶ ତରବର ବାହାରି ଗଲେ । ରେଖା ଜଳଖିଆ ଖାଇବା ପରେ ହୋଟେଲ୍ କରିଡ଼ରରେ କିଛି ସମୟ ବସି ଝରକା ସେପାଖରୁ ରାସ୍ତା ଉପରକୁ ଦେଖୁଥିଲା । ଦିନ ସାଢ଼େ ଦଶଟା ବେଳକୁ ସେ ବି ବାହାରିଗଲା । ସପିଂ ମଲରେ ବୁଲୁ ବୁଲୁ ହଠାତ୍ ତା ଆଖି ଆଗରେ ପଡ଼ିଗଲା । କୁମାର୍ । ସେ କଣ କରିବ ବୁଝିବା ପୂର୍ବରୁ କୁମାର ପାଖକୁ ଆସି କହୁଥିଲା, 'ରେଖା, ତୁମେ ଦିଲ୍ଲୀରେ କଣ କରୁଛ ?' ରେଖାର ପାଟି ଖନି ମାରିଯାଉଥିଲା । ତା ଶାଢ଼ୀତଳେ ଗୋଡ଼ ଦି'ଟା ଥରି ଯାଉଥିଲା । ସେ ଏପାଖ ସେପାଖ ଦେଖୁଥିଲା । କାଳେ କେହି ଦେଖିଦେବ । ବିବାହ ପରେ ଏମିତି କା ଏକ ପରିସ୍ଥିତି ହେବ ବୋଲି ସେ ଆଶା କରୁନଥିଲା । କୁମାର୍ ପୁଣି ପଚାରୁଥିଲା, 'ରେଖା, କଣ ହେଲା ? ବିବାହ କଲ ବୋଲି ମୋତେ ଭୁଲି ଗଲ ନା କଣ ?' ରେଖା ସାହସ ସଂଚୟ କରୁଥିଲା । ମନେ ମନେ ଭଗବାନଙ୍କୁ ଧନ୍ୟବାଦ ଦେଉଥିଲା, କୁମାର ଜାଣିଛି ସେ ବିବାହ କରିଛି ବୋଲି । ସେ ଧିରେ କହିଲା, 'ମୋ ହଜ୍‌ବ୍ୟାଣ୍ଡଙ୍କ ମିଟିଂ ଅଛି ତ ତେଣୁ ମୋତେ ସାଥିରେ ନେଇ ଆସିଛନ୍ତି । କୁମାର ପୂର୍ବପରି ଥଟା କରିବା ଭାବରେ କହିଲା, 'ସପିଂ ମଲରେ ମିଟିଂ ?' ରେଖା ନିଜକୁ ସହଜ କରିବାକୁ ଚେଷ୍ଟା କରିଥିଲା । ସେ କହିଲା, 'ନାଁ ନାଁ ସେ ଯାଇଛନ୍ତି ମିଟିଂକୁ ମୁଁ ଏକା ଏକା ସପିଂମଲ୍‌ରେ ବୁଲୁଛି ।'

ରେଖା ଚାହୁଁଥିଲା, କୁମାର କେମିତି ସେଠାରୁ ଚାଲିଯାଆନ୍ତା । ଆଉ ସେମିତି ହେଲା । କୁମାର ହଠାତ୍ କହିଲା, 'ଏକ୍ସ କ୍ୟୁଜ୍ ମି ପ୍ଲିଜ୍' । ଆଉ କୁମାର ସେଠୁ ଚାଲିଗଲା । ରେଖା ବୁଲି ଚାହିଁବାର ସାହାସ ବି ନଥିଲା । ସେ ପାଦ ଆଗକୁ ବଢ଼ାଇବାକୁ ଚାହୁଁଥିଲା । ହେଲେ ସେ ଅନୁଭବ କରୁଥିଲା ତା ପାଦ ଆଗକୁ ବଢୁନି । ସେ ସେମିତି ସ୍ଥାଣୁ ହୋଇ ଠିଆ ହୋଇରହିଲା । ମନେ ମନେ ଭାବୁଥିଲା, 'କୁମାର ଦିଲ୍ଲୀରେ କଣ କରୁଛି ?'

ଅନେକ ସମୟପରେ ସେ ପାଦ ବଢ଼ାଇଲା ଆଉ ପାଖରେ ଥିବା ବେଂଚ୍ ଉପରେ ବସିପଡ଼ିଲା । କିଛି ସମୟ ପରେ ନିଜକୁ ସହଜ କରିଦେଇ ସେ ପୁଣି ଚାଲିଯିବାକୁ ଉଦ୍ୟତ ହେଉଥିବା ସମୟରେ ହଠାତ୍ ପୁଣି ଶୁଣିଲା, 'ରେଖା. . .' କୁମାରର ଶବ୍ଦଶୁଣି ସେ ପୁଣି ସେଇ ବେଂଚ ଉପରେ ବସି ପଡ଼ିଲା । ସେ କଣ କରିବ ଭାବିପାରୁନଥିଲା । କୁମାର ଚାଲି ଯାଇଥିଲା ତ, ପୁଣି କେଉଁଠୁ ଆସିଲା । ସେ ପଛକୁ ଚାହିଁଲା, କୁମାର ଦ୍ରୁତପଦ ଚାଳନା କରି ଆସୁଥିଲା । ରେଖା ନିଜକୁ ନିଜେ ଗାଳି

ଦେଉଥିଲା, ସେ ଚାହିଁଥିଲା ମଲ୍‌ରୁ ବାହାରି ଯାଇପାରିଥାନ୍ତା । ସେ ସେଠି ଠିଆହୋଇ ରହି ସମୟ ନଷ୍ଟ କରିଦେଲା । କିଛି ସମୟରେ କୁମାର୍ ଦଉଡ଼ି ଆସିଲା, ରେଖା ପାଖରେ ଠିଆହୋଇ ତା ହାତକୁ ବଢ଼ାଇଦେଲା ଗୋଟିଏ ପ୍ୟାକେଟ୍ । ରେଖା କିଛି ବୁଝିବା ପୂର୍ବରୁ ସେ କହୁଥିଲା, 'ତୁମ ବାହାଘରକୁ ତ ନିମନ୍ତ୍ରଣ ଦେଲ ନି ? ତେଣୁ ଗିଫ୍ଟ କିଛି ଦେଇ ପାରିନଥିଲି । ଏଇଟା ତୁମର ବାହାଘର ଗିଫ୍ଟ ବୋଲି ଧରିନିଅ ।'

ରେଖା କଣ କରିବ ବୁଝି ପାରୁ ନ ଥିଲା । ଗିଫ୍ଟଟାକୁ ଧରିବ ନା ଛାଡ଼ିଦେବ । ନେବ ନା ନାଇଁ। କିଛି ବୁଝି ପାରୁନଥିଲା। କୁମାର୍ ପ୍ୟାକେଟଟା ରେଖାର ହାତରେ ଥୋଇଦେଇ ପାଖରେ ବସିଗଲା । ରେଖା ନିଜକୁ କିଛି ଦୂରେଇ ନେଇଥିଲା। ମୁହଁ ଉଠାଇ କୁମାରକୁ ଦେଖିବା ସାହାସ ନଥିଲା ଆଉ ନଥିଲା ଇଚ୍ଛା । କୁମାର ପାଖରେ ବସି ରେଖାକୁ ମୁଣ୍ଡରୁ ପାଦ ଯାଏଁ ଦେଖି ହସି ହସି କହିଲା, 'ତୁମେ ଏମିତି ଦେଖାଯିବ ବୋଲି ମୁଁ କେବେ ଭାବିନଥିଲି ? ଯା'ହେଉ ବାହା ହେଇଗଲ। ସ୍ୱାମୀ ବଡ଼ ଇଣ୍ଡଷ୍ଟ୍ରିଆଲିଷ୍ଟ୍ ବୋଲି ଶୁଣିଲି । ବଡ଼ଘର ବୋହୁ ହେଇଛ ।' କୁମାରର କଥା ଗୁଡ଼ିକ ରେଖା ଦେହରେ ଛୁଂଚି ଫୋଡ଼ିହେଲା ପରି ଲାଗୁଥିଲା । ସେ ବଡ଼ ଅସ୍ୱସ୍ତିକର ଅନୁଭବ କରୁଥିଲେ ସୁଦ୍ଧା ସେଠୁ ଉଠି ଯିବାଭଳି ସତ୍‌ସାହସ ହରାଇଥିଲା । କୁମାର କହୁଥିଲା, 'ତୁମେ ବାହା ହୋଇଗଲ ଶୁଣିଲା ପରେ ମୁଁ ଦିଲ୍ଲୀ ଆସିଲି । ଏଠି ପୋଷ୍ଟ୍ ଗ୍ରାଜୁଏସନ୍ କରୁଛି । ପାର୍ଟ ଟାଇମ୍ ଜବ୍ କରୁଛି । ବାପା ମନା କରିଦେଲେ, ଟଙ୍କା ଦେବେ ନି । ଆଉ ଓଡ଼ିଶାରେ ରହିବାକୁ ମନ ହେଲାନି, ତେଣୁ ଚାଲି ଆସିଲି ।'

ରେଖା ବାରମ୍ବାର ନିଜ ଘଣ୍ଟା ଦେଖୁଥିଲା । କୁମାର୍ ପଚାରୁଥିଲା 'ତୁମ ସ୍ୱାମୀ କେତେବେଳେ ଆସିବେ ?' ରେଖା ଅନ୍ୟମନସ୍କ ଭାବରେ କହିଦେଲା, 'ସେ ଏବେ ନୁହେଁ ଅପରାହ୍ନରେ ଆସିବେ।' କୁମାର୍ କିଛି ସମୟ ନିରବ ରହି କହିଲା, 'ତା ହେଲେ ଆଜି ତୁମେ ମଧ୍ୟାହ୍ନ ଭୋଜନ ମୋ ସହ କରିବ ।' ରେଖା ନାଁ ବୋଲି କହିଦେଲା, କୁମାର୍ ହସିଦେଇ କହିଲା, 'ଆରେ କୋଉଠିକୁ ଯିବାକୁ କହୁଛି କି ? ଏଇ ରେଷ୍ଟୋଉରାଣ୍ଟ୍ ସାମନାରେ ତ ବସିଛ, ଚାଲ ଭିତରେ ବସିବା, ଏକାଠି ଖାଇବା ।' ରେଖା ଅନିଚ୍ଛା ଦେଖାଉଥିବା ବେଳେ କୁମାର୍ ପୁଣିଥରେ ହସିଦେଇ କହିଲା, 'କଣ ଏତେ ଭାବୁଛ ? କେବେ ସାଥିରେ ବସି ଖାଇନ ନା କଣ ?' ରେଖା ଠିଆ ହୋଇପଡ଼ିଲା ଆଉ ରେଷ୍ଟୋଉରାଣ୍ଟ୍ ଭିତରକୁ ଚାଲିଗଲା, ପଛେ ପଛେ କୁମାର୍ ।

ଘଣ୍ଟାଏ ରୁ ଅଧିକ ହେଲାଣି । ରେଖା ଅଣନିଃଶ୍ୱାସୀ ହୋଇଗଲାଣି । ଲଂଚ ସାରିଦେଇ, କୁମାର ହାତ ସଫାକରୁ କରୁ ନିଜ ହାତ ଘଣ୍ଟାକୁ ଦେଖି କହିଲା, 'ଓଃ, ମୁଁ ଭୁଲିଯାଇଛି । ମୋର କ୍ଲାସ୍ ଅଛି । ତୁମକୁ ଦେଖିବାପରେ ସବୁ ଭୁଲିଯାଇଥିଲି । ମୋତେ ଏବେ ଯିବାକୁ ପଡ଼ିବ । ରେଖା ଦୀର୍ଘଶ୍ୱାସଟିଏ ନେଇ ମନେ ମନେ ଚିନ୍ତାକଲା, ଯା ହେଉ ଏବେ ସେ ମୁକ୍ତ । ଯେମିତି କୁମାର୍ ଅଚାନକ୍ ଭାବରେ ଆସିଥିଲା ସେଇମିତି ସେ ତରବରରେ ବାହାରିଗଲା । ରେଖା ସେଇଠି ସେମିତି ବସିଥିଲା, ହେଲେ ପୁଣିଥରେ ସାହାସ ସଂଚୟ କରି ସେଠାରୁ ବାହାରିଯିବାକୁ ବାହାରିଲା । ଭାବୁଥିଲା କାଳେ ପୁଣି କୁମାର୍ କୋଉଠି ଆସି ପହଂଚିଯିବ । ସେ ରେଷ୍ଟୋଉରାଣ୍ଟ୍ ବାହାରକୁ ଆସି ଏପାଖ ସେପାଖ ଦେଖୁଥିଲା । ହଠାତ୍ ପଛରୁ ବୟ୍ ଆସି କହିଲା, 'ମେମ୍ ଆପଣ ନିଜ ପ୍ୟାକେଟ୍ ଭୁଲି ଆସିଲେ ।' ସେ କୁମାର୍ ଦେଇଥିବା ପ୍ୟାକେଟ୍‌କୁ ରେଖାକୁ ଦେଇ ଚାଲିଗଲା ।

ପୁଣି ଥରେ ଚିନ୍ତାରେ ପଡ଼ିଗଲା ରେଖା । ଗିଫ୍ଟ ।।। ଏହାର କଣ କରିବ । ସାଥିରେ ନେବ ? ନା, ନେଇ ପାରିବ ନାହିଁ । ଯଦି ରମେଶ ପଚାରିବେ କଣ ଆଣିଛ ?ସେ ତ ଜାଣେନି । ଭାବିଲା ପ୍ୟାକେଟକୁ ଖୋଲି ଦେଖିବ କଣ ଅଛି । ହେଲେ ମନ ହେଲାନି । କୁମାର୍ ଏମିତି କଣ ଗିଫ୍ଟ ଦେଇଥିବ । ସେ ମନେ ମନେ ଚିନ୍ତା କରୁଥିଲା । ହେଲେ ମଲ୍ ଭିତରେ ବସି ରହିବାକୁ ଟିକେ ହେଲେ ଇଚ୍ଛା ହେଉନଥିଲା । ତେଣୁ ସେ ବାହାରି ଆସିବାକୁ ଚାହୁଁଥିଲା । ହେଲେ ପ୍ୟାକେଟ୍ ? ସାଥିରେ ନେଇ ଦେଖିବାକୁ ଇଚ୍ଛା ହେଉଥିଲା । ହେଲେ ରମେଶ ପଚାରିଲେ କଣ କହିବ ? ହୁଁ କହିଦେବ କେହି ଜଣେ ଚିହ୍ନା ପରିବାରବନ୍ଧୁ ଦେଇ ଗଲେ । କିନ୍ତୁ ଯଦି ରମେଶ କହିବେ ଯେ ଚାଲ ତୁମ ବନ୍ଧୁଙ୍କ ଘରକୁ ଯିବା ? ନା ନା ସେମିତି ହେଲେ ଅସୁବିଧା ହେବ । ଆଉ କିଛି ଉପାୟ ପାଉନି ସେ । କଣ କହିବି ? ଏମିତି ଭାବୁ ଭାବୁ ସେ ମଲ୍ ବାହାରକୁ ଆସିଥିଲା । ସିମେଣ୍ଟ୍ ବେଂଚ୍ ଉପରେ ବସି ସେ ପ୍ୟାକେଟ୍‌କୁ ଖୋଲିଲା । ପ୍ୟାକେଟ୍ ଭିତରେ ଗୋଟିଏ ସୁନ୍ଦର ଡ୍ରେସ୍ ମ୍ୟାଟେରିଆଲ୍ । କଣ କରିବ ସେ ? ସାଥିରେ ନେବ ନା ଏଇଠି ଛାଡ଼ିଦେଇ ଯିବ । ଏଇମିତି ଭାବୁଥିବା ସମୟରେ ଗୋଟିଏ ଛୋଟ ଶିଶୁ ତା ପାଖକୁ ଆସି ଭିକ ମାଗୁଥିଲା । ସେ ଗିଫ୍ଟ ପ୍ୟାକେଟର ଜରି ତା ଆଡ଼କୁ ବଢ଼ାଇଦେଲା । ଶିଶୁଟି ଖୁସି ହୋଇ ସେଠାରୁ ପଳାଇଗଲା । ରେଖା ଏବେ କିଛି ସମୟ ପାଇଁ ଚିନ୍ତା ମୁକ୍ତ ହୋଇଯାଇଥିଲା । ଏବେ ଯଦି ରମେଶ ପଚାରନ୍ତି ତ ଅନ୍ତତଃ ସେ କହିପାରିବ ସେ ଏଇ ଡ୍ରେସ୍ ମ୍ୟାଟେରିଆଲ୍ ନିଜେ କିଣି ଆଣିଛି । ଏପାଖ ସେପାଖ ଦେଖୁଥିଲା। ଲୋକାରଣ୍ୟ ଏଇ ଦିଲ୍ଲୀ ସହରରେ ତାକୁ କେହି ଚିହ୍ନିଥିବା ପରି ସେ ଜାଣେନି । ତେଣୁ ନିର୍ଭୟରେ ସେ ଦୀର୍ଘନିଃଶ୍ୱାସ ଛାଡ଼ିଲା ।

ନିଜ ହାତଘଣ୍ଟାରେ ସେ ସମୟ ଦେଖୁଥିଲା । ସାଢ଼େ ଦୁଇଟା ହେବାକୁ ଆସିଲାଣି । ମାନେ ସେ ବିଗତ ସାଢ଼େ ତିନିଘଣ୍ଟା ଏଠି ବିତାଇ

ସାରିଲାଣି । ସେ ଉଠିଲା, ପାଖରେ ଥିବା କାଉଣ୍ଟର୍ ପାଖକୁ ଯାଇ ଥଣ୍ଡା ପାନୀୟଟେ କିଣି ଆଣିଲା । ଗୋଟାଂଏ ଢ଼ୋକ ପିଇଛି, ତା'ର ଫୋନ ବାଜି ଉଠିଲା । ସେ ଫୋନ୍ ରିସିଭ୍ କଲା । ରମେଶ ପଚାରୁଥିଲେ, 'ତୁମେ କୋଉଠି ଅଛ ?' ସେ କହିଲା ସେ ମଲ୍ ସାମନା ବେଂଚ୍‌ରେ ବସିଛି । ରମେଶ କହୁଥିଲେ ଆଉ ଦଶ ମିନିଟରେ ସେ ଆସି ପହଂଚିବେ । ରେଖା ନିଜ ବ୍ୟାଗକୁ ସଜାଉ ସଜାଉ ପୁଣିଥରେ ସେ ଗିଫ୍‌ଟ ଡ୍ରେସ୍ ମ୍ୟାଟେରିଆଲ୍ ଉପରେ ନଜର୍ ପକାଇଲା । ମନେ ମନେ ଭାବିଲା, ଏହାକୁ ସାଥିରେ ନେବା କଣ ଯୁକ୍ତିଯୁକ୍ତ ହେବ । ତା ଭିତରୁ କେହିଜଣେ କହୁଥିଲା, 'ନା, ଅତୀତର ଛାଇକୁ ବି ନିଜର ବର୍ତ୍ତମାନ ଉପରେ ପକାଇବା ଉଚିତ ହେବନି ।' ସେ ଉଠିଲା । ସେଇ ଡ୍ରେସ୍ ମ୍ୟାଟେରିଆଲକୁ ହାତରେ ଧରି ମଲ୍‌ର ପାହାଚ ଓହ୍ଲାଉ ଓହ୍ଲାଉ ଏକ ଭିକାରୁଣୀକୁ ଦେଖି ଅଟକିଗଲା । ସେ ଭିକାରୁଣୀର ପୁଙ୍ଗୁଳା ଦେହରେ ଛିଣ୍ଡା କନା ଦେଖି ସେ କିଛି ନ ଭାବି ସେଇ ନୂଆ ଡ୍ରେସ୍ ମ୍ୟାଟେରିଆଲଟା ତା ହାତରେ ଦେଇ ସେ ଚାଲିଲା ଆଗକୁ । ଏବେ ତା ମନରେ ଚିନ୍ତା ନଥିଲା । ଭୟ ନଥିଲା । ରାସ୍ତା ପାଖକୁ ସେ ଆସିବା ବେଳକୁ ରମେଶଙ୍କ ଗାଡ଼ି ସେଠାରେ ପହଂଚି ସାରିଥିଲା । ଗାଡ଼ି ଭିତରୁ ରମେଶ୍ ରେଖାକୁ ଡ଼ାକିଲା ବେଳକୁ ସେ ତର ତର ପାଦ ପକାଇ ଗାଡ଼ି ଭିତରେ ପଶିଯାଇଥିଲା । ରମେଶ କାନ୍ଧରେ ମୁଣ୍ଡ ଦେଇ କହୁଥିଲା, 'ମୋତେ ଏକା ଛାଡ଼ି କେବେ ଯିବନି ।' ରମେଶ ହସି ହସି କହୁଥିଲେ, 'ତୁମେ ଏମିତି ଡ଼ରିଲେ କେମିତି ହେବ ?' ରେଖାର ମନରେ ତତ୍‌କ୍ଷଣାତ କୁମାରର ସେଇ ଏକା କଥା ମନେ ପଡୁଥିଲା, 'ତୁମେ ଏମିତି ଡ଼ରିଲେ କେମିତି ହେବ ?' ସେ ନିଜ କାନରେ ହାତ ଦେଇ ରମେଶକୁ ଜାବୁଡ଼ି ଧରିଲା ।

ସମ୍ପାଦକ, ଆହ୍ୱାନ ଇ-ପତ୍ରିକା
ବୀମାନଗର, ବ୍ରହ୍ମପୁର, ଓଡ଼ିଶା
ଇମେଲ୍ :aahwaan@gmail.com
ୱେବ୍‌ସାଇଟ୍ :www.aahwaan.com

**With Best Compliments from :**

***PRADEEP KUMAR SAHOO***

**OM NAMAH SHIVAY SERVICE**

B-8A, MODI TOWER 98,
NEW DELHI – 110019
M: 9810323481, 9958644478
PH: 011-41808689, 46516196

# ସେଇ ବୋକୀ ଝିଅଟି

କିଶୋର ଆକାଶ୍

ତନିମାକୁ ବୋକୀ ବୋଲି ହିଁ କୁହାଯିବ। କାରଣ ଅନ୍ୟ ଝିଅମାନଙ୍କ ଭଳି ସେ ଚାଲାକ-ଚତୁର-ଚପଳ ନୁହଁ। କପଟ-ଛଳନା-କୃତ୍ରିମତାର ଅନ୍ଧ ଅର୍ଗଳିରୁ ସେ ବିମୁକ୍ତ। ଯିଏ ହୃଦୟ ଖୋଲି ହୋ-ହୋ ହସିପାରେ, ଅନର୍ଗଳ ଅନେକ ସମୟ ଯାଏଁ ଅନେକ କଥା ଗପିପାରେ, ଅକୁଣ୍ଠିତ ଆନ୍ତରିକତାରେ ଓଦା କରି ଦେଇପାରେ ଠୋ . . . ଠୋ ଜୀବନର ଶୁଷ୍କ ମରୁଭୂମି।

କବି ତୁଷାର ନିଜ ଘରର ଛାତ ଉପରେ ଏକା ଠିଆ ହୋଇ, ଏମିତି ନିଜର ପ୍ରିୟତମା ପତ୍ନୀକୁ ବିଶ୍ଳେଷଣ କରୁଥିବ, ତ ଭାବୁଥିବ ଏତେ ଉଦାର ଝିଅ ପୁଣି ଏ ସଂସାରରେ ଅଛନ୍ତି। ସେ ପ୍ରତିଦିନ ପେପର୍‌ରେ ପଢ଼ିଛି, ନାରୀ ପାଇଁ ଭାଙ୍ଗିଯାଉଛି ଅନେକ ସୁଖର ଶୀଶମହଲ। ଏଇ ନାରୀ ସୃଜିଦିଏ ଅନେକ ଯନ୍ତ୍ରଣାର ଜଉଘର। ବିଚରା ପୁରୁଷ କାକ୍‌ଟସ୍‌ର ଆଘାତରେ କଲବଲ ହୁଏ ସିନା ପାଟି ଫିଟାଇ କହିପାରେନା, ଶ୍ରେଣୀରେ ଶିକ୍ଷକଙ୍କ ଡରରେ ପାସ୍ ମାଡ଼ିଲେ ବି ଛାତ୍ରଟି ଯେମିତି କହିପାରେନା, ପ୍ୟାଣ୍ଟ୍‌ରେ ପରିସ୍ରା ହୋଇଯାଏ। ଗୋଟିଏ ନାରୀ ଆଉ ଗୋଟିଏ ନାରୀ ପ୍ରତି ସବୁବେଳେ ଈର୍ଷା ପରାୟଣା। ଏପରିକି ନିଜ ରକ୍ତର ଭଉଣୀର ସୁଖ-ସମ୍ପଦ-ସୌଭାଗ୍ୟ ସହିପାରେନି ଅନ୍ୟ ଜଣେ ଭଉଣୀ। ଅଥଚ . . .

ଏ ଭିତରେ ତେଲଲୁଣ ସଂସାରର ଦୀର୍ଘ ପଚିଶ ବର୍ଷ ବିତାଇ ଦେଲାଣି ତୁଷାର। କିନ୍ତୁ ତା'ର ମନେ ପଡ଼ୁନି ଦିନେ ବି, ତନିମା ପ୍ରତିବାଦ କି ପ୍ରତିରୋଧ କରିଥିବ, କିଛି ଦାବି କରିଥିବ, କିଛି ନାହିଁ ବୋଲି ପାଟି କରିଥିବ ଅଥବା ଅନ୍ୟ ନାରୀ ଭଳି କହିଥିବ- ତୁମେ ଅନ୍ୟ ନାରୀ ଆସକ୍ତ। ସନ୍ଦେହର ଶରରେ-ଶରବିଦ୍ଧ କରି ରକ୍ତାକ୍ତ ତୁଷାରକୁ। ବରଂ ଛଳଛଳ କଳକଳ ହୋଇ ସବୁବେଳେ ଝରଣାଟିଏ ହୋଇ ବହୁଥିବ। ମୁକୁଳା ପାଦ ଦି'ଟା ବୁଡ଼େଇ ଦେଇ ଦଣ୍ଡେ ବସିଗଲେ ସବୁ କଷ୍ଟ ଦୁଃଖ ନିମିଷକେ ବାଷ୍ପୀଭୂତ ହୋଇଯାଉଥିବ।

ତୁଷାରର କବି ଜୀବନର ବଳୟ ଭିତରକୁ ଅନେକ ବାଟବଣା ବାଉଳା ବନିତା ଅଚାନକ ପଶି ଆସିଛନ୍ତି, ତ ଚାଲି ଯାଇଛନ୍ତି ବି ସେମିତି ଅକସ୍ମାତ୍। ସେମାନେ ବି ହୋଇଛନ୍ତି ତୁଷାରର କବିତା ମନ୍ଦିରର ଦେବୀ। ସେମାନଙ୍କୁ ଏକାନ୍ତ ଆରାଧନା କରି ଅନେକ ମନଛୁଆଁ ପ୍ରାଣପ୍ରାଚୁର୍ଯ୍ୟ ରସୋତ୍ତୀର୍ଣ୍ଣ କବିତା ଉଚ୍ଛୁରିଛି ତା' ଲେଖନୀରୁ।

ସେମାନଙ୍କୁ ସେ ପ୍ରତିଦିନ କିଛି ଦେଇପାରିନି ଅଥଚ ସେମାନେ ବିନା କାର୍ପଣ୍ୟରେ ଅଯାଚିତ ଭାବେ ଅଜାଡ଼ି ଦେଇଛନ୍ତି ଐଶ୍ୱରିକ ମାନଓ ପ୍ରେମର ମକରନ୍ଦ। ଯାହାକୁ ନେଇ ତା' ନିଆଁଶ୍ରୀ କବିବା ପୁଷ୍ଟ ହେଇଛି। ସ୍ଫୀତ ହୋଇଚି। ମନଲୋଭା ଓ ହୃଦୟଗ୍ରାହୀ ହୋଇପାରିଛି। ସେଥିପାଇଁ ସେ ସେଇ ଅନାମିକାମାନଙ୍କ ପାଖରେ ଢେର୍ କୃତଜ୍ଞ ରହିବ। କାରଣ ସେମାନେ ତା' ଜୀବନରେ ଜହ୍ନରାତିର ଜଲ୍‌ସା ଘରଟିଏ ସୃଜିଦେଇ ନ ଥିଲେ, ସେ ହୁଏତ ଯୌବନର, ଜରାର, ଜରି ଓ ଜମୁରାର ଜୈତ୍ର ଉଡ଼ାଇ, ଜାହାଜରେ ବସି ଏତେଦୂର ଜମ୍ବୁଦ୍ୱୀପକୁ ଯାତ୍ରା କରିପାରି ନଥା'ନ୍ତା। ତା' ମନ ଡାଳରେ ବସି କୋଇଲିଟିଏ କୁହୁକୁହୁ କରି ତା'ର ନିରବ ଜୀବନକୁ ରସସିକ୍ତ କରିଦେଇ ନଥାନ୍ତା।

ହେଲେ ବୋକୀ ଝିଅ ତନିମା ଭାବୁଛି ତୁଷାରର ସବୁ କବିତା ଖାସ୍ ତା' ପାଇଁ ଅଭିପ୍ରେତ। କିଏ ବିଶ୍ୱାସ କରିବ କହିଲେ ଏକଥା। ତଥାପି ଏଇଟା ନିରାଟ ସତ୍ୟ।

ସହଧର୍ମିଣୀ ହିସାବରେ ସକଳ-ସୁଖ-ସମ୍ଭୋଗ-ସେବା ସଅଁପି ଦେଇଛି ତନିମା। ସଂସାରର ସବୁ ଝଡ଼-ବତାସ-ବନ୍ୟାକୁ ପିଠି ଦେଖାଇ ସମ୍ଭାଳି ନେଇଛି ତା'ର ପରିବାର। ତୁଷାରକୁ ମୁକ୍ତ କରିଦେଇଛି ସଂସାରର ସବୁ ପ୍ରାତ୍ୟହିକ ଜଞ୍ଜାଳରୁ। ସଉଦା, ପରିବା, ଡ୍ରେସ, ଜୋତା, ଶାଢ଼ି ସବୁ ଆବଶ୍ୟକ ଘରୁଆ ଜିନିଷ ନିଜେ ଯାଇ କିଣି ଆଣିଛି ସିନା, କେବେବି କହିନି ପାଟି ଖୋଲି ଥରେ ଆଣିଦିଅ ବୋଲି। କେବେ କେବେ ତୁଷାର ମନରେ ଦୟା ହୁଏ। ନିଜେ ଟଙ୍କା ମାଗି ନେଇ ପରିବା କି ମାଛମାଂସ କିଣିଆଣେ। ଦରମା ମିଳିଲେ ଆଣି ବଢ଼ାଇ ଦିଏ ତନିମାକୁ। ବାସ୍ ତା'ପରେ ତା'ର ଛୁଟି। ତୁଷାର କୁଆଡ଼େ ଯାଏ, କେଉଁଠିକି ଯାଏ, କେମିତି ଯାଏ, ତନିମା ତାକୁ କେବେ ବି ପଚାରେନା କି ସେ ବି କହେନା। ସେ କେତେବେଳେ ଘରକୁ ଫେରିବ ସେ ନିଜେ ବି ଜାଣି ନଥାଏ।

ତନିମା ବିଶ୍ୱାସ କରୁ ନ ଥିବ ସତକଥା କହିଲେ। ତୁଷାର କହୁଥିବ କେତେବେଳେ ଗୋପନ ମୁହୂର୍ତ୍ତରେ ଯେ ତା'ର କେଇଟି ସଉତୁଣୀ ଅଛନ୍ତି ନା !। ତନିମା, ଅନ୍ୟ ଝିଅମାନଙ୍କ ଭଳି ଚମକି ଯିବନି କି ହାତ ମୁଠାମୁଠା କରି ବାଳଟାଣି ପାଗଳୀଙ୍କ ଭଳି ପ୍ରଳାପ କରିବନି ବରଂ ଧୀର ଶାନ୍ତ-ନମ୍ର ଭାବରେ, ପୁଅ ମା' ସହ ଗେହ୍ଲା ହେଲା ଭଳି, ତୁଷାରର ବେକରେ ଓହଳି ପଡ଼ିବ ପେନ୍ଥାଏ ବଉଳ ଭଳି, କପାଳରେ ଆଙ୍କିଦେବ ସରୁ ଚୁମାଟିଏ।

ତା'ପରେ ହସିବ ହୋ. . . ହୋ ହୋଇ। କ'ଣ ହେଲା- କ'ଣ ହେଲା ପଚାରିଲେ ଖାଲି ହସୁଥିବ ଯେ ହସୁଥିବ। ବୋକା ଭଳି ତୁଷାର

ଖାଲି ବାହିଁଥିବ ତନିମାର ହସକୁରୀ ମୁହଁକୁ। କିଛି ସମୟ ପରେ ଦାର୍ଶନିକ ଭଳି ଗାଲରେ ହାତ ଦେଇ ଗମ୍ଭୀର ହୋଇଯିବ। କହିବ 'ମାମଲା ବ ବଡ଼ ସଙ୍ଗୀନ୍ । କିଛି ଗୋଟାଏ ଫଇସଲା କରିବାକୁ ପଡ଼ିବ। ନଚେତ୍ ତମେ ଅରଣା ମଇଁଷି ଭଳି କିଛି ଦୁର୍ଘଟଣା. . .। ତୁଷାର ହବ୍‌ବଡ୍‌େଇ ଯିବ। ଅଶାନ୍ତିର ଆଶଙ୍କାରେ ତା' ମୁହଁଟା କଳା ପଡ଼ିଯିବ। ସେ ଠାକୁରଙ୍କୁ ଡାକୁଥିବ। ଦୀପ ଦେବା ପାଇଁ ମନାସୁଥିବ। ତଥାପି ଧରା ନ ପଡ଼ିବା ପାଇଁ ଜବରଦସ୍ତ ଦାନ୍ତ ଦେଖାଉଥିବ।

ତନିମା, ତୁଷାରର ଚିବୁକକୁ ଧରି ଦୁଇଥର ଏପଟସେପଟ କରି ଚୁ ଚୁ କରିବ। ପୁଣି ଫିକ୍‌କିନା ହସିଦେବ। କହିବ- କଳ୍ପନାରେ ତ ସର୍ଗ-ସମୁଦ୍ର-ସିଂହାସନ ଗଢ଼ି ଦେଉଛ ବୋଲି ମୁଁ ଜାଣିଛି। ହେଲେ ସଉତୁଣୀଟିଏ ଗଢ଼ି ଏମିତି ମତେ ବୋକୀ ବନେଇ ଦିଅନା। ତା'ଛଡ଼ା ମୁଁ ସତ୍ୟକୁ ସାମ୍ନା କରିପାରୁ ନଥିବା ସଜ ସକାଳଟିଏ- ମତେ ଅଯଥାରେ ସନ୍ଦେହର କୁହୁଡ଼ିରେ ଢ଼ାଙ୍କି ଦିଅନା। ଆମେ ଯେତେ ଦିନ ବଂଚିଛେ ଏମିତି ହସିଖେଳି ସୁଖରେ, ଶାନ୍ତିରେ ଜୀବନ ବିତାଇଦେବା। ଏଇଠି କିଏ କାହାର କହିଲ ? ପାପପୁଣ୍ୟ ସବୁ ମନର ବିକାର। ତଥାପି ମୁଁ ତୁମକୁ ପାଇ ବେଶ୍ ସୁଖୀ ଆଉ ପରିତୃପ୍ତ ବୋଲି ଜୋର୍ ଦେଇ କହିବି। ଏ ବିଶ୍ୱାସ ମୋର ଅଛି ଓ ସାରା ଜୀବନ ବି ରହିବ।

ଏତେଗୁଡ଼ାଏ ସତ କଥା ଶୁଣିସାରିବା ପରେ, ତୁଷାର ତନିମାକୁ କୋଳେଇ ନେବ। ବେକରେ, ଓଠରେ, ଗାଲରେ, କପାଳରେ, ଛାତିରେ ଚୁମା ପରେ ଚୁମା ଛାଇଦେବ, ଲକ୍ଷେ ପଦ୍ମହାର ଭଳି।

ବୋକୀ ଝିଅମାନେ ସବୁବେଳେ ସତରେ ସୁଖୀ ଆଉ ପରିତୃପ୍ତା। ପରିପୂର୍ଣ୍ଣ ସେମାନଙ୍କର ମନ-ଟାଙ୍ଗୁଡ଼ି, ସୁଖର ବିଭିନ୍ନ ଫୁଲ ସମ୍ଭାରରେ। ଦୁନିଆର ଯେତେ ଗହନ କଥାର ବେର ଭିତରକୁ ଯିବ- ସେତେ ଯନ୍ତ୍ରଣା- ସେତେ ଦୁଃଖ- ସେତେ ଜ୍ୱଳନ।

ତୁଷାର ମନେ ପକାଇବ, ତା'ର ପ୍ରଥମ ବିବାହ ପ୍ରସ୍ତାବ ବେଳର କଥା।

ତା' ବୋଉ ଖୋଜୁଥିଲା ଗୋରୀ-ତନୁପାତଳୀ ଗୋଟିଏ ବାଉଳରେ ଗଢ଼ା ଅପ୍‌ସରୀଟିଏ ତ, ତା' ବାପା ଖୋଜୁଥିଲେ ଶିକ୍ଷିତ-ସମ୍ଭ୍ରାନ୍ତ-ଷ୍ଟାଟସ୍‌ର ବନ୍ଧୁଟିଏ। କିନ୍ତୁ ତରୁଣ କବି ତୁଷାର ଖୋଜୁଥିଲା ବୋକୀ ଝିଅଟିଏ କାରଣ ସେ ଜାଣିଥିଲା ସିଏ ସାରା ଜୀବନ ସାହିତ୍ୟ କରିବ। ସେ ରାସ୍ତାରେ ନିଶ୍ଚୟ ଭେଟ ହେବ ଅନେକ ଅନାମିକାଙ୍କ ସହ। ଯେଉଁମାନେ ଅନୁଭବର ଅମୃତ ଅଜାଡ଼ି ଦେବେ ଅକପଟ ଭାବେ ତା'ରି କବି ଜୀବନରେ। ତା'ରି କଲମରୁ କାଳି ହୋଇ ଝରିବେ ସେମାନେ ଝରଝର ହୋଇ। ଚାଲାକ-ଚତୁର-ଚପଳ ଝିଅଟେ ସବୁକିଛି ଜାଣିଦେଲେ ହୁଏତ ତା'ର ସଂସାରର ଶାନ୍ତି ବ୍ୟାହତ ହେବ। ନିଆଁ ଜଳିବ ଦାମ୍ପତ୍ୟ ଜୀବନର ବନାନୀରେ।

ଦଶଟି ଝିଅଙ୍କୁ ଦେଖି ସାରିବା ପରେ ଯେତେବେଳେ ବାପା ବୋଉଙ୍କର ମନ ପାଇଲାନି, ସେବେବେଳେ ତୁଷାର ସଫା ସଫା ମନା କରିଦେଲା ସେ ବାହା ହେବନି ଆଉ। କାରଣ ତୁଷାର ଏ ପ୍ରହସନକୁ ପସନ୍ଦ କରୁ ନଥିଲା। କେବଳ ବାପା ବୋଉଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ଝିଅ ଦେଖି ଯାଉଥିଲା ଏତେଦିନ ଯାଏଁ। ହେଲେ ଆଉ ନୁହେଁ।

ଶେଷରେ ବୋଉ କାନ୍ଦିଲା। ବାପା ବଜ ବଜ ହେଲେ। ବନ୍ଧୁବାନ୍ଧବ ସମସ୍ତେ ବହୁତ ବୁଝାଇଲେ। ବଡ଼ କଷ୍ଟରେ ଏକାଦଶ ବିବାହ ପ୍ରସ୍ତାବ ଦେଖିଯିବା ପାଇଁ ରାଜି ହେଲା। ବହୁ ପୂର୍ବରୁ ବୋଉର ସିଲେକ୍‌ସନ୍, ବାପାଙ୍କ ଜାତକ ମେଳକ ସବୁ ସରି ଯାଇଥିଲା। କେବଳ ତା'ର ମତାମତକୁ ଇ ଅପେକ୍ଷା କରାଯାଇଥିଲା।

ତୁଷାର ଝିଅଟିକୁ ଏକା ଏକା ହିଁ ଦେଖିବାକୁ ଯାଇଥିଲା।

ଝିଅଟିକୁ ଏକା ପାଇ ପଚାରିଥିଲା- ଶୁଣ। ତମେ ଯଦି ଜାଣିବ ମୋର ଗୋଟାଏ ପ୍ରେମିକା ଅଛି । ତମେ କ'ଣ କରିବ . . . . ? ତୁଷାର ଭାବିଥିଲା। ନିଶ୍ଚିତ ଥିଲା ବି, ଏମିତି ଅବାନ୍ତର ପ୍ରଶ୍ନ ଶୁଣି ଝିଅଟି ରାଗିକି ଉଠି ଚାଲିଯିବ କି ହଡ଼ବଡ଼େଇ ଯିବ। ଛୋଟ ରୁମାଲରେ ମୁହଁ ପୋଛିବ। ଛେପ ଢୋକିବ। କି ନହେଲେ ମୁଠାଏ ଅବିର ଭଳି ମୁହଁ ଲାଲ କରି ଲଜ୍ଜାରେ ମୁଣ୍ଡ ପୋତି ଦେଇ ନିରବରେ ଆଖିର ଚାହାଣି ଥରେ ପହଁରେଇ ଆଣିବ ତା' ଉପରେ। ଯାହାର ଅର୍ଥ ହେବ- ଦୁଷ୍ଟ। ଏମିତି କ'ଣ କେଉଁ ଝିଅକୁ ପ୍ରଥମ ଦେଖାରେ ପଚରାଯାଏ ବୋକା ।।

କିନ୍ତୁ ସେମିତି କିଛି ହେଲାନାହିଁ। ଚଟ୍‌କିନା ଉତ୍ତର ଦେଲା ଝିଅଟି- 'ସେଥିରେ ମୋର ଯାଏ ଆସେ କେତେ। ଆପଣଙ୍କର ତଜନେ ପ୍ରେମିକା ଥାଆନ୍ତୁ । ମୁଁ ରାନ୍ଧିବାଢ଼ି ଆପଣଙ୍କୁ ଖୁଆଇବି। ଘର ସଜେଇବି। ଛୁଆଙ୍କୁ ମଣିଷ କରେଇବି।' ତା' ଆଖିରେ ଭରି ରହିଥିଲା ସାଗରର ସୁନେଲି ସପ୍ନ ଥାକଥାକ ହୋଇ। ଆତ୍ମପ୍ରତ୍ୟୟର ଆଖି ଆଇନାରେ ଥିଲା ଆମନ୍ତ୍ରଣ ଜୀବନର, ଯୌବନର, ଯାତ୍ରାର। ତୁଷାର ବିମୁଗ୍ଧ ହେଲା। ବିହ୍ୱଳିତ ବି। ବିନା ବିଚାରରେ ହଁ ଭରିଦେଲା ବିବାହ ପାଇଁ। ସେଇଠି ହିଁ ତା'ର ବିବାହ ହୋଇଯାଇଥିଲା। ତନିମା ତା'ର ପ୍ରତିଶ୍ରୁତି ମୁତାବକ ସବୁ ସର୍ତ୍ତ ପୂରଣ କରିଥିଲା ଶୃଙ୍ଖଳିତ ଆଜ୍ଞାଧୀନ ଛାତ୍ରୀଟିଏ ଭଳି।

ଏ ଭିତରେ ଦୀର୍ଘ ପଚିଶ ବର୍ଷ ବିତିଗଲାଣି । ଅଥଚ ସେଦିନର କଥା ଏଇ କାଲି ଭଳି ବୋଧ ହେଉଛି । ସମୟ ବଡ଼ ନିଷ୍ଠୁର-ନିଦାରୁଣ ତ ! କେତେ ଶୀଘ୍ର ନଈ ଭଳି ସେ ବହିଯାଏ- ଜମା ଜାଣିହୁଏନା ।

କବି ତୁଷାରର ଏ ଭିତରେ ପାଂଚ ଖଣ୍ଡ କବିତା ସଂକଳନ ପ୍ରକାଶ ପାଇଲାଣି । ସାହିତ୍ୟ ଏକାଡେମୀ ଓ ଅନ୍ୟାନ୍ୟ ସାହିତ୍ୟ ଅନୁଷ୍ଠାନମାନଙ୍କରୁ ସେ ପୁରସ୍କୃତ/ସମ୍ବର୍ଦ୍ଧିତ ହେଲାଣି । ଆନ୍ତଃରାଜ୍ୟ ଲେଖକ ବିନିମୟ କାର୍ଯ୍ୟକ୍ରମରେ ସେ ସବୁ ରାଜ୍ୟ ବୁଲିଆସିଲାଣି । ତା' କବିତା ଅନେକ ଭାରତୀୟ ଓ ବିଦେଶୀ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଲାଣି । ସଂକଳନ ବି ପ୍ରକାଶ ପାଇଲାଣି । ବଡ଼ ପଦବୀରେ ଆସୀନ ନ ଥାଇ ବି, ସେ ଢେର୍ ପ୍ରଶଂସା/ପ୍ରଶସ୍ତି/ପୁରସ୍କାର ପାଇଲାଣି । ମନଜିଣା ଶବ୍ଦ, ଲାଳିତ୍ୟ ଓ ଜୀବନ୍ତ ଅକୃତ୍ରିମ ପ୍ରକାଶଭଙ୍ଗୀ, ନିଗୁଢ଼ା ଅନୁଭବର ଅମୃତ ମୁହୂର୍ତ୍ତମାନଙ୍କୁ ନେଇ ତା'ର ଏଇସବୁ ସଫଳତା, ସମ୍ମାନ ଓ ଶୀର୍ଷସ୍ଥାନ ପ୍ରାପ୍ତି । କବିତାର ସିଡ଼ିରେ ସେ ତନିମାର ସାହଚର୍ଯ୍ୟ ପାଇଛି । କୃତଜ୍ଞତା ବି ଜଣାଇଛି । ଆଉ ତନିମା, ତୁଷାରର ସଫଳତା ଓ ସମ୍ମାନକୁ ବାଂଟିନେଇ ଆନନ୍ଦ, ସୁଖ ଆଉ ତୃପ୍ତି ପାଇଛି ।

କବି ତୁଷାରର ବେଳେବେଳେ ମନେ ହେଉଥିବ- ସେ ଏସବୁ କବିତା-ଫବିତା ଲେଖା ଛାଡ଼ିଦେବ କି ? ଚୁପ୍‌ଚାପ୍ ବସିଯିବ ଅନ୍ୟମାନଙ୍କ ଭଳି । ନୋଟ୍‌ସ ଲେଖିବ କି ଟ୍ୟୁସନ୍ କରିବ । ଏ ଅଧ୍ୟାପକ ଜୀବନରେ ଢେର୍ ଫୁର୍‌ସତ୍ ମିଳୁଛି । ବିଜ୍‌ନେସ୍ କଲେ ବି ଚଳିବ । ବନ୍ଧୁ ସମର ବିଲ୍ଡରସ୍-ବେପାର କରିଛି । ଏବର୍ଷ ଜେନ୍ କିଣିଛି । ଦୁଇଟା କୋଠା କଲାଣି । ଆଉ ଜଣେ ବନ୍ଧୁ ଏମ୍. ଏଲ୍. ଏ. ଟିକେଟ୍ ପାଇ ମନ୍ତ୍ରୀ ହୋଇଛି । ତାକୁ ଖାଇବାକୁ ମିଳୁ ନଥିଲା ଅଥଚ ଏବେ ସେ କେତେ ଲୋକଙ୍କୁ ଖାଇବାକୁ ଦେଉଛି । ସାତପୁରୁଷ ପାଇଁ ସିନ୍ଦୁକରେ ସାଇତି ଦେଲାଣି ସମ୍ପତ୍ତି ସିଏ । ଆଉ ଜଣେ ବନ୍ଧୁ ଓ. ଏ. ଏସ୍. ପାଇ ବି.ଡ଼ି.ଓ. ହୋଇ ବେଶ୍ ଦି'ପଇସା କମେଇ, ରାଜଧାନୀରେ ଦୁଇ ଭାବୀ ଜ୍ୱାଇଁ ପାଇଁ ଦୁଇଟି କୋଠା ତିଆରି କଲାଣି ।

ତା'ଭଳି କିଏ ବୋକା ହୋଇଛି ଯେ, ଶୁଷ୍କ ସାହିତ୍ୟରେ ମାତି, ହାତରୁ ପଇସା, ସମୟ, ସ୍ୱପ୍ନ ଖର୍ଚ୍ଚ କରି ସାମୟିକ ଆନନ୍ଦ ପାଉଥିବ । କିନ୍ତୁ ସେ ଜାଣେ । ଏ ଆନନ୍ଦରେ ଆବିଳତା କି ଅଶାନ୍ତି କି ଆତଙ୍କ ନାହିଁ । ଖାଦ ନଥିବା ଚବିଶ କ୍ୟାରେଟ୍ ସୁନା ଭଳି ନିଗୁଢ଼ା-ନିଟୋଳ-ନିରୋଳା ଆନନ୍ଦ ଇଏ । ଯାହା ସେଇ ବନ୍ଧୁମାନେ ସାରା ଜୀବନ ଖୋଜିଲେ ବି ପାଇବେନି, ମଧ୍ୟାହ୍ନରେ ଜହ୍ନର ଜୋଛନା ଖୋଜିବା ଭଳି । ସ୍ୱପ୍ନ ହୋଇ ରହିଯିବ ତାହା ସବୁଦିନ ।

ତୁଷାର ଛାତ ଉପରେ ସେମିତି ଠିଆ ହୋଇଥିବ ସେତେବେଳକୁ । ଉପରକୁ ଚାହିଁଦେଲେ ଦେଖିବ, ଗୁଡ଼ାଏ ଗୁଡ଼ି ଉଡୁଥିବେ ନୀଳ ଆକାଶରେ । ବେଶ୍ ମନ ଖୁସିରେ ବେଣା ଦୋହଲାଇ ଦଳଦଳ ପକ୍ଷୀ ଫେରୁଥିବେ ନୀଡ଼କୁ । ଆଃ । ସେ ଏମିତି ଉଡ଼ିପାରନ୍ତା କି ? ଭାରି ମଜା ହୁଅନ୍ତା । ଗୁଡ଼ିଗୁଡ଼ିକ ଦିଶୁଥିବ ଖୁବ୍ ଛୋଟଛୋଟ ବେଳେବେଳେ ଉପରକୁ ଉଠୁଥିବେ ତ ପୁଣି ସାଏଁକିନା ତଳକୁ ଖସି ଆସୁଥିବେ ପୁଣି କେତେବେଳେ ସ୍ୱଭାବସୁଲଭ ଢ଼ଙ୍ଗରେ ଉଡୁଥିବେ ମନ ଖୁସିରେ ମସ୍‌ଗୁଲ ହୋଇ । ମଣିଷର ଜୀବନ ଆଉ କ'ଣ କି ? ଏମିତି ଉଠୁଥାଏ । ପଡୁଥାଏ । ଆଉ କେତେବେଳେ ନିସ୍ତରଙ୍ଗ ସମୁଦ୍ର ଭଳି ସ୍ୱଭାବସୁଲଭ ସାଧାରଣ ବୋଧ ହେଉଥାଏ । ନୁହେଁ କି ?

ଜୀବନ ଏଇଠି ଏମିତି ଏତେ ଶସ୍ତା ଯେ ଫୁଟ୍‌ପାଥ୍‌ରେ, ଛକରେ ଶହଶହ ଦୁଃସ୍ଥ କାକୁସ୍ଥ ହାତ ଲମ୍ବି ଆସେ ତା' ପାଖକୁ । ସେ ଏହାକୁ ଆକଣ୍ଠ ଘୃଣା କରେ । ହେଲେ ଦାରିଦ୍ର୍ୟ ତ ଆଉ ମଣିଷର ସ୍ୱେଚ୍ଛାକୃତ ଏକ ଅବସ୍ଥା ନୁହେଁ । ପାରିପାର୍ଶ୍ୱିକ ଅବସ୍ଥାକୁ ସେଥିପାଇଁ ଦାୟୀ କରାଯାଇପାରେ । ଦଳେ ସୁବିଧାବାଦୀ ସଇତାନ୍ ମନଇଚ୍ଛା ରକ୍ତ ଶୋଷି ଚାଲିଥିବାବେଳେ, ଥୋକାଏ ଶୋଷିତ ହୋଇ ଭକୁଆ ଭଳି ଭାଗ୍ୟକୁ ଦୋଷ ଦେଇ କେବଳ ଚାହିଁଥିବେ । ସେମାନଙ୍କର ଭାଣ୍ଡାମିପଣିଆକୁ ସଲାମ୍ ଠୁକି ପାଦଲେହନ କରି ଜିଆ ଭଳି ପଡ଼ିଥିବେ ପିମ୍ପୁଡ଼ି ଘେରରେ ।

ଇଏ କି ନ୍ୟାୟ ? ଇଏ କି ବିଚାର । ଇଏ କି ଗଣତନ୍ତ୍ର । ବୁଝିପାରେନା ତୁଷାର । ହାତ ମୁଠାମୁଠା ହୋଇଯାଏ ତା'ର । ପିସ୍ତଲଟିଏ ମିଳିଲେ 'କ୍ରାନ୍ତିବୀର' ଚଳଚ୍ଚିତ୍ର ଭଳି, ନାନା ପାଟେକର ହୋଇ ସେ ଶେଷ କରିଦିଅନ୍ତା, ଏ ପୁଞ୍ଜିପତି ଲାଭଖୋର-ଲୁଟିଖିଆମାନଙ୍କୁ । ତା' ରକ୍ତ ଡାକୁଥିବ ଏମିତି ଶେଷ ଦୃଶ୍ୟଟିଏ ସୃଜିଦେବାକୁ ବାସ୍ତବରେ । ହେଲେ ସେ, ସେଇ ଡାକକୁ ନ ଶୁଣିଲା ଭଳି ଚୁପ୍‌ଚାପ୍ ରହି ଯାଉଥିବ । ସେ ନାଚାର-ନିରୁପାୟ । ସେ କେବଳ ଦେଖୁଥିବ ଆଉ ଶୁଣୁଥିବ । କହୁଥିବ ମୁଁ କିଛି ଦେଖିନି କି ଶୁଣିନି । ଯଦିଓ ସେ ଅନ୍ଧ-ମୂକ-ବଧିର ନୁହଁ । ସେ ଭଦ୍ରଲୋକ । ତା'ର ସଂସାର ଅଛି । ସେ କିଛି କରିପାରିବନି । ନା ପାରିବନି । ଅଦୃଶ୍ୟ ଶିକୁଳିରେ ବନ୍ଧା ତା'ର ହାତଗୋଡ଼ । ଜୀଅନ୍ତା ଶବ ଭଳି । ସିଏ ସ୍ୱାର୍ଥପର । ନିହାତି ଆତ୍ମକୈନ୍ଦ୍ରିକ ଆଉ ଯଶପ୍ରାର୍ଥୀ । କାରଣ ସେ ଛାତିରେ ହାତ ଦେଇ ହଲପ୍ କରି କହିପାରିବନି ଯେ ସିଏ ଟିକିଏ ପ୍ରଶଂସା କି ବାହାବା ପାଇଁ ହିଁ କବିତା ଲେଖେନା । ଲେଖେ କେବଳ ସମାଜର ପରିବର୍ତ୍ତନ ପାଇଁ ।

ବାସ୍ତବରେ ଦେଖିବାକୁ ଗଲେ ଏ ଦୁଃସ୍ଥ କବିଟିକୁ ଏ ସ୍ୱାର୍ଥପର ସମାଜ କ'ଣ ଦିଏ କି ? ନା ଅର୍ଥ-ନା ସମ୍ମାନ- ନା ଭଲପାଇବା ।

ଶୀତଦିନ। ଶୀଘ୍ର ସନ୍ଧ୍ୟା ହେଲାଣି। ଶୀତୁଆ ଶୀତୁଆ ଲାଗୁଥିବ ତୁଷାରକୁ। ସେ ଶାଲ୍‌ଟିକୁ ଭଲ କରି ଘୋଡ଼ାଇ ନେଉଥିବ ହାତରେ। ପୁଣି ଦେଖୁଥିବ ତାରକିତ ଆକାଶକୁ। କେବେ ନ ଦେଖିଲା ଭଳି। ଅନେକ ଦିନ ହେଲା କବିତା ଲେଖାଯାଇନି। କିଛି ପ୍ରେରଣା-ଉତ୍ସାହ-ଉଦ୍ଦୀପନା-ଆନ୍ଦୋଳନ ନାହିଁ। ସେଇ ଘଷରା ଜୀବନ। ନୂଆ ଘଟଣା/ଦୁର୍ଘଟଣା କିଛି ନାହିଁ।

ଧେତ୍-ଭାରି ବୋର୍ ଲାଗୁଛି। ଜୀବନର ମୋହ କମିକମି ଆସୁଛି। ବଂଚିବା ପାଇଁ ଆଉ ସ୍ପୃହା କି ଆକର୍ଷଣ ରହୁନି।

ସେ ଡେଇଁପଡ଼ିବ କି ଛାତ ଉପରୁ ତଳକୁ। ତା'ପରେ କ'ଣ ହେବ। ସବୁ ସାହିଭାଇମାନେ ଧାଇଁ ଆସିବେ। ତାକୁ ଟେକି ନେଇ ଆମ୍ବୁଲାନ୍ସରେ ମେଡ଼ିକାଲ ନେବେ। ସେଇଠି ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଦେବେ ସ୍ୱୟଂ ଚିତ୍ରଗୁପ୍ତ ଭଳି। ତା'ପରେ ତନିମା. . .। ଧେତ୍। ଯେତେ ବାଜେ ଚିନ୍ତା। ଛାଡ଼। ଏ ଅଶାନ୍ତ ପୃଥିବୀରୁ ପରିତ୍ରାଣ ପାଇବା ପାଇଁ ମୃତ୍ୟୁହିଁ ଏକମାତ୍ର ପଳାୟନପନ୍ଥୀ ରାସ୍ତା।

ତନିମା ଡାକିବ ତଳୁ। ଶୁଣୁଛ କେହି ଜଣେ ଅଧ୍ୟାପିକା ଆସିଛନ୍ତି। ତଳକୁ ଆସ।

ତୁଷାର ଚମକିବ। କିଏ ହୋଇପାରେ। ଅଧ୍ୟାପିକା। ପୁଣି ସିଧା ତା' ଘରକୁ। ସେ ହଡ଼ବଡ଼େଇ ଯିବ। ଆଉ ଶଙ୍କାକୁଳ ମନରେ ସିଡ଼ି ଓହ୍ଲେଇବ। ତା ମୁହଁ ଶୁଖି ଶେଥା ପଡ଼ିଯାଇଥିବ।

ସେ ଡ୍ରଇଁଗ୍‌ରୁମକୁ ପଶୁପଶୁ ଅଧ୍ୟାପିକା ସ୍ମିତା ସାମଲ ଉଠି ଠିଆ ହବ। ବିନା ଉପକ୍ରମଣିକାରେ ଚାର୍ଜ କରିବ- "ଆପଣ ଏଡ଼େ ବିଶ୍ୱାସଘାତକ । (ଶଳା । ଏଇଠି ବିଶ୍ୱାସ କାହିଁ ବେ) ପ୍ରତାରକ । ଠକ। ବେଇମାନ ! ପ୍ରତିଶ୍ରୁତି ମତେ ଦେଇ ସେ ବଆଣୀ ସରୋଜିନୀ ପାଖରେ ଯାଇ ହାଜର। (ଏସବୁ ସୁଗୁଣ (?) ଗୋଟାଏ କବି ପାଇଁ ନିହାତି ଆବଶ୍ୟକ ସୁନ୍ଦରୀ। ସେ ଏହାକୁ ଆଧାର କରି ହିଁ ତ ଆଶାର ଆକାଶ ଗଢ଼ିବ- ସ୍ୱପ୍ନର ସାବ୍‌ଜା ସିଛାର- ଅନୁଭବର ଅନ୍ତରଙ୍ଗ ଅନୁରଣନ ପାଇବ। ତମେ ତାହା କୁଆଡୁ ବୁଝିବ ସୁନ୍ଦରୀ ! ତମେ ତ ଏ ମାଟିର ମାୟାରେ ମସ୍‌ଗୁଲ-ଆକାଶର ଆମନ୍ତ୍ରଣ ଆସ୍ୱାଦନ/ଆଲିଙ୍ଗନ ତୁମ ପାଇଁ ଅର୍ଥହୀନ) ହଁ, ତା'ଛଡ଼ା ମୋ ସ୍ୱାମୀ ସେଦିନ ଫୋନ୍ ଧରିଥିଲେ। କିଛି ନଜାଣି ଭୋଳାଶଙ୍କର ଭଳି, ମୋ ପାଇଁ ଲେଖିଥିବା କବିତା ତାଙ୍କୁ ଶୁଣାଇବା କ'ଣ ଦରକାର ଥିଲା। ହିପୋକ୍ରାଟ୍ ! ଆମକୁ ନେଇ କବିତା ଲେଖିବ। ସମ୍ମାନ ପାଇବ। ପ୍ରଶସ୍ତି ପାଇବ। ପୁରସ୍କାର ପାଇବ। ଆଉ ଆମେ ପାରିବାରିକ ଅଶାନ୍ତିରେ ସଢ଼ି ମରିବୁ ଦିନରାତି। (ନା- ସୁନ୍ଦରୀ ।।ବରଂ ମୋର ମୃତ୍ୟୁ ହେଉ ତୁମର କୋମଳ କୋଳରେ। ତମେ ବଂଚିରୁହ ଯୁଗଯୁଗ ପାଇଁ। ଅନେକ କବିର ପ୍ରେରଣା ହୋଇ। ନହେଲି ନାୟିକା ହୋଇ) ନା. . . ତମର ଏ ମୁଖା ମୁଁ ଖୋଲିଦେବି।

ତୁଷାର କୌଣସି ପ୍ରତିକ୍ରିୟା ନ ଦେଖାଇ ଚୁପ୍‌ଚାପ୍ ସବୁ ଶୁଣିଯିବ। ହଜମ କରିଦେବ। କିଛି କହିବନି। ପଚାରିବ- ଏତିକି ନା. . . ଆଉ କିଛି ବାକି ଅଛି। ମନ ଥଣ୍ଡା ହେଲା ତ. . . . (ତମେ ଯାହା କୁହ ସୁନ୍ଦରୀ ତମେ ଆଜି ଡେସଡେମୋନା କି କ୍ଲିଓପାଟ୍ରା ଭଳି ଝଟକୁଛ। ଇଚ୍ଛା ହେଉଛି. . . . ନା ଥାଉ) କ'ଣ ନେବ ଥଣ୍ଡା ନା ଗରମ... ?

ସ୍ମିତା ଆହୁରି ଉତ୍କ୍ଷିପ୍ତ ହୋଇ ଉଠିବ। କହିବ- ଛେନାଗୁଡ଼ ନେବି। ତମ ଘରେ ଜଳ ବି ସ୍ପର୍ଶ କରିବିନି।

ତୁଷାର କହିବ ହସିହସି। ଜଳ ନୁହେଁ ଜଳଖିଆ ଖାଅ ମ।

ସ୍ମିତା ଆହୁରି ରାଗିଯିବ। ତା' ଗୋରା ତକତକ ଗୋଲ୍ ମୁହଁ ଏପଲ୍ ଭଳି ଲାଲ୍ ହୋଇଯିବ। (ଆଃ କେତେ ନାଲି ମ. . .କହିବାକୁ ଇଚ୍ଛା ହେବ ତୁଷାରର। କିନ୍ତୁ ନିଜର ପାଗଳପଣ ପ୍ରତି ଲଗାମ ଦେବ)

-କିଛି ମନେ ନ କଲେ ସ୍କୁଟରରେ ନେଇକି ଛାଡ଼ି ଦେଇ ଆସନ୍ତି।

- ନା- ଧନ୍ୟବାଦ। ଦୟା ଦେଖେଇବା ଦରକାର ନାହିଁ। ମୁଁ ରିକ୍ସାରେ ଚାଲିଯିବିନି କି ? ହିପୋକ୍ରାଟ୍ ତୁମ ଘରେ ବି ନିଆଁ ଜଳିବ ଯେ. . . । ଗରଗର ହୋଇ ସ୍ମିତା କହିବ।

ତୁଷାର ଧୀରେ କହିବ- କବିଟିଏ ତ ସବୁବେଳେ ଅଗ୍ନିରେ ସ୍ନାନ କରୁଥାଏ। ତା'ଛଡ଼ା ମୋର ସବୁ କୃତିତ୍ୱ- ସବୁ ସ୍ୱପ୍ନ-ସବୁ ଶବ୍ଦ ତ ତୁମେ. . .।

ହଠାତ୍ ଝଡ଼ଭଳି ଚାଲିଯିବ ସ୍ମିତା।

ଅନୁଧାବନ କରିବ ତୁଷାର। ପଛରୁ ଡାକିବ ମୁଲାଏମ୍ କଣ୍ଠରେ- ସ୍ମିତା ଶୁଣ !

ସ୍ମିତା ଜମା ଶୁଣିବନି। ଟଗଟଗ ହୋଇ ଚାଲିଯାଉଥିବ ବେଣୀ ନଚାଇ ନଚାଇ ସ୍ଫୀତ ନିତମ୍ବ ଉପରେ ତା'ର।

ତୁଷାର ଫିସ୍‌ଫିସ୍ କରି କହିଦେବ- ଏଇ ତ ଗଲାନି ତୁମର ଟାଣପଣ।

ପଛକୁ ଫେରି ଥରେ ଚାହିଁବ ସ୍ମିତା। ବୋଧେ ମୁରକି ହସୁଛି।

ଝାପ୍‌ସା ଆଲୁଅରେ ସ୍ପଷ୍ଟ ଦିଶୁ ନଥିବ ତୁଷାରକୁ । ଚଷମା ଆଣିବାକୁ ଭୁଲି ଯାଇଛି ।

ସ୍ମିତା ଗୋଟାଏ ଖାଲି ରିକ୍ସା ଦେଖି ବସିଯିବ । ରିକ୍ସା ଚାଲିବ ଆଗକୁ ଆଗକୁ ।

ତୁଷାର ଦୀର୍ଘଶ୍ୱାସଟିଏ ଛାଡ଼ି ପଛକୁ ଫେରିବ । ଘରକୁ ଫେରିବାକୁ ଗୋଡ଼ ଜମା କହୁ ନଥିବ । କେଜାଣି କିଛି ଅସ୍ୱାଭାବିକ ଦୃଶ୍ୟ ଅପେକ୍ଷା କରି ନଥିବ ତ, ତା'ପାଇଁ । ସେ ସମ୍ଭାଳି ପାରିବ ତ । ତା କୋମଳ କଲିଜା ଠକ୍ ଠକ୍ ଥରିଲା ଖାଲି ।

ଯଦି କିଛି ଅଘଟଣ ଘଟିଯାଏ । ସେ ପାଗଳ ହୋଇଯିବ । ସ୍ମିତାକୁ ଖୁନ୍ କରିଦେବ । ତା'ପରେ ଜେଲ୍ ଯିବ । ଲେଖିବ କାରା କବିତା । ଦାଢ଼ି କାଟିବନି ।

ତୁଷାରର ହାତଗୋଡ଼ ଥରୁଥିବ । ମୁଣ୍ଡ ବୁଲାଉଥିବ । ସବୁ ଠାକୁର/ଠାକୁରାଣୀଙ୍କୁ ଡାକି ତା' ତନିମାର ମଙ୍ଗଳ ମନାସୁଥିବ । ତରିତରି ଘର ଭିତରକୁ ଯାଉଥିବ- କଟଲ୍ ହେବାକୁ ଯାଉଥିବା ଖାସିଟିଏ ଭଳି ଆତଙ୍କିତ ଅବସ୍ଥାରେ ।

ଘର ଭିତରକୁ ଗଲାବେଳେ ଦେଖିବ ଏକ ଅଲୌକିକ ଦୃଶ୍ୟ ।

ତନିମା ପିନ୍ଧିଥିବ ତାଙ୍କରି ବାହାଘର ବେଳର ବଉଳ ପାଟ । ନାଇଥିବ ସବୁ ସୁନାଗହଣା । ସିନ୍ଥିରେ ଦେଇଥିବ ବହଳା ସିନ୍ଦୁର । ନୂଆ ଚୂଡ଼ି ପିନ୍ଧିଥିବ ତ ପାଦରେ ନାଇଥିବ ଅଳତା । ପୂରାପୂରି ଅଭିସାରିକା ବେଶ ।

ବାସ୍ନାଭରା ଧୂପକାଠି- ରଜନୀଗନ୍ଧାର ସ୍ତବକ- ମନ ବହଲେଇ ଦେବା ଭଳି ପରଫ୍ୟୁମ୍ । ଖଟରେ ନୂଆ ବେଡ୍‌ସିଟ୍ । ଟେପ୍ ରେକର୍ଡ଼ରେ ଗଜଲ ବାଜୁଥିବ ଧୀର ସ୍ୱରରେ ।

ତନିମା ଖଟ ଉପରେ ପେଟେଇ ହୋଇ ଶୋଇ ରହି ଦେଖୁଥିବ ତାଙ୍କରି ବାହାବେଳର ଆଲବମ୍‌ରୁ ଫଟୋ ଏକ ଲୟରେ । ଗୋଡ଼ ଦୁଇଟା ପଛକୁ ଟେକି ପୁଣି ଖଟରେ ରଖୁଥିବ । ଓଠରେ ଗୁଣୁ ଗୁଣୋଉଥିବ ଗୋଟାଏ ହିନ୍ଦୀ ଗୀତର ଧାଡ଼ି ।

ତୁଷାର, ତନିମା ମୁହଁକୁ ଚାହିଁପାରୁ ନଥିବ । ତନିମା ଏତେ ତଲ୍ଲୀନ ହୋଇ ଯାଇଥିବ ଯେ ତୁଷାରର ଏବେ ସମୟର ଉପସ୍ଥିତି ବି ଜମା ଜାଣିପାରି ନଥିବ ।

ହଠାତ୍ କାଶିଦେବ ତୁଷାର । ତନିମା ଚାହିଁବ ତୁଷାରକୁ ଚୁପ୍‌ଚାପ୍ । ତୁଷାର କିଛି ନ ଜାଣିଲା ଭଳି ମୁହଁ ବୁଲାଇ ବାଥ୍‌ରୁମ୍ ଆଡ଼େ ଚାଲିଗଲାବେଳେ ବେକର ପଛପଟୁ ନାଉ ହୋଇ ତନିମା, ତୁଷାରର ଓଠରେ ସରୁ ଚୁମାଟିଏ ଦେଉ ଦେଉ କହୁଥିବ ପାଗଳାଟାଏ । ନୁହଁ . . . ? ?

ହଠାତ୍ ତନିମାର ଗୋଡ଼ତଳେ ଲମ୍ବା ହୋଇ ଶୋଇଯିବ ତୁଷାର । କହିବ- ତୁମେ ମହାନ୍ ଦେବୀ ତୁମେ ମହତ୍ । ମୋ ମନ୍ଦିରରେ ଶାନ୍ତି-ଶକ୍ତି-ପ୍ରୀତିମୟୀ ଥାଉଁଥାଉଁ ମୁଁ ବିଚାରା ଅନ୍ୟ ମନ୍ଦିର ସନ୍ଧାନ କରୁଥିଲି ଆଜିଯାଏଁ । ମତେ କ୍ଷମା ଦିଅ ତନିମା । ମୋର ଆଉ କବିତା ଦରକାର କ'ଣ ? ତୁମେ ଇ ତ ମୋର କାମ୍ୟାକଳ୍ପର କୋଟିଏ କବିତା । କୁର୍ଣ୍ଣିସ୍ ନିଅ ଏ କବିର ।

ତନିମା ଭାବୁଥିବ ତା' ସ୍ୱାମୀ ବୋଧେ ଆଜିଠାରୁ କବିତା ଛାଡ଼ି, ନାଟକ ଲେଖିବେ । ଅଭିନୟ କରିବେ । ରିହାର୍‌ସେଲ କରୁଥିବେ ଅବା ।

ତୁଷାର ଦେଖୁଥିବ ତା' ଆଖି ଆଗରେ ପଚିଶ ବର୍ଷ ତଳର ଅଭିସାରିକା ତନିମା । ଆଖିରେ ହରିଣୀର ଚମକ ଖେଳାଇ ଖେଳିବା ପାଇଁ ଆହ୍ୱାନ କରୁଥିବ ଲୁଚକାଳି ଖେଳ ।

୧୪୦, ଅଂକୁର ଆପାର୍ଟମେଂଟସ୍
୭-ଆଇ. ପି. ଏକ୍ସଟେନସନ୍
ପଟ୍ଟପରଗଂଜ, ନୂଆଦିଲ୍ଲୀ-୧୧୦୦୯୨
ମୋ : ୦୯୮୧୦୭୬୨୯୭୬

# କଥାଟିଏକହୁଁ...
# ସିଧିରସ୍ତୁ...!!!

ପ୍ରଶାନ୍ତ କୁମାର ଭୁୟାଁ



ସେଦିନ ବି ଅନ୍ୟଦିନ ଭଳି ସକାଳୁ ଉଠିଥିଲି ବଡ଼ କଉଡ଼ିଟିଏ ଧରି। ତା'ପରେ ସବୁ ଅଲଗା ଘଟିବାରେ ଲାଗିଲା। ବୁଝିପାରୁଥିଲି କିଛିଟା ନୂଆ ଘଟିବାକୁ ଯାଉଛି ମୋ ଜୀବନରେ। ବଳି ପଡ଼ିବା ପାଇଁ ଯାଉଥିବା ଦାଢ଼ିଆ ବୋଦାକୁ ସଜାଇଲା ଭଳି ମୋ ବୋଉ ମତେ ଗାଧୋଇ ଦେଲା ଆଉ ଭଉଣୀମାନେ ସବୁ ଶିଙ୍ଖା ଶିଙ୍ଗାର ଶିଶି ସବୁ ଖୋଲି ଧଳା, ନାରଙ୍ଗୀ, ଲାଲ ଟୋପାରେ ସଜାଇ ଦେଲେ। ସେମାନେ ସବୁ ଆଲୋଚନା ବିଲୋଚନା ପରେ ମୋ ମୁଣ୍ଡର ବାଳକୁ ଉପରେ ମନ୍ଦାର ଫୁଲଭଳି ସଜାଇବାରେ ଶେଷକଲେ ମୋର ସାଜସଜ୍ଜା। ମୋ ମୁଣ୍ଡରେ ଗୋଛାଏ ବାଳ ଥିଲା, କାରଣ ମୁଁ କେବେ କାହାରିକୁ କାଟିବାକୁ ଦେଉନଥିଲି। ଜେଜେମା କହୁଥିଲା କଟକଚି ଠାକୁରାଣୀ ନିକଟରେ ସେହି ବାଳକଟା ହେବ ବୋଲି। ଏଣୁ ମୁଁ ବିବରା ଗରିବ ଖଟିଖିଆ ଜମାଖାତାରେ ସଞ୍ଚୟ ରଖିଲା ଭଳି ସେଗୁଡ଼ିକୁ ରଖିଥିଲି କିଛି ମହତ ହେବା ଉଦେଶ୍ୟରେ।

ବାଲ୍ୟବ କାଳେ ଏହା ଜାଣିଥିଲି ଯେ,

"କ୍ଷୀର ଉବୁରିଲେ ଚୁଲିକୁ, ମଣିଷ ଉତୁରିଲେ ଗାତକୁ"

ଆଉ ପରେ ଜାଣିଲି ଯେ, ବାଳ ବଢ଼ିଲେ କତୁରୀକୁ ବୋଲି...।

ତା'ପରେ...

କୁଳ ପୁରୋହିତ ଆସିଲେ। ସଞ୍ଜା ଭୋଗ ଆଉ ବିଭିନ୍ନ ପୂଜା ସାମଗ୍ରୀ ସବୁ ବୋଉ ସଜାଇଦେଲା। ମୁଁ ପିଢ଼ା ଉପରେ ବସିଲି ଅତି ଆଗ୍ରହର ସହ ଦେଖିବାକୁ ଯେ ମୁଁ ବି ଦେବବା ହୋଇଗଲି। ପୁରୋହିତ ସବୁ ନୂଆ ଭାଷାରେ କ'ଣ ସବୁ ଆବୃତ୍ତି କରିବାରେ ଲାଗିଲେ ଯାହା ସେବେବେଳେ ମୋ ପାଇଁ ଦୁର୍ବୋଧ ଥିଲା। ମଝି ମଝିରେ ସେ ହୁକୁମ ଦେଉଥାନ୍ତି; ଏ ଢ଼ାଳଟାରେ ପାଣି ଭର୍ତ୍ତି କରି ଆଣ, ଏଇଟା ଆଣ, ସେଇଟା ଆଣ ଆଉ କେତେ କ'ଣ। ହେଲେ ମୋର ଖାଲି ଜାଣିବାକୁ ମନ ଉଚାଟନ ହେଉଥିଲା ଯେ ତା'ପରେ କଣ?

ମୋ ଖୁଡ଼ି, ମାଉସୀ, ମାଇଁ ପ୍ରଭୃତି ମୋତେ ଦୂବ-ପତ୍ର-ଫୁଲ ଓ ହଳଦୀ ମିଶା ଚାଉଳରେ ବନ୍ଦାଇଲେ। ସବୁଠାରୁ ମଜା ଲାଗୁଥିଲା ହୁଳହୁଳିର ଶବ୍ଦ। ଏବେ ଗୀତ, ବାଦ୍ୟ ଆଉ ମହୋତ୍ସବ ସବୁ ଦେଖିଶୁଣି ଆସିଛି ହେଲେ ହୁଳହୁଳିର ଶବ୍ଦ ଯେ ଅନନ୍ୟ ଏହା ଯୋର ଦେଇ କହିପାରେ। ନିକଟରେ ଗୋଟିଏ ନୂଆ ସିଲଟ ଥାଏ। ଯାହାକୁ କହନ୍ତି ଅରଖ ନୂଆ। ବାସୁପାତ୍ରର ଦୋକାନରୁ ବାପା ଗଲା ଶୁକ୍ରବାରେ ଆଣିଥିଲେ। ଆଉ ତା ପାଖରେ ଶଙ୍ଖମାର୍କା ଚକ୍‌ଖଡ଼ି ଡବାଟିଏ। ପୁରୋହିତ ଏକ ନିର୍ଦ୍ଦିଷ୍ଟମନ୍ତ୍ରୋଚ୍ଚାରଣ ପରେ ସେଇ ସିଲଟରେ ହଳଦୀ ସିନ୍ଦୁରରେ 'ଓଁ' ଲେଖିଦେଲେ। ତା'ପରେ ମୋ ହାତରେ ଗୋଟିଏ ଚକ୍‌ଖଡ଼ି ଧରାଇଦେଲେ ସେ। ତା'ପରେ ସେଇ ପାନବୋଳା ପାଟିଟାକୁ ଥୋଡ଼ିଉପରେ ଖାଲେଇ ଦେଇ ମୋତେ କହିଲେ ତାଙ୍କସହ ଲେଖି କହିବାକୁ। ମୋ ହାତଟାକୁ ଜୋର୍‌ରେ ଚକ୍‌ଖଡ଼ି ସହ ଧରି ସେ କିଛି ଲେଖିବାକୁ ଲାଗିଲେ ଆଉ କହିବାକୁ ଅରମ୍ଭ କଲେ "ସି...ଧି...ର...ସ୍ତୁ..."। ମୁଁ ବି ପାଳିଆ ଧରିବାରେ ଲାଗିଲି ସିଧିରସ୍ତୁ। ତା'ପରେ ସେ ମୋ କୋମଳ ହାତଟାକୁ ଆହୁରି ମତାଇ ଚକୁଟି ତିନି ଥର ସେହି ସିଧିରସ୍ତୁକୁ ଗାରେଇବାକୁ ଲାଗିଲେ। ଏଇମିତି ଆହୁରି କେତେକ ପ୍ରଚଳିତ ପ୍ରଥା ଅନ୍ତର୍ଗତ ପଦ୍ଧତିର ଅନୁସରଣ ପରେ ଏହାର ଯବନିକା ପତନ ହେଲା। ସେ କ'ଣ ଲେଖାଉଥିଲେ ଆଉ ମୁଁ କ'ଣ ଲେଖୁଥିଲି ମୋ ମୁଣ୍ଡରେ କିଛି ନଥିଲା।

ସେ ଯାହାହେଉ ମୋର ପୂଜା ସରିଲା। ମୋ ବୋଉ ମୋର ଦେହମୁଣ୍ଡ ସବୁ ଝାଡ଼ିଝୁଡ଼ି ମୋତେ ଗୋଟିଏ ଆରାମଚେୟାରରେ ବସାଇ ଦେଇ କହିଲା, ମୁଁ ନକହିଲା ଯାଏଁ ଏଇଠି ବସିଥିବୁ ଆଉ କେଉଁଆଡ଼େ ଯିବୁନାହିଁ। ଏଇଟା ଥିଲା ମୋ ଭଳି ହାତୀ ପାଇଁ ସବୁଠାରୁ ଶକ୍ତିଶାଳୀ ଅଙ୍କୁଶ। ଏଇ ଧାଡ଼ିକ ଯଦି ନଶୁଣାଯିବ ତେବେ ପ୍ରଭୁ ଯେ କ୍ଷଣିକରେ ଅନ୍ତର୍ଦ୍ଧାନ ହୋଇଯିବେ ଆଉ ତା'ପରେ ବାପାଙ୍କ ନିକଟକୁ ଏତେ ଅଭିଯୋଗ ସବୁ ପହଞ୍ଚିଯିବ ତା'ର ଇୟତ୍ତା ନାହିଁ; ଏହା ମୋ ବୋଉକୁ ଜଣା। ସେ ଯାଇ ମୋର ମନଲୋଭା ଅନ୍ନବ୍ୟଞ୍ଜନର ଥାଳିଟିଏ ଧରି ମୋ ନିକଟକୁ ଆସିଲା। ମୋତେ ଖୁଆଇ ପିଆଇ ସେ କହିଲା ମୁଁ ବାକି କାମ ସାରିଦିଏ ତା'ପରେ ବୋ ପାଖକୁ ଆସିବି।

ମୋ ବହାଘର ଦିନ ଏତେ ସମ୍ପର୍କିୟଘରେ ଜମା ନଥିଲେ ଯେତେଲୋକ ସେଦିନ ମୋର ବିଦ୍ୟାରମ୍ଭ ବେଳେ ଥିଲେ। ଏଥିରୁ ବୁଝାପଡ଼େ ଯେ ସମସ୍ତେ ଜୀବନର ଏହି ଭାଗଦୌଡ଼ରେ କେତେ ବ୍ୟସ୍ତ। କହାରି ପାଇଁ କାହାର ସମୟ ନାହିଁ। ଆଗ ଭୋଜିଭାତ ହେଉ ବା ଯାନିଯାତରା, ପୂଜାପରବ ହେଉ ବା ହାଟବଜାର ସବୁଠି ଭାଇ-ବନ୍ଧୁ-କୁଟୁମ୍ବଙ୍କ ମିଳାମିଶା କେତେ ମଧୁର ଥିଲା। କେତେଭଲ ଥିଲା ସେଇ ଦିନସବୁ। ଆଜିକାଲି ସେ ସବୁ ଛବିର ଯାଦୁଘରେ ନିଶ୍ଚଳ ହୋଇ ରହିଛନ୍ତି। ସେଗୁଡ଼ିକ

ଆଉଡ଼େଇଲେ ମନ-ପ୍ରାଣ-ଆତ୍ମା ଦୁହିଁ ହୋଇଯାଏ। ଦୁନିଆର ପ୍ରବଳ ଜନସମୁଦ୍ର ଭିତରେ ଆଜି ଆମେସବୁ କେତେ ନିଃସ୍ୱ ଆଉ ନିଃସଙ୍ଗ ହୋଇ ଯାଇଛେ ସତେ !

ବୋଉ ତା'ର ଘରର କାମଦାମ ସାରି ମୋ ପାଖକୁ ଆସି ପଚାରିଲା,

"କ'ଣ କରୁଛ ସାନବାବୁ; ଏଥର କୁହ କ'ଣ ଦରକାର ?"

ମୁଁ କହିଲି;

"ବୋଉ, ସେ ପଣ୍ଡିତ କ'ଣ ମୋତେ ଲେଖାଉଥିଲେ ଆଉ କ'ଣ ସବୁ କହୁଥିଲେ ମୋର ଜମାରୁ ମନେ ନାହିଁ। ତୁ ଟିକେ ସେ ସିଲଟଟା ଆଣି ମୋତେ ଟିକେ ଦେଲୁ ବୁଝାଇ।"


ମୋ ବୋଉ ସେ ସିଲଟ ଆଉ ଦୁଇଟି ଚକ୍‌ଖଡ଼ି ଆଣି ମୋ ଚଉକୀର ତଳେ ହିଁ ବସିପଡ଼ିଲା। ଆଉ ମୋ ହାତଧରି ଲେଖାଇ ଦେଲା, ସେଇ ବିଦ୍ୟାରମ୍ଭର ପ୍ରଥମ ଅଭୁଲା ଚାରିଅକ୍ଷର "ସି ଧି ର ସ୍ତୁ" । ମୁଁ ମନ୍ତ୍ରମୁଗ୍ଧ ହୋଇ ଲେଖିଚାଲିଲି ସେହି ସିଧିରସ୍ତୁ, ମୋ ବୋଉର ହାତମୁଠାରେ ମୋ ହାତ ରଖି। ଆଉ ଭୁଲିନାହିଁ ସେହି ଚାରିପଦ। ସେ ଥିଲା ମୋର ପ୍ରଥମ ଗୁରୁ; ମୋର ଜନ୍ମଦାତ୍ରୀ ମୋର ବୋଉ।

ଆଜି ତୋର ସେଇ ଶିକ୍ଷା ମନେଅଛି ବୋଉ। ଏ ସଂସାରର ମୋହମାୟା ଜଞ୍ଜାଳରେ କେବେ କେମିତି ବାଟରୁ ପାଦଖସି ଯାଇଛି ହେଲେ ପୁଣି ଫେରିଆସିଛି ସେଇ ବାଟକୁ। ତୋର କହିଥିବା କଥା କେଇପଦ ମନେରଖି। ସାତ ସମୁଦ୍ରର ତେର ନଈ ଏପାରିରୁ, ତୋତେ କୋଟିଏ ଜୁହାର।

ପ୍ରଭୁ

(ମୋ କଥା ସଙ୍କଳନ : "ବୋଉ"ର କିୟଦଂଶ)

When it comes to polyester, you can count on Indo Rama



You can count on Indo Rama for unvarying, world class quality.
You can count on Indo Rama for just-in-time deliveries.
You can count on Indo Rama to customize solutions to your specific needs.
But that's not surprising.
For if you can't count on India's largest dedicated polyester producer, then, who on earth can you count on!

INDO RAMA

Indo Rama Synthetics (I) Ltd.
20th Floor, DLF Square, DLF Phase-2, NH-8, Gurgaon - 122002, Haryana, India
Tel : 91-124-4997000 Fax : 91-124-4997070
Website : www.indoramaindia.com

Our fibres form the fabric of your life

# ବିଶାଳ ହୃଦୟା

ବିଦ୍ୟାଧର ପଣ୍ଡା



ବାନ୍ଧବୀଙ୍କ ସହ କଥା। ଚାଲିଥିଲା ତ ଚାଲିଥିଲା। ଅବୋଲକରା କାହାଣୀ ଭଳି ଖିଅ ମେଲୁଥିଲା। ଜମା ସରୁନଥିଲା। ଯଦିଓ ଅନ୍‌ଲାଇନରୁ ଆରମ୍ଭ ହୋଇଥିଲା ବନ୍ଧୁତା ହେଲେ ସେତିକିରେ ମନ ବୁଝିନଥିଲା। ଶେଷରେ ଓଠର ଭାଷା କିବୋର୍ଡର ଅକ୍ଷରକୁ ବାଟ ଛାଡ଼ି ଦେଇଥିଲା। ମୋବାଇଲରେ ସେଦିନ ସନ୍ଧ୍ୟାରେ ଚାଲିଥିଲା ଏକରକମର ବୌଦ୍ଧିକ ଆଲୋଚନା। ବାଲିରଥରୁ ବାଲିଯାତ୍ରା, ମଣିବନ୍ଧରୁ ମାଣିଆବନ୍ଧ ପର୍ଯ୍ୟନ୍ତ କେତେ ପ୍ରସଙ୍ଗ ପଡୁଥିଲା। ସାମାଜିକ ଜୀବନ,ରାଜନୀତି ଓ ଦୁର୍ନିତି, ବିବେକ ଓ ବର୍ବରତା। ସରଳ ବିଶ୍ୱାସ ବନାମ ଭେଜାଲ୍ ସମବେଦନା। ବାହାର ଦୁନିଆର ପ୍ରସଙ୍ଗ ଚର୍ଚ୍ଚା ଭିତରେ ବଢ଼ିଯାଇଥିଲାଅନ୍ତରଙ୍ଗତା। କଥା ଭିତରକୁ ଲହସେଇ ପଶି ଆସିଥିଲା ବ୍ୟକ୍ତିଗତ ରକ୍ତମାଂସର ଜୀବନ। ଆଉ ଥରେ ପଚାରିଥିବା କଥା ଦୋହରାଇ ପଚାରିଲି - ରୋମି ତମେ କ'ଣ ମା' ହେବାକୁ ସତରେ ଚାହଁନି ? ନା, ସତରେ ଚାହୁଁନି - ସଫା ସଫା କହିଲେ ବାନ୍ଧବୀ।

ରୋମି ତମେ ଯାହା କହୁଛ, ତାହା ତୁମର ମନ କଥା ନା ଏମିତି କଥା କଥାରେ ହାଲକା ଭାବରେ କହି ଦେଉଛ ? ଏ ଦୁନିଆରେ ପୁଣି ଏମିତି ନାରୀ ଅଛନ୍ତି ଯିଏ ମା'ହେବାକୁ ଚାହାନ୍ତିନି ! ଚକିତ ହେବା ଛଡ଼ା ମୋପାଖରେ କିଛି ବିକଳ୍ପ ନଥିଲା।

ମା'କଥା ପଡ଼ିବା ମାତ୍ରେ ମନେ ପଡ଼ିଯାଏ ମୋ ବୁଢ଼ିମା'ର କଥା। ସବୁ ସମୟରେ ସେ ଗୋଟାପଣେ ମୋର। ମୋ ନାଁରେ ଯିଏ ଯାହା କହିଲେ ବି ସେ କିଛି ଶୁଣେନି। ସବୁ ସମୟରେ ମୋ ସୁରକ୍ଷା ପାଇଁ ତତ୍ପର। ମୁଁ ତା'ବିଶ୍ୱାସକୁ କେବେ ତଳେ ପଡ଼ିବାକୁ ଦେଇନଥିଲି। ତା' ପରେ ମୋ ବୋଉ। ଯିଏ ମୋତେ ଏ ଦୁନିଆ ଦେଖାଇଛି। ବଢ଼ାଇଛି, ପଢ଼ାଇଛି, ମଣିଷ କରିଛି। ଏବେ ବି ମୁଣ୍ଡରେ ବସାଇ ରଖିଛି। ମୁଁ ଯେ ପିଲାଛୁଆର ବାପ ହେଲିଣି ସେଇ କଥାଟି ବୋଧହୁଏ ସେ ସବୁବେଳେ ଭୁଲି ଯାଉଛି। ସେଇ ଅପାଶୋରା ପିଲାଦିନ ମୋ ପାଇଁ ସ୍ମୃତିର ଫଳକ ହେବାକୁ ବସିଥିବା ବେଳେ ତା'ପାଇଁ ସେମିତି ପାଟକନାରେ ଗୁଡ଼ା ଅରଖି ନୂଆ ଦର୍ପଣ ହୋଇ ରହିଛି। ଆଜି ମଧ୍ୟ ମୋ ଖାଇବାପିଇବା କଥା ବୁଝିବାରେ ବୋଉ ଖୁସି ପାଉଛି। ବାନ୍ଧବୀ ରୋମିର ମାତୃତ୍ୱକୁ ମତେ ଚହଲାଇ ଦେଲା। କଥା ପଦକୁ ନେଇ ଜୀବନ ସହ ପରଖୁଥିଲି।

ଏଇ କିଛିଦିନ ତଳେ ଗୋଟିଏ ପତ୍ରିକାରେ ପଢ଼ିଥିଲି ଜଣେ ବିଶାଳ ହୃଦୟା ମା'ର ଜୀବନ ଆଲେଖ୍ୟ। କାହାଣୀ ଭଳି ଅବିଶ୍ୱାସ୍ୟ। ବାଙ୍ଗାଲୋର ସହରର ଜଣେ ସ୍ୱାମୀଙ୍କୁ ହରାଇଥିବା ମହିଳା। ବଡ଼ କଷ୍ଟରେ ଏକମାତ୍ର ପୁଅକୁ ଇଂଜିନିୟରିଂ ପଢ଼ାଉଥାନ୍ତି। ହଠାତ୍ ଦିନେ ଆସିଲା ଏକ ମର୍ମନ୍ତୁଦ ଫୋନକଲ। ନିକଟସ୍ଥ ଛୋଟ ସହରରେ ପଢୁଥିବା ପୁଅ ସାଙ୍ଗ ସହ ଟିଉସନରୁ ଫେରୁଥିବା ବେଳେ ବାଇକ୍ ରୋଡ୍ ଡିଭାଇଡର୍‌ରେ ପିଟି ହୋଇ ଯାଇଛି। .. ଏତିକି ଶୁଣିବା ପରେ ମୋଉ ମା' ଆଉ ଥୟ ଧରି ରହିପାରେ।

ଭଦ୍ରମହିଳା ସବୁକାମ ପଛକୁ ପକାଇ ବସ୍ ଧରିଲେ। ଦୁଇ ଘଣ୍ଟାରେ ପହଞ୍ଚିଗଲେ ପୁଅ ଥିବା ହସ୍ପିଟାଲରେ। କୋମାରେ ଥିଲା ପୁଅ। ତାଙ୍କୁ ଯେମିତି ଅପେକ୍ଷା କରିଥିଲା ପୁଅର ଜୀବନ। ପୁଅକୁ ଟିକିଏ ଆଉଁସି ପକାଇ ମନ ବୁଝାଉଥିବା ବେଳେ ଡାକ୍ତର କହିଲେ .. କ'ଣ ଭାବୁଛ ମା ।ମସ୍ତିଷ୍କ ଏମିତି ମାଡ଼ ହୋଇଛି ଯେ ଆଶା ଛାଡ଼ି ଦେଇଛୁ। ଏଣିକି ଭଗବାନଙ୍କ ଇଚ୍ଛା।

ଆଇସିୟୁ ବାହାରେ ରାତି କାଟିବା ପରେ ସକାଳୁ ସକାଳୁ ତାଙ୍କୁ ଖୋଜା ପଡ଼ିଲା। ଡାକ୍ତର ବିନୟ ଭାବରେ କହିଲେ ମା' ଆମେ କିଛି କରିପାରୁଲୁନି। ଏଇ କିଛି କ୍ଷଣ ତଳେ ସବୁ କିଛି ସରିଗଲା। ଅଧୀରହୋଇ ଉଠୁଥିବା ମା'ଜଣକୁ ସାନ୍ତ୍ୱନା ଦେଇ କହିଲେ, ଗୋଟିଏ ଜୀବନତ ଚାଲିଗଲା ହେଲେ ତୁମେ ଯଦି ରାଜିହେବ ତେବେ ଘଣ୍ଟାଏ ଭିତରେ ଆଉ ଦୁଇ ତିନିଟି ଜୀବନକୁ ବଞ୍ଚାଇ ହେବ। ବିଶାଳ ହୃଦୟା ମା' ବିଶ୍ୱମାତୃତ୍ୱର ଭାବନାରେ ଜରଜର ହୋଇ ହଁ ଭରିଦେଲେ।

ଉଦ୍‌ଯୋଗୀ ଡାକ୍ତରଙ୍କ ତତ୍ପରତା ସହ ମିଶିଗଲା ମା'ର ମହନୀୟତା। ଅଧଘଣ୍ଟା ଭିତରେ ନିସ୍ତେଜ ଶରୀରକୁ ବଡ଼ ହସ୍ପିଟାଲ ନିଆଗଲା। ତଥାପି ନିଷ୍ପ୍ରାଣହୋଇ ନଥିବା ହୃଦୟ ଓ ଫୁସଫୁସ ନେଇ ଅନ୍ୟଠାରେ ପ୍ରତିରୋପଣ କରାଗଲା। ମୃତ୍ୟୁପାଇଁ ଦିନ ଗଣୁଥିବା ଦୁଇଜଣସୌଭାଗ୍ୟବନ୍ତ ହୋଇ ଅପ୍ରତ୍ୟାଶିତ ଭାବେ ନୂଆ ଜୀବନର ଅମୃତ ପାଇଲେ। ଦୁଇ ଚକ୍ଷୁ ମଧ୍ୟ କାମରେ ଲାଗିଲା। ଇଏ ସିନା ମା'। ଗର୍ଭରୁ ଜନ୍ମିତ ପୁଅର ଜୀବନ ହରାଇଥିଲେ ବି ସେଇ ପୁଅର ଜୀବନରୁ କିଛି କିଛି ଧାର୍ ନେଇ ମୃତ୍ୟୁ ପଥର ଯାତ୍ରୀ ଆଉ ଦୁଇ ଜଣ ତ ଅମୂଲ୍ୟ ଜୀବନ ଫେରି ପାଇଲେ। ଏଇ ମା' ଯଦି ସେଇ ଯୁବକଙ୍କୁ ଜନ୍ମ କରି ନଥାନ୍ତା ତେବେ କ'ଣ ପରୀକାହାଣୀ ଭଳି ଲାଗୁଥିବା ଏହି ବାସ୍ତବତା

ସମ୍ଭବ ହୋଇ ଥାଆନ୍ତା ।

ବାନ୍ଧବୀ ରୋମି ସହ ଆଳାପ ସରିବା ପରେ ମୁଁ ଭାବୁଥିଲି ନାରୀ ଯଦି ମା' ହେବାକୁ ଇଚ୍ଛା ନ କରିବ ତେବେ ପୃଥିବୀ କ'ଣ ପୃଥିବୀ ହୋଇ ରହିବ ? ସବୁଜିମା ହଜି ସବୁକିଛି ପାଣ୍ଡୁର ପାଲଟିଯିବ । ଜଳ ଓ ଜୀବନର ପୃଥିବୀ ପାଲଟିବ ଶୂନ୍ୟପୁରୀ ।ବାସ୍ତବରେ ଜୀବନର ଧାରା ଶୁଖିଯିବ । ଭାବନାର ବାଇପାସ୍‌ରେ ଜଣେ ଅସତର୍କ ଚାଳକ ଭଳି ମୁଁ ଦିଶାହୀନ ହୋଇ ପଡୁଥିଲି ।

ସେପଟୁ ଶୁଭିଲା ରୋମିର ଖିଲ ଖିଲ ହସ । ଆରେ ଏମିତି ଭାବୁଛନ୍ତି କ'ଣ ? ମୁଁ ମାଁ ହେବାକୁ ଚାହେଁ ନାହିଁ କହିଦେଲି ବୋଲି ଆପଣ କ'ଣ ଭାବିନେଲେ ଯେ ମୁଁ ମା'ଡାକ ଶୁଣିବାକୁ ଆତୁର ନୁହେଁ । ମୋର କ'ଣ ଲୋଡ଼ା ନାହିଁ ଚାଖିବାକୁ ସନ୍ତାନ ଲାଳନପାଳନ ମଧୁର ଯନ୍ତ୍ରଣା । ଶିଶୁ ପରା ଈଶ୍ୱରଙ୍କ ପ୍ରତିରୂପ ।... ନାରୀ ସତରେ ରହସ୍ୟମୟୀ । ଦିବ୍ୟବୁଦ୍ଧି ସମ୍ପନ୍ନ ନାରାୟଣ ବି ବୁଝି ପାରିବେନି ତାଙ୍କ ମାୟା । ଏକ ଚମତ୍କାର ବିରୋଧାଭାସରେ ମୁଁ ସନ୍ତୁଳି ହେଲି ।

ରୋମି କହୁଥିଲେ- ମୁଁ ପ୍ରକୃତରେ ଗର୍ଭଧାରିଣୀ ହୋଇ ପାରିବି ନାହିଁ । କାରଣ ଗୁରୁତର ଆଜ୍‌ମା ରୋଗୀ । ଔଷଧର କରାମତିରେ ଜୀବନ-ଡ଼ଙ୍ଗା ବାହି ଚାଲିଛି । ଗର୍ଭଧାରଣର ଅର୍ଥ ମୋ ପାଇଁ ସୁନିଶ୍ଚିତ ମୃତ୍ୟୁ । ମୋ ସ୍ୱାମୀ ମୋର ପରମ ପ୍ରେମିକ । ସବୁ ସମସ୍ୟା ଜାଣି ମଧ ମୋତେ ଜୀବନ ସାଥୀ କରିଛନ୍ତି । ମାତୃତ୍ୱର ପୁଲକ ପାଇଁ ମୁଁ କ'ଣ ମୋ ପ୍ରିୟ ମଣିଷଟିର ହାତକୁ ଅଧା ବାଟରେ ଛାଡ଼ିଦେବି । ଜୀବନ ମୃତ୍ୟୁର ଆଶଙ୍କା ଭିତରେ ଗର୍ଭଧାରଣ ମୋ ପାଇଁ ପାପ ହେବ । ଏସବୁ ନିଛକ ବାସ୍ତବତାକୁ ନେଇ ମୁଁ ଗର୍ଭଧାରିଣୀ ହେବାକୁ ଚାହେଁ ନାହିଁ । କିନ୍ତୁ ମୋର ଦୃଢ଼ ବିଶ୍ୱାସ ମା' ଡ଼ାକରୁ ଭଗବାନ ମୋତେ ବଞ୍ଚିତ କରିବେ ନାହିଁ ।

ଭିଲାଇ ଇସ୍ପାତ କାରଖାନାରେ ଚାକିରୀ କରୁଥିବା ମୋ ସ୍ୱାମୀ ରୋଶନ୍‌ଙ୍କୁ ତ ଜାଣନ୍ତି । ପ୍ରେମ ସମୟର ନିବିଡ଼ ବନ୍ଧନକୁ ଦୂରତା ଶୀଥିଳ କରିପାରିନି । ଦୁଇ ମନ ଏକ ପ୍ରଣ ହୋଇ ସ୍ଥିର କରିଛୁ, ନୂଆ ବର୍ଷରେ ସନ୍ତାନ ଗ୍ରହଣ କରିବୁ । ପସନ୍ଦ ବି କରିଛୁ । ଖୁସିର କଥା, ପ୍ରଥମ ଗର୍ଭରେ ନୁହେଁ ପ୍ରଥମ ସ୍ପର୍ଶରେ ମୁଁ ମା' ହୋଇ ଯାଇଛି । ପିଲାଟିକୁ ଆଶ୍ରମରେ କୋଳାଇ ନେଉ ନେଉ ହଠାତ୍ ମା' ଡାକରେ ମୁଁ ଗୋଟାପଣେ ଭିଜି ଯାଇଥିଲି ବାତ୍ସଲ୍ୟର ମଧୁରିମାରେ । ଜନ୍ମ କଲା ପିଲର ମା'ଡାକ ଶୁଣିବାକୁ ବର୍ଷକର ଅପେକ୍ଷା ବଦଳରେ ମହାର୍ଘ ମା' ଡାକ ଏତେ ଶୀଘ୍ର ଶୁଣିବା ମୋର ଭାଗ୍ୟ । ଦେଖିବେ, ଆସୁନାହାନ୍ତି ।... ରୋମିର କଥା ମୋତେ ବାସ୍ତବତାକୁ ଫେରାଇ ଆଣିଲା । ଦୁଇ ଜଣ ବିଶାଳ ହୃଦୟାଙ୍କୁ ତଉଲିବା ଭିତରେ ମୁଁ ଯେମିତି ଅଥୟ ହୋଇ ଉଠୁଥିଲି ।

ଅଢ଼େଇଗୁଣ୍ଡି, କାନପୁର, କଟକ-୭୫୪୦୩୭,

ମୋ.: ୯୮୬୧୨୯୧୭୯୧ / ୮୭୬୩୪୯୫୯୨୯

With Best Compliments from :

# SPEED KING SERVICES

**147, Rajendra Place, Rajendra Bhawan, New Delhi-110008,**
**Phone : 01125742414, Mobile : +91-9818132244**

# ଅନ୍ଧ ପୁଟୁଳୀ

ବାସନ୍ତି ଲତା ମହାପାତ୍ର



ଅନେକ ବର୍ଷ ଆଗରୁ ଗାଁରୁ ଉଭାନ ହୋଇଯାଇଥିବା ଚରଣ ଦିନେ ଫେରିଆସିଲା। ସେତେବେଳକୁ ସେ ସତର ବର୍ଷର ଦୁଷ୍ଟ ଚରଣରୁ ଏକ ବଳିଷ୍ଠ ଯୁବକ ପାଲଟି ଯାଇଥିଲା। ଚନ୍ଦନ ଚର୍ଚ୍ଚିତ କପାଳରେ ସିନ୍ଦୂର ବିନ୍ଦୁଟିଏ ତା'ର ମୁଖମଣ୍ଡଳର ଶାଜକୁ ଉଦ୍ଭାସିତ କରୁଥିଲା। ମଥାରେ ଅଯତ୍ନ କେଶଗୁଡ଼ିକ ପିଠି ଉପରେ ଏଣେ ତେଣେ ପଡ଼ିବା ସହ ଦାଢ଼ୀ ଗୁଡ଼ିକ ମୁଖ ମଣ୍ଡଳର ଅଧା ଅଂଶକୁ ଲୁଚାଇ ଦେଇଥିବାରୁ ଚରଣକୁ ଆଉ କିଏ ସହଜରେ ବାରି ହୋଇ ପାରୁନଥିଲା। ଚରଣ ନିଜର ନାମ କହିଲାରୁ ଗାଁ ଲୋକେ ପ୍ରଶ୍ନାଳ ଆଖିରେ ତାକୁ ଚାହିଁ ରହିଥିବା ବେଳେ ବାମ ହାତରେ ଥିବା ବଡ଼ କଳାଯାଇମନ୍ଦାକୁ ଦେଖି ଦାଦା ତା'ର ତାକୁ କୁଣ୍ଢାଇ ଧରି କାନ୍ଦି ଉଠିଥିଲା, ଆଉ କହି ପକାଇ ଥିଲା,"ଏତେଦିନ ପରେ ତୋର ଗାଁ କଥା ମନେ ପଡ଼ିଲାରେ ଚରଣ? ଭାଇ, ଭାଉଜ ଦୁଇଟା ତୋତେ ଝୁରି ଝୁରି ପାଞ୍ଚ ପର୍ଷ ହେଲା ସେ ପୁରକୁ ବାଟ କାଟିଲେଣି। ପାଠ ପଢ଼ାପାଇଁ ବାପାଟା ତୋର ଦିପାହାର ପିଟି ଦେଲାବୋଲି ଘର ଛାଡ଼ିଲୁ ଯେ ବାଇଶି ବର୍ଷ ହେଲାଣି ଥରେ ହେଲେବି ସେ ଦୁଇଜଣ ମନେ ପଡ଼ିଲେ ନାହିଁ। ହଉ । ସବୁ ସେହି ଭଗବାନଙ୍କର। ଯାହା ହେବାରଥ ହେଲା। ବାଡ଼ିଘର ତୋର ସେମିତି ପଡ଼ିଛି। ସେହିଠାରେ ରହ। ଆଉ ଯିବା ନାଁ ଧରନାରେ ଚରଣ । ଦାଦା ତ ତୋର ବଞ୍ଚିଛି। ମୁଁ ଏଥର ସବୁବୁଝିବି"। ଚରଣ ଏସବୁ ଶୁଣି କିଛିବି ଉତ୍ତର ନ ଦେଇ ଦାଦାର ପାଦ ଛୁଇଁ ଥିଲା।

କିଛିଦିନ ଦାଦା ଘରେ, ମାମୁଁଘରେ ଡେରା ପକାଇବା ପରେ ନିଜ ଘରକୁ ମରାମତି କରି ସେଠାରେ ରହିବାର ବନ୍ଦୋବସ୍ତ କଲା। ସେ ଘରେ ଦିନ ରାତି ଭଜନ କୀର୍ତ୍ତନ ଚାଲିଲା। ସନ୍ଧ୍ୟାରେ ତା' ନିକଟରୁ ପ୍ରବଚନ ଶୁଣିବାକୁ ଅନେକ ଲୋକ ଆସିଲେ। କେହି କେହି ତା'ର ପ୍ରବଚନ ଶୁଣିମୁଗ୍ଧ ହୋଇ କହିପକାଇଲେ, "ମେଟ୍ରିକ ପରୀକ୍ଷାରେ ଫେଲ ହୋଇ ବାପା ମାଡ଼ରେ ଘରଛାଡ଼ି ଥିବା ଚରଣର କି ପରିବର୍ତ୍ତନ ନ ହେଲା ରେ । ପିଲାଟା ଏଇ ବୟସରେ ଭଗବାନ ନାମରେ ହୋଇଗଲା ଏ ଚରଣ। ଆଉକିଏ କହୁଥିଲା ପ୍ରଭୁଙ୍କର ଅସୀମ ଦୟା ତାଙ୍କ ଶକ୍ତିକୁ କିଏ ବୁଝିବ । "କୁସୁମ ପରଶେ ପଟ ନିସ୍ତରେ" ଭଳି ଆମରି ଗାଁ ଆଉ ଆମେ ବି ଚରଣ ପାଇଁ ଭଗବତ ସାନିଧ ପାଇ ପାରିବା। ପ୍ରଥମେ ବୟସ୍କ ଲୋକମାନେ ଚରଣର ସାନ୍ନିଧ ଲାଭ କରି ନିଜର ସୁଖ ଦୁଃଖ ତା' ଆଗରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାର ପରାମର୍ଶ ନେଉଥିଲେ। କ୍ରମେ ସେ ଅଞ୍ଚଳରେ ଚରଣ ତାର ଗୁରୁ ବୈକୁଣ୍ଠବାବାଙ୍କର ମହିମା ପ୍ରଚାର କରୁକରୁ ନିଜେ ବାବା ଚରଣ ଦାସ ନାମରେ ଖ୍ୟାତ ହୋଇଗଲା।

ଭକ୍ତମାନଙ୍କର ଭିଡ଼ ଲାଗିବାରୁ ଗାଁ ମୁଣ୍ଡରେ ନିଜ ବାଡ଼ିକୁ ଲାଗି ପଡ଼ିଆ ଜମିରେ ଆଶ୍ରମଟିଏ ଚରଣବାବାଙ୍କ ତତ୍ତ୍ୱାବଧାନରେ ତିଆରି ଚାଲିଲା। ସେଥିପାଇଁ ସେ ଅଞ୍ଚଳର ଲୋକଙ୍କ ଠାରୁ ଦାନର ସୁଅ ଛୁଟିଲା। କେବଳ ସେ ଅଞ୍ଚଳ ନୁହେଁ ପଡ଼ୋଶୀ ରାଜ୍ୟରୁ ଲୋକମାନେ ଚରଣ ଦାସଙ୍କ ପାଦଧୂଳି ନେବାପାଇଁ ସେଠାରେ ଧାଡ଼ି ଲଗାଇଲେ। କ୍ରମେ ବୈକୁଣ୍ଠ ବାବାଙ୍କ ଫଟୋଚିତ୍ର ପୂଜା ସହିତ ରାଧାକୃଷ୍ଣଙ୍କ ମନ୍ଦିର ତିଆରି ହେବାରେ ଲାଗିଲା। ଚରଣ ବାବାଙ୍କୁ କିଏ ଜଣେ ଭକ୍ତଆରାମ ଦାୟକ ଗାଡ଼ିଟିଏ ଉପହାର ଦେଲେ। ଏଇ ଆଶ୍ରମ ପାଇଁ ସେ ଗାଁ ଟି ବିଖ୍ୟାତ ହୋଇଗଲା। ଚରଣ ବାବା ସମସ୍ତଙ୍କୁ ବୈକୁଣ୍ଠ ବାବାଙ୍କର ମହିମା ବର୍ଣ୍ଣନା କରୁ କରୁ ତାଙ୍କୁ ଭଗବତ୍ ଅବତାର ବୋଲି ବର୍ଣ୍ଣନା କରୁଥିଲେ। ସେନିଜେ ତାଙ୍କର ଦାସାନୁ ଦାସ ବୋଲି ଅନ୍ୟମାନଙ୍କ ଆଗରେ ବର୍ଣ୍ଣନା କରୁଥିଲେ। ବୈକୁଣ୍ଠ ବାବାଙ୍କର ଦୀକ୍ଷିତ ସ୍ତ୍ରୀ, ପୁରୁଷ ଆସି ଆଶ୍ରମ ପରିଚାଳନାରେ ଚରଣ ବାବାଙ୍କୁ ସାହାର୍ଯ୍ୟ କଲେ। ଯେଉଁଦିନ ଆଶ୍ରମ ପ୍ରତିଷ୍ଠା ହେଲା, ସେଦିନ ବାବା ବୈକୁଣ୍ଠନାଥ ଆଶ୍ରମରେ ତାଙ୍କର ପଦରଜ ପକାଇ ସେ ସ୍ଥାନକୁ ମହିମାମୟ କରିଦେଲେ। ଲୋକମାନେ ତାଙ୍କର ପଦଧୂଳି ପାଇବାକୁ ସୌଭାଗ୍ୟ ମନେକଲେ। ତାଙ୍କ ସହ ଆସିଥିବା ମାତା ଜଣକ ପୂଜା ପାଠରେ ଚରଣଙ୍କୁ ସାହାର୍ଯ୍ୟ କରିବା ପାଇଁ ଏଠାରେ ରହିଗଲେ। ଚରଣ ଦାସଙ୍କ ପାଖ କୋଠରୀରେ ମାତାଙ୍କ ପାଇଁ ସୁ ସଜ୍ଜିତ କୋଠରୀର ବନ୍ଦୋବସ୍ତ କରାଯାଇଥିଲା। କିଛିଦିନ ପରେ ସେ ଆଶ୍ରମର ସମସ୍ତଙ୍କର ଗୁରୁମା ପାଲଟି ଯାଇଥିଲେ।

ଦୁଇ ତିନୋଟି ବର୍ଷ ମଧ୍ୟରେ ଚରଣ ବାବାଙ୍କର ଏତେଉନ୍ନତି ହୋଇଥିଲାଯେତାଙ୍କୁଗାଁ ଲୋକେସାକ୍ଷାତ ପାଉନଥିଲେ। ବୈକୁଣ୍ଠ ବାବାଙ୍କ କୃପାରୁ ଚରଣ ବାବା ଏମିତି ଶକ୍ତି ହାସଲ କରିଥିଲେ ଯେ ଛୁଇଁ ଦେଲେ ରୋଗ ଭଲ ହୋଇଯିବା ସହିତ ଡାହାଣୀ, ଚିରୁକୁଣୀ ବି ପଳେଇ ଯାଉଥିଲେ। ଯାହାର ପିଲାଛୁଆ ହେଉନଥିଲା, ଚରଣ ବାବା ତାଙ୍କ ପାଇଁ ଥିଲେ ଜୀବନ୍ତ ଅବତାର। ସ୍ୱାମୀ, ସ୍ତ୍ରୀ ଏକାନ୍ତରେ ଚରଣ ବାବାଙ୍କ ଠାରୁ ନିରୋଳାରେ ଔଷଧ ସେବନ କରି ଫେରିବା ବେଳକୁ ଟଳି, ଟଳି ଆସୁ ଥିବାର କେହି କେହି କହୁଥିଲେ। ଯଦି କାହାରି ଛୁଆ ପିଲା ହେଉ ନଥିଲା ତାହା ଭଗବାନଙ୍କର ଅଭିଶାପ ବୋଲି ପ୍ରଚାର କରାଯାଉଥିଲା। ବେଳେବେଳେ କେହି କୁହାଳିଆ ଆଶ୍ରମ ବିରୁଦ୍ଧ ରେ ପ୍ରଚାର କରୁଥିଲେ ବି

***

ଦିନେ ଅଧେ ପରେ ସେମାନେ ଚୁପ୍ ହୋଇ ଚରଣ ଦାସଙ୍କର ଶରଣ ମାଗୁଥିଲେ।

ଆଶ୍ରମର ଖ୍ୟାତି ବଢ଼ିଲା। ବାବାଙ୍କ ଦୟା ଲାଭପାଇଁ ମନ୍ତ୍ରୀ, ଅଫିସରଙ୍କ ସମେତ ଅନେକ ଲୋକଙ୍କ ଭିଡ଼ଜମିଲା। ଏସବୁ ଦେଖି ଗାଁର ସରଳ ଲୋକମାନେ ଜଲକା ହୋଇଯାଆନ୍ତି ଚରଣ ଦାସଙ୍କ କରିତ୍ କର୍ମାରେ। ସେମାନେ ତାର ପିଲା ଦିନକୁ ମନେପକାନ୍ତି। ଭଗବାନଙ୍କ ଏ ଲୀଳାକୁସେମାନେ ବୁଝି ପାରନ୍ତି ନାହିଁ। ସ୍କୁଲ, କଲେଜରେ ଉନ୍ନତି ପାଇଁ ଦାନ ଦେଇ ଚରଣ ବାବା ଆହୁରି ସୁନାମ ର ଊର୍ଦ୍ଧ୍ୱକୁ ଉଠିଗଲେଣି ବୈକୁଣ୍ଠ ବାବା ବେଳେ ବେଳେ ଏହି ବୈକୁଣ୍ଠ ଧାମ "ଆଶ୍ରମରେ ପାଦ ରଖନ୍ତି। ସେତେବେଳେ ଆଶ୍ରମଟି ଲୋକ ଗହଳିରେ ଫାଟିପଡ଼େ। ତାଙ୍କ ସହିତ ଅନେକ ପୁରୁଷ, ନାରୀ ମଧ୍ୟ ଆସିଥାନ୍ତି। ଚରଣ ବାବାଙ୍କ ତତ୍ତ୍ୱାବଧାନରେ ରାତିସାରା ସେଠାରେ ଭଜନ କୀର୍ତ୍ତନ ଓ ନାଚଗୀତ ଚାଲିଥାଏ। ସେଦିନ ଚରଣ ବାବାଙ୍କର ଟଳ ଟଳ ଚେହେରା ଓ ନାଲି ଆଖିକୁ ଦେଖି ଗାଁ ଲୋକମାନେ କିଛି ବୁଝି ନ ପାରି ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁ ରହନ୍ତି। ସେ ଗାଁ ଲୋକଙ୍କୁ ଦେଖିଲେ ନ ଚିହ୍ନିବାର ଅଭିନୟ କରି ଚାଲିଯାଏ।

ଥରେ ଏହିଭଳି ଆନନ୍ଦ ଉତ୍ସବ ଚାଲିଥିବା ବେଳେ ପୁଲିସ ଗାଡ଼ି ଆଶ୍ରମ ଆଗରେ ଠିଆ ହୋଇଥିବା ଦେଖି ସକାଳୁ ସକାଳୁ ଘଟଣାଟି କ'ଣ ଜାଣିବାକୁ ଗାଁ ଲୋକେ ଉତ୍ସୁକ ହୋଇ ସେଠାରେ ପହଞ୍ଚି ଯାଇଥିଲେ। ଚରଣ ଦାସଙ୍କ ଧସାଇ ପଶିଲାବେଳେ ଗେଟ ପାଖରେ ଜମା ହୋଇଥିବା ଭଙ୍ଗା ମଦ ବୋତଲ, ଛୋଟ ଶିଶୁଙ୍କ କଙ୍କାଳ, ଗଞ୍ଜେଇ, ଚରସ ଆଦିର ପ୍ୟାକେଟ ଓ ଗର୍ଭ ନିରୋଧ ବଟିକା ଆଦି ଅନେକ ଆପତ୍ତି ଜନକ ପଦାର୍ଥ ସହିତ ଅଶ୍ଳୀଳ ଫଟୋ ଦେଖି ସ୍ତବ୍ଧ ହୋଇଯାଇଥିଲେ। ରାତା ରାତି ବୈକୁଣ୍ଠ ବାବା ପୁଲିସ୍ ଆଖିରେ ଧୂଳି ଦେଇ ଗାଏବ୍ ହୋଇ ଯାଇଥିଲେ। ଓଲଟି ଯାଇଥିଲେ ସେଠାକାର ଲୋକମାନେ।

ପୁଲିସ୍‌ର ଉପସ୍ଥିତିରେ ବି ନିରୀହ ମଣିଷଙ୍କର କ୍ରୋଧର ଉଦଗୀରଣରେ ଭସ୍ମ ହୋଇଯାଇଥିଲା ଆଶ୍ରମ। ଖସି ପଡ଼ିଥିଲା ଚରଣ ଦାସର ମୁଖା। ଗାଁ ଲୋକଙ୍କ ଭିତରୁ କିଏ ଜଣେ କହୁଥିଲେ," ନିତି ନିତି ଚାରିଆଡ଼େ ଶୁଣି ଖବର କାଗଜରେ ପଢ଼ି ମଧ୍ୟ ଚରଣ ବାନ୍ଧି ହୋଇଥିବା ଅନ୍ଧ ପୁଟୁଳାରେ ଅନ୍ଧତ୍ୱକୁ ବରଣ କରି ନେଇଥିଲେ ଗାନ୍ଧାରୀ ଭଳି। ହାଏ ରେ ବାବାମାନଙ୍କର କଳା କାରନାମା। ଭଣ୍ଡ ବାବାମାନେ ଭକ୍ତି ନାଁରେ ଭକ୍ତଙ୍କ ଆଖିରେ ବାନ୍ଧୁ ଥିବା ଅନ୍ଧ ପୁଟୁଳିରୁ କେବେ ମୁକ୍ତ ହେବ ଏ ସମାଜ।

ସେବାନିବୃତ୍ତ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ, ବାରିପଦା

With Best Compliments from :

MR. AMIT SOLANKI

NATIONAL COURIER SERVICES

NEAR HANUMAN MANDIR
HERO HONDA CHOWK
GURGAON
PH: 9811474580, 9873848193

# ମାତୃ ହୃଦୟର ଅକୁହା କଥା :-

ପୁଷ୍ପିତା ଜେନା

ଗତ ଫେବୃଆରୀ ୫ ତାରିଖ ରାତ୍ରୀରେ ପଞ୍ଚତାରକା ବିଶିଷ୍ଟ "ଅଶୋକା ହୋଟେଲ" ରେ ସାଉଥ ଇଣ୍ଡିଆନ୍ ମି: ରାଓଙ୍କର ବଡ଼ପୁଅ ଗୌରବର ବିବାହ ପରର ଭୋଜି (Reception) ଖାଇ ଘରକୁ ଫେରୁଥାଉ । ଦିଲ୍ଲୀ ଚାଣକ୍ୟପୁରୀର ଲମ୍ବା ଲମ୍ବା ଚିକ୍କଣ ଓ ଚଉଡ଼ା ରାସ୍ତା ବଡ଼ ବଡ଼ ଲମ୍ବା ଗାଡ଼ିସବୁ ଚାଲୁଥିବା ସମୟରେ ମୋ ପୁଅ ଖୁବ୍ ଖୁସି ହେଉଥାଏ ଆମ ଗାଡ଼ିରେ ବସି । ମୋର ସ୍ୱାମୀ ମଧ ମୋ ପୁଅ ସହିତ ତାଳ ମିଳାଇ ବାର୍ତ୍ତାଳାପ ଓ ଖୁସିରେ ମଜି ରହିଥାଆନ୍ତି । ମାତ୍ର ମୋ ମୁହଁରୁ ଗୋଟିଏ ଶବ୍ଦ ମାନେ ପଦେ ହେଲେ କଥା ବାହାରୁ ନ ଥାଏ । ମୁଁ ବୋକାଙ୍କ ପରି ବାହାରକୁ ଚାହିଁ ରହିଥିଲେ ମଧ ମୋ ମନ ମଧରେ ସେହି ଟୀନ ଦେଶର ବିଦେଶୀ ବୋହୁଟିର ଚେହେରା ଓ ମୁହଁ ଶୁଖାଇ ବୁଲୁଥିବା ଶ୍ରୀମତି ରାଓଙ୍କର ମୁର୍ହଁଟି ବାରମ୍ବାର ମୋ ଚକ୍ଷୁ ସମ୍ମୁଖରେ ଭାସି ଉଠୁଥାଏ । ମୁଁ ଘରୁ ବାହାରିବା ସମୟରେ ମନ ମଧରେ ବୋହୁଟିର ଯେଉଁ ରୂପଟି ଆଙ୍କିଥିଲି ଠିକ୍ ତା'ର ବିପରୀତ ଦେଖି ଭାଙ୍ଗିପଡ଼ିଥିଲି ।

ପଞ୍ଚତାରକା ବିଶିଷ୍ଟ ଅଶୋକା ହୋଟେଲ ଟି ଖୁବ୍ ପୁରୁଣା ଥିଲେ ମଧ କାରୁକାର୍ଯ୍ୟରେ ଭରା । ତା'ର ତୃତୀୟ ମହଲାର 'ବେଙ୍କଟ ହଲ' ଟି ସୁନ୍ଦରଲାଇଟ, ଫୁଲ ତଥା ଆଧୁନିକ ଶୈଳୀରେ ସଜାଯାଇ ଥିବା ସଙ୍ଗେ ସଙ୍ଗେ ମଧୁର ସଙ୍ଗୀତ ଧ୍ୱନିର ମୂର୍ଚ୍ଛନା ସେ ସନ୍ଧ୍ୟାକାଳୀନ ଅତିଥିମାନଙ୍କର ମନମୁଗ୍ଧ କରୁଥିଲା । ସମସ୍ତେ ଚାତକ ଚାତକିନୀ ପରି ଚାହିଁରହିଥିଲେ ଅନ୍ତଃରାଷ୍ଟ୍ରିୟ ନବଦମ୍ପତିଙ୍କର ଆଗମନ ନିମନ୍ତେ । କିନ୍ତୁ ସମୟ ଅତିବାହିତ ହେବା ପରେ ପୁତ୍ର ଓ ପୁତ୍ରବଧୁ ଦୁହେଁ ଚଳଚିତ୍ରର ନାୟକ ନାୟିକାଙ୍କ ପରି ଅଣ୍ଟାରେ ହାତ ଛନ୍ଦି ବାଦ୍ୟ ସହ ତାଳ ମିଳାଇ ଆଗେଇ ଚାଲିଥିଲେ ଭିଡ଼ିଓ ରେକଡ଼ିଂର ଲାଇଟ ସମ୍ମୁଖରେ । ମଞ୍ଚ ଉପରକୁ ଯାଇ ଦୁହେଁ ଦୁଇଟି ସୁସଜ୍ଜିତ ଚେୟାରରେ ସ୍ଥାନ ଗ୍ରହଣ କରିଥିଲେ । ଗୌରବ ନିଜର କୋର୍ଟ ପ୍ୟାଣ୍ଟ, ଟାଇ ଖୁବ୍ ସ୍ମାର୍ଟ ଲାଗୁଥିଲେ । ବିଦେଶୀ ଝିଅଟି ନିଜର ଟୀନ୍ ପୋଷାକ ମାନେ ଲାଲ ରଙ୍ଗର ହାତକଟା ଓ ଗୋଟିଏ ପାଖ ଅଣ୍ଟା ପାଖରୁ ପାଦ ପର୍ଯ୍ୟନ୍ତ କଟାଯାଇଥିବା ଗୋଟିଏ ମ୍ୟାକ୍ସିପରି ଡ୍ରେସ୍ ପିନ୍ଧିଥିଲା । ଖୁବ୍ ଗୋରାଓ ସୁନ୍ଦର ଚେହେରାଟିରେ ସେ ପୋଷାକ ଓ ହାଇହିଲ୍ ପିନ୍ଧି ଅତ୍ୟନ୍ତସ୍ମାର୍ଟ ଓ ସୁନ୍ଦର ଦିଶୁଥିଲା । ମୁଣ୍ଡରେ ଗୋଟିଏ ସୁନ୍ଦର ଜୁଡ଼ା ଓ ତା'ର ଗୋଟିଏ ପାର୍ଶ୍ୱରେ ହୀରା ଖଚିତ ହେୟାରପିନ୍ । ପତିପତ୍ନୀ ବା ନବଦମ୍ପତି ଦୁଇଟି ନିଜ ମଧରେ ବାର୍ତ୍ତାଳାପରେ ବ୍ୟସ୍ତଥିଲେ ମଧ ଅତିଥିମାନଙ୍କ ସହିତ ହାତମିଳାଇବା ନମସ୍କାର କରିବା ସଙ୍ଗେ ଠିଆହୋଇ ଫଟୋ ତଥା ଭିଡ଼ିଓ ରେକର୍ଡିଂରେ ଯୋଗଦାନ କରୁଥିଲେ ।



ମାତ୍ର ଶ୍ରୀମାନ ରାଓ ଓ ଶ୍ରୀମତୀ ରାଓଙ୍କର ମୁହଁରେ ଖୁସିର ଟିକିଏ ହେଲେ ବି ଝଲସ୍ ମାତ୍ର ନଥିଲା । ସାନ ପୁଅ ସୌରଭ ମଧ ମୁହଁଟି ଶୁଖାଇ ଇଚ୍ଛା ନ ଥିବା ସତ୍ତ୍ୱେ ମଧ ବଡ଼ଭାଇ ଓ ଭାଉଜଙ୍କର ବିଦେଶୀ ଆମେରିକାନ୍ ବନ୍ଧୁମାନଙ୍କର ସ୍ୱାଗତରେ ଲାଗିପଡ଼ିଥିଲା । ଟୀନ୍‌ରୁ ମଧ ବୋହୁର ପିତାମାତା, ଭାଇ, ଭଉଣୀ ତଥା ଜ୍ଞାତି ବନ୍ଧୁବର୍ଗ ଆସିଥିଲେ । କିଛି ସମୟ ବନ୍ଧୁ ମିଳନ ପରେ ସମସ୍ତଙ୍କର ଉପସ୍ଥିତିରେ ବଡ଼ କେକ୍‌ଟିଏ ଟ୍ରଲିରେ ଠେଲାହୋଇ ଆସିଲା । ସୁନ୍ଦରଶୈଳୀ ସୁସଜ୍ଜିତ କେକ୍‌ଟିକୁ ପତିପତ୍ନୀ ଦୁହେଁ ଜନ୍ମଦିନର ପାର୍ଟି ପାଳନ କଲାପରି କାଟିବା ସଙ୍ଗେ ସଙ୍ଗେ କରତାଳି ଧ୍ୱନିରେ ହଲଟି ଫାଟିଉଠିଥିଲା । ତା'ପରେ ଦୁହେଁ ଦୁହିଁଙ୍କର ମୁହଁରେ କେକ୍ ଖଣ୍ଡିଏ ଖଣ୍ଡିଏ ଖୁଆଇବା ପରେ ନିଜର ପିତାମାତା ଓ ଅନ୍ୟାନ୍ୟ ବନ୍ଧୁ ମହଲରେ ଶ୍ରଦ୍ଧାର ସହ ଖୁଆଇ ଚାଲିଥିଲେ ।

ମାତ୍ର ସେ ସମୟରେ ଶ୍ରୀମତୀ ରାଓଙ୍କ ଚକ୍ଷୁରେ ଆନନ୍ଦାଶ୍ରୁହେଉ ବା ସତରେ ଦୁଃଖର ଅଶ୍ରୁ ଭରିଉଠିଥିଲା । ଏତେ ବଡ଼ ଖୁସିର ହଲଟିରେ ଯେପରି ସେ କାହା ସାଥିରେ ଦୁଇପାଦ କଥାହେବା ପାଇଁ କୁଣ୍ଠାବୋଧ ମନେକରୁଥିଲେ । ଅତ୍ୟନ୍ତ ସରଳ ଭାବରେ ଏକ ଘିଅ ରଙ୍ଗର (କ୍ରିମ୍ କଲର) କାଞ୍ଚିପୁରମ୍ ସିଲ୍‌କ ଶାଢ଼ୀ ଉପରେ ଖଣ୍ଡିଏ ପୁରୁଣା ସବୁଜି ରଙ୍ଗର ସାଲଟିଏ ଓଢ଼ିହୋଇଥିଲେ । ନା କିଛି ଅଳଙ୍କାରରେ ବିଭୂଷଣ ହୋଇଥିଲେ ସେ ଚୁପ୍‌କରି ଏକ ସୋଫାରେ ବସି ଏ ହସଖୁସିର ମହଲଟିରେ ଗୌରବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ରଙ୍ଗିନ ସ୍ୱପ୍ନରେ ବୁଡ଼ି ରହିଥିବା ପରି ପ୍ରତୀୟମାନ ହେଉଥିଲେ ।

ସେ ନିଜର ଅତୀତକୁ ରୋମନ୍ଥନ କରି ଜୀବନର ସେହି କେତୋଟି ମୂଲ୍ୟବାନ ମୂହୁର୍ତ୍ତକୁ ମନେପକାଇ ଚାଲିଥିଲେ । ଯେତେବେଳେ ସେ ଶ୍ରୀମାନ୍ ରାଓଙ୍କର ହାତଧରି ବ୍ରାହ୍ମଣ ସାଉଥ୍ ଇଣ୍ଡିଆନ୍ ଘରର କୂଳବଧୂ ରୂପରେ ଜରିକାମବାଲା କାଞ୍ଚିପୁରମ୍ ଲାଲ ଶାଢ଼ୀ ପିନ୍ଧି, ଶଙ୍ଖା ସିନ୍ଦୁର ଓ ମଙ୍ଗଳସୂତ୍ର ସହିତ ଖୁବ୍ ସନ୍ତର୍ପଣ ସହକାରେ ବିବାହ ମଣ୍ଡପ । ବେଦିରେ ଲାଜେଇ ଉଠୁଥିଲେ, ସେ ଆଜି ଏ ଆଧୁନିକ ସମାଜର ଚିନ୍ତାଧାରା, ଗତିବିଧି ତଥା ନିଜର ବିଦେଶୀ ବହୁଟିର ଅର୍ଦ୍ଧନଗ୍ନ କପଡ଼ାରେ ତାଙ୍କୁ ଗ୍ରହଣ କରି ଖୁସିହେବା କ'ଣ ଏତେ ସହଜ ? ଶ୍ରୀମତୀ ରାଓ ମଧ ଜଣେ ନାମଧେୟ କମ୍ପାନିର ଇଂଜିନିୟର ଥିଲେ ଓ ସେ ମଧ ଉଚ୍ଚଶିକ୍ଷିତା ଥିଲେ । ବଂଶ ପରମ୍ପରା, ସଂସ୍କୃତି ଓ ସଂସ୍କାରିତ ପରିବାରର

ବହୁ ହିସାବରେ ଶାଶୁ, ଶ୍ୱଶୁର ତଥା ପରିବାରବର୍ଗଙ୍କ ସେବାରେ ନିଜର ମନପ୍ରାଣ ଢ଼ାଳିଦେଇଥିଲେ ।

ଯେତେବେଳେ ବିବାହର ଠିକ୍‌ବର୍ଷକ ପରେ ଗୌରବ ତାଙ୍କରକୋଳପୂର୍ଣ୍ଣ କରି ରାଓ ପରିବାରରେ ପଦାର୍ପଣ କଲା, ପତିପତ୍ନୀ ଓ ପରିବା ରବର୍ଗ ଖୁସିରେ ଉବୁଟୁବୁ ହୋଇଉଠୁଥିଲେ । ନିଜର ସଂସ୍କାର ତଥା ରୀତି ଓ ନିୟମାନୁଯାୟୀ ସମସ୍ତ ପୂଜାପାଠସମ୍ପନ୍ନକରିଥିଲେ । ଶ୍ରୀମତୀ ରାଓ ମଧ୍ୟ ଅତ୍ୟନ୍ତ ଖୁସିଥିଲେ ମାତୃତ୍ୱର ପ୍ରଥମ ସୋପାନରେ ପଦାର୍ପଣ କରି । ଶେଷରେ ନିଜର ଶିକ୍ଷା ଓ ଚାକିରୀକୁ ପଛରେ ପକାଇ ଦେଇ ଏକ ସୁଜନନୀ ହେବାର ସ୍ୱପ୍ନରେ ଲାଗିପଡ଼ିଥିଲେ । ଗୌରବ ମଧ୍ୟ ପୂର୍ଣ୍ଣଚନ୍ଦ୍ରପରି ବଢ଼ିବା ପରେ ତା'ର ଠିକ୍ ତିନିବର୍ଷ ପରେ ସାନପୁଅ ତାଙ୍କ କୋଡ଼ ପୂର୍ଣ୍ଣ କରିଥିଲା । ପତିପତ୍ନୀ ତା'ର ନାମ ରଖିଥିଲେ ସୌରଭ । ଏପରି ଭାବରେ ଦୁଇ ପୁତ୍ରଙ୍କର ଲାଳନପାଳନ ଘରର ସମ୍ଭବ କାର୍ଯ୍ୟରେ ସାରାଦିନ ବ୍ୟସ୍ତରେ ଥକିପଡୁଥିଲେ ମଧ୍ୟ ବିଶ୍ରାମ ନେବା ପାଇଁ ଫୁରସତ୍ ପାଉ ନ ଥିଲେ ।

ତା'ପରେ ଗୌରବ ସ୍କୁଲ ପଢ଼ା ଆରମ୍ଭ ଓ ତା'ପଛେ ପଛେ ସୌରଭ । ନିୟମିତ ଭାବରେ ଏକ ମେସିନ ବା କଳ ପରି କାର୍ଯ୍ୟବ୍ୟସ୍ତ ରହୁଥିଲେ ସେ । ଗୌରବଙ୍କୁ ଟିକିଏ ଥଣ୍ଡା ଜ୍ୱର ହେଲେ ସେ ଦୁଃଖରେ ଭାଙ୍ଗି ପଡୁଥିଲେ ଓ ରାତ୍ରୀ ରାତ୍ରୀ ଉଜାଗର ରହୁଥିଲେ । ଘରର ଯେତେ ପୂଜାପାଠ ସମସ୍ତ କିଛି ଗୌରବ କୁ ଶାରୀରିକ ମାନସିକ ରୂପରେ ଠିକ୍ ରଖିବା ସଙ୍ଗେ ସଙ୍ଗେ ଦୀର୍ଘାୟୁ ହେବା ନିମିତ୍ତ ଭଗବାନଙ୍କ ନିକଟରେ ଢ଼ାଳିଦେଉଥିଲେ ବିନମ୍ର ପ୍ରଣତୀ । ଗୌରବ ରପାଠପଢ଼ାରେ ମନପ୍ରାଣଢ଼ାଳି ଯତ୍ନ ନେଉଥିଲେ । ପରୀକ୍ଷା ସମୟରେଗୌରବ ଯେତିକି ଚିନ୍ତିତ ଓ ବ୍ୟସ୍ତ ନହେଉନଥିଲା ଶ୍ରୀମତୀ ରାଓ ତା'ଠାରୁ କେହି ଗୁଣା ଅଧିକ ବ୍ୟସ୍ତ ରହୁଥିଲେ । ତାକୁ ଠିକ୍ ସମୟରେ ଖାଦ୍ୟ ଫଳରସ ସୁପ୍ ତଥା ତା'ର ସମସ୍ତ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ଠିକ୍ ସମୟରେ ଖୁଆଇ ତା'ର ମନକୁ ସର୍ବଦା ଶାନ୍ତ ଓ ଖୁସି ରଖିବାକୁ ମନପ୍ରାଣ ଢ଼ାଳିଦେଉଥିଲେ ।

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଗୌରବର ନମ୍ବର ଦେଖି ସବୁଠାରୁ ଅଧିକ ଖୁସି ହୋଇଥିଲେ ତା'ର ମାଆ ଏବଂ ଭଗବାନଙ୍କ ନିକଟରେ ଢ଼ାଳିଦେଇଥିଲେ ଭକ୍ତିପୁତ ପ୍ରଣତି ସାଙ୍ଗରେ କୋଟି କୋଟି ଧନ୍ୟବାଦ । ପୁଅର କୋଚିଂ ଓ ବିଜ୍ଞାନ ପାଠପଢ଼ା ଖୁବ୍ କଷ୍ଟକର ମନେହେଉଥିବାରୁ ପୁଅକୁ ମା ପ୍ରାଣପଣେ ସାହାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ତା ସାଙ୍ଗରେ ରାତ୍ରି ଉଜାଗର ରହି ହରଲିକ୍ସ ଓ ବନଭିଟା ଇତ୍ୟାଦି ପିଇବାକୁ ଦେଉଥିଲେ । ଶେଷରେ ତାଙ୍କର ଆଶା ପୂରଣ କରିଥିଲା ଗୌରବ ଭଲ ନମ୍ବର ସହିତ । ଦ୍ୱାଦଶ କକ୍ଷ ଉତ୍ତୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ ମଧ୍ୟ "ଦିଲ୍ଲୀ କଲେଜ ଅଫ ଇଂଜିନିୟରିଂ" (DCE) ରେ କମ୍ପ୍ୟୁଟର ସାଇନସ୍ (Computer Science) ବ୍ରାଞ୍ଚରେ ଏନ୍‌ଟ୍ରାନ୍‌ସ ପାଇ ଆଡ଼ମିଶନ କଲା । ସେଦିନ ମା'ଙ୍କର ସମସ୍ତ ଖୁସି ଯେପରି ବନ୍ଧଭାଙ୍ଗି ଉଛୁଳି ଉଠିଥିଲା ଓ ସେ ପୁଅ ନିମିତ୍ତ କରିଥିବା ଅସଂଖ୍ୟ ଦେବାଦେବୀଙ୍କ ମାନସିକ ପୂରଣରେ ଲାଗିପଡ଼ିଥିଲେ ।

ଏମିତିରେ ଚାରିବର୍ଷ ଇଂଜିନିୟରିଂ ପାଠପଢ଼ା ଶେଷକରି ପିତାମାତାଙ୍କ ନିକଟରୁ ବିଦାୟ ନେଇଥିଲା । ସେଦିନ ତା'ର ମା' ଭାଙ୍ଗି ପଡ଼ିଥିଲେ ଯେପରି ବେସାହାରା ଲତାଟିଏ ପରି । ତଥାପି ମନକୁଦୃଢ଼କରି, ଛାତିରେ ପଥର ବୋଝଲଦି ପୁଅର ଆଶାପୂରଣ ନିମିତ୍ତ ତାକୁ ବିଦାୟ ଦେଇଥିଲେ ତା'ର ଶୁଭକାମନାର ସହିତ । ଗୌରବ ମଧ୍ୟ ଅତ୍ୟନ୍ତ ମାତୃପରାୟଣା ଓ ମା'ଙ୍କର ନୟନ ପିତୁଳା ଟିଏ ପରିଥିଲା । କିଛିଦିନ ଯନ୍ତ୍ରଣା ଓ କଷ୍ଟରେ ଛଟପଟ ହୋଇ ଖାଦ୍ୟଖାଇବାଠାରୁ ଶୋଇବା ପର୍ଯ୍ୟନ୍ତ ଗୌରବର ଅନୁପସ୍ଥିତି ଅନୁଭବ କରିଚାଲିଲେ । ଆସ୍ତେ ଆସ୍ତେ ନିଜର ମନକୁ ବୁଝାଇ ନେଇ ନିଜକୁ ସମ୍ଭାଳି ନେଇଥିଲେ ସୌରଭର ଭବିଷ୍ୟତ ଗଢ଼ିବାରେ ।

ଆମେରିକାରେ ପୁଅ ଗୌରବ ଭଲ ଚାକିରୀଟିଏ ପାଇ ଓ ସେଠିକାର ଚାଲିଚଳନ, ଖାଦ୍ୟପେୟ, ପୋଷାକ ସମସ୍ତ କିଛି ମା'ଙ୍କୁ ଟେଲିଫୋନରେ ବର୍ଣ୍ଣନା କରେ ଓ ସମୟେ ସମୟେ ୱେବ୍ କେମେରାରେ ତା'ର ଦର୍ଶନ ଦିଏ । ମା' ଯେତେ ଅଧୁନିକା ଓ ଶିକ୍ଷିତା ହେଲେ ମଧ୍ୟ ସେ କଳ୍ପନା ଚକ୍ଷୁରେ ନିଜର ସାଉଥ୍ ଇଣ୍ଡିଆନ ସଂସ୍କାରିତ ବୋହୂ, ତା'ର ରୂପ, ଗୁଣ ଓ ବିବାହର ସମସ୍ତ କିଛି ମନ ମଧ୍ୟରେ ଆଙ୍କିନେବା ସାଙ୍ଗରେ ତାଙ୍କର ମନ ପସନ୍ଦର ବୋହୂଟିଏ ଦେଖିବାରେ ଲାଗିପଡୁଥିଲେ । କିପରି ବଡ଼ପୁଅ ଗୌରବର ବିଭାଘର କରିବେ ବୋଲି ସ୍ୱାମୀଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲେ । ମାତ୍ର ଗୌରବ କିଛିବର୍ଷ ବାହାନା କରିଚାଲିଥିଲା ଯେ ଠିକ୍ ଭାବରେ ଚାକିରୀରେ ସ୍ଥିରତା ପରେ ବିବାହ କରିବ । ଏମିତିରେ କିଛିବର୍ଷ ଅତିକ୍ରାନ୍ତ ହେବା ପରେ ପରେ ସେ ଆସ୍ତେ ଆସ୍ତେ ତା'ର 'ଚାଇନିଜ୍' ବାଂଧବୀଟି ବିଷୟରେ କହିବାକୁ ଆରମ୍ଭ କରିଥିଲା । ବାପମା' ଟିକିଏ ସନ୍ଦେହୀ ଓ ଭୟଭୀତ ହେଉଥିଲେ ମଧ୍ୟ ନିଜ ରକ୍ତର ଗୌରବ କେବେ ନିଜର ସାଉଥ୍ ଇଣ୍ଡିଆନ୍ ବ୍ରାହ୍ମଣ ପରିବାର, ବଂଶ ପରମ୍ପରା, ସଂସ୍କୃତି, ଚଳନି ତଥା ପିତାମାତାଙ୍କର ବିଶ୍ୱାସ ଓ ଆତ୍ମସମ୍ମାନରେ କେବେ ବି ଆଘାତ କରିବନି ବୋଲି ଭାବି ନିଶ୍ଚିତ ହୋଇଯାଉଥିଲେ ।

ମାତ୍ର ଶେଷରେ ଯେଉଁଦିନ ଗୌରବ ପ୍ରଥମେ ଜଣାଇଥିଲା ଯେ ସେ ବିବାହ କରିବାକୁ ଭାରତ ଆସିବ ଗୋଟିଏ ସର୍ତ୍ତରେ ମା ତା'ର ଖୁବ୍ ଭୟଭିତ ହୋଇଉଠିଥିଲେ ସେଦିନ । ସେ ଟାଇ-ଚୁଙ୍ଗ ସହିବ ବିବାହ କରିବା ନିମିତ୍ତ ମନୋନୀତ କରିସାରିଛି । ଦୁଇଜଣ ସେ କମ୍ପାନୀ

ପରିତ୍ୟାଗ କରି ନିଜର ଏକ କମ୍ପାନୀ ଗଢ଼ିଛନ୍ତି । ତେଣୁ ସେ ମା'ଙ୍କୁ ଅନୁରୋଧ କରିଥିଲା ପିତାଙ୍କୁ ମନାଇ ବିବାହ ଦିନ, ତାରିଖ ଓ ସ୍ଥାନ ଇତ୍ୟାଦି ସ୍ଥିରକରିବା ନିମିତ୍ତ ।

ମା' ସେଦିନ ଫୋନରେ ଗୋଟିଏଶବ୍ଦ ମୁହଁରୁ ବାହାର ନକରି ଚୁପ୍ ହୋଇଯାଇଥିଲେ । ତାଙ୍କର ସମସ୍ତ ଆଶାର ସୌଧ ଯେପରି ଅଚାନକ ଭୁସୁଡ଼ି ପଡ଼ି ମାଟିରେ ମିଶିଗଲା ପରି ମନେହେଉଥିଲା । ଚକ୍ଷୁରୁ ଧାରାଶ୍ରାବଣୀର ଅଶ୍ରୁଧାରା ଛୁଟିଚାଲିଲା । ସେ ନିଜକୁ ଯେତେ ବୁଝାଇଲେ ମଧ୍ୟ ବିଶ୍ୱାସକରିପାରୁ ନ ଥିଲେ ତାଙ୍କର ଅତିପ୍ରିୟ ଗୌରବ ଏ କିଛିବର୍ଷରେ ଏପରି ପରିବର୍ତ୍ତନ ହୋଇପାରିଥିବ ବୋଲି । ଯିଏ ମା'ର ଆଦେଶ ନ ନେଇ ଖେଳିବାକୁ ଯାଉ ନଥିଲା, ସିଏ ଜୀବନରଏତେବଡ଼ ନିଷ୍ପତ୍ତି ନେବା ସମୟରେ ମା'ର ଆଦେଶକୁ ଜରୁରୀ ମନେକଲା ନାହିଁ ? ସେ କ'ଣ ଥରେ ହେଲେ ବି ତା'ର ମା' ବିଷୟରେ ଭାବିପାରିଲାନି । ଯେଉଁ ମା' ତା' ପାଇଁ ନିଜର ଶିକ୍ଷା, ଚାକିରୀ, ସୁଖ, ସ୍ୱାଚ୍ଛନ୍ଦ୍ୟ ସମସ୍ତ ଜଳାଞ୍ଜଳୀ ଦେଇ ସରାଜୀବନ ଏକ ସୁଜନନୀର କର୍ତ୍ତବ୍ୟ ଭାବି ସାରାଜୀବନ ତାଙ୍କରି ପଛରେ ଧାଇଁଥିଲା ଭଲ ମଣିଷ କରି ଗଢ଼ିତୋଳିବା ସଙ୍ଗେ ସଙ୍ଗେ ଉଚ୍ଚଶିକ୍ଷା ଲାଭ କରିବା ଆଶାରେ । ପିତାମାତାଙ୍କୁ ସମାଜ, ପରିବାର ଓ ବନ୍ଧୁ ବର୍ଗଙ୍କ ନିକଟରେ କି ପ୍ରକାର ଲଜ୍ଜିତ ଓ କଟୁୖକ୍ତିର ସମ୍ମୁଖୀନ ହେବାକୁ ପଡ଼ିବ ? ସେ ନିଜର ବିଦେଶୀ ପତ୍ନୀ ତଥା ପଇସାରେ କିଣାହୋଇସାରିଥିଲା ପରି ମନେହେଉଥିଲା ତାଙ୍କୁ । ଶେଷରେ ପତିପତ୍ନୀ ଦୁହେଁ ଖୁବ୍ ଦୁଃଖ ଓ ମାନସିକ ଯନ୍ତ୍ରଣାର କଷାଘାତରେ ପେଶିହୋଇ ତା'ର ବିଭାଘର ଖୁସି ମନରେ ଦିଲ୍ଲୀରେ କରିବା ପାଇଁ ରାଜିହୋଇ ପୁଅକୁ ଜଣାଇଲେ ।କାରଣ ପତିପତ୍ନୀ ଦୁହେଁ ଭାବିନେଇଥିଲେ ସେମାନେ ନିଜ ଜୀବନଧରି ବିଦେଶରେ ଖୁସି ଓ ଆନନ୍ଦରେ ରହିଲେ ପିତାମାତା ଦୁହେଁ ଶାନ୍ତି ପାଇବେ । ପୁଅକୁ ମନାକରିଦେଲେ, ପୁଅ ଯଦି ସେଇଁଠାରେ ବିବାହ ହୋଇ ପୁରାପୁରି ଭାରତ ମାଟିକୁ ଭୁଲିଯାଏ, ତା'ଠାରୁ ଅଧିକ କଷ୍ଟ ଆଉ କ'ଣ ବା ହୋଇପାରେ ? ଶେଷରେ ମୁହଁରେ ହସ ଆସୁ ନ ଥିଲେ ମଧ୍ୟ ପୁଅ ଓ ଅନ୍ୟାନ୍ୟ ବନ୍ଧୁବର୍ଗଙ୍କ ସମ୍ମୁଖରେ ଛଳନାତ୍ମକ ହସରଧାରା ମୁହଁରେ ଆଙ୍କିନେଇ ଖୁସି ଓ ଶାନ୍ତି ଭରିରହିଛି ବୋଲି ପ୍ରତୀୟମାନ କରାଇଦେବାକୁ ଭୁଲ ନ ଥିଲେ ଯେପରି ।

ଶେଷରେ ସମସ୍ତଙ୍କ ଉପସ୍ଥିତିରେ ବିଭାଘର କାର୍ଯ୍ୟକ୍ରମର ପରିସମାପ୍ତି ହେଲା । ମାତ୍ର ଚାଇନିଜ୍ ବିଦେଶୀ ବହୁଟିର ଚାଲିଚଳନ ଶ୍ରୀମତି ରାଓଙ୍କୁ ଆଦୌ ସନ୍ତୋଷଜନକ ମନେହେଉନଥିଲା । ସେ ରାତ୍ରି ରାତ୍ରି ନିଦ୍ରାରେ ଶୋଉ ନଥିଲେ ପୁଅ ଗୌରବର ଭବିଷ୍ୟତ ଚିନ୍ତାରେ । କିପରି ସେ ଗୌରବର ଖାଦ୍ୟପେୟ ଯତ୍ନନେବ ଓ ଖାତିର କରିବ କି ନାହିଁ ମନରେ ଖୁବ୍ ଭୟ ଅନୁଭବ କରୁଥିଲେ କାଳେ ମା' ବାପାଙ୍କର ସ୍ନେହକୁ ଗୌରବ ମନରୁ ପୋଛିଦେବ ଓ ପଇସାରେ ପୁଅଟିକୁ ତାଙ୍କରକିଣିନେବ । ନିଜର ପୌତ୍ର ପୌତ୍ରୀଙ୍କୁ କୋଳରେ ଧରି କେତେ ଆନନ୍ଦ ଅନୁଭବ କରିଥାଆନ୍ତେ ସେ । ମାତ୍ର ବିଦେଶୀ ମା' ଓ ବିଦେଶୀ ସଂସ୍କାର ତା'ର ପୌତ୍ର ପୌତ୍ରୀଙ୍କୁ କିପରି ଗଢ଼ିତୋଳିବ ସେ ଜାଣିପାରୁ ନଥିଲେ । ସେମାନେ ବିଦେଶରୁ ଭାରତ ଫେରି ନିଜର ଜେଜେମା ଓ ଜେଜେବାପା ଇତ୍ୟାଦିଙ୍କୁ ଚିହ୍ନିପାରିବେ ସତରେ । ଏପରି ଅନେକ ଅନେକ ପ୍ରଶ୍ନବାଚୀ ତାଙ୍କ ମନରେ ଉଙ୍କିମାରି ତାଙ୍କୁ ଅସ୍ତବ୍ୟସ୍ତ କରିପକାଉଥିଲା । କେତେବେଳେ ସେ ଭାବୁଥିଲେ ଗୌରବକୁ ଆମେରିକା ପଠାଇ ବହୁତ ବଡ଼ ଭୁଲ କରିଛନ୍ତି ଜୀବନରେ । ଏମିତି ଅନେକ କିଛି ପ୍ରଶ୍ନର ଠିକ୍ ଉତ୍ତର ନପାଇ ସେ ପାଗଳିନୀ ହୋଇଉଠୁଥିଲେ ଓ ମୁହଁର ହସର ରେଖା ଯେପରି ସୂର୍ଯ୍ୟୋଦୟ ହୋଇ ବାଦଲରେ ଢ଼ାଙ୍କି ହୋଇଗଲା ପରି ମନେହେଉଥିଲା । ସେ ନିଜର ଜୀବନକୁ ଧିକ୍କାର କରିବାରେ ଲାଗିଉଠିଲା ପରି ଜୀବନ୍ତ ପ୍ରତୀୟମାନ ହେଉଥିଲା । ମାତ୍ର ମା' ସର୍ବଂସହା ଜନନୀ ସେ କାହା ସମ୍ମୁଖରେ ଏସବୁ ବର୍ଣ୍ଣନା କରିପାରିବେ ସେ । ତେଣୁ ନିଜ ମନର ଅକୁହା କୋହ ଓ ବ୍ୟଥାକୁ ଯେତେ ଚାପିରଖିବାକୁ ଚେଷ୍ଟାକଲେ ମଧ୍ୟ ସେ ଯେପରି ମୁହଁରେ ଆଢୁଆଳରୁ ଚୁପ୍‌କରି ବାହାରି ଆସିବାକୁ ଚାହୁଁଥିଲା । ଯିଏ କି ଆଉ ଏକ ଜନନୀ ବା ମା' ଠିକ୍ ଭାବରେ ତାଙ୍କ ସ୍ଥାନରେ ରହି ମନର କଥାକୁ ପଢ଼ିପାରୁଥିଲା ବା ଅନୁଭବ କରିପାରୁଥିଲା ।


ଏମିତି ଅନେକ କିଛି ଭାବନା ରାଜ୍ୟରେ ବୁଡ଼ିରହି ମୁଁ ମଧ୍ୟ ମୋର ପୁଅ ଆଡ଼କୁ ଅବଲୋକନ କରି ଖୁବ୍ ଦୁଃଖିତାହେବା ସଙ୍ଗେ ସଙ୍ଗେ ମୋର ନିଜର ଚିନ୍ତାଧାରା କୁ ନେଇ ଶ୍ରୀମତୀ ରାଓଙ୍କ ଚିନ୍ତାଧାରାରେ ତୁଳନା କରିଚାଲିଥିଲି । ଅତ୍ୟନ୍ତ ଧକ୍‌କା ଲାଗୁଥିଲା ମୋତେ ଯେତେବେଳେ ସେହି ବ୍ୟତୀବ୍ୟସ୍ତ ଓ କଷ୍ଟ ଜର୍ଜରିତ ମୁହଁମନେ ପଡୁଥିଲା । ମାତ୍ର ଭଗବାନଙ୍କ ନିକଟରେ ଜଣାଉଥିଲି ବିନମ୍ର ପ୍ରଣତୀ ଗୌରବ ଓ ଟାଇଚୁଙ୍ଗ ଦୁଇଜଣଙ୍କୁ ଭଗବାନ ସଦ୍‌ବୁଦ୍ଧି ଦିଅନ୍ତୁ ଯିଏ ଠିକ୍ ପୁତ୍ର ଓ କୂଳବଧୂର କର୍ତ୍ତବ୍ୟ ସମାପନ ପୂର୍ବକ ଏ ମାତୃହୃଦୟର ଅକୁହା ବ୍ୟଥାକୁ ଭୁଲି ପୂର୍ବପରି ହସଖୁସିର ମହଲରେ ପଦାର୍ପଣ କରିବା ନିମିତ୍ତ ।ଏମିତି ସବୁ ଭାବୁଭାବୁ ଆମ ଗାଡ଼ିଟି ଆପାର୍ଟମେଣ୍ଟର ଫାଟକ ମଧରେ ପଶିସାରିଲାଣି ମୁଁ ଜାଣିପାରି ନଥିଲି । ଶେଷରେ ମୋର ଏହି "ମାତୃ ହୃଦୟର ଅକୁହା ବ୍ୟଥାକୁ" ପରିତ୍ୟାଗ ପୂର୍ବକ ଗୃହ ଅଭିମୁଖେ ଗାଡ଼ିରୁ ଓହ୍ଲାଇ ଯାତ୍ରାକଲି ଏକ ଦୀର୍ଘନିଃଶ୍ୱାସ ସହିତ........

୪୨ଚ - ସାଉଥ୍ ଦିଲ୍ଲୀ ଆପାର୍ଟମେଣ୍ଟ,
ପ୍ଲଟ ନଂ-୮, ସେକ୍ଟର-୪,
ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୫
ଦୂରଭାଷ : ୦୧୧-୨୫୦୮୯୫୮୭

# GANESH PUJA 2014



























OFFICE
OFFICE









Welfare Association




UTKAL GAURAB

















UTKAL GAURAB































# Family Get-Together






















# Blood Donation Camp-2014



















# MEANING OF YOGA

S.N.Sahu
Joint Secretary,
Rajya Sabha Secretariat

21st June has been declared as the International Day of Yoga. Thanks to our Prime Minister who took the initiative in this respect. Earlier because of the initiate of Shrimati Sonia Gandhi Mahatma Gandhi's birth day was declared as the International Day of Non-Violence. In fact non-violence is the root of Yoga. A dedicated day at the international level for the cause of Yoga augurs well for entire mankind. This would result in making more people aware of the profound significance of Yoga some aspects of which are being followed by peoples across the globe for getting health benefits.

It was Swami Vivekananda who made the western world know and realize the rich spiritual content of Yoga which is non-denominational and is anchored on the vast infinite dimensions of the cosmos. Mahatma Gandhi followed certain aspects of Yoga to free India from British rule. One may ask a question as to how certain aspects of Yoga were responsible for making us free from colonial rule and exploitation? The foundational pillars of Yoga are *Satya* (Truth), *Ahimsa* (Non-Violence), *Bramhacharya* (disciplining of carnal desire), *Aparigraha* (Non-Posession) and *Astreya* (Non-stealing). These are cardinal, sacrosanct and inviolable principles of Yoga without which none can make any progress on the path of spirituality. He made these principles part of his *ekadashvrat* or eleven vows by following which individuals would be able to first rule themselves and usher in self rule. Such self rule based on disciplining of mind, body and senses would result in self rule for India which would be beneficial not only for our country but also the whole world.


While modern western civilization of which British civilization is an integral part celebrated possessive individual and, therefore, built a political, social and economic architecture to protect possessive instincts and qualities. As a student of MA in Jawaharlal University we used to study one monumental book entitled "Possessive Individual" authored by Professor Macpherson. He very persuasively argued that the ideals of freedom which included in its scope right to life, property, commerce, safety and security were emphasized to ensure that individual possessed more and more and multiplied his or her wants and desires to do so. In contrast to it the enduring tradition of Yoga is based on non-possession. So while the modern era in western world took shape in celebrating the material exuberance it did not adequately focus attention on the non-material or spiritual dimensions of life which are as important as material dimensions. Yoga by emphasizing on non-material dimensions actually restores the sanity and strength of life and give the material dimensions the much needed spiritual content. Recently I was reading David Brook's article entitled 'The Ambition Explosion" published in the New York Times of 27$^{th}$ November 2014. It is insightfully stated there that the central illusion of our time is that career and economic success would lead to fulfillment in life. This "central illusion" guides us and allures us. We get mired deeper into this illusion. It is Yoga which will make us realize the profound meaning of life the aim of which is to attain higher consciousness. Patanjali's *Astanga* Yoga, the eight fold path of Yoga, is a revolutionary prescription to usher in that higher consciousness which is the state of Samadhi where the consciousness is independent and much higher than body based consciousness. That kind of consciousness would coexist only with non-violence, non-possessions and non-stealing. In other words if we talk and put into practice Yoga we need to talk and put into practice Non-Violence, Non-possession and Non-stealing. In other words Yoga means high level of

tolerance and acceptance. Otherwise it will negate non-violence which is one of the highest attributes of Yoga. By spewing hatred and venom on people just because they belong to Islamic or Christian faith we would negate the basic principles of Yoga. This all embracing aspect of Yoga was very well explained by Sri Aurbindo in his scholarly book Synthesis of Yoga. The very first sentence of that book is "All life is Yoga". Sri Aurobindo who could predict that human beings are evolving to reach the level of transcendental consciousness was a great Yogi.

Yoga means that higher consciousness which embraces all faiths and stresses on their commonalities. It was Swami Vivekananda who wrote the discovery and exploration of Yoga would be far more significant than the Renaissance and reformation which gave birth to modern science. He also stated that the foundation of Yoga is ethics. Any compromise on ethics would constitute serious compromise of Yoga. That is why in Raja Yoga exacting standards are prescribed and even it is stated that a Raj Yogi would become insane if he or she entertains sexual thoughts. In other words measure emphasis is given on disciplining thought which Swami Vivekananda described as internal motion. The disciplining of the internal motion would lead to disciplining of external motion which the revered Swamiji said is manifested in action. So while celebrating International Day of Yoga we need to be more ethical, more non-violent, less possessive, imbibe the values to share more and more respectful of faiths of others. In other words we need to be more noble guided by cosmic consciousness which will broaden mind and remove narrowness.

****


With Best Compliments from :



**AJ – DEEP SERVICES**

***(FRANCHISE : BLAZEFLASH- PROFESSIONAL – ECS – BLUEDART)***

**SARASWATI INTERNATIONAL**

(INTERNATIONAL COURIERS AND CARGO- DHL – TNT – UPS – FEDEX – ARAMEX)

**JAGANNATH HOTEL**

(BREAKFAST – LUNCH – DINNER – VEG.- NON VEG. & OUTDOOR CATERING)

**REGD. OFFICE**

A-33, DDA FLATS, NEW RANJIT NAGAR, OPP. SATYAM CINEMA, NEW DELHI - 110008

Ph. : +91 11 25895237, 25894478 • Mob. : +91 9810973244, 9868089979

Email id : saraswati_int@yahoo.co.in; ajaymohanty1970@yahoo.com

# Venice the Floating City

By Dr Arun K Rath *IAS (Retd)*

Venice is a unique city. It is one of the most beautiful places in the world. A city built on water has completed fifteen hundred years of existence. Civilization has flourished in the city from ancient times. Art, culture, handicraft and cuisine of Venice have enriched its city life. It is difficult to believe that such a majestic city with a rich culture and tradition has existed on water for such long time.

Light, mist and water combine in a symphony to create a magical world in Venice. It is a place where dream turns reality. The blue lagoons present a world of fantasy. Beautiful buildings,palaces, churches, bell towers, gondola jetties and colorful market places get their images reflected in the blue waters of the lagoons of Venice. The blue sky overhead adds to the fairyland setting of the city.

Venice is one of the ancient habitations of Italy. It was founded in the fourth century AD. Venice grew on a number of lagoons close to the blue waters of the Adriatic Sea. It is said that due to the invasion of Attila the Hun refugees fled from mainland Italy and escaped to the lagoons close to the Sea. They set up a small township of wooden houses and lived there. Subsequently people from other parts of Europe migrated to the area. They were struck by the sheer beauty of the lagoons and settled down. It is also believed that the warriors of Troy after their defeat at the hands of the Greeks in the Trojan war fled to the lagoons of Venice and stayed there. Venice of today is a conglomerate of diverse races and cultures joined in a composite civilization of one nationality.

For centuries people of Venice have been merchants, sea farers, town builders and lovers of art and music. The citizens of Venice built up democratic institutions right from the early days of their settlement in the lagoons. They had elected governments in place. Citizens of Venice had established trade relations with different countries. They had contacts with countries as far as China in those times.

The people of Venice have developed unique ways of living on water. They have built canals in place of roads. One has to use waterways to move from one building to another or from one part of the city to other parts. The main road of Venice is called the Grand Canal. It runs from one end of the city to the other end. The Grand Canal has the most beautiful houses with venetian windows on both sides. The houses have unique architecture and are very colourful . The Grand Canal is perhaps the most beautiful road in the world.

Venice is a tourists' paradise. All round the year tourists from all over the world flock here for sightseeing and vacationing. It is the most sought after venue for international festivals and conferences on film, music, art, architecture and painting. On a single day about half a million tourists visit Venice. They come by trains, buses and cars but have to get down and move on waters to see Venice. Boats called Gondolas provide the transport system in Venice. With the growth of tourism motorized steamers of all sizes have been introduced to ferry tourists around Venice. If you ask for a taxi, a steamer or a boat would come with a signboard of taxi.

Traditionally the Gondola has been the mode of transport for Venetians for centuries. Gondola is a flat-bottomed wooden boat about ten meters long weighing about eight quintals with artistic curves. The ends are decorated with carvings. The Gondola represents the traditional old world charm of Venice. With the phenomenal growth of tourist traffic, the Gondola has given place to the motorized steamer. Sometimes Venice gets so crowded that the floating population of tourists exceeds its main population. The entire city gets choked. The steamers and Gondolas remain full to

the brim ferrying tourists around the city.

Venice is a heritage city. It is a rare gift of past human civilization for future generations. It needs to be preserved in its pristine glory. But today the very life of Venice is threatened. Venice is gasping for breath. This beautiful city is a mute spectator to the ravages of tourists.There has been merciless onslaught of tourists. The flood of visitors has brought noise and pollution to the beauty and tranquility of Venice. The calm waters of the blue lagoons has been disturbed by the roar and turbulence of the motorized steamers.

Venice receives millions of tourists who arrive from every corner of the world.The visitors come, enjoy and go,but they leave pain and the injury for the city. The ripples caused by the powerful motorized steamers hit the magnificient buildings on both sides of the Grand Canal .The assault goes on continuously throughout the year. The very foundations of the heritage palaces, bell towers, churches and villas are at risk.  Venice is sinking. The ancient city may not survive long.It is one more example of pollution and destruction brought about by man upon one of the most beautiful creations on earth.





